# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR | ଯାହା ଆପଣଙ୍କ କଥା କହେ




ସଚିନଙ୍କୁ ମିଳିବ ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ | ୭



ସ୍ୱରାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସସ୍‌ପେଣ୍ଡ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୩ Vol. 21 No-303 1 FEBRUARY 2025 SATURDAY BHUBANESWAR ଶନିବାର, ୧ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



DSPL-373



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ସରକାର

# ସଶକ୍ତ କୃଷକ, ସମୃଦ୍ଧ ଓଡ଼ିଶା

ଅଦ୍ୟାବଧି ପ୍ରାୟ ୧୦ ଲକ୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହିସାବରେ ୧୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।

ଧାନର କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ହିସାବରେ ୩,୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।



OIPR 07002/13/0025/2425

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ଠକ ହଂସିତା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ କୁମାର ଆଚାର୍ଯ୍ୟଙ୍କ ଜାମିନ ଆବେଦନ ଆଜି ଓଡିଶା ହାଇକୋର୍ଟରେ ଖାରଜ ହୋଇଯାଇଛି । ହାଇକୋର୍ଟର ବିଚାରପତି ଭି.ନରସିଂହଙ୍କ ଇଜିଲାସ ଆଜି ମନୋଜଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ତାଙ୍କ ଆବେଦନକୁ ଖାରଜ କରିଛନ୍ତି । ଭୁବନେଶ୍ୱର ଇନଫୋସିଟି ଥାନାର ତାଙ୍କ ବିରୋଧରେ ହୋଇଥିବା ଠକେଇ ମାମଲାରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ । ଅଦାଲତ ତାଙ୍କ ଆବେଦନକୁ ଖାରଜ କରିବା ସହ ପରିବର୍ତ୍ତିତ ପୃଷ୍ଠଭୂମିରେ ସେ ପୁଣିଥରେ ଅଦାଲତରେ ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ସୂଚନାଥାଉକି ହଂସିତା ଅଭିଲିପ୍ସାଙ୍କ ଦ୍ୱିତୀୟ ସ୍ୱାମୀ ହେଉଛନ୍ତି କନ୍ଧମାଳର ମନୋଜ ଆଚାର୍ଯ୍ୟ । ସେ ଗତ ୧୯ ତରିଖରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ଅଭିଲିପ୍ସା-ଅନୀଲଙ୍କ ଠକେଇରେ ପୁଲିସ ମନୋଜଙ୍କୁ ସମନ କରିଥିଲା । ଏହି ଘଟଣାରେ ମନୋଜ ଗିରଫଦାରୀ ଆଶଙ୍କା କରି ଏଡାକୁ ଏଡାଇବାକୁ ଯାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ପୂର୍ବରୁ ଆୟକର ବିଭାଗ ମନୋଜଙ୍କ ବାଲିଗୁଡା ସ୍ଥିତ ଘରେ ଚଢଉ କରିଥିଲା । ମନୋଜଙ୍କ ବାପାଙ୍କ ନାମରେ ଗୋଟିଏ କମ୍ପାନୀ ଥିବା ଜଣାପଡିଛି । କୋଟିପତି ଲୋକଙ୍କ ସହ ସମ୍ପର୍କ ଥିବା କହି ଖଣି ବ୍ୟବସାୟୀ, ବିଲଡରଙ୍କୁ ବିଖ୍ୟାତ ଠକ ହଂସିତା ଅଭିଲିପ୍ସା ଓ ତାଙ୍କ ସହଯୋଗୀ ଅନୀଲ ମହାନ୍ତି ଠକି ଚାଲିଥିଲେ ।



ରାଜ୍ୟରେ ଖରିଫ ଋତୁ ଧାନକିଣା ନେଇ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକ

# ଧାନକିଣା ଲକ୍ଷ୍ୟ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନକିଣା ଲକ୍ଷ୍ୟ ୬୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୭୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି । ଚଳିତ ବର୍ଷ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ୨୩୦୦ ଟଙ୍କା ସହ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରାଯାଉଥିବାରୁ ଧାନକିଣାରେ ଅଧିକରୁ ଅଧିକ ଚାଷୀ ଭାଗନେବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି । ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବୈଠକରେ ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ମନ୍ତ୍ରୀ ସମୂହ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ସମେତ ବିଭାଗୀୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବୈଠକରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଏ ପର୍ଯ୍ୟନ୍ତ ୯ ଲକ୍ଷ ୭୭ ହଜାର ୨୯୩ ଜଣ ଚାଷୀଙ୍କଠାରୁ ୪୬ ଲକ୍ଷ ୩୬ ହଜାର ୫୪୧ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି । ଏପର୍ଯ୍ୟନ୍ତ ସର୍ବନିମ୍ନ ସହାୟତା ମୂଲ୍ୟ ବାବଦରେ ପ୍ରାୟ ୧୦ ହଜାର କୋଟି ଟଙ୍କା ସାଙ୍ଗକୁ ଇନ୍‌ପୁଟ ସହାୟତା ବାବଦରେ ୩୪୭୬ କୋଟି ଟଙ୍କା ଚାଷୀଙ୍କ ଆକାଉଂଟକୁ ପଠାଯାଇ ସାରିଛି । ଚଳିତ ବର୍ଷ ଧାନକିଣା ପାଇଁ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ମଣ୍ଡିଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ମଣ୍ଡିଗୁଡ଼ିକରେ ସିସିଟିଭି ବ୍ୟବସ୍ଥା ସହ ୩୮୮୩ ଜଣ ନୋଡାଲ ଅଧିକାରଙ୍କୁ ନିୟୋଜିତ କରାଯାଇଛି । ଏଥି ସହ ବାହାର ରାଜ୍ୟର ଧାନଗାଡ଼ି ଉପରେ କଡ଼ା ନଜର ରଖିବା ପାଇଁ ୨୧୭ ଜଣ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ମଣ୍ଡିରୁ ମିଲ୍‌କୁ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖାଯାଉଛି । ଚାଷୀମାନଙ୍କୁ ଟୋକନ, ଇନ୍‌ପୁଟ ସହାୟତା, ଏମ୍‌ଏସ୍‌ପି ପ୍ରଦାନ ସହ ଧାନବିକ୍ରୟ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି । ଏଥି ନିମନ୍ତେ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି । ଚାଷୀମାନଙ୍କ ହିତରେ ଜାରି ଟୋଲ୍‌ଫ୍ରି ନଂ-୧୯୬୭ ଜରିଆରେ ୪ଲକ୍ଷ ୧୫ ହଜାର ୨୬୭ଟି କଲ୍ ଗ୍ରହଣ କରାଯାଇ ଏହାର ସମାଧାନ କରାଯାଉଛି । ଏହି ପ୍ରକ୍ରିୟା କିପରି ଅଧିକ ଚାଷୀ ଅନୁକୂଳ ହୋଇପାରିବ ସେଥି ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବ୍ୟାପକ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଆସନ୍ତା ରବି ଋତୁରେ ଧାନକିଣା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଧ୍ୱଜାବତରଣ ସମାରୋହରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏକତା ଏବଂ ଶୃଙ୍ଖଳାର ପ୍ରତୀକ ହେଉଛି ପତାକା ଅବତରଣ ଉତ୍ସବ । ପ୍ରତିବର୍ଷ ଜାନୁଆରୀ ୩୧ ତାରିଖରେ ଓଡିଶା ପୋଲିସ ପକ୍ଷରୁ ଏହି ପତାକା ଅବତରଣ ଉତ୍ସବ ପାଳିତ ହେଉଥିବା ବେଳେ ଭାରତର ସଶସ୍ତ୍ର ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାକୁ ଏହା ପ୍ରଦର୍ଶିତ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ ପୋଲିସ ପକ୍ଷରୁ ଆୟୋଜିତ ସପ୍ତମ ବାଟାଲିୟନ ଭୁବନେଶ୍ୱରଠାରେ ଆୟୋଜିତ ପତାକା ଅବତରଣ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟ ପୋଲିସ ବାହିନୀର ସମନ୍ୱୟ ଏବଂ ଶୃଙ୍ଖଳାର ଏହା ଏକ ଅନନ୍ୟ ପ୍ରତୀକ । ଭାରତୀୟ ସୈନିକ ଏବଂ ରାଜ୍ୟ ପୋଲିସ ବାହିନୀଙ୍କ ସାହସ ଏବଂ ବଳିଦାନକୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ପୋଲିସର ବିଭିନ୍ନ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ପାର୍ଟିମାନେ ଦେଶାତ୍ମବୋଧ ସଂଗୀତର ତାଳେ ତାଳେ ଚିତ୍ତାକର୍ଷକ ସାମରିକ ବ୍ୟାଣ୍ଡ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଜାତୀୟ ସଂଗୀତ, ଏଇ ଦେଶ ଏଇ ମାଟି, ଆର୍ଯ୍ୟ ଭୂମି, ସାରେ ଯାହାଁ ସେ ଆଚ୍ଛା, ବନ୍ଦେ ମାତରମ, କଦମ କଦମ, ତେରା ପ୍ୟାର ଅମର, ରୋଜା କାଶ୍ମୀର, ଓଡିଶା ପୋଲିସର ଥିମ ସଙ୍ଗୀତ, ପ୍ରଳମ୍ବ ବାଦ୍ୟ ଏବଂ ଓଡିଶା ମୋ ଓଡିଶା ଭଳି ସଙ୍ଗୀତରେ ବ୍ୟାଣ୍ଡ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ, ସତ୍ୟବ୍ରତ ସାହୁ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ପୋଲିସ କମିଶନର ଡ଼ଃ ଏସ. ଦେବଦତ୍ତ ସିଂଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

## ଫେବୃଆରୀ ୯ରେ ପ୍ରୟାସ ପକ୍ଷରୁ ଆୟୋଜିତ ହେବ ୧୧ତମ ସାମୂହିକ ବିବାହ ମହୋତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାମ୍ପ୍ରତିକ ସମାଜରେ ବିବାହ ଏକ ମହତ୍ୱପୂର୍ଣ୍ଣ ଘଟଣା । ପରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସଂପର୍କରେ ଅନଭିଜ୍ଞତା, ଝିଅମାନଙ୍କୁ ସାମଗ୍ରୀ କରିବାର ଅଭିପ୍ରାୟ ଓ ମନସ୍ତାତ୍ତ୍ୱିକ ତାଳମେଳର ଅଭାବ ଯୋଗୁ ବିବାହ ହୋଇପାରୁ ନାହିଁ କିମ୍ବା ହେଲେ ଚିରସ୍ଥାୟୀ ହୋଇପାରୁ ନାହିଁ । ଏଣୁ ପ୍ରତିକାର ସ୍ୱରୂପ ନବବଧୂଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ତଥା ଶିକ୍ଷିତ ବାତାବରଣ ସୃଷ୍ଟି କରିବା ଓ ବିବାହକୁ ରେଜିଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା ପ୍ରୟାସର ଧ୍ୟେୟ । ପ୍ରୟାସ ଦୀର୍ଘ ୧୦ବର୍ଷ ମଧ୍ୟରେ ୨୫୦ଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରିସାରିଛି ଏବଂ ଆଗକୁ ଆହୁରି ପ୍ରୟାସ ଜାରି ରଖିବ । ସମାଜର ସବୁବର୍ଗ, ଗୋଷ୍ଠୀ, ଜାତି ତଥା ବିଧବା, ଅକର୍ମଣ୍ୟ, ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବର ମାନ୍ୟତା ଦେବାକୁ ପ୍ରୟାସ ଏକ ପ୍ରୟାସ କରିଛି । ୮ ଫେବୃଆରୀ ୨୦୨୫ ଶନିବାର ସନ୍ଧ୍ୟାରେ ମଙ୍ଗନ, ମେହେନ୍ଦୀ ଓ ସଂଗୀତ କାର୍ଯ୍ୟକ୍ରମ ଏବଂ ୯ ଫେବୃଆରୀ ୨୦୨୫ ଦିନ ସ୍ଥାନୀୟ ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏକ ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସଂପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ ହେବେ । ପାରମ୍ପରିକ ବିବାହ ପ୍ରଥାକୁ ସାମୂହିକ, ଅର୍ଥ ପ୍ରାବଲ୍ୟହୀନ ଓ ନିରାଡମ୍ବର କରି ଏକ ନୂତନ ସାମାଜିକ ଚେତନା ଉଦ୍ରେକ ଦ୍ୱାରା ଯୁବଗୋଷ୍ଠୀ ମଧ୍ୟରେ ବିବାହର ଏକ ମର୍ଯ୍ୟାଦାପୂର୍ଣ୍ଣ ଅର୍ଥ ଉପସ୍ଥାପନ କରିବାକୁ ପ୍ରୟାସ ଉଦ୍ୟମ କରିଛି । ୧୧ତମ ବିବାହ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ କହିଛନ୍ତି । ଅନ୍ୟପକ୍ଷରେ ଏହି ଅବସରରେ ବିବାହ ପରମ୍ପରାରେ ଝିଅଙ୍କୁ ସୁନାଗହଣା ଦେବାର ଯେଉଁ ପ୍ରଥା ରହିଛି ତାକୁ ପ୍ରୟାସ ପକ୍ଷରୁ ବିରୋଧ କରାଯାଇଛି । ସୁନା ଏକ ପ୍ରତିପତ୍ତିର ମାପକାଠି ବୋଲି କୁହାଯାଉଛି । ଯୌତୁକକୁ ଯେପରି ବିରୋଧ କରାଯାଉଛି, ସେହିପରି ବିବାହରେ ସୁନାଗହଣାକୁ ବିରୋଧ କରାଯିବା ଉଚିତ ବୋଲି ମତ ରଖିଛନ୍ତି ସମାଜସେବୀ ନମ୍ରତା ଚଢା । ସେ କହିଛନ୍ତି, ବର୍ତ୍ତମାନ ସୁନାର ରେଟ୍ ଯାହା ଗରିବ ଲୋକମାନେ ଯୌତୁକ ବାବଦରେ ଦେବା ସମ୍ଭବ ନୁହେଁ । ତେଣୁ ଏହାକୁ ସବୁ ମହଲରେ ବିରୋଧ କରାଯିବା ଉଚିତ । ତେବେ ଯେଉଁମାନେ ଏହି ସାମୂହିକ ବିବାହ ମାଧ୍ୟମରେ ବିବାହ କରିବାକୁ ଆଗ୍ରହୀ, ସେମାନେ ରାମମନ୍ଦିର ପରିସରରେ ସନ୍ଧ୍ୟା ୬ଟାରୁ ରାତି ୮.୩୦ ମଧ୍ୟରେ ଯୋଗାଯୋଗ କରିପାରିବେ କିମ୍ବା ଫୋନ୍ ନଂ-୯୮୬୧୦୬୧୯୮୮ରେ ଯୋଗାଯୋଗ କରିପାରିବେ ବୋଲି ପ୍ରୟାସ ଅଧ୍ୟକ୍ଷ ବନ ମହାନ୍ତି କହିଛନ୍ତି । ପୂର୍ବାହ୍ନ ୧୧ଟାରେ ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରରୁ ୨୫ଜଣ ବର ବାହାରି ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପରିଚାଳକ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସୁରେଶ କୁମାର ପତ୍ରି, କମଲ ମହାନ୍ତି, ସୂର୍ଯ୍ୟକୁମାର ପାତ୍ର, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, କୌସ୍ତୁଭ ଦାସ, ପ୍ରେମ ଅଗ୍ରୱାଲ, ଯସ୍ମିନ ମହାନ୍ତି, କୌଶିକ ମହାନ୍ତି, ସୋନାଲୀ ପ୍ରିୟଦର୍ଶିନୀ, ଉମାକାନ୍ତ ତାଣ୍ଡି, ବୃନ୍ଦାବନ ପଢିଆରୀ ଓ ପପୁ ପଣ୍ଡତରାଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ନିଜର ସହଯୋଗର ହାତ ବଢାଇଛନ୍ତି ବୋଲି ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି କହିବା ସହ ଜନସାଧାରଣଙ୍କୁ ସହଯୋଗର ହାତ ବଢାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହନ କରିବାକୁ ସଶ୍ରଦ୍ଧ ଅନୁରୋଧ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଂଶସା କଲେ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପ୍ରଶଂସା କଲେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ପ୍ରବାସୀ ଭାରତୀୟ ଦିବସ ସଫଳତାର ସହ ଆୟୋଜନ ପାଇଁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଚିଠି ଲେଖି ପ୍ରଶଂସା କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ଯୋଗ ଦେଇଥିବା ପ୍ରବାସୀ ପଜିଟିଭ୍ ଫିଡବ୍ୟାକ୍ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଆତିଥେୟତାକୁ ନେଇ ପଜିଟିଭ୍ ଫିଡବ୍ୟାକ୍ ଦେଇଛନ୍ତି । ଭବିଷ୍ୟତରେ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଗୁରୁତ୍ୱ ଦେବୁ ବୋଲି ମନ୍ତ୍ରୀ କହିଛନ୍ତି ।

## ସତ୍ୟନଗର ପଞ୍ଜାବୀ କଲୋନୀରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସତ୍ୟନଗର ପଞ୍ଜାବୀ କଲୋନୀରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର । ଗୋଟିଏ ଘରୁ ଦୁଇଟି ମୃତଦେହ ଉଦ୍ଧାର କରିଛି ଖାରବେଳ ନଗର ଥାନା ପୋଲିସ । ମୋ ପିଠା ନାମକ ସଂସ୍ଥାରେ କାମ କରୁଥିଲେ ୨ ଯୁବକ । ଘଟଣାସ୍ଥଳରେ ଖାରବେଳ ନଗର ଥାନା ପୋଲିସ ପହଞ୍ଚି ଖୋଳତାଡ କରୁଛି । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଖୋଳତାଡ କରୁଛି । ୨ ଯୁବକଙ୍କ ପରିଚୟ ମିଳିପାରିନି ।

## ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିରେ ହତ୍ୟା ଘଟଣା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିରେ ହତ୍ୟା ଘଟଣା । ଅଭିଯୁକ୍ତ ସନାତନ ମୁଣ୍ଡାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଲେ କୋର୍ଟ । ଅତିରିକ୍ତ ଜିଲ୍ଲା ଦୌରାଜଜ -୨ ଏହି ରାୟ ଶୁଣାଇଛନ୍ତି । ୨୦୨୦ ମସିହାରେ ଅଭିଯୁକ୍ତ ମୃତକଙ୍କୁ କାଠ ଫାଳିଆରେ ବାଡେଇ ବାଡେଇ ହତ୍ୟା କରିଥିଲେ । ୧୨ଜଣ ସାକ୍ଷୀ ଏବଂ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଲେ କୋର୍ଟ ।

## କଣାସରେ ହଇଜା ସ୍ଥିତି ନେଇ ଚିନ୍ତା ପ୍ରକଟ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଣାସରେ ହଇଜା ସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପୁରୀ ଜିଲ୍ଲା କଣାସ ବ୍ଲକରେ ହଇଜା ଭୟାନକ ସ୍ଥିତିରେ ପହଞ୍ଚିଛି, ଲୋକଙ୍କ ଜୀବନ ବିପଦରେ ପଡ଼ିଛି । ଘଟଣାରେ ୬ ନିରୀହ ଲୋକଙ୍କ ପ୍ରାଣହାନୀ ହେବା ମୋତେ ଦୁଃଖିତ କରିଛି । ଲୋକଙ୍କ ଜୀବନ ସୁରକ୍ଷିତ କରିବା ପାଇଁ ସରକାର କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ ନ କରିବା ବଡ଼ ପରିତାପର ବିଷୟ ।

## ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଅବସର ଗ୍ରହଣ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ରଥିଆ ନାଏକ ଦୀର୍ଘ ୩୪ ବର୍ଷ ସରକାରୀ କର୍ମଚାରୀ ଭାବରେ କାର୍ଯ୍ୟ କରି ଅବସର ନେଇଛନ୍ତି । ଶ୍ରୀ ନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ପେନସନ ସମ୍ପର୍କିତ କାଗଜାତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରଦାନ କରିଥିଲେ । ସେହିପରି କାର୍ଯ୍ୟାଳୟର ପୂର୍ବତନ ଭଣ୍ଡାର ରକ୍ଷକ ଶକ୍ତିକାନ୍ତ ରାଉତ ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ ଥାଇ ଅବସର ନେଉଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସୁଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ମେରିଲିନା ରାଉତରାୟ ନିକ୍ଷେପକ ଦିଲ୍ଲୀପ ମିଶ୍ର, ଗ୍ରନ୍ଥାଗାରିକ ଦୀପାଳିବାଳା ଦାସ, କନିଷ୍ଠ ଭଣ୍ଡାରରକ୍ଷକ ମିନା ଖାକା, କର୍ମଚାରୀ ରାମ ଚନ୍ଦ୍ର ପଲାଇ, ବିଷ୍ଣୁ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରଥିଆ ନାଏକ ଶକ୍ତିକାନ୍ତ ରାଉତଙ୍କ ଉତ୍ତମ ସେବା ସମ୍ପର୍କରେ ଆଲୋକପାତ କରିଥିଲେ ।

## ସୋନିଆଙ୍କ ଆଚରଣ ଗଣତନ୍ତ୍ରକୁ ଅପମାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଦିନ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଓ ତାଙ୍କର ପୁଅ ତଥା ସାଂସଦ ରାହୁଲ ଗାନ୍ଧୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଦେଇଥିବା ମନ୍ତବ୍ୟକୁ କଡା ଭାଷାରେ ନିନ୍ଦା କରିଛନ୍ତି । ଏହା ସେମାନଙ୍କର ସମ୍ଭ୍ରାନ୍ତବାଦୀ ଅଚାରଣର ପ୍ରତିଫଳନ ବୋଲି ସେ କହିଛନ୍ତି । ଏଭଳି ଆଚରଣ କରିବା ପୁରା ସାନ୍ତାଳୀ ଜନଜାତି, ଓଡିଶା ଓ ଗଣତନ୍ତ୍ରକୁ ଅପମାନ ବୋଲି କହିବା ସହ କଂଗ୍ରେସ ଏଥି ପାଇଁ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି କହିଛନ୍ତି ।

## ସାମନ୍ତବାଦୀ ଚିନ୍ତାଧାରା ଓ ରୁଗ୍‌ଣ ମାନସିକତାକୁ ସ୍ପଷ୍ଟ କରିଛି କଂଗ୍ରେସ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଂସଦରେ ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ଯେଉଁଭଳି ଟିପ୍ପଣୀ ଦେଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ସାଢ଼େ ୪ କୋଟି ଓଡ଼ିଆଙ୍କୁ କଷ୍ଟ ଦେଇଛି । ଏକ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ରୀୟ ଦଳର ଶୀର୍ଷ ନେତୃତ୍ୱ ରାଷ୍ଟ୍ରପତିଙ୍କ ବିରୋଧରେ ଯେଉଁଭଳି ଅପମାନସୂଚକ ମନ୍ତବ୍ୟ ଦେଲେ, ସେଥିଲାଗି ସର୍ବସାଧାରଣରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଉଚିତ୍ ବୋଲି ରାଜ୍ୟ କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ କହିଛନ୍ତି । କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଆଜିର ବୟାନ କଂଗ୍ରେସ ଦଳର ସାମନ୍ତବାଦୀ ଚିନ୍ତାଧାରା ଓ ରୁଗ୍‌ଣ ମାନସିକତାକୁ ସ୍ପଷ୍ଟ କରିଛି । କଂଗ୍ରେସ ଦଳର ଗର୍ବ ଓ ଅଂହକାର ଆଜି ସାରା ଦେଶ ଦେଖୁଛି । ସାଧାରଣ ଲୋକଙ୍କୁ ମଣିଷ ଭଳି ଦେଖିବା ତ ଦୂରର କଥା ଭାରତ ମହାମହିମ ରାଷ୍ଟ୍ରପ୍ରତିଙ୍କ ପ୍ରତି ସେମାନେ ଯେଉଁଭଳି ବ୍ୟବହାର ଓ ଆଚରଣ ପ୍ରକାଶ କଲେ ସେଥିରେ ଦେଶର ସମ୍ମାନ କ୍ଷୁର୍ଣ୍ଣ ହୋଇଛି । ଏପରିକି ମର୍ଯ୍ୟାଦାର ସମସ୍ତ ସୀମା ଉଲ୍ଲଂଘନ କରିଛି କଂଗ୍ରେସ । କ୍ଷମତାରୁ ଗଲାପରେ କଂଗ୍ରେସ ଦଳ ନିରାଶ ଓ ହତାଶ ହୋଇ ନିଜର ଆଚରଣ ଓ ବ୍ୟବହାରରେ ଧୈର୍ଯ୍ୟଚ୍ୟୁତ ହୋଇଯାଇଛି । ଭଗବାନ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ସଂସ୍କାର, ସମ୍ବିଧାନ ପ୍ରତି ଆଚରଣ, ଗଣତାନ୍ତ୍ରିକ ବ୍ୟବସ୍ଥାକୁ କିପରି ସମ୍ମାନ ଦିଆଯିବ କଂଗ୍ରେସ ତାହା ଶିଖିବା ଆବଶ୍ୟକ ବୋଲି ଶ୍ରୀ ସାମଲ କହିଛନ୍ତି । ଅପରପକ୍ଷେ ବିଜେପି ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କୁ ସବୁବେଳେ ସମ୍ମାନ ଦେଇ ସର୍ବୋଚ୍ଚ ସ୍ଥାନରେ ବସାଇଛି । ଏନେଇ କଂଗ୍ରେସ ଅସହିଷ୍ଣୁ ହୋଇପଡ଼ିଛି । ଏଭିଳ ରୁଗ୍ ?ଣ ମାନସିକତା କଂଗ୍ରେସ ପରିହାର କରିବା ଆବଶ୍ୟକ । ଭବିଷ୍ୟରେ ଏଭିଳ ମନ୍ତବ୍ୟରୁ କଂଗ୍ରେସ ଦଳ ଏବଂ ଏହାର ନେତୃତ୍ୱମାନେ ନିବୃତ୍ତ ରୁହନ୍ତୁ ବୋଲି ପରାମର୍ଶ ଦେବା ସହିତ ଏଭଳି ଘଟଣାର ପ୍ରତିବାଦ କରାଯିବ ବୋଲି ଶ୍ରୀ ସାମଲ କହିଛନ୍ତି ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଗୁରୁ ଆଶିଷ କୁମାର ଦାସ

କଟକ(ଭାସ୍କର ନ୍ୟୁଜ): ଓଡ଼ିଶୀ ନୃତ୍ୟରେ ପ୍ରତିଷ୍ଠା ଅର୍ଜନ କରିଥିବା ଗୁରୁ ଆଶିଷ କୁମାର ଦାସ ୨୦୨୫ ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛନ୍ତି । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସର୍ବାଧିକ ପୁସ୍ତକ ଲେଖକ ଭାବରେ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି । ସେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ୧୨ଟି ପୁସ୍ତକ ରଚନା କରିଛନ୍ତି । ପୁସ୍ତକଗୁଡ଼ିକ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଓଡ଼ିଶାର ମୁକ୍ତିପ୍ରଭା ପବ୍ଲିକେଶନ, ବାଙ୍ଗାଲୁରର ନୂତାନ ପବ୍ଲିକେଶନ ଏବଂ ଆମାଜନର କିଣ୍ଡଲ ଏଡିସନ ଦ୍ୱାରା ପ୍ରକାଶିତ ହୋଇଛି । ପୁସ୍ତକଗୁଡ଼ିକ ମଧ୍ୟରୁ ଓଡ଼ିଶୀ ନୃତ୍ୟ ପରିଚୟ, ଇନ୍ ଆଣ୍ଡ ଆଉଟ ଅଫ ଓଡ଼ିଶୀ ଡ୍ୟାନ୍ସ ଏବଂ ହିଷ୍ଟ୍ରି ଅଫ ଓଡ଼ିଶୀ ଡ୍ୟାନ୍ସ ଆମାଜନର ବେଷ୍ଟ ସେଲର ଅଫ ଦି ଇଅର ଭାବରେ ବହୁବାର ସ୍ଥାନିତ ହେବା ସହ ଭାରତ ଏବଂ ବିଶ୍ୱର ଅନେକ ବିଶ୍ୱବିଦ୍ୟାଳୟ ପାଠାଗାର ଏବଂ ସହାୟକ ପାଠ୍ୟକ୍ରମରେ ସାମିଲ ହେବା ଗୌରବର ବିଷୟ । ନୃତ୍ୟ କ୍ଷେତ୍ରରେ ଅନେକ ସୃଜନାତ୍ମକ, ଶାସ୍ତ୍ରୀୟ ଏବଂ ପାରମ୍ପରିକ ତତ୍ତ୍ୱ ତାଙ୍କ ପୁସ୍ତକର ଆଧାର ହୋଇଥିବାରୁ ଏହା ବିଶେଷ ଉପାଦେୟ ହୋଇପାରିଛି ।

## ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି, ଯାହାକି ଆସର ରିପୋର୍ଟରେ ପ୍ରକାଶ ପାଇଛି । ପଞ୍ଚମ ଶ୍ରେଣୀର ପିଲାଙ୍କୁ ଦ୍ୱିତୀୟ ଶ୍ରେଣୀ ପାଠ ଆସୁନାହିଁ । ନାହିଁ ନାହିଁରେ ଚାଲିଛି ପ୍ରାଥମିକ ଶିକ୍ଷା । ଗୋଟିଏ ପଟେ ଭିତିଭୂମି ନଥିଲା ବେଳେ ଅନ୍ୟ ପଟେ ବହୁ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି । ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ସରକାର ଚୁକ୍ତିରେ, ସ୍କିମ୍‌ରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ଶୋଷଣ କରୁଛନ୍ତି । ଗୋଟିଏ ପଟେ ସରକାର ଜାତୀୟ ଶିକ୍ଷାନୀତି ଲାଗୁ କରୁଥିବା ବେଳେ ପ୍ରାଥମିକ ଶିକ୍ଷାର ଭିତିଭୂମିକୁ ସଜାଡୁ ନାହାଁନ୍ତି କିମ୍ବା ନିୟମିତ ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାଁନ୍ତି । ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିଲାବେଳେ ବାଲ୍ ଭାଟିକା-୩କୁ ପ୍ରାଥମିକ ଶିକ୍ଷାରେ ସାମିଲ୍ କରିବାକୁ ଘୋଷଣା କରିଛନ୍ତି । ସେହି ବାଲ୍ ଭାଟିକା-୩ର ପିଲାମାନଙ୍କୁ କିଏ ପଢାଇବ ବୋଲି ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଘର ନେତୃବୃନ୍ଦ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ୨୦୨୨ ମସିହାରେ ପ୍ରାଥମିକ ଶିକ୍ଷକମାନେ, ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ନିଯୁକ୍ତି ଉଚ୍ଛେଦ, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଦରମା ଦେବା ଓ ପୁରୁଣା ପେନସନ ଯୋଜନାକୁ ପୁନଃ ପ୍ରଚଳନ କରିବା ଆଦି ତିନିଦଫା ଦାବି ନେଇ ବିଧାନସଭା ଆଗରେ ଆନ୍ଦୋଳନ କରୁଥିବା ବେଳେ ତତ୍କାଳୀନ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆନ୍ଦୋଳନସ୍ଥଳକୁ ଯାଇ ଶିକ୍ଷକଙ୍କ ଆନ୍ଦୋଳନକୁ ସମର୍ଥନ କରି ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଶାସନ କ୍ଷମତାକୁ ଆସିଲେ ପ୍ରଥମେ ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୁନଶ୍ଚ ଗତ ବିଧାନସଭା ଅଧିବେଶନ ପୂର୍ବରୁ ନଭେମ୍ବର ୨୫ ତାରିଖରେ ସରକାରଙ୍କ ତରଫରୁ ଗଣଶିକ୍ଷା ସଚିବଙ୍କ ସହିତ ବିଭିନ୍ନ ଶିକ୍ଷକ ସଂଘର ଆଲୋଚନା ହୋଇଥିଲା । ତେଣୁ ପ୍ରାଥମିକ ଶିକ୍ଷକଙ୍କ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଶିକ୍ଷକ ନେତୃବୃନ୍ଦ ଦାବି କରିଛନ୍ତି । ଶୁକ୍ରବାର ଅପରାହ୍ଣ ୪ ଘଟିକାରେ ଶ୍ରମିକ ଭବନରେ ଅଲୋଷ୍ଟା, ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫୋରମ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା), ଲେବୁଲ୍-ଭିଏ ଶିକ୍ଷକ ଫୋରମ ଓ କନିଷ୍ଠ ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନା ସଭାରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା । ସରକାର ତୁରନ୍ତ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ବାତିଲ୍ କରି ଖାଲି ପଡ଼ିଥିବା ପଦବୀରେ ନିୟମିତ ଶିକ୍ଷକ ନିଯୁକ୍ତି ଓ ନିଯୁକ୍ତି ପାଇଥିବା ସ୍କିମାଟିକ ଶିକ୍ଷକମାନଙ୍କୁ ତୁରନ୍ତ ନିୟମିତ, ୮ ବର୍ଷର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ଓ ୬ ବର୍ଷର ଶିକ୍ଷା ସହାୟକ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଶିକ୍ଷକଙ୍କୁ ଦରମା ଓ ପଦୋନ୍ନତି, ପୁରୁଣା ପେନସନ ପୁନଃ ପ୍ରଚଳନ କରିବା, ଶିକ୍ଷକ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ୍ କରିବା, ବଦଳି ନୀତି ପରିବର୍ତ୍ତନ ଓ ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ୧୩୬୬୬୯ରୁ ୨୯୦୦୦କୁ ବୃଦ୍ଧି କରିବାକୁ ଦାବି କରାଯାଇଛି । ସରକାର ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନକଲେ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପିଷ୍ଟାର ସଭାପତି ବ୍ରହ୍ମାନନ୍ଦ ମହାରଣା, ଅଲୋଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ଆବାହକ ରାମଲାଲ ପଟେଲ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ସଭାପତି ଶେଷଦେବ ଯଜ୍ଞକାମଦେଓ ଓ ଲେବୁଲ୍-ଭିଏ ଶିକ୍ଷକ ଫୋରମର ଆବାହକ ଅଜିତ ମହାରଣା ପ୍ରମୁଖ ଏକ ମିଳିତ ବିବୃତିରେ କହିଛନ୍ତି । ଏହି ଆଲୋଚନା ସଭାରେ ପିଷ୍ଟାର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଧରଣୀଧର ମଲ୍ଲିକ୍, ଦିଲ୍ଲୀପ ମିଶ୍ର, ଶିଶିର ଖଟୁଆ, କୃଷ୍ଣଚନ୍ଦ୍ର ବେହେରା, ସଲୀଳ କୁମାର ପଟ୍ଟନାୟକ, କେଶବ ଚନ୍ଦ୍ର ଦଳାଇ, କାରୁବାକି ପଣ୍ଡା, ସତ୍ୟବ୍ରତ ଜେନା, ଦାମୋଦର ପଣ୍ଡା, ପ୍ରକାଶ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ରାସ୍ତାଘାଟର ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ରାସ୍ତାଘାଟର ନିର୍ମାଣ, ମରାମତି ଏବଂ ଉନ୍ନତିକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ, ରାଜ୍ୟ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ବୈଠକରେ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଗମନାଗମନ ସୁବିଧାକୁ କିଭଳି ଅଧିକ ଉନ୍ନତ ଏବଂ ଶୃଙ୍ଖଳିତ କରି ହେବ ସେଥିନେଇ ଆଲୋଚନା ହୋଇଥିଲା । ଏଥିରେ ବାର୍ଷିକ ୧୫ ହଜାର କିଲୋମିଟର ହିସାବରେ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଯେଉଁଥିରେ ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗର ରାସ୍ତା ଓ ସେତୁ ଅନ୍ତର୍ଭୁକ୍ତ । ସମ୍ପ୍ରତି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପାଇପ୍, ବିଜୁଳି ଲାଇନ୍, ଟେଲିଫୋନ୍ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲଥିବା ରାସ୍ତାକୁ ବାରମ୍ବାର ଖୋଳି ଦିଆଯାଉଛି । ସମସ୍ୟାରୁ ମୁକୁଳିବା ପାଇଁ ବିଭିନ୍ନ ରାସ୍ତାକଡ଼ରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ । ଏଥିସହ ରାସ୍ତା ସମ୍ପ୍ରସାରଣ ସମୟରେ ଯେପରି ଗଛ କାଟିବାକୁ ନପଡ଼େ ସେହିଭଳି ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯିବ । ତେବେ ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ଼ ବଡ଼ ଗଛକୁ ନକାଟି ଆଧୁନିକ ଯନ୍ତାଂଶ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ତହା ଉପରେ ନୀତିରେ ବ୍ୟବସ୍ଥା ରଖିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ମୌସୁମୀ ଏବଂ ମୌସୁମୀ ପୂର୍ବ ଓ ପରବର୍ତ୍ତୀ ସମୟରେ ରାସ୍ତା ଯାଞ୍ଚ ତଥା ମରାମତି ଉପରେ ଧ୍ୟାନ ଦିଆଯିବ । ରାସ୍ତା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ନିର୍ମାଣ ଶୈଳୀକୁ ଆପଣାଇବା ସହ ରାସ୍ତା ନିର୍ମାଣ ସମୟରେ ପରିବେଶକୁ ଗୁରୁତ୍ୱ ଦେବା ସହ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ବର୍ଜ୍ୟବସ୍ତୁକୁ କିଭଳି ରାସ୍ତା ନିର୍ମାଣ ଉପଯୋଗ କରାଯାଇପାରିବ ସେଥିନେଇ ସମୀକ୍ଷା ବୈଠକ ଆଲୋଚନା ହୋଇଥିଲା । ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ୍.ଏନ୍, ରାଜ୍ୟ ପରିବହନ ପ୍ରାଧିକରଣର କମିଶନର ଅମିତାଭ ଠାକୁର, ଇଆଇସି ସିଭିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଏନ୍ ତିରୁମାଲା ନାଏକଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ସୋଲାର ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

# ବିଭାଗ-ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଢେଙ୍କାନାଳରେ ଓ୍ୱାରୀ ଏନର୍ଜି ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଉପସ୍ଥିତ ଥିଲେ । ଢେଙ୍କାନାଳ ଜିଲ୍ଲାରେ ଓ୍ୱାରୀ ଏନର୍ଜି ଲିମିଟେଡ଼ ଦ୍ୱାରା ଚାଲିଥିବା ସୋଲାର ପ୍ରକଳ୍ପ ଗୁଡିକର ସମୀକ୍ଷା କରାଯାଇଛି । ପ୍ରକଳ୍ପଗୁଡିକର ଅଗ୍ରଗତି ପାଇଁ ବିଜୁଳି ଯୋଗାଣ, ଜଳଯୋଗାଣ, ପାଇପ କନେକ୍ସନ, ଜମି ଅଧିଗ୍ରହଣ ଇତ୍ୟାଦିରେ ଥିବା ସମସ୍ୟା ଗୁଡିକର ନିଷ୍କର୍ଷ ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଏଥିସହିତ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଏମଡ଼ି ଇଡକୋ ଭୁପିନ୍ଦର ସିଂ ପୁନିଆ, ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ ଚନ୍ଦ୍ରଶେଖର ପାଢୀ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡିକର ବାସ୍ତବିକ ଅଗ୍ରଗତି ନେଇ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଓ୍ୱାରୀ ଏନର୍ଜି ଲିମିଟେଡ଼ର ପ୍ରେସିଡେଣ୍ଟ ଜୟରାମ ମିଶ୍ର, ସିପିଓ କୀର୍ତ୍ତି କୁମାର ଶାହ, ଏଜିଏମ୍ ପ୍ରକାଶ ମହାନ୍ତି ଓ ସିନିୟର ମ୍ୟାନେଜର ପରମେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।



ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଗୁଳିର ଜବାବ ଗୁଳିରେ ଦିଆଯିବ | ୬

ବଲିଉଡ୍‌ରେ ଡେବ୍ୟୁ କରିବେ ଇବ୍ରାହିମ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୩ Vol. 21 No-303 1 FEBRUARY 2025 SATURDAY BHUBANESWAR ଶନିବାର, ୧ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସତ୍ୟବ୍ରତ ରାଉତ ବିଧାନସଭା ସଚିବ

ଭୁବନେଶ୍ୱର,୩୧।୧(ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ ବିଧାନସଭାର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ବିଧାନସଭା ସଚିବ ଭାବେ ଦାୟିତ୍ୱରେ ଥିବା ଦାଶରଥି ଶତପଥୀ ଶୁକ୍ରବାର ଅବସର ନେଇଛନ୍ତି।

### ୩ ଆତଙ୍କୀ ନିହତ

ଶ୍ରୀନଗର,୩୧।୧: ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ ସଫଳତା। ଏଲଓସିରେ ଆତଙ୍କୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଯବାନଙ୍କ ଗୁଳିରେ ଟଳି ପଡିଛନ୍ତି ୩ ଆତଙ୍କୀ। ମିଳିଥିବା ସୂଚନା ଅନୁସାରେ ଜମ୍ମୁ କାଶ୍ମୀର ପୁଞ୍ଚ ସେକ୍ଟର ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆତଙ୍କୀର ଏକ ଦଳ ଏଲଓସି ପାର୍ କରି ଭାରତୀୟ ସୀମାକୁ ପ୍ରବେଶ କରିବାକୁ ଯୋଜନା କରୁଥିଲେ। କିନ୍ତୁ ଭାରତୀୟ ସେନା ଏହି ଯୋଜନାକୁ ପଣ୍ଡ କରିଥିଲା। ସୁରକ୍ଷାକର୍ମୀ ଓ ଆତଙ୍କୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ଯେଉଁଥିରେ ୩ ଆତଙ୍କୀ ନିପାତ ହୋଇଥିବା ସୂଚନା ମିଳିଛି।


### ଯୁବକଙ୍କୁ ଗୁଳିମାଡ଼

ସୁନ୍ଦରଗଡ଼,୩୧।୧(ଭାସ୍କର ନ୍ୟୁଜ): ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ଅପରାହ୍ନରେ ସୁନ୍ଦରଗଡ଼ ଜିଲ୍ଲା ଉଷ୍ଣା ଥାନା ଅନ୍ତର୍ଗତ ଲେଫ୍ରିପଡ଼ା ଦର୍ଲିପାଲିରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଗୁଳି ତାଙ୍କ ଛାତିରେ ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୭୭,୫୦୦.୫୭
ସର୍ବାଧିକ: ୩୧.୦ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

**୩୧।୧।୨୦୨୫ ର ମତାମତ**

ବିକଶିତ ଗାଁ, ବିକଶିତ ଓଡ଼ିଶା ଗାଁ ଗୁଡ଼ିକର ବିକାଶରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ରାଷ୍ଟ୍ରପତିଙ୍କୁ ସୋନିଆଙ୍କ କଟାକ୍ଷ ଗ୍ରହଣୀୟ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ପ୍ରବାସୀଙ୍କ ମେଳା ସରିଗଲା ପରେ
ସରିଗଲା ଏବେ ନିବେଶୀଙ୍କ ମେଳା
ଦେଖାଯାଉ କିଏ ଖଟାଉ ଅଛନ୍ତି
କେତେ କେତେ ପୁଞ୍ଜି, ଆଳୁ କି ସାରୁ!
ଏବେକା ଠାରୁ,
ମାସେ ଭିତରେ ତ ଜଣା ପଡିଯିବ
କହିଛନ୍ତି ଆମ ମନ୍ତିରୀ ଗାରୁ ।

## ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ମହିଳାଙ୍କୁ ସଶକ୍ତ ଲକ୍ଷ୍ୟ

- ଗରିବଙ୍କ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ
- ବିଶ୍ୱର ତୃତୀୟ ଅର୍ଥନୀତି ହେବ ଭାରତ
- ଆଦିବାସୀ ସମାଜ କଲ୍ୟାଣକୁ ପ୍ରାଥମିକତା
- ଶିକ୍ଷା, ରୋଜଗାର ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୩୧।୧: ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସଂସଦର ବଜେଟ୍ ଅଧିବେଶନ। ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ତାଙ୍କ ଅଭିଭାଷଣରେ ମହିଳାଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେ କହିଛନ୍ତି, ମହିଳାମାନଙ୍କୁ ସଶକ୍ତ କରିବା ଆମ ସରକାରର ଲକ୍ଷ୍ୟ। ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରି ସେମାନଙ୍କୁ ବିକଶିତ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ଡ୍ରୋନ ଦିଦି ଜରିଆରେ ମହିଳାଙ୍କୁ ସଶକ୍ତ କରାଯାଉଛି। ଅଲିମ୍ପିକ୍ସରେ ଦେଶର ଝିଅମାନେ ପଦକ ଜିତୁଛନ୍ତି। ଆଜିର ମହିଳା ଲଢୁଆ ବିମାନ ମଧ୍ୟ ଉଡାଉଛନ୍ତି। ମୋ ସରକାର ଯୁବବର୍ଗଙ୍କ ଶିକ୍ଷା ଓ ସେମାନଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବା ନିମନ୍ତେ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ଶ୍ରେଷ୍ଠ ୫୦୦ କମ୍ପାନୀ ମଧ୍ୟରେ ୧ କୋଟି ଯୁବକ ଯୁବତୀଙ୍କୁ ଇଣ୍ଟର୍ଣ୍ଣସିପ୍‌ର ସୁଯୋଗ ଦିଆଯିବ। ସେ ଆହୁରି କହିଥିଲେ ଯେ ମୋ ସରକାର ମହିଳାଙ୍କ ନେତୃତ୍ୱାଧିନ ବିକାଶ ମାଧ୍ୟମରେ ଦେଶକୁ ସଶକ୍ତ କରିବାରେ ବିଶ୍ୱାସ କରେ। ନାରୀଶକ୍ତି ବନ୍ଦନ ଆଇନ ମାଧ୍ୟମରେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ସଂରକ୍ଷଣ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୧.୯ ନିଯୁତରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସଶକ୍ତ କରାଯାଉଛି। ଦେଶରେ ୧୦୦ ନିୟୁତରୁ ଅଧିକ ମହିଳାଙ୍କୁ ଏଥିରେ ଯୋଡ଼ା ଯାଇଛି। ବ୍ୟାଙ୍କ ଲିଙ୍କେଜ୍ ଜରିଆରେ ମୋଟ ୯ଲକ୍ଷ କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇଛି। ଭାରତରେ ଆଧୁନିକ ଏବଂ ଆତ୍ମନିର୍ଭର କୃଷି ବ୍ୟବସ୍ଥା ଆମର ଲକ୍ଷ୍ୟ। ମୋ ସରକାର କୃଷକମାନଙ୍କୁ ଫସଲର ଉଚିତ ଦାମ୍ ଦେବା ଏବଂ ସେମାନଙ୍କ ଆୟ ବୃଦ୍ଧି ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଛି। ସହକାରୀ କ୍ଷେତ୍ରର ଆର୍ଥିକ ସଶକ୍ତିକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ଫଳ ସ୍ୱରୂପ ରୋଜଗାରର ଅନେକ ଅବସର ସୃଷ୍ଟି ହେଉଛି। ସ୍ୱାଧୀନତାର ଅନେକ ଦଶନ୍ଧି ପରେ ମଧ୍ୟ ଯାହାର ଉପେକ୍ଷା କରାଯାଉଥିଲା ସେହି ଆମର ଜନଜାତୀୟ ଓ ଆଦିବାସୀ ସମାଜର କଲ୍ୟାଣକୁ ମୋ • ପୃଷ୍ଠା ୫ ଦେଖନ୍ତୁ

## ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

# ୬.୩ -୬.୮% ରହିବ ଆର୍ଥିକ ଅଭିବୃଦ୍ଧି



- ଖାଦ୍ୟଶସ୍ୟ ଉତ୍ପାଦନ ଟପିବ ୧୬୪୭ ଲକ୍ଷ ମେଟ୍ରିକ୍ ଟନ୍
- ୭୧୧ ବିଲିୟନ ଡଲାରର ବୈଦେଶିକ ଋଣ
- ୫ ବର୍ଷରେ ୫% ଅଭିବୃଦ୍ଧି କରିଛି କୃଷିକ୍ଷେତ୍ର
- ଜିଏସ୍‌ଟି ଆଦାୟ ୧୦.୬୨ଲକ୍ଷ କୋଟିରେ ପହଞ୍ଚିବ

ନୂଆଦିଲ୍ଲୀ,୩୧।୧: ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସଂସଦର ବଜେଟ୍ ଅଧିବେଶନ। ଏହି ଅଧିବେଶନର ପ୍ରଥମ ଦିନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଆଗତ କରିଛନ୍ତି। ଏଥିରେ ଦେଶର ଅର୍ଥନୈତିକ ସ୍ଥିତି ସଂପର୍କରେ ଆଲୋକପାତ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ମଧ୍ୟରେ ରହିବ। ସରକାରଙ୍କ ମୁଦ୍ରାସ୍ଫୀତି ପରିଚାଳନାରେ ସୁଫଳ ମିଳିଛି ଓ ତାହା ନିୟନ୍ତ୍ରଣରେ ରହିଛି ବୋଲି ସୀତାରମଣ କହିଥିଲେ। ନୂଆ ଆର୍ଥିକ ବର୍ଷରେ ଜିଏସ୍‌ଟି ଆଦାୟ ୧୧ ପ୍ରତିଶତ ବୃଦ୍ଧି ପାଇ ୧୦.୬୨ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସେହିପରି ଅର୍ଥନୈତିକ ସର୍ଭେ ରିପୋର୍ଟରେ ନିର୍ମାଣ କ୍ଷେତ୍ର ଉଲ୍ଲେଖନୀୟ ପ୍ରଗତି କରିଥିବାର ଦର୍ଶାଯାଇଛି। ଆର୍ଥିକ ବର୍ଷ ୨୦୨୧ ମଧ୍ୟଭାଗରୁ ଗତି ବୃଦ୍ଧି ପାଇଛି ଏବଂ ମହାମାରୀ ପୂର୍ବ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ନିଯୁକ୍ତି ଉପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବକୁ ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଚେତାବନୀ ମଧ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସ୍ଥିରତା ଦେଖାଇଛି ବୋଲି ଉଲ୍ଲେଖ କରାଯାଇଛି। ଏଥିରେ ଆକଳନ କରାଯାଇଛି ଯେ ୨୦୨୪ରେ ଖରିଫ ଶସ୍ୟ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିବ, ଯାହାକି ପୂର୍ବବର୍ଷ ତୁଳନାରେ ୮୯.୩୭ଲକ୍ଷ ମେଟ୍ରିକ୍ ଟନ୍ ଅଧିକ। କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଅଟେ। ଯାହା ଜାତୀୟ ଆୟ ଏବଂ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ବିଗତ • ପୃଷ୍ଠା ୫ ଦେଖନ୍ତୁ

## ରାଷ୍ଟ୍ରପତିଙ୍କୁ 'ପୁଅର ଲେଡି' କହିବା ପ୍ରସଙ୍ଗ

# ମନ୍ତବ୍ୟ ଗ୍ରହଣୀୟ ନୁହେଁ: ରାଷ୍ଟ୍ରପତି ଭବନ



- ବିଭିନ୍ନ ମହଲରେ ଦୃଢ ନିନ୍ଦା
- ସୋନିଆ କ୍ଷମା ମାଗିବାକୁ ଦାବିକଲା ବିଜେପି
- ନିର୍ବାଚନ ରାଲିରେ ବର୍ଷିଲେ ମୋଦୀ
- ଦୃଢ ନିନ୍ଦା କଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୧: ଶୁକ୍ରବାର ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିବା ପରେ ତାଙ୍କୁ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ 'ପୁଅର ଲେଡି' କହିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିଜେପି ସମେତ ବିଭିନ୍ନ ରାଜନୈତିକ ଦଳ ଏହି ମନ୍ତବ୍ୟକୁ ଦୃଢ ନିନ୍ଦା କରିବା ସହ ସୋନିଆ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବା ନିମନ୍ତେ ଦାବି ଉପସ୍ଥାପନ କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଭବନରୁ ଏକ ପ୍ରେସ୍ ବିବୃତିରେ ଏହି ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ସୋନିଆଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ରାଷ୍ଟ୍ରପତିଙ୍କ ପ୍ରେସ୍ ସଚିବ ଏକ ବିବୃତିରେ କହିଛନ୍ତି। ଏହି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ ସୋନିଆଙ୍କ ମନ୍ତବ୍ୟ ସର୍ବୋଚ୍ଚ ପଦବୀର ମର୍ଯ୍ୟାଦାକୁ ଆଘାତ ଦେଇଛି। ଅବହେଳିତଙ୍କ ବାବଦରେ କହିବାରେ ରାଷ୍ଟ୍ରପତି ଆଦୌ ଥକି ନାହାନ୍ତି। ତେଣୁ ଏଭଳି ବିବୃତି ଗ୍ରହଣୀୟ ନୁହେଁ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି। ନୂଆଦିଲ୍ଲୀର ଏକ ନିର୍ବାଚନୀ ସଭାରେ ମୋଦୀ କହିଛନ୍ତି ଯେ କଂଗ୍ରେସର ରୟାଲ ଫ୍ୟାମିଲି ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି । ଏହା କେବଳ ରାଷ୍ଟ୍ରପତିଙ୍କୁ ଅପମାନ ନୁହେଁ, ୧୦ କୋଟି ଆଦିବାସୀ ଓ ଗରିବଙ୍କୁ ଅପମାନ ବୋଲି ମଧ୍ୟ କହିଛନ୍ତି। କଂଗ୍ରେସର ଏଭଳି ମାନସିକତା ଦେଶପାଇଁ ଭୟଙ୍କର ବୋଲି ମଧ୍ୟ ସେ ଚେତାଇ ଦେଇଛନ୍ତି। ସେହିପରି ସଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜିଜୁ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ମଧ୍ୟ ଏହି ବୟାନକୁ ଦୃଢ ନିନ୍ଦା କରିବା ସହ ଏହା କଂଗ୍ରେସର ମାନସିକତା ବୋଲି ସୂଚାଇଛନ୍ତି। ସୂଚନାଯୋଗ୍ୟ ଯେ ସୋନିଆଙ୍କ ଏହି ମନ୍ତବ୍ୟକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋନିଆ ରାଷ୍ଟ୍ରପତିଙ୍କୁ କଟାକ୍ଷ କରି କହିଥିଲେ, ମିଛ ପ୍ରତିଶ୍ରୁତି କୁହ । ରାଷ୍ଟ୍ରପତି ଭାଷଣ ଦେଇ ଦେଇ ଥକିଗଲେଣି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାକୁ ନିନ୍ଦା କରିବା ସହ କଂଗ୍ରେସର ସାମନ୍ତବାଦୀ ମାନସିକତା, ଅହଂକାର ଏବଂ ଅନୁସୂଚୀତ • ପୃଷ୍ଠା ୫ ଦେଖନ୍ତୁ

# ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କଲେ ମଧୁସୂଦନ ପାଢ଼ୀ



ଭୁବନେଶ୍ୱର,୩୧।୧(ଭାସ୍କର ନ୍ୟୁଜ): ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଆଜି ଅବସରପ୍ରାପ୍ତ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ମଧୁସୂଦନ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ତୋଷଲି ଭବନସ୍ଥିତ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ପାଢ଼ୀ ପୂର୍ବତନ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କଠାରୁ ଅଷ୍ଟମ ରାଜ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ରାଜ୍ୟ ନିର୍ବାଚନ ଆୟୁକ୍ତର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ପାଢ଼ୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ପରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ପାଢ଼ୀ ସମସ୍ତଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟ ସଂପାଦନ କରି ନିର୍ବାଚନ ଆୟୁକ୍ତର ଗରିମା ବଜାୟ • ପୃଷ୍ଠା ୫ ଦେଖନ୍ତୁ





| S. no. | Courses | Approved by | Education Qualification | Duration |
|---|---|---|---|---|
| 1. | M.Sc in Hospitality and Hotel Administration (H&HA) | NCHMCT | B.Sc in H&HA | 2 Years |
| 2. | B.Sc in Hospitality & Hotel Administration (H&HA) | NCHMCT and Degree awarded by JNU, New Delhi | 12th or 10+2 equivalent pass | 3 Years |
| 3. | Diploma in Front Office Operations | NCHMCT | 12th or 10+2 equivalent pass | 1 ½ Years |
| 4. | Diploma in Housekeeping Operations | NCHMCT | 12th or 10+2 equivalent pass | 1 ½ Years |
| 5. | Certificate Course in Professional Bartending | NCHMCT | 12th or 10+2 equivalent pass | 24 weeks |
| 6. | Craftsmanship Certificate Course in Food Production & Patisserie (CCFPP) | NCHMCT | 10th pass | 1 ½ Years |
| 7. | Craftsmanship Certificate Course in Food & Beverage Service | NCHMCT | 10th pass | 06 Month |


## ■ ସଂସଦ ଅଧିବେଶନ ଆରମ୍ଭ ■

# ଆଜି ଆସିବ ବଜେଟ୍

ନୂଆଦିଲ୍ଲୀ,୩୧।୧: ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସଂସଦର ବଜେଟ୍ ଅଧିବେଶନ। ଶନିବାର ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ବଜେଟ୍‌କୁ ନେଇ ସାଧାରଣ ଲୋକଙ୍କ ଭିତରେ ଉତ୍କଣ୍ଠା ବଢିବାରେ ଲାଗିଛି। ମଧ୍ୟବିତ୍ତବର୍ଗ ଆୟକର ଲିମିଟ୍ ବଢିବା ନେଇ ଆଶା ରଖିଥିବାବେଳେ ବିଭିନ୍ନ କ୍ଷେତ୍ରରେ ଜିଏସ୍‌ଟି କୋହଳ ପାଇଁ ଅପେକ୍ଷା ରହିଛି। ଲଗାତାର ୮ମ ଥରପାଇଁ ଏହି ବଜେଟ୍ ଉପସ୍ଥାପନ କରିବେ ନିର୍ମଳା। ସବୁ ରାଜ୍ୟର ନଜର • ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶା ପାଇବ କଣ ?

ଭୁବନେଶ୍ୱର,୩୧।୧(ଭାସ୍କର ନ୍ୟୁଜ): ଶନିବାର ସଂସଦରେ ସାଧାରଣ ବଜେଟ୍ ଉପସ୍ଥାପନ ହେବାକୁ ଥିବାବେଳେ ସେଥିରୁ ଓଡ଼ିଶାକୁ କ'ଣ ମିଳିବ ସେଥିନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରଠାରୁ ଡବଲ ଅନୁଦାନ ଆଶା ରଖିଛନ୍ତି। ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି। ଯେହେତୁ ବର୍ତ୍ତମାନ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଅଛି ସେଥିପାଇଁ ଅଧିକ ଅନୁଦାନ ମିଳିବ ବୋଲି ଆଶା କରଯାଉଛି। ସେହିଭଳି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ବା ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ନିକଟରେ ଉତ୍କର୍ଷ ଓଡ଼ିଶା ଶେଷ ହୋଇଛି। ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଛି। ସେଥିପାଇଁ ଅଧିକ ଅନୁଦାନ ଆବଶ୍ୟକ। ଉଭୟ ରୋଡ, ରେଳୱେ ଓ ବିମାନସେବା କ୍ଷେତ୍ରରେ ଅଧିକ ଅନୁଦାନର ଆବଶ୍ୟକତା ରହିଛି। ସ୍ୱତନ୍ତ୍ର ଫୋକସ ଷ୍ଟେଟ ମାନ୍ୟତା ନ ମିଳିଲେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ମଧ୍ୟ ଦାବି ହୋଇଛି।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



# ମହାକୁମ୍ଭ ମେଳାରେ ଅଘଟଣ ପ୍ରଶାସନର ସତର୍କତା ଜରୁରି

ଉତ୍ତର ପ୍ରଦେଶର ଧାର୍ମିକ ନଗରୀ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳା ପାଇଁ ସମଗ୍ର ଦେଶରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ପ୍ରତିଦିନ କୋଣ ଅନୁକୋଣରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ନରନାରୀ ସେଠାରେ ପହଞ୍ଚି ପବିତ୍ର ଗଙ୍ଗା ନଦୀରେ ବୁଡ଼ ପକାଉଛନ୍ତି। ମକର ସଂକ୍ରାନ୍ତି ଓ ମୌନୀ ଅମାବାସ୍ୟା ଭଳି କେତେକ ନିର୍ଦ୍ଦିଷ୍ଟ ଧାର୍ମିକ ଦିବସରେ ସ୍ନାନ କଲେ ଅଧିକ ପୁଣ୍ୟ ଅର୍ଜନ କରିବାର ଆଶା ଥିବାରୁ ଏହିସବୁ ଦିନରେ ଅସମ୍ଭବ ଗହଳି ଲକ୍ଷ୍ୟ କରାଯାଉଛି। ତେବେ ଏହାରି ଭିତରେ ଗତ ବୁଧବାର ମୌନୀ ଅମାବାସ୍ୟାରେ ମହାକୁମ୍ଭରେ ଘଟିଥିବା ଏକ ଦୁର୍ଭାଗ୍ୟଜନକ ଘଟଣା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସେଦିନ ପ୍ରତ୍ୟୁଷରେ ମେଳାରେ ସର୍ବାଧିକ ଜନସମାଗମ ହୋଇଥିବା ବେଳେ ଦଳାଚକଟାରେ ୩୦ଜଣଙ୍କ ମୃତ୍ୟୁ ଘଟିବା ସହିତ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅମାବାସ୍ୟାର ପ୍ରତ୍ୟୁଷ କାଳକୁ ଅମୃତ ସ୍ନାନର ଅତ୍ୟନ୍ତ ଶୁଭ ମୁହୂର୍ତ୍ତ ଭାବେ ବିବେଚନା କରି ଏହି ସମୟରେ ବୁଡ଼ ପକାଇବାକୁ ଏକ ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସମବେତ ହେବା ହିଁ ଦଳାଚକଟାର ମୁଖ୍ୟ କାରଣ ବୋଲି କୁହାଯାଉଛି। ମଙ୍ଗଳବାର ବିଳମ୍ବିତ ରାତ୍ରୀରୁ ତ୍ରିବେଣୀ ସଙ୍ଗମ ଆଡ଼କୁ ଶ୍ରଦ୍ଧାଳୁଙ୍କ ସ୍ରୋତ ଛୁଟିଥିବା ସମୟରେ ସେଠାରେ ନିର୍ମାଣ କରାଯାଇଥିବା ବ୍ୟାରିକେଡ୍ ହଠାତ୍ ଭାଙ୍ଗି ଯାଇଥିଲା। ଫଳରେ ତଳେ ପଡ଼ିଯାଇଥିବା ଲୋକଙ୍କ ଉପରେ ଅନ୍ୟମାନେ ପଡ଼ିଯିବାରୁ ଏହି ଅଘଟଣ ଘଟିଲା। ଦଳାଚକଟା ଘଟଣାରେ ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତମାନେ ନିଖୋଜ ଥିବା ସେମାନଙ୍କ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନଙ୍କୁ ବିକଳ ଭାବରେ ଖୋଜି ଚାଲିଥିବାର ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳୁଛି। ନିଖୋଜଙ୍କ ମଧ୍ୟରେ ଅଧିକାଂଶ ମହିଳା ଭକ୍ତ ଥିବାର ଜଣାପଡିଛି। ଏହି ଦୁର୍ଘଟଣା ପରେ ପ୍ରୟାଗରାଜକୁ ସଂଯୋଗ କରୁଥିବା ସମସ୍ତ ରାଜପଥ ଓ ରାଜ୍ୟ ସଡ଼କ ପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଭିଭିଆଇପିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦଳାଚକଟାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଥିବାରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଭିଭିଆଇପି ବ୍ୟବସ୍ଥାକୁ ବାତିଲ କରି ଦିଆଯାଇଛି। ସେହିପରି ମେଳା ଅଞ୍ଚଳକୁ ଦୁଇଚକିଆ ଯାନ, ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନର ଚଳପ୍ରଚଳକୁ ବନ୍ଦ କରାଯାଇଛି। ଗଙ୍ଗାନଦୀର ବିଭିନ୍ନ ଘାଟରେ ବୁଡ଼ ପକାଇବାକୁ ଯାଉଥିବା ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ଦଳାଚକଟା ସ୍ଥଳରେ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଅନୁଧ୍ୟାନ କଲେ ପ୍ରଶାସନର କେତେକ ତ୍ରୁଟି ବିଚ୍ୟୁତି ଦୃଷ୍ଟିକୁ ଆସୁଛି। ଗଙ୍ଗା, ଯମୁନା ଓ ଅଦୃଶ୍ୟ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳରେ ସ୍ନାନ କରିବା ପରେ ଭକ୍ତମାନେ ସୁରକ୍ଷିତ ଭାବରେ ଯେପରି ବାହାରକୁ ଆସିପାରିବେ, ତାହାର ତଦାରଖ କରିବାକୁ କୌଣସି ପୋଲିସ ବ୍ୟବସ୍ଥା ନଥିଲା ବୋଲି ଅଭିଯୋଗ ହେଉଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବୟାନ ଅନୁଯାୟୀ କେତେକ ଶ୍ରଦ୍ଧାଳୁ ବ୍ୟାରିକେଡ୍ ଉପରକୁ ଡେଇଁ ପଡିବାରୁ ଦଳାଚକଟା ଆରମ୍ଭ ହୋଇଯାଇଥିଲା। ମହାକୁମ୍ଭ ସମ୍ପର୍କରେ କୌଣସି ଗୁଜବ ପ୍ରଚାର ନକରିବାକୁ ସେ ଅନୁରୋଧ କରିଛନ୍ତି। କୁମ୍ଭମେଳାରେ ଦଳାଚକଟାର ଏହା ପ୍ରଥମ ଘଟଣା ହୋଇନଥିବା ବେଳେ ୧୯୫୪ ମସିହାରେ ସର୍ବାଧିକ ୮୦୦ ଲୋକ ଏଭଳି ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଚଳିତ ବର୍ଷର ମହାକୁମ୍ଭ ମେଳାରେ ଦୁଇ ଦୁଇଥର ଅଗ୍ନିକାଣ୍ଡ ମଧ୍ୟ ଆତଙ୍କର ଅନ୍ୟ ଏକ କାରଣ ହୋଇଛି। ଗତ ସପ୍ତାହରେ ମେଳାରେ ଖୋଲିଥିବା ଗୀତା ପ୍ରେସ୍‌ର ଶିବିରରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିଯିବାରୁ ପ୍ରାୟ ୨୫ଟି ଶିବିର ଜଳିପୋଡ଼ି ନଷ୍ଟ ହୋଇଥିବା ବେଳେ ଗୁରୁବାର ଦିନ ସେକ୍ଟର-୨୨ରେ ପୁଣିଥରେ ନିଆଁ ଲାଗିଯିବାରୁ ୧୫ରୁ ଅଧିକ ଶିବିର ଭସ୍ମୀଭୂତ ହୋଇଛି। ଏକ ଧାର୍ମିକ ମହାସମାବେଶରେ ବାରମ୍ବାର ଏଭଳି ଅଘଟଣକୁ ହାଲୁକା ଭାବରେ ବିଚାର ନକରି ଉତ୍ତରପ୍ରଦେଶ ପ୍ରଶାସନ ଆଗାମୀ ଦିନରେ ଅଧିକ ସତର୍କତା ଅବଲମ୍ବନ କରିବା ଏକାନ୍ତ ଜରୁରି।

# ସୁବ୍ରମଣ୍ୟମଙ୍କ କାର୍ଯ୍ୟ ସଂସ୍କୃତି ବନାମ ଶ୍ରମିକ ଶୋଷଣ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏବେ ଦେଶରେ କର୍ମଚାରୀମାନେ କେତେ ଘଣ୍ଟା କାମ କରିବେ ସେ କଥାକୁ ନେଇ ବିବାଦ ଚାଲିଛି। ଲାର୍ସନ ଆଣ୍ଡ ଟ୍ୟୁବ୍ରୋ (ଏଲ୍‌ଆଣ୍ଡଟି)ର ଅଧ୍ୟକ୍ଷ ଏସ୍‌ଏନ୍ ସୁବ୍ରମଣ୍ୟମ ଶ୍ରମିକ କର୍ମଚାରୀ ମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବା ଉଚିତ୍ ବୋଲି କହିବା ପରେ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବିବାଦରେ ଏଣ୍ଟ୍ରି କରିଛନ୍ତି ମହନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା। ଆନନ୍ଦ ମହିନ୍ଦ୍ରା କହିଛନ୍ତି ଯେ କାର୍ଯ୍ୟ କରିବାର ସମୟ ପରିବର୍ତ୍ତେ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ବାସ୍ତବରେ ଆନନ୍ଦ ମହିନ୍ଦ୍ରା କାର୍ଯ୍ୟ କରିବାର ସମୟ (ଘଣ୍ଟା) ଉପରେ ଯାହା କହିଛନ୍ତି ତାହା ସଂପୂର୍ଣ୍ଣ ଭାବେ ଠିକ୍ କାରଣ କେହି ଶ୍ରମିକ/ କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମରେ ରହେ କିନ୍ତୁ ଯଦି ଗୁଣବର୍ତ୍ତାପୂର୍ଣ୍ଣ କାର୍ଯ୍ୟ ନକରେ ତେବେ ୯୦ ଘଣ୍ଟା କାର୍ଯ୍ୟ କରିବାର ଅର୍ଥ କ'ଣ? ବିନା ଗୁଣବତ୍ତା ମୂଳକ କାର୍ଯ୍ୟର କୌଣସି ଔଚିତ୍ୟ ବା ଅର୍ଥ ରହେ ନାହିଁ। ଆନନ୍ଦ ମହିନ୍ଦ୍ରାଙ୍କ କଥା ‘କାର୍ଯ୍ୟର ସମୟ (ଘଣ୍ଟା) ବନାମ ଉତ୍ପାଦକତା’ର ଚର୍ଚ୍ଚାକୁ ସନ୍ତୁଳିତ କରିବା ଦିଗରେ ଏକ ଉଦ୍ୟମ ବୋଲି କୁହାଯାଇପାରେ। ଏ ପ୍ରସଙ୍ଗରେ କିଛିଦିନ ତଳେ ଆନନ୍ଦ ମହିନ୍ଦ୍ରାଙ୍କୁ ସପ୍ତାହରେ ୯୦ଘଣ୍ଟା କାମ କରିବା କଥାକୁ ନେଇ କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଉତ୍ତରରେ ଆନନ୍ଦ ମହିନ୍ଦ୍ରା ଇନ୍‌ଫୋସିସ୍‌ର ସହ ସଂସ୍ଥାପକ ନାରାୟଣ ମୂର୍ତ୍ତୀ ଏବଂ ଅନ୍ୟମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ କହିଥିଲେ ଯେ ‘ମୋତେ ଲାଗୁଛି ଏ ବାବଦରେ ଆଲୋଚନା ଭୁଲ୍ ବାଟରେ ଯାଉଛି, କାରଣ ଏହି ଆଲୋଚନା କାମର ମାତ୍ରା ବାବଦରେ କରାଯାଉଛି’।

ଆଜିର ସମୟରେ ସବୁଠି ପ୍ରତିସ୍ପର୍ଦ୍ଧାର ପ୍ରତିଯୋଗିତା ଚାଲିଛି ଏବଂ ଯେବେ ପ୍ରତିସ୍ପର୍ଦ୍ଧାର କଥା ଆସେ ଅଥବା ଯଦି କାର୍ଯ୍ୟ ମହତ୍ୱପୂର୍ଣ୍ଣ ତେବେ ବ୍ୟକ୍ତି ପୁରା ମନଧ୍ୟାନ ଦେଇ ସଂପୂର୍ଣ୍ଣ କରିବା ପାଇଁ ଲାଗିପଡିଥାଏ। କାମର ଅର୍ଥ ହେଉଛି ଗୁଣବତ୍ତାପୂର୍ଣ୍ଣ କାର୍ଯ୍ୟ, ଏମିତି ହଲି ଟହଲି ବସି ବସି କାର୍ଯ୍ୟ ସମୟକୁ ପୂରା କରିବାରେ କୌଣସି ଔଚିତ୍ୟ ନାହିଁ। ଯଦି କାର୍ଯ୍ୟ ବା କାମ ଗୁରୁତ୍ୱପୂର୍ଣ୍ଣ ତେବେ ବ୍ୟକ୍ତି ସେହିକାର୍ଯ୍ୟକୁ ପୁରା ଠିକ୍ ଭାବରେ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଆନନ୍ଦ ମହିନ୍ଦ୍ରା କାର୍ଯ୍ୟର ଗୁଣବତ୍ତାର କଥା କହିଛନ୍ତି କାର୍ଯ୍ୟ ସମୟ (ଘଣ୍ଟା)ର ନୁହେଁ। ମହିନ୍ଦ୍ରା କହିଛନ୍ତି କାମ ୪୦ ଘଣ୍ଟା, ୭୦ଘଣ୍ଟା ବା ୯୦ଘଣ୍ଟାର କଥା ନୁହେଁ, କଥା ହେଉଛି କାମର ପରିଣାମ। ହୁଏତ ୧୦ ଘଣ୍ଟାରେ ଭଲ କାମ କରିହେବ। ମହିନ୍ଦ୍ରାଙ୍କ କହିବା ଭୁଲ ନୁହେଁ। କମ୍ପାନୀ ବା ଉଦ୍ୟୋଗରେ ଏମିତି ଲୋକ ରହିବା ଉଚିତ୍ ଯେଉଁମାନେ ସମଗ୍ର ପ୍ରକ୍ରିୟାକୁ ବୁଝିବିଚାରି ନିର୍ଣ୍ଣୟ ନେଇପାରିବେ। ମହିନ୍ଦ୍ରାଙ୍କ ମତ ହେଉଛି ଆମ ମସ୍ତିଷ୍କ ସାରା ଦୁନିଆରୁ ଆସୁଥିବା ପରାମର୍ଶ ପାଇଁ ଖୋଲା ରହିବା ଉଚିତ୍ ତେବେ ଯାଇ ଆମେ ଗୁଣବତ୍ତା ଆଡକୁ ଯାଇପାରିବା। ମଣିଷ ପାଖରେ ଚିନ୍ତନ ମନନ ପାଇଁ ପର୍ଯ୍ୟାପ୍ତ ସମୟ ଥିବା ଦରକାର ତେବେ ଆମେ ଗୁଣବତ୍ତାପୂର୍ଣ୍ଣ କାର୍ଯ୍ୟ କରିପାରିବା।

ଆନନ୍ଦ ମହିନ୍ଦ୍ରାଙ୍କ ମତ ଏବଂ ଇନ୍‌ଫୋସିସର ନାରାୟଣ ମୂର୍ତ୍ତୀ ଓ ଏଲ୍‌ଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମଙ୍କ ମତ ଠାରୁ ଭିନ୍ନ। ନାରାୟଣ ମୂର୍ତ୍ତୀ ଏବଂ ସୁବ୍ରମଣ୍ୟମ କର୍ମଚାରୀମାନେ ଅଧିକ ସମୟ (ଘଣ୍ଟା) କାମ କରିବା ସପକ୍ଷରେ ଅଛନ୍ତି। ନାରାୟଣ ମୂର୍ତ୍ତୀ ସପ୍ତାହରେ ୭୦ ଘଣ୍ଟା କାମର କଥା କହୁଥିବା ବେଳେ ସୁବ୍ରମଣ୍ୟମ ୯୦ ଘଣ୍ଟା କାମ କଥା କହୁଛନ୍ତି। ହୁଏତ ଆଉ କେହି ଉଦ୍ୟୋଗପତି ଆହୁରିବି କିଛି କହିପାରନ୍ତି। ସାରା ବିଶ୍ୱର ସମୃଦ୍ଧ ଦେଶମାନଙ୍କରେ ଲୋକେ ୩୩ରୁ ୪୦ ଘଣ୍ଟା କାମ କରି ଖୁସି ଅଛନ୍ତି। ସେସବୁ ଦେଶର ବିକାଶ ମଧ୍ୟ ହେଉଛି। ପ୍ରଶ୍ନ ହେଉଛି ଦେଶର ଉଦ୍ୟୋଗପତି ମାନଙ୍କର ଶ୍ରମିକ/ କର୍ମଚାରୀ ମାନଙ୍କ ପ୍ରତି ଏଭଳି ମାନସିକତା କାହିଁକି? ଶିଳ୍ପପତିମାନଙ୍କୁ ଶ୍ରମିକ/କର୍ମଚାରୀଙ୍କର ଆବଶ୍ୟକତା ରହିଛି ନା ସେମାନେ କ୍ରୀତଦାସ ଚାହୁଁଛନ୍ତି? ଇନଫୋସିସର ନାରାୟଣମୂର୍ତ୍ତୀଙ୍କ ୭୦ ଘଣ୍ଟାର ମନ୍ତବ୍ୟ ପରେ ଏଲଆଣ୍ଡଟିର ଅଧ୍ୟକ୍ଷ ୯୦ଘଣ୍ଟା କାମ କଥା କହିବା ସହ ଶ୍ରମିକ/କର୍ମଚାରୀଙ୍କ ପରିବାର ଉପରେ ମନ୍ତବ୍ୟ ଦେଇ ‘ଘରେ ବସି କ'ଣ କରିବେ, କେତେ ସମୟ ପର୍ଯ୍ୟନ୍ତ ପତ୍ନୀଙ୍କ ମୁହଁକୁ ଦେଖିବେ ଏବଂ ପତ୍ନୀ ତୁମକୁ ଦେଖିବେ? କାର୍ଯ୍ୟସ୍ଥଳକୁ ଆସ କାମ କର’ ବୋଲି ଏକ ଅସମ୍ମାନ ସୂଚକ ବୟାନ ଦେଇଛନ୍ତି।

ଆମେରିକା ଭଳି ବିକଶିତ ଦେଶରେ ଲୋକ ସପ୍ତାହରେ ୩୮ଘଣ୍ଟା କାମ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରର ସଂସ୍ଥାମାନଙ୍କର ତଥ୍ୟ ଅନୁସାରେ ବିକଶିତ ଦେଶମାନଙ୍କରେ ଲୋକେ କମ୍ ସମୟ କାମ କରିଥାନ୍ତି। ଲକଜମବର୍ଗ ଭଳି ବିଶ୍ୱର ସମୃଦ୍ଧ ଦେଶରେ ଲୋକେ ସପ୍ତାହରେ ୩୩ ଘଣ୍ଟା କାମ କରିଥାନ୍ତି। ଏଭଳି ସ୍ଥଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଆଜିର ଶ୍ରମିକ/ କର୍ମଚାରୀମାନେ କ'ଣ ‘ଜଙ୍ଗଲୀ ପ୍ରାଣୀ’ ଅଟନ୍ତି କି, ଯେଉଁମାନଙ୍କର କିଛି ପାରିବାରିକ ଦାୟିତ୍ୱ ନାହିଁ? ଯଦି ଏମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବେ ତେବେ ଦୈନିକ ଶୋଇବେ କେତେ ଘଣ୍ଟା, କାର୍ଯ୍ୟସ୍ଥଳର ଫେରି ରାତ୍ରୀଭୋଜନ ସକାଳର ପ୍ରାତଃ ଭୋଜନ ପିଲାଙ୍କୁ ସ୍କୁଲ ଛାଡିବେ, ରୋଗଗ୍ରସ୍ତ ମାତା-ପିତାଙ୍କ ସେବା ବା ସେମାନଙ୍କୁ ଡାକ୍ତର ପାଖକୁ ନେବା, ଘରୁ କାର୍ଯ୍ୟସ୍ଥଳକୁ ଯିବା ଓ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ପରେ ସେମାନଙ୍କ ପାଖରେ କେତେ ସମୟ ବଳକା ରହିବ? ବାଧହୁଏ ଜୀବନ ମଧ୍ୟ ଛୋଟ ହୋଇଯିବ। ଏଲ୍‌ଆଣ୍ଡଟିର ଅଧ୍ୟକ୍ଷ କେବେ ନିଜର ଦୈନନ୍ଦିନର ଜୀବନଚର୍ଯ୍ୟା ବାବଦରେ ଆତ୍ମଚିନ୍ତନ କରିଛନ୍ତି କି?

ଏଲ ଆଣ୍ଡଟି ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଏହି କମ୍ପାନୀରେ ପାଖାପାଖି ୬୦ ହଜାର ଶ୍ରମିକ/କର୍ମଚାରୀ କାମ କରୁଛନ୍ତି। ଏଭଳି ଏକ କମ୍ପାନୀର ଅଧ୍ୟକ୍ଷଙ୍କ ସପ୍ତାହରେ ୯୦ ଘଣ୍ଟା କାମର କଥା କହିବା ଏପରିକି ରବିବାର ଦିନ କାମ କରିବା କଥା କହିବା ପଛରେ କିଛି ଅର୍ଥ ଥାଇପାରେ। ଶ୍ରମିକ/କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମ କରିବେ କିନ୍ତୁ ବେତନ ପୂର୍ବବତ୍ ରହିବ ଏପରିକି ବାର୍ଷିକ ବେତନ ବୃଦ୍ଧି ୧ରୁ ୭ ପ୍ରତିଶତ ହେବ କିନ୍ତୁ ଅଧ୍ୟକ୍ଷଙ୍କ ବେତନ ବାର୍ଷିକ ୫୧.୦୫ କୋଟି ରହିବ। ଏହାର ଅର୍ଥ ପ୍ରତିଦିନ ସୁବ୍ରମଣ୍ୟମଙ୍କ ବେତନ ୧୪ ଲକ୍ଷ ଟଙ୍କା। ତାଙ୍କ ବେତନ ବୃଦ୍ଧି ବାର୍ଷିକ ୪୩ ପ୍ରତିଶତ। କିନ୍ତୁ ତାଙ୍କ କମ୍ପାନୀର କର୍ମଚାରୀଙ୍କ ବାର୍ଷିକ ବେତନ ୯ଲକ୍ଷ ଟଙ୍କା ଭିତରେ ରହିବ। ଏକ ସପ୍ତାହ ସମୁଦାୟ ୧୬୮ ଘଣ୍ଟା। ଏଥିରୁ ୯୦ ଘଣ୍ଟା କାଟିଦେଲେ ବାକି ରହିଲା ୭୮ଘଣ୍ଟା। ଜଣେ ବ୍ୟକ୍ତି ଦୈନିକ ୬ ଘଣ୍ଟାରୁ ୮ଘଣ୍ଟା ଶୋଇବା ଆବଶ୍ୟକ। ଯଦି ୬ଘଣ୍ଟା ଶୋଇବାକୁ ହିସାବ କରାଯାଏ ତେବେ ବ୍ୟକ୍ତି ସପ୍ତାହରେ ୪୨ଘଣ୍ଟା ଶୋଇବା ପରେ ତା' ପାଖରେ ବଳକା ୩୬ ଘଣ୍ଟା ରହିବ। ଦିନଚର୍ଯ୍ୟା ଗାଧୋଇବା, ଖାଇବା, କାର୍ଯ୍ୟସ୍ଥଳକୁ ଯିବା ପାଇଁ ପ୍ରସ୍ତୁତ ହେବାର ଦୈନିକ ୪ଘଣ୍ଟା ନିଶ୍ଚୟ ଲାଗିବ ଏଣୁ ସପ୍ତାହକର ବଳକା ଏଇ ୮ଘଣ୍ଟା ମଧ୍ୟରେ ଜଣେ ବ୍ୟକ୍ତି ତା' ପରିବାରକୁ କେତେ ସମୟ ଦେବ?

ଏସବୁକୁ ଦେଖିଲେ ଏକଥା ସ୍ପଷ୍ଟ ଯେ ସପ୍ତାହରେ ୯୦ ଘଣ୍ଟା କାମ କଲେ ବ୍ୟକ୍ତି ଚାପରେ ରହିବ। ଏହି କାରଣରୁ ବ୍ୟକ୍ତିର କାମରେ ମନ ଲାଗିବ ନାହିଁ ଏଣୁ କାମର ଗୁଣବତ୍ତା ନିଶ୍ଚୟ ହ୍ରାସ ପାଇବ। ଅଧିକ ସମୟ କାମ କଲେ ବ୍ୟକ୍ତିର ବୁଝିବା, ଚିନ୍ତା କରିବାର ଶକ୍ତି କମିଯିବ, ମାନସିକ କ୍ଷମତା ମଧ୍ୟ କମିଯିବ। ଅଧିକ ସମୟ କାମ କରାଇ ଉତ୍ପାଦକତା ମଧ୍ୟ ଆଶା କରିବା ବୃଥା। ୯୦ ଘଣ୍ଟା କାମ କରିବାର ଅର୍ଥ ହେଉଛି ବ୍ୟକ୍ତିକୁ ନିଜସ୍ୱ କାମ ପାଇଁ ସମୟ ମିଳିବ ନାହିଁ। ଏଣୁ ଡିପ୍ରେସନ ଓ ଚିଡ୍‌ଚିଡ଼ାପଣ ମଧ୍ୟ ବ୍ୟକ୍ତି ମଧ୍ୟରେ ବୃଦ୍ଧି ପାଇବ। ବ୍ୟକ୍ତିର ସ୍ୱାସ୍ଥ୍ୟ ମଧ୍ୟ ବିଗିଡିବ। ଏଣୁ ବ୍ୟକ୍ତି ଘରେ ଓ କାର୍ଯ୍ୟସ୍ଥଳରେ ନିଜର ମାନସିକ ସ୍ଥିତିକୁ ଠିକ୍ ରଖିପାରିବ ନାହିଁ। ଏଣୁ ବ୍ରେନ ଆଟାକ, ହାର୍ଟଆଟାକ ଓ ମାନସିକ ଅସନ୍ତୁଳନ ଭଳି ରୋଗରେ ପୀଡିତ ହେବାର ଆଶଙ୍କା ମଧ୍ୟ ବଢିବ। ଏକ ତଥ୍ୟ ଅନୁସାରେ ଅଧିକ ସମୟ କାମ କଲେ ବ୍ୟକ୍ତି/ କର୍ମଚରୀ ଉତ୍ପାଦକତା ମଧ୍ୟ କମ୍ ଦେଇଥାଏ। ଶ୍ରମ ଆଇନ ଅନୁସାରେ ଶ୍ରମିକ/କର୍ମଚରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କରିବେ ନାହିଁ। ଏଣୁ ଏଲଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମ ଯାହା କହୁଛନ୍ତି ତାହା କ'ଣ ଶ୍ରମ ଆଇନ୍ ଉଲ୍ଲଙ୍ଘନ ନୁହେଁ କି? ଏହା କେମିତି କାର୍ଯ୍ୟ ସଂସ୍କୃତିର କଥା କହୁଛନ୍ତି ସୁବ୍ରମଣ୍ୟମ? ଶ୍ରମ ଶକ୍ତି ଖୁସିରେ ରହିଲେ ନିର୍ଦ୍ଧାରିତ ସମୟରେ ଉତ୍ପାଦନ ବୃଦ୍ଧି ହୋଇପାରେ। ଏଭଳି ଶୋଷଣ ପ୍ରବୃତ୍ତିର ମାନସିକତା ଠାରୁ ଶିଳ୍ପପତିମାନେ ଦୂରେଇ ରହିବା ଆବଶ୍ୟକ।

# ଏ ପଥର କଥାକହେ-୩



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ଆଉ କିଛି କଥା ରହିଗଲା। ରହିଯାଉ। ମୁଁ ତ ଆଉ ଆତ୍ମଜୀବନୀ ଲେଖି ବସୁନି ଯେ କଥା ଅଧା ରହିଗଲେ ଅବଶୋଷ ରହିଯିବ। ନା, ଆତ୍ମକାହାଣୀ ଅଧା ରହିଯାଉ ପଛେ ମୋ' ପ୍ରେମକାହାଣୀଟି କିନ୍ତୁ ଏଇଠି ଚୁମ୍ବକରେ ସୂଚାଇ ନଦେଲେ ସୁଖ ଲାଗିବନି। ଦୁଃଖ ତ ଅନେକ ଭୋଗିଛି, ହେଲେ ସୁଖଟି ଅଳ୍ପ ହେଲେ ବି ସେଇଟି ହିଁ ମୋ' ପ୍ରେମକାହାଣୀ। ହଁ, ମୋର ଏ ପ୍ରେମକାହାଣୀଟି ବି ଅଧୁରା।

ସେତେବେଳେ ବୋଧିସତ୍ୱଙ୍କ ଜନ୍ମ ହୋଇସାରିଥାଏ। ରାଜା ବ୍ରହ୍ମଦତ୍ତ ରାଜୁତି କରୁଥାନ୍ତି ବାରାଣାସୀରେ। ସେ ସମୟ ଆଉ ଏ ସମୟ ଭିତରେ ଆକାଶପାତାଳ ଫରକ। ରାଜା ଯେଭଳି ନ୍ୟାୟୀ ଥିଲେ, ପ୍ରଜାଏ ସେଭଳି ନୀତିନିଷ୍ଠ ଥିଲେ। ଯେମିତି ଏଇ ରାଜ୍ୟରେ ହିଁ ସତ୍ୟଯୁଗ ସ୍ଥିର ହୋଇ ରହିଯାଇଛି, ଠିକ୍ ସେମିତି ମନେହେଉଥିଲା। କିନ୍ତୁ ହଠାତ୍ ଘଟିଗଲା ସେଇ ଅଭାବିତ କାଣ୍ଡ - ମହାପ୍ରାକୃତିକ ଖଣ୍ଡପ୍ରଳୟ ଯେମିତି! ସତ୍ୟ, ନ୍ୟାୟ, ନୀତି, ଧର୍ମ ଯେଉଁ ରାଜ୍ୟର ଥିଲା ଶୁଭନିୟାମକ, ସେ ରାଜ୍ୟରେ ଏଭଳି ଅଘଟଣ ଯେ ଘଟିଯାଇପାରେ - କିଏ କାହିଁକି ଦିବାସ୍ୱପ୍ନରେ ବି ଏ ବିଷୟ ଚିନ୍ତା କରିବ? ମାତ୍ର ଘଟିଲା - ଏକ ଭୀଷଣ ଭୂକମ୍ପ। ସେ ଭୂକମ୍ପ ଏତେ ଭୟାବହ ଥିଲା ଯେ ଆଜି ବି ମନେପକାଇଲେ ଅନ୍ତରାତ୍ମା ଦୋହଲି ଯାଉଛି। ଏଇ ମହାଭୂକମ୍ପ ପୂର୍ବରୁ ମୁଁ ଥିଲି ସେତେବେଳେ ଗୋଟିଏ ବିଶାଳ ମନ୍ଦିର ଦ୍ୱାରର ଶେଷପାହାଚ। କେଉଁ ମହାପ୍ରଳୟଙ୍କର ବନ୍ୟା ଓ ବାତ୍ୟାର ବିଭୀଷିକା ଯୋଗୁ ମୁଁ ଦିନେ ସ୍ଥିତିହୀନ ବାସ୍ତୁହରା ବିସ୍ଥାପିତ ଭଳି ଏଇ ମନ୍ଦିର ଉଦ୍ୟାନରେ ଆସି ନିଃପତିତ ହୋଇଥିଲି, ସେ କାହାଣୀ ମୋ' ଆତ୍ମକାହାଣୀର ଗୋପନୀୟ ଅଧ୍ୟାୟ। ସେ ପ୍ରସଙ୍ଗର ବିସ୍ତୃତ ବିବରଣୀ ପ୍ରଦାନ ଏଠାରେ ଅପ୍ରାସଙ୍ଗିକ। ମାତ୍ର ପ୍ରାସଙ୍ଗିକ ହେଉଛି, ମନ୍ଦିର-ଉଦ୍ୟାନରେ ମୋର ନିଃପତିତ ହୋଇଥିବା ପର୍ଯ୍ୟାୟରେ ଦିନେ ଜଣେ ଶୁଭ୍ରଜ୍ୟୋତିର୍ମୟ ଦିବ୍ୟପୁରୁଷ ମୋ' ଉପରେ ଉପବିଷ୍ଟ ହୋଇଥିଲେ। କ'ଣ ହେଲା କେଜାଣି, ତାଙ୍କ କରସ୍ପର୍ଶରେ ମୋ ଆତ୍ମା ପରମ ପ୍ରଶାନ୍ତିରେ ପରିପୂର୍ଣ୍ଣ ହୋଇଉଠିଲା। ଏ କି ଅବବୋଧ! ଏ କି ଉପଲବ୍ଧି! ସେଇ ଦିବ୍ୟପୁରୁଷ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ କତିପୟ ନରନାରୀଙ୍କୁ ସଦାଚାର ସମ୍ବନ୍ଧରେ ସୁମିଷ୍ଟ ବଚନ ଶୁଣାଉଥାନ୍ତି। ମନ୍ତ୍ରମୁଗ୍ଧ ହୋଇ ସମସ୍ତେ ଅମୃତପାନ କଲା ପରି ମତେ ଲାଗୁଥାଏ। ଆହା! ଆଉକେବେ ସେହି ଅମୃତବାଣୀ ଏ କାନ ଶୁଣିପାରନ୍ତା ଭଲା!

ମୁଁ ଆତ୍ମବିସ୍ମୃତ ହୋଇପଡ଼ିଥାଏ। ଧ୍ୟାନଭଙ୍ଗ ହେଲା ଠିକ୍ ସେତିକିବେଳେ, ଯେତେବେଳେ ଲକ୍ଷ୍ୟ କଲି ରାଜା ବ୍ରହ୍ମଦତ୍ତ ତାଙ୍କ ରାଜପଟୁଆରରେ ମୋ ନିକଟରେ ପହଞ୍ଚି ସେ ଦିବ୍ୟପୁରୁଷ କୁଆଡ଼େ ଚାଲିଗଲେ ବୋଲି ଜିଜ୍ଞାସା କରୁଥାନ୍ତି। ମନ୍ଦିର ପୂଜକ ଉତ୍ତର ଦେଲେ - ହେ ରାଜନ୍, ସେ ଶୁଭ୍ରଜ୍ୟୋତି ଶ୍ରୀମନ୍ତ ବିଦ୍ୱାନଯୁବକ ଏଇମାତ୍ର କିୟତ୍‌କ୍ଷଣ ପୂର୍ବରୁ ଅନ୍ତର୍ହିତ ହୋଇସାରିଛନ୍ତି।

ମୁଁ ଚମକିତ ହେଲି। ତାଙ୍କ ସ୍ପର୍ଶରେ ମୋର ଏଭଳି ଆତ୍ମବିସ୍ମୃତି ଆସିଯାଇଥିଲା ଯେ ମୁଁ ମଧ୍ୟ ଜାଣିପାରିନଥିଲି, ଉପବିଷ୍ଟ ଦିବ୍ୟପୁରୁଷ କେତେବେଳେ ମୋ ଉପରୁ ଉଠି ଚାଲିଗଲେଣି! ମୁଁ ଚାହିଁଦେଖିଲି, ମନ୍ଦିର-ପୂଜକ ରାଜା ବ୍ରହ୍ମଦତ୍ତଙ୍କୁ ଆଣି ମୋ ସାମ୍ନାରେ ପହଞ୍ଚାଇଦେଲେ। କହିଲେ - ରାଜନ୍, ଏଇ ପଥରଖଣ୍ଡିକ ଉପରେ ସେ ଉପବେଶନ କରିଥିଲେ।

ରାଜା ବ୍ରହ୍ମଦତ୍ତ ଶ୍ରଦ୍ଧାରେ ମତେ ଆଉଁଶିଦେଇ ନିଜକୁ ନିଜେ ଶୁଣାଇଲା ପରି ଅସ୍ଫୁଟ ସ୍ୱରରେ କହିଲେ - ହେ ପଥର, ତୁ କେଡ଼େ ଭାଗ୍ୟବାନ୍! ଯିଏ ମୋ ଭାଗ୍ୟରେ ନ ଥିଲେ, ସେଇ ମହାନ୍ ବୋଧିସତ୍ୱଙ୍କୁ ତୁ ତୋ ପିଠିରେ ବସାଇ ପାରିଥିଲୁ!

ଏଥର ସତରେ ମୁଁ ଚମକି ପଡ଼ିଲି! ବୋ-ଧି-ସ-ତ୍ୱ! ମୋ ଉପରେ ଯେଉଁ ଦିବ୍ୟପୁରୁଷ କିୟତ୍‌କାଳ କ୍ଲାନ୍ତି ଅପନୋଦନ ନିମନ୍ତେ ଉପବିଷ୍ଟ ହୋଇଥିଲେ, ସେ ତା'ହେଲେ ଥିଲେ ବୋଧିସତ୍ୱ - ଯିଏ ପରବର୍ତ୍ତୀ ଯୁଗର ମହାବତାର, ପରମକାରୁଣିକ ବୁଦ୍ଧଦେବ?

ରାଜା ବ୍ରହ୍ମଦତ୍ତଙ୍କର ନିର୍ଦ୍ଦେଶ ଶୁଣିବାକୁ ପାଇଲି। ସେ ଆଜ୍ଞା ଦେଲା ପରି ତାଙ୍କ କର୍ମଚାରୀମାନଙ୍କୁ କହୁଥିଲେ - ଏ ପଥର ଅତି ପବିତ୍ର। ଯାଅ, ଏ ରାଜ୍ୟର ଶିଳ୍ପୀଗୁରୁଙ୍କୁ ଡକାଅ, ସେ ଏଇ ବିରାଟ ପଥରଖଣ୍ଡକୁ ଏହି ମହାମନ୍ଦିରର ଶେଷସୋପାନ ରୂପେ ସଂସ୍ଥାପିତ କରାନ୍ତୁ।

ମୁଁ ହେଲି ମନ୍ଦିରର ଶେଷ ପାହାଚ।

ଏଇ ଶେଷ ପାହାଚ ହେବାର ସମୟଖଣ୍ଡ ହେଉଛି ମୋ ଜୀବନରେ ପ୍ରଥମ ପ୍ରେମର ପ୍ରବେଶକାଳ। ସେଇ କଥା କ'ଣ ସହଜରେ କହିଦେଇହେବ, ତାହା ହୃଦୟର ନିଭୃତ ଅନୁଭବ। ଯେଉଁସ୍ଥାନରେ ମୁଁ ଶେଷପାହାଚ ରୂପରେ ପ୍ରାୟ ଶହେବର୍ଷ ନିଜ ଅସ୍ତିତ୍ୱ ଘୋଷଣା କରୁଥିଲି, ଠିକ୍ ତାହାର ନିକଟବର୍ତ୍ତୀ ସ୍ଥଳରେ ମନ୍ଦିରଗାତ୍ରରେ ସଂଲଗ୍ନ ଥିଲା ଏକ ମନୋମୁଗ୍ଧକର ନର୍ତ୍ତକୀ ପ୍ରତିମା। ଅନିନ୍ଦ୍ୟରୂପସୀ ସେ ମନୋରମା ନାରୀମୂର୍ତ୍ତି। ହଠାତ୍ ଦିନେ ପାହାନ୍ତି ପହରରେ ମୋ ଉପରେ ଦୁଇବୁନ୍ଦା କାକର ପଡ଼ିଲା। ପୁଣି କିଛି ସମୟ ପରେ - ଆଉ ଦୁଇବୁନ୍ଦା। ମୁଁ କାକରବୁନ୍ଦା ଭାବି ଏ ଘଟଣାକୁ ଏଡ଼ାଇଦେଲା ବେଳକୁ ମୋ ଆତ୍ମ ଯେପରି ମୋତେ କହିଲା - ଆରେ ମୂଢ଼, ଲୁହବୁନ୍ଦାକୁ କାକରବୁନ୍ଦା ଭାବି ନେଉଛୁ?

ମୁଁ ଆଶ୍ଚର୍ଯ୍ୟ! ଲୁହବୁନ୍ଦା?

ଚାରିଆଡ଼େ ଚାହିଁଲା ବେଳକୁ କୁଆକୋଇଲି କେହି ନାହିଁ। ତା'ହେଲେ କିଏ? କିଏ କାନ୍ଦିଲା ଯେ ଲୁହ ଝରିଲା ଦୁଇବୁନ୍ଦା!

- ପଥର ହୋଇ ବି ପଥରକୁ ଚିହ୍ନିପାରିଲନି?

କାହାର ଏ ସ୍ୱର ବତାସକୁ ବିଦୀର୍ଣ୍ଣ କରୁଛି?

ଯାହା ଲକ୍ଷ୍ୟ କଲି, ସ୍ତବ୍ଧ ହୋଇଗଲି। ଦେଖିଲି, ସେଇ ଦିବ୍ୟରୂପସୀ ନର୍ତ୍ତକୀ ଆଖିରେ ଅଶ୍ରୁସଂଚାର।

ସେଇ ରାତିରୁ ଆରମ୍ଭ ହେଲା ମୋର ପ୍ରଥମ ପ୍ରେମର ପ୍ରହର। ପ୍ରାୟ ଶହେବର୍ଷ ପ୍ରତି ରାତିରେ ଦୁହେଁ କଥାଭାଷା ହେଉ - ସେଇ ଅନିନ୍ଦ୍ୟସୁନ୍ଦରୀ ନାରୀମୂର୍ତ୍ତି ଓ ଶେଷସୋପାନ ଦାୟିତ୍ୱ ନିର୍ବାହକାରୀ ମୁଁ। ଦୁଇ ପଥରର ଏ ପ୍ରେମକାହାଣୀ ଯେତିକି ନିଭୃତ, ସେତିକି ନିର୍ଜନ। ଦୁହେଁ ଦୁଃଖ ବାଣ୍ଟୁ ଦୁହିଁଙ୍କର। ଦୁଃଖ କହିଦେଇ ସୁଖ ପାଉ। ପବିତ୍ର ଆମର ଭଲପାଇବା। ନିଷ୍କାମ ଆମର ପ୍ରେମ। ଦୁଇ ଆତ୍ମାର, ଦୁଇ ଅନ୍ତରର ଅନୁରାଗ ଇଏ।

କଟିଯାଇଥାନ୍ତା ଏମିତି କାଳକାଳ। ମାତ୍ର ବୋଧିସତ୍ୱ ସେତେବେଳକୁ ଆଉଏକ ନବଜନ୍ମ ନେଇଥିବେ - ରାଜା ବ୍ରହ୍ମଦତ୍ତ ଏ ଧରାରୁ ବିଦାୟ ନେବାର ଅଳ୍ପ କେଇମାସ ପରେ ଅଭାବିତ ଭାବରେ ଦେଖାଦେଇଥିଲା ପୂର୍ବରୁ ସୂଚାଇଥିବା ସେଇ ଭୀଷଣ ଭୂକମ୍ପ। ଭୂମିକମ୍ପ ପରେ ବଦଳିଯାଇଥିଲା ପୂର୍ବର ଭୂଚିତ୍ର। ସମୂଳେ ନିଶ୍ଚିହ୍ନ ହୋଇଯାଇଥିଲା ବାରାଣାସୀର ସେଇ ମହାମନ୍ଦିର। ମୋର ଅତି ଆଦରଣୀୟା ପ୍ରେମପ୍ରତିମା ନର୍ତ୍ତକୀ ନାରୀ ଅନ୍ତର୍ହିତ ହୋଇସାରିଥିଲା ମୋ ସମ୍ମୁଖରୁ। ମୁଁ ମଧ୍ୟ ଆଉ ପାହାଚ ରୂପରେ ରହିପାରିନଥିଲି, ଖଣ୍ଡିଆଖାବରା ହୋଇ କୁଆଡ଼େ ବୋଲି କୁଆଡ଼େ ଚାଲିଆସିଥିଲି - ନିଜେ ବି ଜାଣିନି। ସତରେ କାଳର କ୍ରମ କି କୁଟିଳ!

ଆମେସବୁ ପଥର ଜନ୍ମ ପାଇଚୁ ବୋଲି ସତରେ ଗର୍ବିତ। ତୁମ ପାଦତଳର ପାହାଚ ହେବାଠୁ ଆରମ୍ଭ କରି ତୁମ ଆଖି ଆଗର ଦିବ୍ୟପ୍ରତିମା ପ୍ରସ୍ତୁତ ପର୍ଯ୍ୟନ୍ତ ଆମେ କେବଳ ଲକ୍ଷକୋଟି କଳେବର ଧାରଣ କରିନାହୁଁ; ଆମେ ବି ରହିଆସିଛୁ ତୁମ ମଣିଷସଭ୍ୟତାର ପରାକ୍ରମୀ ପରିତ୍ରାତା ଭୂମିକାରେ କାହିଁ କେଉଁ କାଳୁ। ତୁମେ ତୁମ ମନଇଚ୍ଛା ଆମକୁ ଭାଙ୍ଗିଛ, ଗଢ଼ିଛ - ଖଣ୍ଡଖଣ୍ଡ କରି ଦଣ୍ଡ ନ ଦେଇଛ କେତେ! ଆମେ ସେ ଦଣ୍ଡକୁ ପିଠି ପତାଇ ମାନିନେଇଛୁ କାଳେକାଳେ, ଯୁଗେଯୁଗେ। ତୁମ ଶାବଳର ଚିହ୍ନ ଆମ ପାଇଁ ତୁମ ସୃଜନ-ଚିନ୍ମୟ ଚେତନାର ଚିତ୍ରାଙ୍କନ ... ତୁମ ନିହାଣର ନିଶାଣ ଆମ ପାଇଁ ତୁମ ରୂପରଚନାର ରେଖାଙ୍କନ ... ତୁମ ହାତୁଡ଼ିର ପ୍ରହାର ଆମ ପାଇଁ ତୁମ ଶିଳ୍ପସଂକଳ୍ପର ଉପହାର। ତୁମ ଚୋଟ ଆମକୁ ଚୁମ୍ବନ। ତୁମ ଆଘାତ ଆମକୁ ଆଲିଙ୍ଗନ। ଯେତେବେଳେ ତୁମ ସଭ୍ୟତାରେ ବିଜ୍ଞାନର ବାନା ଉଡ଼ିଲା, ସେତେବେଳେ ଆମ ପ୍ରତି ତୁମ ବ୍ୟବହାର ଆହୁରି ବଦଳିଗଲା। ଡିନାମାଇଟ୍ ବିସ୍ଫୋରଣ କରି ବିସ୍ଥାପିତ କରିଦିଆଗଲା ଆମକୁ - କେଉଁଠି ଥିଲୁ, କେଉଁଠି ଆସି ପଡ଼ିଲୁ, ଜାଣିପାରିଲୁନି କିଛି। ଖଣ୍ଡବିଖଣ୍ଡ ହେବା ପରେ ଆମର କ୍ଷତାକ୍ତ ପିଣ୍ଡ କ'ଣ ଦୁଃଖରେ ଦହି ହୋଇନାହିଁ, କ୍ଲେଶରେ କଳା ପଡ଼ିନାହିଁ, ଅବ୍ୟକ୍ତ ଜ୍ୱାଳାରେ ଜର୍ଜରିତ ହୋଇନାହିଁ? କିନ୍ତୁ ହସିହସି ସେ ଦୁଃଖ, କ୍ଲେଶ, ଜ୍ୱାଳାକୁ ଆମେ କରିନେଇଛୁ ଗଳାର ମାଳା। ପରମ ପୁଲକରେ ପୂରିଉଠିଛି ଆମର ଏ ପାଷାଣ-ପ୍ରାଣ। କାହିଁକି ଜାଣିଛ? କାରଣ ଆମର ଏ ବେଦନାରେ ତୁମ ବିବର୍ତ୍ତନ, ଆମର ଏ ବ୍ୟଥାରେ ତୁମ ବିକାଶସାଧନ, ଆମର ଏ ପ୍ରୟାସରେ ତୁମ ପ୍ରୟାସ ଓ ପ୍ରଗତିର ପ୍ରସ୍ଫୁଟନ। ତୁମ ସଭ୍ୟତା, ତୁମ ସଂସ୍କୃତି, ତୁମ ସମୃଦ୍ଧି - ସବୁଠି ଆମ ଆତ୍ମୋତ୍ସର୍ଗ ଏକ ଏକ ଅଲିଖିତ ଉପାଖ୍ୟାନ। (କ୍ରମଶଃ...)

# ଉତ୍କର୍ଷ ଓଡ଼ିଶା : ବିକଶିତ ଓଡ଼ିଶାର ନୂଆ ଆଶା




ସତ୍ୟ ମହାପାତ୍ର
ସେକ୍ଟର-୬, କଟକ,
ମୋ : ୯୬୫୮୧୦୫୫୩୨

ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ସଫଳତମ ଭାବେ ଓଡ଼ିଶାରେ ଆୟୋଜିତ ହୋଇଛି। ଏହି ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ବିକାଶର ଶୀର୍ଷରେ ପହଞ୍ଚିବ ଓ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଡ଼ିଶା ମୁଖ୍ୟ ଭୂମିକା ନେବ। ପୂର୍ବ ଭାରତର ବିକାଶ ଓଡ଼ିଶାରୁ ହିଁ ଆରମ୍ଭ ଏବଂ ଅପାର ସମ୍ଭାବନା ଥିବା ଏହି ରାଜ୍ୟରେ ନିବେଶ କଲେ ନିବେଶକଙ୍କୁ ଯେ ଫାଇଦା ମିଳିବ ତାହା ନୁହେଁ ବରଂ ସେମାନେ ଦେଶର ବିକାଶରେ ନିଜର ଯୋଗଦାନକୁ ଆହୁରି ମଜଭୁତ କରିପାରିବେ ବୋଲି ମୋଦିଜୀଙ୍କ ଆଶା। ଏହାସହ ଦେଶ ଓ ଦେଶ ବାହାରର ନିବେଶକଙ୍କୁ ମୋଦିଜୀ ଆହ୍ୱାନ ଦେବା ସହ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ମୋଦିଜୀ ଭଲ ଭାବେ ଜାଣିଛନ୍ତି ଆଜି ଓଡ଼ିଶା ସମଗ୍ର ଭାରତରେ ଏକ ବିକଶିତ ଓ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇବା ସହ ଓଡ଼ିଶାରେ ବିକାଶ ବିନା ପୂର୍ବୋଦୟ ବିକାଶ ସମ୍ଭବ ନୁହଁ ଯାହା ପାଇଁ ମୋଦିଜୀଙ୍କ ବଡ଼ ଫୋକସରେ ରହିଛି ଓଡ଼ିଶା। ଏଠାରେ ସୂଚନାଥାଉକି ମୋଦିଜୀ ଓଡ଼ିଶାକୁ ଇତିମଧ୍ୟରେ ତିରିଶ ଥରରୁ ଉର୍ଦ୍ଧ୍ୱ ଥର ଆସିଲେଣି।

ଓଡ଼ିଶାରେ ମୋହନ ମାଝୀଙ୍କ ସରକାର କ୍ଷମତାକୁ ଆସିବାରେ ସାତ ମାସ ପୁରା ହୋଇସାରିଲାଣି। ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁଯାୟୀ ବିକଶିତ ଓଡ଼ିଶା ପାଇଁ ମୋହନ ମାଝୀଙ୍କ ସରକାର ଗୋଟିଏ ଗୋଟିଏ ସଫଳ ଓ ବଡ଼ ପଦକ୍ଷେପ ନେଇ ଲୋକମାନଙ୍କ ହୃଦୟ ମଧ୍ୟ ଜିତିଲେଣି। ତେଣୁ ଓଡ଼ିଶାର ଭାଜପା ସରକାରଙ୍କ ପାଇଁ ପ୍ରଥମ ଶିଳ୍ପ ମହାକୁମ୍ଭ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଥିଲା। ପାଞ୍ଚଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ହାସଲର ନିଶ୍ଚିତତା ପାଇଁ ଓଡ଼ିଶାର ମୋହନ ସରକାର ଅଛନ୍ତି। ତେବେ ମୋଦିଜୀଙ୍କ ଦମଦାର ଅଭିଭାଷଣ ଯୋଗ ଦେଇଥିବା ଶିଳ୍ପପତିମାନଙ୍କ ଉତ୍ସାହ ବଢ଼ାଇବା ସହ ଓଡ଼ିଶା ଉପରେ ସେମାନଙ୍କ ଭରସା ମଧ୍ୟ ବଢ଼ିଛି। କାରଣ ମୋଦିଙ୍କ ଗ୍ୟାରେଣ୍ଟି ହିଁ ସେମାନଙ୍କର ବଡ଼ ସମ୍ବଳ ଓ ଭରସା। ଓଡ଼ିଶାର ପ୍ରଗତିର ଭିଜନକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ମୋଦିଜୀ ଅନୁଧ୍ୟାନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ସହ ସ୍ୱାବଲମ୍ବୀ ଯୁବକମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ଓଡ଼ିଶାର ବିକାଶ ପାଇଁ ଢ଼େର ସ୍ୱପ୍ନ ଓ ସମ୍ଭାବନା ଦେଖିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ମୋହନ ମାଝୀଙ୍କ ନେତୃତ୍ୱରେ ଶିଳ୍ପ ବିକାଶ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଜୀ ଏହାର ମଙ୍ଗୁଆଳ ସାଜିଛନ୍ତି। ତେବେ ଏଥିରେ କେହି ବି ଦ୍ୱିମତ ହେବେନାହିଁ ଯେ ମୋଦିଜୀ ଖାଲି ଗ୍ୟାରେଣ୍ଟି ଦିଅନ୍ତି ନାହିଁ ବରଂ ଏହାକୁ ସଫଳ ଭାବେ ପୂରଣ କରିଥାନ୍ତି। ଓଡ଼ିଶାର ମୋହନ ମାଝୀଙ୍କ ସରକାର ଲୋକଦେଖାଣିଆ ନୁହଁ ବରଂ ଲୋକଙ୍କ ଓ ରାଜ୍ୟର ବିକାଶ ପାଇଁ ନେଇଥିବା ପଦକ୍ଷେପକୁ ଲୋକଙ୍କ ସାମ୍ନାରେ ଗୋଟି ଗୋଟି କରି ଥୋଉଛନ୍ତି। ଏହାକୁ ଦେଖିଲେ ଉତ୍କର୍ଷ ଓଡ଼ିଶା ପାଇଁ ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିପାରିବ ଏଥିରେ ସନ୍ଦେହ ନାହିଁ। ଯେହେତୁ ମୋଦିଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି ଏକ ସଫଳ ଓ ଭବ୍ୟ ଶିଳ୍ପମେଳାର ଆୟୋଜନ ହୋଇଛି ସେହି କାରଣରୁ ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟିବାର ବିଶ୍ୱାସ ମଜଭୁତ ହେଉଛି। ଓଡ଼ିଶାର ନୂଆ ସରକାର ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନୀତିକୁ ଆହୁରି ସରଳ ଓ ସହଜ କରିସାରିଛନ୍ତି। ଓଡ଼ିଶାର କାର୍ଯ୍ୟଦକ୍ଷ ସରକାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏହି ବିକାଶ ଓ ଦୂରଦୃଷ୍ଟି ସମ୍ପନ୍ନ ଭିଜନ ଖାଲି ରାଜ୍ୟର ନୁହଁ ଦେଶର ଭବିଷ୍ୟତକୁ ମଜଭୁତ କରିବାର ଏକ ବଡ଼ ଉଦ୍ୟମ। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଦେଶକୁ ବିକଶିତ ଓ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବ ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି।

# ଶଙ୍କା ଓ ଆଶଙ୍କାରେ ଜନଗଣନା!



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶରେ ବିଳମ୍ବିତ ଜାତୀୟ ଜନଗଣନାର ଅନିଶ୍ଚିତତା ଉପରେ ଶଙ୍କା ଓ ଆଶଙ୍କା ଏବେ ବି ଲାଗିରହିଛି। ୨୦୨୧ର ଜନଗଣନା ୨୦୨୬ରେ ଅନୁଷ୍ଠିତ ହେବା ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ଏ ନେଇ ନେଇ କୌଣସି ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ। ଏପରିକି କୋରୋନା ମହାମାରୀ(କୋଭିଡ-୧୯) ବହୁ ପଛରେ ରହିଗଲାଣି, ସବୁ ସମ୍ପୂର୍ଣ୍ଣ ହୋଇଗଲାଣି ଏବଂ ୨୦୨୪ ସାଧାରଣ ନିର୍ବାଚନ ଶେଷ ହେବାର ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରମ କରିସାରିଲାଣି। କିନ୍ତୁ ଜନଗଣନା ଆରମ୍ଭ ନେଇ କୌଣସି ପ୍ରାକ୍ ସୂଚନା ଏପର୍ଯ୍ୟନ୍ତ ମିଳିଲା ନାହିଁ। କହିବା ବାହୁଲ୍ୟ ଯେ, ଗୋଟିଏ ଦେଶର ବିସ୍ତୃତ ଜନଗଣନା ରିପୋର୍ଟ ନୀତି ନିର୍ଦ୍ଧାରକମାନଙ୍କୁ ବିଭିନ୍ନ ଜନହିତକର ଯୋଜନା, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ। ଜନଗଣନା ହେଉଛି ସମାଜ ଏବଂ ଅର୍ଥନୀତିର ଏକ ବିସ୍ତୃତ ପରିସଂଖ୍ୟାନ ସର୍ଭେ। ସେହିପରି ଏହା ମଧ୍ୟ ଏକ ବିଶ୍ୱାସଯୋଗ୍ୟ ତଥ୍ୟର ଏକ ବ୍ୟାପକ ଭଲ୍ୟୁମ ସୃଷ୍ଟି କରିଥାଏ। ଏହା ମଧ୍ୟ ନିଃସନ୍ଦେହ ଯେ, ଏହି ସମସ୍ତ ତଥ୍ୟ ବହୁସଂଖ୍ୟାନ କାରଣ କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଜନହିତକର ଯୋଜନା ପ୍ରଣୟନ, ସମସ୍ୟାଗୁଡିକର ଚିହ୍ନଟ କ୍ଷେତ୍ରରେ ସହାୟତା, ବିଭିନ୍ନ ଯୋଜନାର କାର୍ଯ୍ୟକାରିତାର ନକ୍ସା ପ୍ରସ୍ତୁତିରେ ମଧ୍ୟ ସହାୟକ ହୋଇଥାଏ। ଏହି ତଥ୍ୟ ସଂଗ୍ରହରେ ବିଳମ୍ବର ଅର୍ଥ ହେଉଛି ପୁରୁଣା ନକ୍ସା ଉପରେ ସରକାରୀ କାର୍ଯ୍ୟକ୍ରମ ଏବଂ ତଥ୍ୟ ଅସଂଗତ। ପୁରୁଣା କାର୍ଯ୍ୟକ୍ରମ ସାଂପ୍ରତିକ ସମସ୍ୟାବଳୀକୁ ସମାଧାନ କରି ପାରିନଥାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବିଭିନ୍ନ ଜନହିତକର ଯୋଜନା, ନୀତି ପ୍ରଣୟନ ପାଇଁ ବ୍ରିଟିଶ ଶାସନ ଅମଳରୁ ୧୮୮୧ ମସିହାରୁ ପ୍ରତି ୧୦ବର୍ଷ ବ୍ୟବଧାନରେ ଜନଗଣନା ହୋଇଥିଲା। ମହାମାରୀ କୋରୋନା ସଂକ୍ରମଣ ଯୋଗୁଁ ୨୦୨୧ରେ ଜନଗଣନା ହୋଇପାରିନଥିଲା। ଇତି ମଧ୍ୟରେ ୪ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଦେଶରେ ଜନଗଣନା ହୋଇନାହିଁ କି ପ୍ରସ୍ତୁତ ମଧ୍ୟ ଆରମ୍ଭ ହୋଇନାହିଁ। କେବଳ ଭାରତ ନୁହେଁ, ମହାମାରୀ କୋରୋନା ଯୋଗୁଁ ୨୦୨୪ ମସିହା ଜୁନ ସୁଦ୍ଧା ବିଶ୍ୱର ୨୩୩ ରାଷ୍ଟ୍ର ମଧ୍ୟରୁ ୪୪ଟି ରାଷ୍ଟ୍ର ଜନଗଣନା କରିପାରିନାହାଁନ୍ତି। ଏହି ୪୪ଟି ରାଷ୍ଟ୍ରମଧ୍ୟରେ ଭାରତ ହେଉଛି ଅନ୍ୟତମ। ଅନ୍ୟପକ୍ଷରେ ୨୦୨୦ ମାର୍ଚ୍ଚ ପରେ ବିଶ୍ୱର ୧୪୩ଟି ରାଷ୍ଟ୍ରରେ ଜନଗଣନା ସମ୍ପନ୍ନ ହୋଇଛି। ତେବେ କୋରୋନା ମହାମାରୀ ପ୍ରଶମିତ ହେବା ପରେ ଏହି ରାଷ୍ଟ୍ରଗୁଡିକ ଜନଗଣନା ସମ୍ପୂର୍ଣ୍ଣ କରିବାରେ ସଫଳ ହୋଇଛନ୍ତି। ସେହିପରି ଯୁଦ୍ଧ, ଅର୍ଥନୈତିକି ସଂକଟ ଏବଂ ଆଭ୍ୟନ୍ତରୀଣ ଦଙ୍ଗା ଯୋଗୁଁ ୟେମେନ, ସିରିଆ, ଆଫଗାନସ୍ଥାନ, ମ୍ୟାଁମାର, ୟୁକ୍ରେନ, ଶ୍ରୀଲଙ୍କା ଏବଂ ସହାରା ଆଫ୍ରିକାରେ ଜନଗଣନା ସ୍ଥଗିତ ରହିଛି। ଏହା ସତ୍ୟ ଯେ, ଦେଶରେ ଜାତିଭିତିକ ଜନଗଣନା ପାଇଁ ଦାବି ଯୋର ଧରିଥିବାବେଳେ ଜନଗଣନା ବିଳମ୍ବିତ ହେବାର କାରଣ ବୁଝାପଡୁନାହିଁ। ଗତ ସାଧାରଣ ନିର୍ବାଚନରେ ଜାତିଭିତିକ ଜନଗଣନା ପାଇଁ ରାଜନୈତିକ ଦଳଗୁଡିକ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ। ଦେଶର ସର୍ବ ପୁରାତନ ରାଜନୈତିକ ଦଳ କଂଗ୍ରେସ ସମେତ ବହୁ ବିରୋଧ ଦଳ ଦାବି କରିଥିବା ବେଳେ କ୍ଷମତାସୀନ ବିଜେପି ଏନେଇ ନୀରବତା ଅବଲମ୍ବନ କରିଥିବା କୁହାଯାଇପାରେ। ବିହାରରେ ନୀତିଶ ସରକାର ରାଜ୍ୟରେ ଜାତିଭିତିକ ଜନଗଣନା ସମ୍ପନ୍ନ କରିଥିବାବେଳେ କେତେକ ବିରୋଧୀ ଦଳ ସରକାର ମଧ୍ୟ ଏହା କରିବାକୁ ଏବେ ବିଚାର ବିମର୍ଷ କରୁଥିବା ଜଣାଯାଏ। ଉଲ୍ଲେଖ କରାଯାଇପାରେ ଯେ, ଭାରତ ବିଶ୍ୱରେ ଏକ ବୃହତ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଥିବାବେଳେ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ହ୍ରାସର ମୁଖ୍ୟ କାରଣ ମଧ୍ୟବିତ ଶ୍ରେଣୀର ସଂକୋଚନ ବୋଲି କୁହାଯାଇପାରେ। ଜନଗଣନାରୁ ହିଁ ଲୋକଙ୍କ ଆୟ, ପରିବାରର ସ୍ୱଚ୍ଛଳତା, ନିଯୁକ୍ତି, ବିଭିନ୍ନ ଜନହିତକର ଯୋଜନାର ସଫଳତା ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଥାଏ। ଦେଶରୁ ଦାରିଦ୍ର୍ୟ, କ୍ଷୁଧା ଦୂରୀକରଣ କ୍ଷେତ୍ରରେ ଜନଗଣନା ତଥ୍ୟ ‘ଆଇନା’ ଭଳି କାର୍ଯ୍ୟ କରିଥାଏ। ତେଣୁ ଜନଗଣନାରେ ଆଉ ବେଶୀ ବିଳମ୍ବ ହେବା ଅନୁଚିତ।



ଗୋପ(ଭାସ୍କର ନ୍ୟୁଜ): ଶୁକ୍ରବାର ଗୋପ ବ୍ଲକର ଦୁଇ ପ୍ରାଥମିକ ଶିକ୍ଷକ ଓ ଜଣେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ଦିନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୂର୍ଣ୍ଣ ପେନସନ୍ ଅର୍ଡର ପ୍ରଦାନ କରାଯାଇଛି। ଅପରାହ୍ନରେ କୁସୁପୁରସ୍ଥିତ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ଟିକନା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର, ବମ୍ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶ୍ୱିନୀ କୁମାର ସେଠୀ ଓ କଣ୍ଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରେବତୀ ଦେଈଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ପୂର୍ଣ୍ଣ ପେନସନ୍ ଅର୍ଡର୍ ପ୍ରଦାନ କରିଛନ୍ତି। ଏହା ସହିତ ଜିପିଏଫ୍, ଚାକିରି କାଳ ସମୟରେ ୩୦୦ ଦିନର ବ୍ୟବହାର କରିନଥିବା ଅର୍ଥ ସହ ଗ୍ରାଚ୍ୟୁରିଟି ଅର୍ଥ ପାଇବା ପାଇଁ ସାଙ୍କସନ୍ ଅର୍ଡର ମଧ୍ୟ ପ୍ରଦାନ କରିଛନ୍ତି । ବିଆରସିସି ବେଣୁଧର ମଲ୍ଲିକ, ଏବିଇଓ ବିନୋଦିନୀ ମହାପାତ୍ର, ଏବିଇଓ ଅଶୋକ କୁମାର ବେହେରାଙ୍କ ସମେତ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅବସର ଦିବସରେ ପୂର୍ଣ୍ଣ ପେନସନ୍ ଅର୍ଡର୍ ପ୍ରଦାନ କ୍ଷେତ୍ରରେ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ପଦକ୍ଷେପକୁ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ଓ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ପ୍ରଶଂସା କରାଯାଇଛି । ଅବସରପ୍ରାପ୍ତ ଶିକ୍ଷକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା ଦିଗରେ ଆମ କାର୍ଯ୍ୟାଳୟ ସଚେତନ ରହିଆସିଛି ବୋଲି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମା ପ୍ରକାଶ କରିଛନ୍ତି।

## ଭାରତୀୟ ତଟରକ୍ଷୀ ବାହିନୀର ୪୯ତମ ପ୍ରତିଷ୍ଠା ଦିବସ ପାଳିତ




ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ତଟ ରକ୍ଷକ (ଆଇସିଜି) ୧ ଫେବୃଆରୀରେ ତାର ୪୯ତମ ପ୍ରତିଷ୍ଠା ଦିବସ ପାଳନ କରୁଛି, ଯାହା ପ୍ରାୟ ପାଞ୍ଚ ଦଶକର ଦେଶ ପ୍ରତି ସମର୍ପିତ ସେବାକୁ ଚିହ୍ନଟ କରିଥାଏ। ୧୯୭୭ରେ କେବଳ ସାତଟି ଜଳ ଜାହାଜ ସହ ଆରମ୍ଭ ହୋଇଥିବା ଭାରତୀୟ ତଟରକ୍ଷକ ବଳ ବର୍ତ୍ତମାନ ୧୫୧ଟି ଜଳ ଜାହାଜ ଏବଂ ୭୬ ବିମାନ ସମେତ ଭାରତର ଏକ ଅଗ୍ରଣୀ ଶକ୍ତିରୂପେ ପରିଣତ ହୋଇଛି। ୨୦୩୦ ସୁଦ୍ଧା, ଭାରତୀୟ ତଟ ରକ୍ଷକ ୨୦୦ଟି ଜଳ ଜାହାଜ ଏବଂ ୧୦୦ଟି ବିମାନର ଅଧିଗ୍ରହଣ ଲକ୍ଷ୍ୟ ଅଂଶ ସାଧନ କରିବ, ଯାହା ବିଶ୍ୱର ଏକ ଶକ୍ତିଶାଳୀ ତଟରକ୍ଷକ ବଳ ଭାବରେ ତା'ର ସ୍ଥାନକୁ ମଜବୁତ କରିବ। ଭାରତୀୟ ତଟ ରକ୍ଷକର ଆଦର୍ଶ ବାକ୍ୟ ବୟମ ରକ୍ଷାମଃ (ଆମେ ସୁରକ୍ଷା କରୁଛୁ) ସହି ଭାରତୀୟ ତଟ ରକ୍ଷକ ଦିନ ବା ରାତିରେ ଭାରତର ସମୁଦ୍ର ଅଞ୍ଚଳର ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରୁଛି । ସଂସ୍ଥାପନରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଭାରତୀୟ ତଟରକ୍ଷକ ୧୧୭୩୦ ଜୀବନକୁ ରକ୍ଷା କରିଛି, ଯାହା ମଧ୍ୟରୁ କେବଳ ଗତବର୍ଷ ୧୬୯ରୁ ଅଧିକ ଜୀବନ ରକ୍ଷା କରାଯାଇଛି । ଭାରତୀୟ ତଟରକ୍ଷକ ବଳ ଗଢ଼ି ଆସିଥିବା ସେବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ ଯାହା ସାଧାରଣତଃ ଏକ ଜୀବନକୁ ପ୍ରତ୍ୟେକ ଦିନ ରକ୍ଷା କରୁଛି। ଭାରତର ୪.୬ ମିଲିୟନ କ୍ଷେତ୍ରଫଳର ସମୁଦ୍ର ତଳ ଅଞ୍ଚଳରେ ସୁରକ୍ଷାକୁ ନିଶ୍ଚିତ କରିବାରେ ଭାରତୀୟ ତଟ ରକ୍ଷକର ଏହି ଅଭିନବ ଭୂମିକା ସଫଳ ହୋଇଛି। ପ୍ରତିଦିନ ଭାରତୀୟ ତଟ ରକ୍ଷକର ୫୫ରୁ ୬୦ଟି ଜଳ ଜାହାଜ ଏବଂ ୧୦ରୁ ୧୨ଟି ବିମାନ ପଇଁତରା କରି ଆମ ସମୁଦ୍ର ତଟର ସୁରକ୍ଷା ନିର୍ବାହ କରୁଛି। ଏହି ନିରନ୍ତର ତଦାରଖ ଭାରତର ବିଶାଳ ସାମୁଦ୍ରିକ ଅଞ୍ଚଳରେ ସୁରକ୍ଷା ଧାରାକୁ ନିଶ୍ଚିତ କରିଥାଏ। ଖୋଜ୍ ଏବଂ ଉଦ୍ଧାର କାର୍ଯ୍ୟକ୍ରମ ସହ ଭାରତୀୟ ତଟ ରକ୍ଷକ ସମୁଦ୍ରରେ ଅବୈଧ କାର୍ଯ୍ୟକଳାପର ରୋକ୍ ଓ ପ୍ରତିରୋଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଭାରତୀୟ ତଟ ରକ୍ଷକ ଗତବର୍ଷ ଆଣ୍ଡାମାନ ସାଗରରୁ ୬୦୧୬ କିଲୋଗ୍ରାମ ନର୍କୋଟିକ୍ସ ଡ୍ରଗ ଜବତ କରିଥିଲା ଯାହା ଆଜି ପର୍ଯ୍ୟନ୍ତ ସବୁଠାରୁ ବୃହତ୍ ଡ୍ରଗ ଜବତ ଭାବେ ଏକ ରେକର୍ଡ ପଞ୍ଜୀକୃତ ହୋଇଛି। ସମାଜ ଏବଂ ପରିବେଶ ସୁରକ୍ଷାରେ ମଧ୍ୟ ଭାରତୀୟ ତଟ ରକ୍ଷକ ସମ୍ପୂର୍ଣ୍ଣ ଦୃଢ଼ତା ପ୍ରତିପୋଷଣ କରୁଛି। ଭାରତୀୟ ତଟ ରକ୍ଷକର ୪୯ତମ ପ୍ରତିଷ୍ଠା ଦିବସର ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଭାରତୀୟ ତଟ ରକ୍ଷକ ବଳ ଙ୍କୁ ସୁଭେଚ୍ଛା ଜଣାଇ ତାର ଅସାଧାରଣ ଅବଦାନର ପ୍ରଶଂସା କରିଛନ୍ତି।

## ରାସ୍ତାକାମ ନିମ୍ନମାନର ଅଭିଯୋଗ



ରଗଡି(ଭାସ୍କର ନ୍ୟୁଜ): କୋରେଇ ବ୍ଲକ ରଗଡି -ପାଣିକୋଇଲି ରାସ୍ତାର ପଛିକୋଟ ଆରଆଇ ଅଫିସ ନିକଟରୁ ଖମିଗାଁ ରାସ୍ତାକୁ ଅତିକ୍ରମ କରି ଲକ୍ଷ୍ମୀନଗର ଗ୍ରାମ ନିକଟରେ ଥିବା ୨୦ନଂ ଜାତୀୟ ରାଜପଥକୁ ସଂଯୋଗ ହେବାକୁ ଥିବା ରାସ୍ତା ନିର୍ମାଣ ଚାଲିଛି । ଅଧାରୁ ଅଧିକ ଭାଗ ରାସ୍ତାର ପିଚୁକାମ ଶେଷ ହୋଇଛି । ଆରମ୍ଭରୁ ପଛିକୋଟ ମେଡିକାଲ ପର୍ଯ୍ୟନ୍ତ ହୋଇଥିବା ପିଚୁ ନିମ୍ନମାନର ଥିବା ଦେଖିବାକୁ ମିଳିଛି । ପିଚୁ ଭାଗ କମ ଦିଆଯାଇ ଥିବାରୁ ରାସ୍ତାରେ ବ୍ୟବହୃତ ବଜୁରି ଉପରକୁ ଦେଖାଯାଉଛି । ଏଥିସହିତ ରାସ୍ତାର ଗୋଟିଏ ପଟ ଉଚ୍ଚା ରହିଥିବା ବେଳେ ଗୋଟିଏ ପଟ ନୀଚ୍ଚା ରହିଛି । ପିଚୁସହିତ ଆନୁସଙ୍ଗିକ କାର୍ଯ୍ୟ ମଧ୍ୟ ଠିକ ହୋଇନାହିଁ । ଏହାବ୍ୟତୀତ କେତେକ ସ୍ଥାନରେ ରାସ୍ତା ଉଚ୍ଚଖାଲ ଥିବା ଦେଖିବାକୁ ମିଳିଛି । ଏହି ସବୁ କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କାମ ସମ୍ପର୍କରେ ସାଧାରଣରେ ଅବଗତ ହେବା ପାଇଁ ସୂଚନା ଫଳକ ଲାଗିବାର ନିୟମ ଥିବାବେଳେ ଏହା ଲାଗି ନଥିବାରୁ ରାସ୍ତା ନିର୍ମାଣ ସମ୍ପର୍କରେ କୌଣସି ତଥ୍ୟ ଜଣାପଡୁନି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବେହେରାଙ୍କୁ ପଚାରିବାରୁ ଠିକାଦାରଙ୍କୁ ମୁଁ ଡାକିବି ଯଦି କେଉଁଠି କାମ ଖରାପ ଥିବା ଦେଖିବାକୁ ମିଳେ ସେଠାରେ ପୁନର୍ବାର କାମ କରାଯିବ ବୋଲି କହିଥିଲେ । ତେବେ ପରଦିନ ଆଉ ଫୋନ ଉଠାଇ ନଥିଲେ । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଅଜଣା ଗାଡି ଧକ୍କାରେ ଯୁବତୀ ମୃତ

ରଗଡି(ଭାସ୍କର ନ୍ୟୁଜ): କୋରାଇ ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ରଗଡି ଓଭରବ୍ରିଜ ଗଡ଼ାଣି ଲକ୍ଷ୍ମୀ ଟାଇଲ ଦୋକାନ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବତୀ ଗୁରୁତର ହୋଇଥିଲେ । ସଡ଼କ ସାଥି କଳାକାର ବାରିକଙ୍କ ସହଯୋଗରେ ଏନଏଚଏଆଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ଯାଜପୁର ରୋଡ କ୍ଷେତ୍ରୀୟ ହସ୍ପିଟାଲ ଓ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କଟକ ନେବା ବାଟରେ ବଡ଼ଚଣା ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି । ତାଙ୍କ ମୁଣ୍ଡଓ ଶରୀରର ଅନ୍ୟାନ୍ୟ ସ୍ଥାନରେଗଭୀର କ୍ଷତସୃଷ୍ଟି ହୋଇଥିଲା । ମୃତା ଯୁବତୀ ପାଟରଙ୍ଗା ପଞ୍ଚାୟତ ଭାଲୁକାହୁଡ଼ି ଆଦିବାସୀ ସାହିର ଡୁକୁଡୁ ସାମାଡ଼ଙ୍କ ଝିଅ ସୁମତୀ ସାମାଡ଼ (୨୨)ବୋଲି ଜଣାପଡିଛି । ରାସ୍ତା ପାର ହେଉଥିବା ବେଳେ ଯାଜପୁର ରୋଡ ଆଡୁ କେନ୍ଦୁଝର ଅଭିମୁଖେ ଯାଉଥିବାକୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ଅନୁମାନ କରାଯାଇଛି ।

## ଓଏସ୍‌ସିଆଇଟି ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ରାଜ୍ୟରେ ୨ୟ

ଛତ୍ରପୁର(ଭାସ୍କର ନ୍ୟୁଜ): ରାଜ୍ୟରେ ଆନ୍ତର୍ଜାତିକ ସ୍ତରର କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରି ଉଚ୍ଚକୋଟୀର ମାନବ ସମ୍ବଳ ବିକାଶ କରୁଥିବା ଓକେସିଏଲର ପାଠ୍ୟକ୍ରମ ପ୍ରଦାନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବୁଧବାର ଭୁବନେଶ୍ୱରର ରେଳ ଅଡିଟୋରିୟମରେ ରାଜ୍ୟସ୍ତରୀୟ



କାର୍ଯ୍ୟକ୍ରମରେ ଓକେସିଏଲ୍‌ର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ ରେଖା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୃଥଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ରାଉତ, ହରିଆଣା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅଭିଜିତ କୁଲକର୍ଣୀ, ମହାରାଷ୍ଟ୍ର ନଲେଜ କର୍ପୋରେସନ୍‌ର ବରିଷ୍ଠ କର୍ମକର୍ତ୍ତା ସୌମ୍ୟ ପାଣି ଓ ଓକେସିଏଲର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ବିରାରୀ ଅତିଥି ଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତା (ଏଆଇ) ସମୃଦ୍ଧ ଓ ସଂଲଗ୍ନିତ ଓକେସିଏଲର ନୂତନ ପୀଢୀର କମ୍ପ୍ୟୁଟର ପାଠ୍ୟକ୍ରମ ଓଡିଶାର ଆଗାମୀ ପିଢିକୁ ପ୍ରତିଯୋଗିତାମୂଳକ ଦୁନିଆରେ ପ୍ରକୃତ ରୂପରେ ନିଜ ସ୍ଥାନ ଅଧିକାର କରିବା ପାଇଁ ସହାୟକ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବରିଷ୍ଠ ଅର୍ଥନୀତିଜ୍ଞ ଅରୁଣ କୁମାର ସାବତ ଓ ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ଅଶୋକ ଦାସ ଓଡ଼ିଶାର କୋଣ ଅନୁକୋଣରୁ ଆସି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏକ ହଜାରରୁ ଉର୍ଦ୍ଧ୍ୱ ଓକେସିଏଲର ନେଟୱର୍କ ପାର୍ଟନେର ଚଳିତବର୍ଷ ନୂତନ ଉତ୍ସାହର ସହ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ଗଢି ତୋଳିବାକୁ ପ୍ରଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ପୁରସ୍କାର ଗ୍ରହଣ କରିବା ପରେ ରେଖା ମହାନ୍ତି ସଫଳତାର ଶ୍ରେୟ ଗଞ୍ଜାମ ଜିଲ୍ଲାର ସମସ୍ତ ନେଟୱର୍କ ପାର୍ଟନେରମାନଙ୍କୁ ଦେବା ସହ ଆଗାମୀ ଦିନରେ ଏହି ସଫଳତାକୁ ଦୋହରାଇବାକୁ ଆହ୍ୱାନ ଦେଇଥିଲେ।

## ପୂର୍ବତନ ଅଧ୍ୟକ୍ଷଙ୍କ ଅବସରକାଳୀନ ସଭାରେ ଯୋଗଦେଲେ ବିଧାୟକ




ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଆରୁପାନନ୍ଦ ମହାବିଦ୍ୟାଳୟ ଜୁନିୟର କଲେଜର ପୂର୍ବତନ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ଅବସରକାଳୀନ ସଭା ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ନୂତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ପୌରହିତ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷକଙ୍କ ନିଷ୍ଠା ଓ କାର୍ଯ୍ୟ କଲେଜ ପାଇଁ ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏଥିରେ ଅବସରପ୍ରାପ୍ତ ପ୍ରାଧାପିକା ଡ଼ ବିଷ୍ଣୁପ୍ରିୟା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କଲେଜ ଗଠନରେ ଅଧାପକ ମହାନ୍ତିଙ୍କ ତ୍ୟାଗ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ସେ ଏ କଲେଜର ବାଇମୁଣ୍ଡି ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ଓଷ୍ଟା ସମ୍ପାଦକ ବିନୋଦ ବିହାରୀ ମୁଦୁଲି ଅଧାପକ ମହାନ୍ତିଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ପ୍ରଶଂସା କରିଥିଲେ । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ଗୁଆଳିପୁର ସରପଞ୍ଚ ମନଜିନି ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡା, ଶିକ୍ଷାବିତ ପ୍ରଶାନ୍ତ କୁମାର ଦାସ, ଅନ୍ତର୍ଯ୍ୟାମୀ ରାଉତ, ପୁରାତନ ଛାତ୍ର ତଥା ଭଣ୍ଡାରିପୋଖରୀ ବିଡିଓ ଦେବବ୍ରତ ଦାସ ଓ ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅଧାପକ ମହାନ୍ତିଙ୍କ କାର୍ଯ୍ୟ ଓ ନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ସାଥୀ ଅଧାପିକା ଅଧାପକ ଓ ଅତିଥିଙ୍କ ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଛାତ୍ରୀଛାତ୍ର, ଅଞ୍ଚଳବାସୀ ଓ ଅଧାପକମାନେ ଏକ ଶୋଭାଯାତ୍ରାରେ ତାଙ୍କୁ କଲେଜ ପରିସରରୁ ବିଦାୟ ଦେଇଥିଲେ। ଏହି ପରିପେକ୍ଷୀରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଭୋଇଙ୍କ କରକମଳରେ ମହାବିଦ୍ୟାଳୟର ନିର୍ମାଣହୋଇଥିବା ନୂତନ ଗେଟକୁ ଉଦ୍ଘାଟନ କରିଥିଲେ। ଏଥିରେ ୧୯୯୧ ମସିହାର ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀ ପବିତ୍ର କୁମାର ସ୍ୱାଇଁ, କିଶୋର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଜୟନ୍ତୀ ମହାନ୍ତି, କବିତ ମହାନ୍ତି ବସନ୍ତ କୁମାର ଜେନାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

## ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ ନିଶାଡିଙ୍କ ଆଡ୍ଡାସ୍ଥଳୀ



ଗୋପ(ଭାସ୍କର ନ୍ୟୁଜ): ମଦର ବାର ପାଲଟିଛି ଗୋପ ଜଳସଂପଦ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଅଧିନ ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । ଏହା ଦିନରାତି ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟି ଥିବା ବେଳେ କାର୍ଯ୍ୟାଳୟ ପରିସରରେ ଏଣେ ତେଣେ କୁଢକୁଢ ମଦ ବୋତଲ ଗଡୁଥିବା ଏବଂ ବସ୍ତାବସ୍ତା ମଦ ବୋତଲ ଗଦା ହୋଇଥିବା ନେଇ ଅଧିକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳାଇଙ୍କ ସମେତ ବିଭିନ୍ନ ଦପ୍ତରରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେବା ସହ ଆନ୍ଦୋଳନ ଦାନା ବାନ୍ଧୁଛି । ଯାହାକୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି ଉକ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ । ଏହାକୁ ନେଇ ବୁଦ୍ଧିଜବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହା ଉପରେ ତଦନ୍ତ କରାଯାଇ ବିଭାଗୀୟ ଉଚ୍ଚପଦସ୍ତ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି । ସୁଚନାଥାଉକି ଦୁର୍ନିତି ଓ ଅରାଜଗତାର ଗନ୍ତା ଘର ପାଲଟିଛି ଗଣେଶ୍ୱରପୁର ଜଳସଂପଦ ବିଭାଗ କାର୍ଯ୍ୟାଳୟ । କେତେବେଳେ ମୋଟା ଅଙ୍କର ଅର୍ଥ ପକାଇ ଠିକାଦାରଙ୍କୁ ନିମ୍ନମାନର କାର୍ଯ୍ୟ କରିବାପାଇଁ ପ୍ରୋତ୍ସାହନ ଦେବାରେ ତ କେତେବେଳେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଆଗୋଚରରେ କାର୍ଯ୍ୟାଳୟ ପରିସରରେ ଛତୁ ଚାଷୀଙ୍କୁ ବାର୍ଷିକ ୩୦ ହଜାର ଟଙ୍କାରେ ଲିଜ୍ ଦେଇ ପକେଟ୍ ଗରମ କରିବା ଭଳି ଅଭାବନୀୟ ଘଟଣାକୁ ନେଇ ଚର୍ଚ୍ଚାକୁ ଆସିଥିବା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ଏବେ ମଦକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ମଦ ବାର ପାଲଟିଥିବା ଏବଂ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଏହି କାର୍ଯ୍ୟାଳୟ ପରିସରରେ ଏଣେ ତେଣେ ପୁଳାପୁଳା ମଦ ବୋତଲ ପଡିଥିବାବେଳେ ବସ୍ତାବସ୍ତା ମଦ ବୋତଲ ଗଦା ହୋଇଥିବା ନେଇ ନିମାପଡା ଅଧିକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳାଇଙ୍କ ନିକଟରେ ଏହାର ଫଟୋ ଓ ଭିଡିଓ ସହ ଅଭିଯୋଗ ହୋଇଥିଲା । ଏପରିକି ଏହି ଘଟଣାର ଫଟୋ ଚିତ୍ର ସହ କେତକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ କେତକ ବ୍ୟକ୍ତି ଟୁଇଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟଯନ୍ତ୍ରୀ, ଜିଲ୍ଲାପାଳ ପୁରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ମାତ୍ର ସଂପୃକ୍ତ ଅଧିକାରୀଙ୍କୁ ଅଧିକ୍ଷଣଯନ୍ତ୍ରୀ ଘଣ୍ଟ ଘୋଡାଉଥିବା ଅଭିଯୋଗ ହେଉଛି । ଯାହାଫଳରେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ସମସ୍ତ ପ୍ରମାଣପତ୍ର ଥାଇ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସାଧାରଣେ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ଏହି କାର୍ଯ୍ୟାଳୟ ଅଧିନରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା, କେନାଲ ସଫେଇରେ ଦୁର୍ନିତି ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକ୍ଷଣଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀ କେତକ କାର୍ଯ୍ୟ ଉପରେ ତଦନ୍ତ କରି ସତ୍ୟାସତ୍ୟ ଜାଣିଥିଲେ ମଧ୍ୟ କଣ ପାଇଁ ଏହାକୁ ଘଣ୍ଟ ଘୋଡାଉଛନ୍ତି ତାହା ତଦନ୍ତ ସାପେକ୍ଷ । ଏସଂପର୍କରେ ମତାମତ ନିମନ୍ତେ ଅଧିକ୍ଷଣଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ପରେ ନିର୍ବାହୀଯନ୍ତ୍ରୀ ଇଂ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେ ସେ କହିଥିଲେ ମୋ ନିକଟରେ ଅଭିଯୋଗ ପହଁଚିଛି, ଏହା ଉପରେ ତଦନ୍ତ କରାଯାଇ ଖୁବଶିଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପାରାଦୀପର ବରିଷ୍ଠ ସାମ୍ବାଦିକ ସୁଧୀର ଦାଶଙ୍କ ବିୟୋଗରେ ଶୋକ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ବରିଷ୍ଠ ସାମ୍ବାଦିକ ସୁଧୀର ରଞ୍ଜନ ଦାଶଙ୍କ ୬୧ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ଏବଂ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଦେହାନ୍ତ ହୋଇଯାଇଥିଲା । ସ୍ୱର୍ଗତ ଦାଶଙ୍କ ଗ୍ରାମ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍‌ର ଚଟୁଆ ଗ୍ରାମରେ ଏବଂ ସେ ପାରାଦୀପରେ ବିଭିନ୍ନ ଖବର କାଗଜରେ ଦୀର୍ଘ ପ୍ରାୟ ୩୦ ବର୍ଷ ଧରି ସାମ୍ବାଦିକତା କରିଆସୁଥିଲେ । ତାଙ୍କ ବିୟୋଗରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ଼ଃ. ବିଭୁ ପ୍ରସାଦ ତରାଇ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି । ସେହିପରି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ରାମଚନ୍ଦ୍ର ସ୍ୱାଇଁ, ଶଶାଙ୍କ ଆଚାର୍ଯ୍ୟ, ଦୀପକ ଦାସ, ରବୀନ୍ଦ୍ର ଜେନା, ରାକେଶ ପଟ୍ଟନାୟକ, ରତ୍ନାକର ଜେନା, ସୁଧାଂଶୁ ନାୟକ, ସନ୍ତୋଷ ଭାରତୀ, ପ୍ରଭାକର ସାହୁ, ପ୍ରୀତିରଞ୍ଜନ ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଶ୍ରୀ ଦାଶଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଏପରି ସମୟରେ ଭଗବାନ ତାଙ୍କ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ନେଇ କାମନା କରିଛନ୍ତି ।

## ଯୁବ ଶିଳ୍ପପତି ଅଜିତ ବିହାରୀ ସମ୍ବର୍ଦ୍ଧିତ




ଭୁବନ(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ପ୍ରତି ଜିଲ୍ଲାରୁ ଦୁଇଜଣ ଲେଖାଏଁ ଯୁବ ଶିଳ୍ପଦ୍ୟୋଗୀଙ୍କୁ ଉତ୍ସାହିତ କରିବା ସକାଶେ ରାଜ୍ୟର ୬୦ଜଣ ଶିଳ୍ପଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ଜଣାଶୁଣା ଯୁବ ଶିଳ୍ପପତି ଭାରତ ଷ୍କିଲ ଇଣ୍ଡଷ୍ଟ୍ରିଜ ପାର୍ଟନେର ଅଜିତ କୁମାର ବିହାରୀଙ୍କୁ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମତ୍ସ୍ୟ, ପଶୁ ସମ୍ପଦ ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଅଜିତଙ୍କୁ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କ ସମେତ ବିଜେପି ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀ ଅଭାବ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟରେ କର୍ମଚାରୀ ଅଭାବ ଜନିତ ପରିସ୍ଥିତି ସୃଷ୍ଟି ହୋଇଛି। କର୍ମଚାରୀ ଅଭାବରୁ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟା ବହୁଳ ନଦୀ ନାଳଘେରା ନିଶ୍ଚିନ୍ତକୋଇଲି ବ୍ଲକ୍ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। କଟକ ଜିଲ୍ଲାର ସର୍ବବୃହତ୍ ବ୍ଲକ୍ କୁହାଯାଉଥିବା ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ୪୧ଟି ଗ୍ରାମପଞ୍ଚାୟତ ଶହ ଶହ ପଶୁ ପାଳକ ସେମାନଙ୍କ ଗାଈଗୋରୁ, ମଇଷି, ଛେଳିମେଣ୍ଢା, ଘୁଷୁରିଙ୍କ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। ଗତ ୧୯୬୨ ମସିହାରେ ଏହି କେନ୍ଦ୍ରଟି ପ୍ରତିଷ୍ଠା କରାଯାଇଥିଲା। ଏକ ବିପଦ ସଙ୍କୁଳ ଓ ଜରାଜୀର୍ଣ୍ଣ ଗୃହରେ ଚାଲିଥିବା ଏହି କେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରିଥିଲେ। ଏହି ନୂତନ କାର୍ଯ୍ୟାଳୟ ଗୃହଟି ଗତ ୨୦୨୩ ମସିହାରେ



ଆନୁଷ୍ଠାନିକ ଭାବେ ଲୋକାର୍ପଣ ହୋଇଥିଲା। ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ସମଗ୍ର ବ୍ଲକର ୫୫୯୪ଟି ଗାଈଗୋରୁ, ୧୧୮୪ଟି ମଇଷି, ୧୧୭୫ଟି ମେଣ୍ଢା, ୨୩୪୯୫ଟି ଛେଳି ଓ ୩୮୮ ଘୁଷୁରୀ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା କର୍ମଚାରୀ ମରୁଡି ପଡିଥିବା ସାଧାରଣରେ ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେଲା ଏହି କାର୍ଯ୍ୟାଳୟରେ ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପଦବୀ ଖାଲି ପଡିଛି। ନିଯୁକ୍ତି ପାଇଥିବା ଜଣେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଗତ କିଛି ମାସ ହେଲା ପ୍ରସୂତିକାଳୀନ ଛୁଟିରେ ରହିଥିବା ଜଣାଯାଇଛି। ସେହିପରି ଭାବେ ଏହି କାର୍ଯ୍ୟାଳୟରେ ୨ଜଣ ପ୍ରାଣୀ ଚିକିତ୍ସାଧିକାରୀ ରହିବାର ବ୍ୟବସ୍ଥା ରହିଥିଲା ବେଳେ ମାତ୍ର ଜଣେ ପ୍ରାଣୀ ଚିକିତ୍ସାଧିକାରୀ ରହିଥିବା ଜଣାଯାଇଛି। ସମସ୍ୟା ବହୁଳ ଏହି ବ୍ଲକରେ ୪୧ଟି ପଞ୍ଚାୟତରେ ଜଣେ ପ୍ରାଣୀ ଚିକିତ୍ସାଧିକାରୀ କିପରି ପ୍ରାଣୀ ଚିକିତ୍ସା କରୁଥିବେ ତାହା ସହଜେ ଅନୁମେୟ। ଅପରପକ୍ଷରେ ଏହି ବ୍ଲକରେ ଦୈନନ୍ଦିନ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହେଉଥିବା କାରଣରୁ ନିଯୁକ୍ତି ପାଇଥିବା ଏକମାତ୍ର ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଜରୁରିକାଳୀନ ପରିସ୍ଥିତିରେ ଦେଖିବାକୁ ମିଳୁନାହିଁ। ଫଳରେ ଦୂର ଦୂରାନ୍ତରୁ ଜରୁରି ସେବା ନିମନ୍ତେ ଗାଈଗୋରୁ ଛେଳିମେଣ୍ଢା ଆଣିଥିବା ପଶୁ ପାଳକମାନେ ଉପଯୁକ୍ତ ସେବା ନପାଇ ସେମାନେଙ୍କ ପ୍ରାଣୀମାନେ ଅକାଳରେ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ବ୍ଲକ୍‌ରେ ୨୦ ଏଲ୍‌ଆଇ ରହିବାର ନିୟମ ଥିଲା ବେଳେ ୧୬ଜଣ ଏଲଆଇ ରହିଛନ୍ତି। ଏହି ବ୍ଲକର ଖଣ୍ଡସାହି, ଉତ୍ତରକୂଳ, ବନ୍ଧକାଟିଆ, ଦାଉଦପୁର ପ୍ରଭୃତି ସ୍ଥାନରେ ଏଲଆଇ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଥିବାର ଜଣାଯାଇଛି। ସେହିପରି ଭାବେ ନିଶ୍ଚିନ୍ତକୋଇଲି ସଦର ମହକୁମା, ଉତ୍ତରକୂଳ, ପୁରୁଣାପାରୀ, ଅଶୁରେଶ୍ୱର, ଦାଉଦପୁର, ବନ୍ଧକାଟିଆ ପ୍ରଭୃତି ସ୍ଥାନରେ ୫ଟି ଆଟେଣ୍ଡାଣ୍ଟ ପଦବୀ ଖାଲି ପଡିଥିବା ଜଣାଯାଇଛି। ଅପରପକ୍ଷରେ କର୍ମଚାରୀ ଅଭାବରୁ ଏହି ବ୍ଲକରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହୋଇଛି। ଏହି ପଦବୀକୁ ତୁରନ୍ତ ପୂରଣ କରାଯିବା ନିମନ୍ତେ ସ୍ଥାନୀୟ ପଶୁ ପାଳକମାନେ ଦୃଢ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## କଣିହାଁରେ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର




କଣିହାଁ(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା ଅଧିନସ୍ଥ କଣିହାଁ ବ୍ଲକରେ ବ୍ଲକସ୍ତରୀୟ ନିଯୁକ୍ତି ଭିତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକସ୍ତରୀୟ ନିଯୁକ୍ତି ଭିତିକ ପରାମର୍ଶ ଶିବିରରେ ମୁଖ୍ୟଅତଥୀ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ । ପରେ ବିଧାୟକ ସଭାରେ ଉପସ୍ଥିତ ଥ?ବା ସବୁ ଆଶାୟୀ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ର ପ୍ରାଧାନ୍ୟତା ଉପରେ ବର୍ଣନା କରି ମାନବ ସମ୍ବଳର ବିକାଶ ସହ ଅର୍ଥନୀତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ସାବ୍ୟସ୍ତ କରିଥିଲେ ଓ ଏହି ପରାମର୍ଶ ଶିବିରର ପ୍ରାରମ୍ଭରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦେବାଶିଷ ସାହୁ ନିଯୁକ୍ତି ଭିତିକ ଦକ୍ଷତା ତାଲିମ ବିଷୟରେ ଉପସ୍ଥିତ ଥିବା ଦକ୍ଷତା ବିକାଶ ତାଲିମ ନେବା ନିମନ୍ତେ ଯୁବକ ଓ ଯୁବତୀ ମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କାରିଥିଲେ ଓ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥୀ ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଯୋଗଦେଇ, ଦକ୍ଷତା ବିକାଶ ମାଧ୍ୟମରେ ଯୁବକଯୁବତୀ କିପରି ନିଜର ଜୀବିକା ଅର୍ଜନ କରିପାରିବେ ଓ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ମତବ୍ୟକ୍ତ କରିଥିଲେ । ଏହି ଦକ୍ଷତା ବିକାଶ ପରାମର୍ଶ ଶିବିର ରେ ୧୨ ଗୋଟି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତିବଦ୍ଧ ହୋଇଥିବା ତାଲିମ ପ୍ରଦାନ କାରୀ ସଂସ୍ଥା ଯୋଗ ଦେଇଥିଲେ । ଏଥିସହିତ ନିକଟସ୍ଥ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଦଶମ ଶ୍ରେଣୀର ୭୫ ଜଣ ବିଦ୍ୟାର୍ଥୀଙ୍କୁ ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ନିମନ୍ତେ ଅବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା । ଏହି ଶିବିରରେ ସମୁଦାୟ ୨୪୫ ଜଣ ଆଶାୟୀ ଛାତ୍ରଛାତ୍ରୀ, ଯୁବକଯୁବତୀ ପଞ୍ଜୀକରଣ କରିଥିଲେ ଏବଂ ସେଥିମଧ୍ୟରୁ ୨୨୫ ଜଣ ବୈଷୟିକ ତାଲିମ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ ଓ ଏହି ଶିବିରେ ପ୍ରମୋଦ ବେହେରା ମଞ୍ଚ ପରିଚାଳନା କରିଥିଲେ । କନିଷ୍ଠ ନିୟୋଜନ ଅଧିକାରୀ ରିଙ୍କୁ ନାୟକ ଏବଂ ସ୍ୱତନ୍ତ୍ର ଅଧିକାରୀ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳର ବିଶ୍ୱଜିତ ପଣ୍ଡା ସଭାରେ ଉପସ୍ଥିତ ଥାଇ ପିଲାଙ୍କୁ ସଚେତନ କରିଥିଲେ । ଏହିପରି ଆସନ୍ତା ୦୩-୦୨-୨୦୨୫ ତାରିଖ ଦିନ ଛେଣ୍ଡିପଦା ବ୍ଲକ ଏବଂ ୦୪-୦୨-୨୦୨୫ ତାରିଖ ଦିନ ତାଳଚେର ବ୍ଲକସ୍ତରୀୟ ନିଯୁକ୍ତି ଭିତିକ ଦକ୍ଷତା ବୃଦ୍ଧି ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ଓ

## ଶିମିଳିପାଳରେ ଲଗାତାର ରେଡ୍: କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଅଫିମ ଗଛ ଜବତ



କରଞ୍ଜିଆ(ଭାସ୍କର ନ୍ୟୁଜ): ଅଫିମ ଚାଷର ହବ୍ ପାଲଟିଛି ଶିମିଳିପାଳ ଅଭୟାରଣ୍ୟ । ଗତ ବର୍ଷ ଶିମିଳିପାଳ ଏବଂ ଶିମିଳିପାଳ ପାଦ ଦେଶରୁ ପୋଲିସ ଏବଂ ଅବକାରୀ ବିଭାଗ ପୃଥକ ପୃଥକ ମାମଲା ରୁଜୁ କରି ୩୧ କୋଟି ୮୬ ଲକ୍ଷ୍ୟ ଟଙ୍କାର ଅଫିମ ଗଛକୁ ନଷ୍ଟ କରିଥିଲା । ଚଳିତ ବର୍ଷ ବୁଧବାର ଏବଂ ଗୁରୁବାର ଲଗାତାର ଭାବରେ ଦୁଇ ଦିନ ୪ ଟି ବିଭାଗ ମିଳିତ ଭାବରେ ରେଡ଼ କରି ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ଜବତ କରିବା ସହିତ ଅଫିମ ଗଛକୁ ନଷ୍ଟ କରିଛନ୍ତି । ବୁଧବାର ରେଡରେ ୪୨ ଲକ୍ଷ ଏବଂ ଗୁରୁବାର ରେଡ଼ରେ ୬୦ ଲକ୍ଷ ଟଙ୍କାର ଅଫିମ ଗଛ ନଷ୍ଟ କରାଯାଇଛି । ଶିମିଳିପାଳ ଏବଂ ଶିମିଳିପାଳ ପାଦରେ ଅନେକ ସ୍ଥାନରେ ବେଆଇନ ଭାବରେ ଅଫିମ ଚାଷ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ବିଭାଗ, ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ବନବିଭାଗ ମିଳିତ ଭାବେ ଗୁରୁବାର ଦିନ ଶିମିଳିପାଳ ଅଭୟାରଣ୍ୟର ୬ ଟି ସ୍ଥାନରେ ଦିନ ବେଳୁ ରେଡ଼ ଆରମ୍ଭ ହେଇ ରାତି ପର୍ଯ୍ୟନ୍ତ ଚାଲିଥିଲା । ଶିମିଳିପାଳ ଅଭୟାରଣ୍ୟର ବନ୍ଦିରାବସା ଏବଂ ଅସନବଣି ଗାଁର ୬ଟି ସ୍ଥାନର ଗୋଟିଏ ଏକର ୫୮ ଡିସିମିଲରେ ୭୩ ହଜାର ଅଫିମ ଗଛ ଲାଗିଥିଲା । ଏହାର ଆନୁମାନିକ ମୁଲ୍ୟ ୬୦ ଲକ୍ଷ୍ୟ ହେବ ବୋଲି କରଞ୍ଜିଆ ଏସ୍‌ଡିପିଓ ସୁବ୍ରତ କୁମାର ସୂଚନା ଦେଇଛନ୍ତି । ଏନେଇ ଯଶିପୁର ପୋଲିସ ପକ୍ଷରୁ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି । ଏପର୍ଯ୍ୟନ୍ତ କାହାରିକି ଗିରଫ କରାଯାଇ ନାହିଁ । ଆସନ୍ତୁ ନଜର ପକାଇବା ଗତବର୍ଷ କେତେ ଅଫିମ ଗଛ ଜବତ ହେଇ ଥିଲା । ୨୦୨୪ ମସିହାରେ ପ୍ରଥମ ଥର ପାଇଁ ଶିମିଳିପାଳ ପାଦ ଦେଶରେ ଅଫିମ ଚାଷ ହେଉଥିବା ପର୍ଦ୍ଦାଫାସ କରିଥିଲା ଯଶିପୁର ପୋଲିସ । ଶିମିଳିପାଳ ଏବଂ ଶିମିଳିପାଳରେ ୪ଥର ବଡ଼ଧରଣର ରେଡ଼ ହେଇଥିଲା । ଶିମିଳିପାଳ ଅଭୟାରଣ୍ୟରେ ଚତୁର୍ଥଥର ବଡ଼ଧରଣର ରେଡ଼ ହେଇଥିଲା । ଲକ୍ଷ କିମ୍ବା ଦୁଇଲକ୍ଷ ନୁହଁ ୧୦ କୋଟି ୫୦ ଲକ୍ଷ ଟଙ୍କା ଅଫିମ ଗଛ ଜବତ ହେଇଥିଲା ସେ ସମୟରେ ଯାହାକି ଓଡ଼ିଶାରେ ପ୍ରଥମ ଘଟଣା । ଅବକାରୀ ବିଭାଗ କର୍ମଚାରୀ ଏବଂ କରଞ୍ଜିଆ ଅତିରିକ୍ତ ତହସିଲଦାଙ୍କ ଉପସ୍ଥିତି ରେଡ଼ ହେଇଥିଲା । ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳରେ ଥିବା ସାରଦା ଗାଁରେ ୧୫ ଏକର ସ୍ଥାନରେ ଲକ୍ଷ ଲକ୍ଷ୍ୟ ଅଫିମ ଗଛ ଲାଗିଥିଲା । କେଉଁଠି ଫୁଲ ଫୁଟିଥିଲା ତ ଆଉ କେଉଁଠି ଫଳ ଶୁଖି ଯାଇଥିଲା । ଅବକାରୀ ବିଭାଗ ଲକ୍ଷାଧିକ ଗଛକୁ ନଷ୍ଟ କରିବା ସହିତ ପୋଡି ଦେଇଛନ୍ତି । ଏହାର ଆନୁମାନିକ ମୁଲ୍ୟ ୧୦ କୋଟି ୫୦ ଲକ୍ଷ୍ୟ ଟଙ୍କା ହେବ ବୋଲି ସେ ସମୟରେ ଅବକାରୀ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି ସୂଚନା ଦେଇଥିଲେ । ଗୋଟିଏ ଅଫିମ ଗଛର ମୁଲ୍ୟ ୨୦୦ ଟଙ୍କା ହିସାବରେ ଧାର୍ଯ୍ୟ କରାଯାଇଛି । ସାରଦା ଗାଁରେ ଅବକାରୀ ବିଭାଗ ରେଡ଼ କରିବା ସମୟରେ ଗାଁ ଶୁନ୍ୟ ହୋଇଯାଇଥିଲା । ବର୍ଷ ବର୍ଷ ଧରି ଶିମିଳିପାଳ ଅଭୟାରଣ୍ୟରେ ଅଫିମ ଚାଷ ହେଇ ଆସୁଥିଲା । ଏବେ ଅଫିମ ଚାଷର ହବ୍ ପାଲଟିଛି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ । ପ୍ରଥମ ଥର ପାଇଁ ଫେବୃଆରୀ ୨୪ ତାରିଖରେ ଶିମିଳିପାଳ ପାଦ ଦେଶରେ ରେଡ଼ରେ ୨୬ ଲକ୍ଷ ଟଙ୍କାର ଅଫିମ ଗଛ ଜବତ ହେଇଥିଲା । ଦ୍ୱିତୀୟଥର ପାଇଁ ଶିମିଳିପାଳ ଅଭୟାରଣ୍ୟର ଚଢ଼ାଉ ହେଇଥିଲା ଏଥିରେ ୧୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ଜବତ ହେଇଥିଲା । ତୃତୀୟଥର ପାଇଁ ବଡ଼ଧରଣର ରେଡ଼ରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଯୋଜଗଡା ଏବଂ ଫୁଲବାଡିରେ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଅଫିମ ଗଛ ଜବତ କରିବାରେ ସଫଳ ହେଉଛି ଟିମ । ଏହାର ମୂଲ୍ୟ ୩ କୋଟି ୧୦ ଲକ୍ଷ୍ୟ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ପ୍ରେସ ରିଲିଜ କରାଯାଇଛି । ଚଳିତବର୍ଷ ମିଳିତ ଚଢ଼ାଉ କରି କୋଟି କୋଟି ଟଙ୍କାର ଅଫିମ ଚାଷ ନଷ୍ଟ କରିଥିବା ବେଳେ ବର୍ତ୍ତମାନ୍ ସୁଦ୍ଧା ସଂପୃକ୍ତ ଥିବା ଅଫିମ ଚାଷୀ କିମ୍ବା ମାଫିଆଙ୍କୁ ଧରିବାରେ ସଫଳ ହୋଇନି ପୋଲିସ୍ କିମ୍ବା ଅବକାରୀ ବିଭାଗ ।




ପରଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୁଲେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ରୌପ୍ୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ରୌପ୍ୟ ଜୟନ୍ତୀ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ପଞ୍ଚାୟତ ସରପଞ୍ଚ ଅଶାନ୍ତି ରାଉତ, ଗ୍ରାମ୍ୟ କମିଟି ସଭାପତି ସଞ୍ଜୟ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଉରୀବନ୍ଧୁ ରାଉତ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଜେନା ଉଦ୍ୟକ୍ତା ଜଳଧର ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କୁଆଲୁ ପଞ୍ଚାୟତ ସରପଞ୍ଚ ଅଜିତ୍ କୁମାର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଦୁଷ୍ମନ୍ତ କୁମାର ଦାସ ଓ ଅମରେଶ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ବିତରଣ କରିଥିଲେ । ଆୟୋଜିତ ଉତ୍ସବକୁ ସମସ୍ତ ଗୁରୁଜୀ ଗୁରୁ ମାଆ ଓ ଅଭିଭାବକ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ବସୁଲେଇ ଗେଙ୍ଗୁଟିଆ ହାଇସ୍କୁଲର ଶିକ୍ଷକ କୁନୁଆ ସାହୁ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ ଦାୟିତ୍ୱ ନିର୍ବାହ କରିଥିଲେ ।



# କର୍ତ୍ତବ୍ୟ ପଥରେ ପ୍ରଦର୍ଶିତ ହେଲା ଭଞ୍ଜନଗରର ପଶୁମୁଖା ନୃତ୍ୟ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ନୂଆଦିଲ୍ଲୀ କର୍ତ୍ତବ୍ୟ ପଥରେ ପ୍ରଦର୍ଶିତ ହେଲା ଭଞ୍ଜନଗରର ପଶୁମୁଖା ନୃତ୍ୟ। ସ୍ଥାନୀୟ ବିଶ୍ୱଜନନୀ କଳା ପରିଷଦର ୧୫ ଜଣ କଳାକାର ଅନୁଷ୍ଠାନର ସଂପାଦକ ଜଗଦିଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗତ ମାସରେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ୨୮ ଦିନ ଧରି ପ୍ରଶିକ୍ଷଣ ଶିବିରରେ ଯୋଗଦେବାପରେ ଏମାନେ ଗତ ଜାନୁଆରୀ ୨୬ ତାରିଖରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ନିଜର ଶ୍ରେଷ୍ଠ କଳା ପ୍ରଦର୍ଶନ କରିଥିଲେ। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ସାରା ଭାରତର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୫୦ରୁ ଉର୍ଦ୍ଧ ଲୋକନୃତ୍ୟ ଓ ଜନଜାତି ନୃତ୍ୟକୁ ଏକାଠି ଗୋଟିଏ ଫର୍ମାଟ୍‌ରେ ପ୍ରଦର୍ଶିତ କରାଇବା ଓ ଏଥିରେ ଦେଶର ୫ହଜାରରୁ ଉର୍ଦ୍ଧ୍ୱ ଲୋକ କଳାକାର ଏକସଂଗରେ ସେମାନଙ୍କ କଳା ପ୍ରଦର୍ଶନ କରିବା ହିଁ ଏହାର ମୁଖ୍ୟ ଆକର୍ଷଣ ରହିଥିଲା। ଏମାନେ ବିଶ୍ୱ ମଞ୍ଚରେ ଭାରତର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶନ କରାଇ ଏକ ଭାରତ ଶ୍ରେଷ୍ଠ ଭାରତ ବିଷୟବସ୍ତୁକୁ ବିଶ୍ୱ ସମୁଦାୟ ଆଗରେ ପ୍ରତିପାଦିତ କରିଥିଲେ। ସେହିପରି ଏକକାଳୀନ ୫ହଜାର ଲୋକ କଳାକାର ଏକାଠି ଗୋଟିଏ ଫାର୍ମାଟରେ ନୃତ୍ୟ ପରିବେଷଣ କରି ପ୍ରଥମଥର ପାଇଁ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିଥିଲେ। ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ଏହା 'ସର୍ବବୃହତ୍ ଭାରତୀୟ ଲୋକ ବିବିଧତା ନୃତ୍ୟ' ଭାବେ ସ୍ୱୀକୃତ ଲାଭ କରିଥିବା ଜଣାପଡିଛି। ବିଶେଷକରି ୫ ହଜାର ଲୋକ କଳାକାରଙ୍କ ମଧ୍ୟରେ ଭଞ୍ଜନଗରର ବିଶ୍ୱଜନନୀ କଳା ପରିଷଦର ୧୫ ଜଣ କଳାକାର ନିଜର ବହୁବିଧ ଲୋକ କଳା ଓ ସଂସ୍କୃତିର ଝଲକ ସେଠାରେ ଉପସ୍ଥାପନ କରିଥିଲେ। ବିଶେଷକରି ଦେଶର ବିଭିନ୍ ଅଂଚଳର ପରମ୍ପରା ଓ ପ୍ରଥା ସହ କୃଷି, ଫସଲ ଅମଳ ରୀତିନୀତି, ପ୍ରାକୃତିକ ଓ ପ୍ରାଣୀ ଜଗତ ସର୍ବୋପରି ବିଭିନ୍ନ ଶୁଭ ଅବସର ଓ ନୂତନ ଆରମ୍ଭକୁ ଲୋକ କଳା ମାଧ୍ୟମରେ ଏହି କଳାକାରମାନେ ପ୍ରଦର୍ଶିତ କରି ବେଶ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଆସାମର ବିହୁ, ରାଜସ୍ଥାନର କଲ୍‌ବେଲିଆ, କେରଳର ମନୋରମ ପାଦାୟନୀ, ବଙ୍ଗଳା ଓ ଓଡିଶାର ଛଉ ନୃତ୍ୟ, ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡର ବଧାଇ ଲୋକନୃତ୍ୟ, ମେଣ୍ଟୋକ୍ ଫୁଲ ନୃତ୍ୟ ଆଦି ସହ ଭଞ୍ଜନଗରର ପଶୁମୁଖା ନୃତ୍ୟ ସମତାଳରେ ଭାରତର ବିବିଧତା ମଧ୍ୟରେ ଏକତାର ମନ୍ତ୍ରକୁ ବେଶ ଉଚ୍ଚକୋଟୀର ଭାବେ ପ୍ରଦର୍ଶିତ କରିଥିଲା। ଏହାହିଁ ମହାନ୍ ଭାରତୀୟତା ବୋଲି କାର୍ଯ୍ୟକ୍ରମ ଶେଷରେ ଭଞ୍ଜନଗର ଫେରି ଆସିଥିବା ଏହି ଲୋକନୃତ୍ୟ ଅନୁଷ୍ଠାନର ସଂପାଦକ ଜଗଦୀଶ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଥିଲେ। ମାତ୍ର ୭ ମିନଟର ପ୍ରଦର୍ଶନ ପାଇଁ ୨୮ ଦିନ ଧରି ପ୍ରଶିକ୍ଷଣ ଗ୍ରହଣ ହିଁ ଶେଷ ଶିକ୍ଷଣୀୟ ବିଷୟବସ୍ତୁ ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୁଲ୍ୟରେ ସଙ୍କୁଳ ସ୍ତରୀୟ ସାମୁହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ମଣ୍ଡଳିଆ ସ୍ଥିତ କାଳୀ ମନ୍ଦିର ପରିସରରେ ନଅଟି ବିଦ୍ୟାଳୟକୁ ନେଇ ସାମୁହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସାହେବ୍ ରାଓ, ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧା. ସଙ୍କୁଳ ସଂଯୋଜକ ଅରୁଣ ସାହୁ, ଜିଲ୍ଲା ପ୍ରମୁଖ ବିଜୟ ଦାସ, ରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଗଣେଶ ରାମ ନାୟକ, ପଞ୍ଚଙ୍ଗା ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଦସ୍ୟ ଝଶକେତନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବ୍ରଜରାନଜଗର ସଙ୍କୁଳ ୯ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ଦୁଇଟି କାଳାଂସ ବୈଦିକ ଗଣିତ ଓ ଇଂରେଜୀ ଉପରେ ଶିକ୍ଷାଦାନ ପ୍ରଦାନ କରାଯାଇଥିଲା ଓ ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ୯ଟି ବିଦ୍ୟାଳୟର ମୋଟ୍ ୨୦୦ରୁ ଉର୍ଦ୍ଧ୍ୱ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ବ୍ରଜରାନଜଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିଦ୍ୟାଳୟ ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମରୁଡ଼ି ପରିଚାଳନା ଯୋଜନା ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ମରୁଡ଼ି ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନ୍‌ଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଡେପୁଟି କଲେକ୍ଟର ଆପାତକାଳୀନ ବିକାଶ ଚନ୍ଦ୍ର ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ମରୁଡ଼ି ପରିଚାଳନା ଯୋଜନାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ସଦସ୍ୟମାନଙ୍କୁ ସୂଚନା ଦେଇଥିଲେ । ଏହାର ପ୍ରସ୍ତୁତିରେ ଜିଲ୍ଲା ମରୁଡ଼ି ମନିଟରିଂର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଜିଲ୍ଲାସ୍ତରରେ ମରୁଡ଼ି ସମ୍ବନ୍ଧୀୟ ସମସ୍ୟା ପାଇଁ ପ୍ରସ୍ତୁତି ଏବଂ ପ୍ରଶମନ ପ୍ରୟାସକୁ ବୃଦ୍ଧି କରିବା ସହ ସମସ୍ତ ଅଂଶୀଦାରଙ୍କ ସମନ୍ୱିତ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ବୋଲି ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ନିଜ ଅଭିଭାଷଣରେ କହିଥିଲେ ଯେ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତି ଏକ ସାମୂହିକ ପ୍ରୟାସ ହେବା ଉଚିତ ଯେଉଁଥିରେ ବିଭିନ୍ନ ବିଭାଗ, ଅଂଶୀଦାର ଏବଂ ତୃଣମୂଳ ସ୍ତରୀୟ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ବୋଲି କହିବା ସହ ମରୁଡ଼ି ସମ୍ବନ୍ଧୀୟ ଜିଲ୍ଲାର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ସମସ୍ୟାର ସମାଧାନ କରୁଥିବା ଏକ ସାମଗ୍ରିକ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଜିଲ୍ଲାରେ ମରୁଡ଼ି ପରିସ୍ଥିତିର ସମୀକ୍ଷା ଓ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ଉପସ୍ଥାପନା ଦ୍ୱାରା ବୈଠକଟି ଆହୁରି ସମୃଦ୍ଧ ହୋଇଥିଲା । ଜିଲ୍ଲାର ପ୍ରତ୍ୟେକ ବିଭାଗ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତିର ସମନ୍ୱୟ ପାଇଁ ଜଣେ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତ କରିବା, ପରାମର୍ଶ କର୍ମଶାଳା ସମୟରେ ଆଲୋଚନା ହୋଇଥିବା ରଣନୀତିକୁ ଅନ୍ତର୍ଭୁକ୍ତ କରି ମରୁଡ଼ି ପରିଚାଳନା ଯୋଜନାର ଏକ ଖସଡ଼ା ପ୍ରସ୍ତୁତ କରାଯିବା ନେଇ ସ୍ଥିର ହୋଇଥିଲା । ଆହୁରିମଧ୍ୟ କେନ୍ଦୁଝରରେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ଚ୍ୟାଲେଞ୍ଜଗୁଡ଼ିକୁ ବିଚାରକୁ ନିଆଯାଇ ମରୁଡ଼ି ପ୍ରଭାବକୁ ହ୍ରାସ ଏବଂ ପରିଚାଳନା ପାଇଁ ସ୍ପଷ୍ଟ ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇ କାର୍ଯ୍ୟ କରାଯିବା ନେଇ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ ଇକବାଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ଜିଲ୍ଲାପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା, (ଭାସ୍କର ନ୍ୟୁଜ୍ ) : ଗ୍ରାମ ଅଭିମୁଖେ ପ୍ରଶାସନ, ଏଥର ପ୍ରତି ସୋମବାର ସମସ୍ତ ବ୍ଲକରେ ହେବ ପଂଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ମାସ ୪ଟି ସୋମବାରରେ ୪ଟି ଉପଖଣ୍ଡ ମୁଖ୍ୟାଳୟରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଜାନୁଆରୀ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ବିଶେଷ ସୂଚନା ଏହାକିଯେ, ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଗ୍ରାମ ଅଭିମୁଖେ ପ୍ରଶାସନ' ଯୋଜନା ମାଧ୍ୟମରେ ଏବେ ପ୍ରତି ବ୍ଲକ ସ୍ତରରେ ସମ୍ପର୍କିତ ପଂଚାୟତ ଓ ଗ୍ରାମର ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ସୋମବାର ଦିନ ଅନୁଷ୍ଠିତ ହେବ। ସମସ୍ତ ବ୍ଲକର ବିଡ଼ିଓ ମାନଙ୍କ ତତ୍ତ୍ୱାବଧାନରେ ଏହି ଜନଶୁଣାଣି ସପ୍ତାହର ପ୍ରତ୍ୟେକ ସୋମବାର ଦିନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଜନ ଅଭିଯୋଗ ଶୁଣାଣି ସମାୟାରେ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଓ ତହସିଲ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିବାପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି। ଉପଖଣ୍ଡ ସଦର ମହକୁମା ଗୁଡିକରେ ଯେଉଁଦିନ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣୀ ଅନୁଷ୍ଠିତ ହେବ ସେହି ଦିନ ଉପଖଣ୍ଡ ମୁଖ୍ୟାଳୟ ବ୍ଲକ (ଉଦଳା, ରାଇରଙ୍ଗପୁର, ବାରିପଦା, କରଞ୍ଜିଆ) ଠାରେ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଫେବୃଆରୀ ମାସର ପ୍ରଥମ ସୋମବାର ୩ ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ମାସ ଦ୍ୱିତୀୟ ସୋମବାର ୧୦ ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସେହିପରି, ତୃତୀୟ ସୋମବାର ଅର୍ଥାତ ୧୭ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୪ ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

# ଏଣ୍ଡର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ଏଣ୍ଡର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନୀତ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ସରପଞ୍ଚ ସରୋଜିନି ନାୟକ, ସମିତିସଭ୍ୟ ସରୋଜରଞ୍ଜନ ଜେନା, ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ମାନସ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ବେହେରା ବିଦ୍ୟାଳୟ ପରିସରରେ ମହାତ୍ମାଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପରିଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବର୍ତ୍ତମାନ ଓ ପୂର୍ବତନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ମନ୍ତ୍ରୀଙ୍କ ଦ୍ୱାରା ଛାତ୍ରାବାସ ଉଦ୍ଘାଟିତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଏମ୍‌ସିଏଲ ଅନୁଦାନରୁ ହରିଶଙ୍କର ପଟେଲ ହାଇସ୍କୁଲ ଠାରେ ନବ ନିର୍ମିତ ଛାତ୍ରାବାସ ଉଦ୍ଘାଟିତ ହୋଇଯାଇଛି। ୫୬ ଲକ୍ଷ ୯୬ ହଜାର ୩୩୨ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରକଳ୍ପକୁ ରାଜସ୍ୱ ଓ ବିପର୍ଯ୍ୟୟ



ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍ଘାଟନ କରିଥିଲେ। ଇବ ଭ୍ୟାଲି ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେ ଉକ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ କୁମାର ଆଚାର୍ଯ୍ୟ, ଇବ ଭ୍ୟାଲି ଷ୍ଟାଫ ଅଫିସର ସିଭିଲ ଦେବାଶିଷ ବାସା, ଇବ ଭ୍ୟାଲି କାର୍ମିକ ପ୍ରବନ୍ଧକ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଉପଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କେବେ ?

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଫୁଲବାଣୀ ସଦର ମହକୁମାରେ ଥିବା ଉପଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଯେତେ ଦିନ ଭିତରେ ଶେଷ ହୋଇ ହସ୍ତାନ୍ତରିତ କରିବା କଥା ତାହା ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ନ ହୋଇ ମନ୍ଥର ଗତିରେ କାର୍ଯ୍ୟ ଚାଲିଛି। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦେଖାଯାଉଛି। ପୁରୁଣା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସିବା କାମ କରିବା ଆଲୋକ ବ୍ୟବସ୍ଥା ଭଲ ନଥିବା ଓ ସବୁ ଦୃଷ୍ଟିକୋଣରୁ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାକୁ ବିଭିନ୍ନ ଠିକାଦାର ମାନେ ଆବେଦନ କରି ସେଥିମଧ୍ୟରୁ ଜଣେ ଉଚିତ୍ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସାରି ବିଭାଗକୁ ହସ୍ତାନ୍ତର କରିବା ପାଇଁ ଲିଖିତ ଚୁକ୍ତି ସ୍ୱାକ୍ଷର କରିଥିଲେ। ଲିଖିତ ଚୁକ୍ତି ସମୟ ସୀମା ଅତିବାହିତ ହୋଇଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଶେଷ ହୋଇ ପାରିନାହିଁ। ତେଣୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କର୍ମଚାରୀ ମାନେ ହଇରାଣ ହେଉଛନ୍ତି। ଉପଜିଲ୍ଲାପାଳ ଏହାକୁ ଦେଖି ଠିକାଦାରଙ୍କ ପ୍ରତି ଦୃଢ଼ ପଦକ୍ଷେପ ନେଲେ ନୂତନ କାର୍ଯ୍ୟାଳୟ ଶୀଘ୍ର ଉଦ୍‌ଘାଟନ ହୋଇପାରିବ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶହୀଦ ଦିବସ ପାଳିତ

ନୂଆପଡ଼ା (ଭାସ୍କର ନ୍ୟୁଜ): ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଜାନୁଆରୀ ୩୦ ତାରିଖକୁ ଶହୀଦ ଦିବସ ଭାବରେ ସମଗ୍ର ଦେଶରେ ପାଳନ କରାଯାଉଛି। ଏହି ଅବସରରେ ଦୁଇ ମିନିଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ପୂର୍ଣ ନୀରବତା ଅବଲମ୍ବନ କରାଯାଇଥିଲା। ସ୍ମୃତି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଡେପୁଟି କଲେକ୍ଟର ଶେଖ୍ ନସିମ, ଡଃ ସବ୍ୟସାଚୀ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଡିଇଜିଏମ୍ ବିରେନ୍ଦ୍ର ସିଂ ଦଣ୍ଡସେନା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ନୀରବ ରହି ମହାତ୍ମାଗାନ୍ଧୀ ତଥା ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ସମସ୍ତ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍, ତହସିଲ, ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ଡାକ୍ତରଖାନା, ବ୍ୟାଙ୍କ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟରେ ମଧ୍ୟ ଏହି ନିରବ ପ୍ରାର୍ଥନା କରାଯାଇଥିଲା।

# ବନବିଭାଗର ଚଢ଼ାଉ, ଖଇର କାଠ ଜବତ

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ଚଢ଼ାଉ କରି ବୁଧବାର ବିଳମ୍ବିତ ରାତିରେ ୫ କ୍ୟୁଇଣ୍ଟାଲ ଖଇର କାଠ ସହ ଏକ ଆଲଟୋ ଗାଡ଼ି ଓ ଏକ ସିଡି ଡିଲକ୍ସ ମୋଟର ସାଇକେଲ ଜବତ କରିଥିବା ବନବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ବିଳମ୍ବିତ ରାତିରେ ଖଇର କାଠ ଚୋରା ଚାଲାଣ ହେଉଥିବା ନେଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କ ନେତୃତ୍ୱରେ ଡୁଡୁକିପଦର ଗାଁ ନିକଟରେ ଚଢ଼ାଉ କରିଥିବା ବେଳେ କାଠ ଓ ଗାଡ଼ି ଛାଡ଼ି କାଠ ଚୋର ମାନେ ଫେରାର ହୋଇଥିଲେ। ଗାଡ଼ି ଓ କାଠ ଜବତ କରି ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଳିଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଚଢ଼ାଉ ବେଳେ ବନରକ୍ଷୀ ରାଜେନ୍ଦ୍ର ଧରୁଆ ସହ ବନ୍ୟ ଜନ୍ତୁ ସୁରକ୍ଷା ସ୍କ୍ୱାର୍ଡ ସାମିଲ୍ ଥିଲେ।



# ୨୪ କିଲୋ ଗଞ୍ଜେଇ ଜବତ,୨ଗିରଫ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ବଡ ସଫଳତା। ବେଆଇନ ଭାବେ ବାହାର ରାଜ୍ୟକୁ କିଛି ମାଫିଆଙ୍କ ଦ୍ୱାରା ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ହାବୁଡ଼ରେ ଧରା ପଡିଛନ୍ତି। ସେମାନଙ୍କ ନିକଟରୁ ୨୪କିଲୋ ଗଞ୍ଜେଇ ଓ ଗୋଟିଏ ବାଇକ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ତେବେ ପୋଲିସ ଦ୍ୱାରା ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଜଣ ଅଭିଯୁକ୍ତ ହେଲେ ହରିୟାଣା ରାଜ୍ୟ ଛାପ୍ରା ବିବିପୁର ଅଞ୍ଚଳର ମନୋଜ ଏବଂ ଅନ୍ୟ ଜଣେ ଓର୍କେଲ ଥାନା ଅନ୍ତର୍ଗତ ଦାମଦରବେଡା ଗ୍ରାମର ପ୍ରେମ ମୁଦୁଲି ନାମକ ଦୁଇ ଜଣ ବ୍ୟକ୍ତି ଗିରଫ ହୋଇଛନ୍ତି। ତେବେ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଓର୍କେଲ ଥାନା ଅଧିକାରୀ ଧରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ ନନ୍ଦିନୀଗୁଡା ଅଞ୍ଚଳରେ ଗତକାଲି ଅପରାହ୍ନ ସମୟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ବାୟାପଡା ଆଡୁ ଏକ ବାଇକରେ ବସ୍ତାରେ କିଛି ସାମଗ୍ରୀ ଧରି ନିନ୍ଦିନୀ ଗୁଡା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ପୋଲିସ ଉକ୍ତ ବାଇକଟିକୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବାଇକରେ ଥିବା ବ୍ୟଗରେ ୨୪ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରେ ପୋଲିସ ଗଞ୍ଜେଇ ସମେତ ବାଇକଟିକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତଙ୍କୁ ଗିରଫ କରି ଥାନାକୁ ଆଣି ଘଟଣା ସମ୍ପର୍କରେ ସେମାନଙ୍କୁ ପଚରା ଉଚୁରା କରିଥିଲେ। ଉକ୍ତ ଗଞ୍ଜେଇକୁ ମୋଟର ସାଇକେଲ ଯୋଗେ ନେଇ କୋରାପୁଟରେ ଛାଡିବା ପରେ ଟ୍ରେନ ଯୋଗେ ହରିୟାଣା ରାଜ୍ୟକୁ ଯାଇଥାନ୍ତା ବୋଲି ଗିରଫ ହୋଇଥିବା ଦୁଇ ଜଣ ବ୍ୟକ୍ତି ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ତେବେ ପୋଲିସ ପକ୍ଷରୁ ଏନେଇ ଥାନାରେ ଏକ ମାମଲା ରୁଜୁକରିବା ସହ ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ବୌଦ୍ଧ ଉଦ୍ୟାନ ବିଭାଗ ଏବଂ ଜିଲ୍ଲା ବୃକ୍ଷପ୍ରେମୀ ସଂଘର ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ୩୦ତମ ଜିଲ୍ଲାସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ବୌଦ୍ଧ ଟାଉନହଲ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ପ୍ରଥମେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଲାପ, ଡାଲିଆ, ସେବତୀ, ଗେଣ୍ଡୁ, ଜର୍ବେରା, ପେଟୁନିଆ, ଅଦେନିଅମ୍ ଆଦି ଫୁଲ ସହ ବୋନସାଇ, କାକଟସ, ଅଳଙ୍କାରିକ ବୃକ୍ଷ, ଔଷଧୀୟ ବୃକ୍ଷର ତିନିଶହରୁ ଉର୍ଦ୍ଧ୍ୱ କୁଣ୍ଡରେ ଥିବା ଫୁଲ ସହ କଟା ଫୁଲ ସ୍ଥାନ ପାଇଥିଲା । ସେଠାରେ ଫୁଲ ରଙ୍ଗୋଲି ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଯାଇଛି । ଜୁନିଅର ଓ ସିନିୟର ବିଭାଗରେ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ସୁନ୍ଦର ପ୍ରଦର୍ଶନୀକୁ ଶହଶହ ସଂଖ୍ୟାରେ ଜନସାଧାରଣ ଆସି ଭରପୁର ଉପଭୋଗ କରିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ , ପରିବେଶବିତ୍ ସୁଧୀର କର୍ଣ୍ଣ, ପୂର୍ବତନ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଦୀର୍ଘବର୍ଷ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବାସହ ଶ୍ରେଷ୍ଠ ପ୍ରଦର୍ଶନକାରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଗୋଲାପରେ ରଶ୍ମିତା ପ୍ରଧାନ, ଡାଲିଆରେ ପ୍ରଜ୍ଞାଶ୍ରୀ, ସେବତୀରେ ମାନଭଞ୍ଜନ ଦାନୀ, ସୌମିତ୍ରୀ ପଲିଆ, ଅଳଙ୍କାରିକ ବୃକ୍ଷରେ ରାଜୁ ପ୍ରସାଦ ଓ ନବ ମିଶ୍ର, ବନସାଇରେ ତପସ୍ୱିନୀ ପ୍ରଧାନ ଏବଂ ଔଷଧୀୟ ବୃକ୍ଷରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଥିଲେ । ଜିଲ୍ଲା ବୃକ୍ଷପ୍ରେମୀ ସଂଘର ସଭାପତି ପରିବେଶ ବିଜ୍ଞାନୀ ଅଧାପକ ଡ଼. ପ୍ରବୀର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ସମ୍ପାଦକ କପିଲ୍ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନବିତ୍ ପୂଜା ବାରିକ ଏଥିରେ ସହଯୋଗ କରିଥିଲେ।

# ନଦୀ ଉପରେ ରାସ୍ତାଟିଏ ପାଇଁ ଗ୍ରାମବାସୀଙ୍କ ଦାବି



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତହରା ପଞ୍ଚାୟତ ପଲଟପାରା ଗାଁ ରାସ୍ତା ଦେଇ ଯାତାୟାତ କରନ୍ତି କପାଟ ପାଣି ଗାଁ ମୁଣ୍ଡିବେଡ଼ା ପଞ୍ଚାୟତର ଗ୍ରାମବାସୀ। ଯାହା କି ବର୍ଷା ଋତୁ ଆସିଲେ ବେହାଲ ହୋଇପଡ଼େ। ଖରା କିମ୍ବା ଶୀତ ସମୟକୁ ଅପେକ୍ଷା କରିବାକୁ ପଡ଼େ। ଗାଁ ରାସ୍ତା କଡ଼ରେ ପ୍ରବାହିତ ନଦୀରେ ପୋଲ ନ ଥିବାରୁ ଦୀର୍ଘ ଦିନ ହେବ ରାସ୍ତାରେ ନଦୀ ପାଣି ଚାଲେ। ପାଣି ଭିତରେ ଗ୍ରାମବାସୀ ଯାତାୟତ କରିବେ କେମିତି ? କି ବର୍ଷା ଋତୁ ଆସିଲେ ରାସ୍ତା ଉପରକୁ ପାଣି ବହୁଛି ପଲଟପାରା ଗାଁ ଲୋକେ ଏବଂ ମୁଣ୍ଡିବେଡ଼ା ପଂଚାୟତ କପାଟପାଣି ଗ୍ରାମବାସୀ ପ୍ରଶାସନଙ୍କୁ ଅଭିଯୋଗ କରୁଛନ୍ତି କି ନଦୀ ଉପରେ ରାସ୍ତା ପୋଲ ନିର୍ମାଣ କରାଯାଉ ଦାବି କରିଛନ୍ତି। ଖରାପ ରାସ୍ତା ଯୋଗୁଁ ମେଡିକାଲ ପାଇଁ ଲୋକଙ୍କୁ ଖଟିଆରେ ନେବାକୁ ପଡୁଛି। ବର୍ଷା ଦିନରେ ଲୋକ ହସ୍ପିଟାଲ ଯିବାଟା ଏକ ପ୍ରକାର ବନ୍ଦ ହୋଇଯାଉଛି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଲେ ଅଞ୍ଚଳବାସୀ ସରକାରୀ ସୁବିଧା ପାଇପାରିବେ।

# ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳିତ




ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ବିଶ୍ୱ କୁଷ୍ଠ ନିରାକରଣ ଦିବସ ୨୦୨୫ ପାଳିତ ହୋଇ ଯାଇଅଛି। ଏହି ଅବସରରେ ଗୋଟିଏ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ସର୍ବପ୍ରଥମେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ବିଭିନ୍ନ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ଏକତା ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ଜିଲ୍ଲା ଚିକିତ୍ସାଳୟଠାରେ ପହଞ୍ଚିଥିଲା । ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ସଭାକାର୍ଯ୍ୟ ଭାରପ୍ରାପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ, ପରିସଂଖ୍ୟାନ ନିରୀକ୍ଷକ ମୀନକେତନ ମାଝୀ ଏବଂ ସୁଶିଳା ଦେବୀ ନର୍ସିଂ କଲେଜ ଓ ଜଗନ୍ନାଥ ନର୍ସିଂ କଲେଜର ଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ କୁଷ୍ଠ ରୋଗୀ ଚିହ୍ନଟକରଣ କରିବା, କୁଷ୍ଠର ସମ୍ପୂର୍ଣ୍ଣ ଚିକିତ୍ସା, ଅନ୍ଧ ବିଶ୍ୱାସଠାରୁ ଦୁରେଇ ରହିବା ଆଦି ବିଷୟ ଉପରେ ଆଲୋକପାତ କରାଯାଇଥିଲା କ୍ଷଏହି ସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଓ ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ ପରିଚାଳନା କରିଥିଲେ।




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଚାନ୍ଦନୀମାଲ ପଞ୍ଚାୟତ ଅନ୍ତର୍ଗତ ଚିଚିଣ୍ଡା ସ୍ଥିତ ହରିଶଙ୍କର ପଟେଲ ଉଚ୍ଚ ବିଦ୍ୟାଳୟର ୩୬ତମ ବାର୍ଷିକୋତ୍ସବ ଆଜି ପାଳିତ ହୋଇଯାଇଛି। ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଇବ ଭ୍ୟାଲି ମହାପ୍ରବନ୍ଧକ ଅଓ୍ୱଧ କିଶୋର ପାଣ୍ଡେ, ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ କୁମାର ଆଚାର୍ଯ୍ୟ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସମିତି ସଭ୍ୟ ଯତୀନ ଦେଓ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା, ବ୍ରଜରାଜନଗର ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚାନ୍ଦୁରାମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସନ୍ନ ପଟେଲ ସଭା କାର୍ଯ୍ୟର ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ହରେକୃଷ୍ଣ ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ନ୍ୟାସୀ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା ବାସୁଦେବ ପଟେଲ କରିଥିଲେ। ଏହି ଉପଲକ୍ଷେ ଅତିଥିଗଣ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ, ଗ୍ରାମବାସୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଗାନ୍ଧିସ୍ମୃତିପୀଠ ବାରିମୂଳରେ ଶହୀଦ ଦିବସ ପାଳିତ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ବାରିମୂଳସ୍ଥିତ ଗାନ୍ଧିସ୍ମୃତି ପୀଠରେ ୭୮ତମ ଶହୀଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଧାମୋହନ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାରିମୂଳ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ତିଲୋତମା ଦେଇପୁର ସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଠାକୁରପାଟଣାସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲ ଓ ଜାଭିୟର ସ୍କୁଲ ଛାତ୍ରଛାତ୍ରୀ ତଥା ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପ୍ରଭାତ ଫେରି ସହ ରାମଧୂନ ଗାନ କରିଥିଲେ। ଗାନ୍ଧିସ୍ମୃତି କମିଟିର ଆବାହକ ଆଡଭୋକେଟ୍ ପ୍ରତାପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଗାନ୍ଧିଦର୍ଶନ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ପ୍ରଣବ କୁମାର ଜେନା, ବିଶିଷ୍ଟ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବରଞ୍ଜନ ସାହୁ, ସମ୍ମାନିତ ଅତିଥିଭାବେ ବାରିମୂଳ ସରପଞ୍ଚଙ୍କ ପ୍ରତିନିଧି ଶୁଦ୍ଧଦେବ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ୍ତ ଶତପଥି, ସମାଜସେବୀ ପ୍ରସନ୍ନଜିତ ମହାନ୍ତି, ଶିକ୍ଷକ ଗିରିଧାରୀ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ସତ୍ୟ, ଅହିଂସାର ପୂଜାରୀ ମହାମାନବ ମହାତ୍ମାଗାନ୍ଧୀଙ୍କ ଜୀବନ ଦର୍ଶନକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହ ଭବିଷ୍ୟତ ଜୀବନକୁ ଦେଶ ଓ ଜାତି ଗଠନରେ ସମର୍ପଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଗାନ୍ଧିବାଦୀ ଶିକ୍ଷକ କସ୍ତୁରୀ ଚରଣ ପାତ୍ରଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧିଦର୍ଶନ ଆଧାରିତବକ୍ତୃତା, ସଙ୍ଗୀତ, ନୃତ୍ୟ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ଶିକ୍ଷାବିତ ଶ୍ରୀଧର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଶିକ୍ଷକ ଶିବରଞ୍ଜନ ସାହୁ, ଶିକ୍ଷକ ଦୀପକ କୁମାର ସାହୁ, ଆଡ଼ଭୋକେଟ୍ ପ୍ରତାପ ମହାପାତ୍ର, ଶିକ୍ଷାବିତ୍ କସ୍ତୁରି ଚରଣ ପାତ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାପୁଜୀ ଯୁବକସଂଘ ବାରିମୂଳର ସଦସ୍ୟମାନଙ୍କ ସହ ଶିକ୍ଷକ ସୁରେନ୍ଦ୍ର ନାଥ ମହାପାତ୍ର, ଶିକ୍ଷୟିତ୍ରୀ ଦୀପୁସ୍ମିତା ବେହେରା, ଅର୍ଚ୍ଚନା ରଥ, ନିରୁପମା ମହାପାତ୍ର, ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ କସ୍ତୁରି ଚରଣ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଗରଦପୁର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର। ପ୍ରଥମେ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ ନଇନ୍ଦିପୁର-ପାଟକୁରା ନଦୀବନ୍ଧର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିବା ବେଳେ ଦୁଇ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଚିତ୍ରୋତ୍ପଳା ନଦୀ ବନ୍ଧର କୋରୁଆ ଠାରୁ ରାଘବପୁର ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର। ଏହି ଶିଳାନ୍ୟାସ ଉତ୍ସବକୁ ବିଧାୟକ ଅରବିନ୍ଦ ମହାପାତ୍ର ପ୍ରଥମେ ବିରାଟ ପଟୁଆରରେ ନଇନ୍ଦିପୁର ପର୍ଯ୍ୟନ୍ତ ଯାଇ ଶିଳାନ୍ୟାସ କରିବା ପରେ ସେଠାରୁ କୋରୁଆ ପର୍ଯ୍ୟନ୍ତ ବିଶାଳ ରାଲିରେ ଆସି ପହଞ୍ଚିଥିଲେ। ସେଠାରେ ବିଧାୟକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଆଗାମୀ ଦିନରେ ପାଟକୁରା ଅଞ୍ଚଳର ଉନ୍ନତି ପାଇଁ ମୋର ଯେଉଁ ସ୍ୱପ୍ନ ରହିଛି ତାହା ନିଶ୍ଚିତ ଭାବେ ପୂରଣ କରିବି ବୋଲି ବିଧାୟକ ଅରବିନ୍ଦ ମହାପାତ୍ର ତାଙ୍କ ଭାଷଣ ପ୍ରସଙ୍ଗରେ କହିଥିଲେ। ବିଧାୟକଙ୍କ ଏତାଦୃଶ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ ଅଧ୍ୟକ୍ଷ ବାସୁଦେବ ବେହେରା, ଦିଲ୍ଲୀପ ସାହୁ, ଦିଲ୍ଲୀପ ସେଠୀ, ଶୈଳେନ୍ଦ୍ର ମହାନ୍ତି, କ୍ଷୀରୋଦ ମହାନ୍ତି, ପ୍ରତିନିଧି ମଲ୍ଲିକ୍, ରଞ୍ଜିତ୍ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ହଜାର ହଜାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କାଞ୍ଚିଆକଣରେ ଧାନମଣ୍ଡି ଉଦ୍‌ଘାଟିତ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତର ଘୋଡାଡିଆ ଠାରେ ଅବସ୍ଥିତ ବାଲିକୁଦା ବ୍ଲକର ତିରିରା ପଞ୍ଚାୟତ ଓ ଏରସମା ବ୍ଲକର ସୋମପୁର ପଞ୍ଚାୟତକୁ ନେଇ ଗଠିତ କାଞ୍ଚିଆକଣ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡିକୁ ଉଦ୍‌ଘାଟନ କରି ଏହି ଦୁଇଟି ପଞ୍ଚାୟତର ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରି କରିବା ସହିତ ତାଙ୍କୁ ସମବାୟ ଓ ଯୋଗାଣ ବିଭାଗର କର୍ମଚାରୀ



ମାନେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସେବା ସମବାୟ ସମିତିର ସଭାପତି ଶ୍ୟାମସୁନ୍ଦର ମୁଦୁଲି, ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ଡି.ଇ.ଓ ତ୍ରିଲୋଚନ ବେହେରା, କଟକ ସେଣ୍ଟ୍ରାଲ କୋ-ଅପରେଟିବ୍ ବ୍ୟାଙ୍କ ଡାଇରେକ୍ଟର ସରୋଜ କୁମାର ମହାପାତ୍ର, ନୋଡାଲ ଅଫିସର ଆଶିଷ କୁମାର ସାମଲ, ସୁବାସ ମୋହିନୀ ସାହୁ, ସୁବାସ ଶାସମଲ୍, ସୁଧାଂଶୁ ଶେଖର ବେହେରା, ମଳୟ ପରିଜା, ଗଙ୍ଗାଧର ସାହୁ, ଅତୁଲ କୁମାର ରାଉତ, ପ୍ରହଲ୍ଲାଦ ବିଶ୍ୱାଳ, ବ୍ରହ୍ମାନନ୍ଦ ସ୍ୱାଇଁ, ଅମୂଲ୍ୟ ବେହେରା, ମଦନ ସାହୁ, ନବଘନ ସ୍ୱାଇଁ, ରମେଶ ଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ବିଶ୍ୱାଳ, ସନାତନ ଜେନା, ବିକାଶ କୁମାର ସ୍ୱାଇଁ, କାମଦେବ ଖଣ୍ଡୁଆଳ, ଆଶିଷ କୁମାର ମୁଦୁଲି, ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସାଧାରଣତନ୍ତ୍ର ଦିବସରେ ରକ୍ତଦାନ ଶିବିର



କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍) : ୭୬ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆମ ଅଧିକାର ଆନୁକୂଲ୍ୟରେ ୨୨ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, 'ଆମ ଅଧିକାର ସମ୍ମାନ ଉତ୍ସବ' ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଭାରତୀୟ ସେନାର ପୂର୍ବତନ ସୈନିକ ସଚ୍ଚିଦାନନ୍ଦ ଦାସ ଜାତୀୟ ପତାକା ଉତ୍ତୋଳନ କରିଥଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ନିର୍ଦ୍ଦାର ର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଓ ଆମ ଅଧିକାରର ସଭାପତି ପ୍ରଦୀପ ସାହୁଙ୍କ ସହିତ ଅନ୍ୟ ଅତିଥି ମାନଙ୍କମଧ୍ୟରେ, ପ୍ରଶାସନିକ ଅଧିକାରୀ ଭଗ୍ୟଧର ବ୍ରହ୍ମା, କଟକ ଜିଲ୍ଲା ପୂର୍ବତନ ଆଡିସନାଲ ଏସ୍‌ପି ନୃସିଂହ ଚରଣ ସ୍ୱାଇଁ, ଖୋର୍ଦ୍ଧା ଆସିଷ୍ଟାଣ୍ଟ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଅବିନାଶ ସାହୁ, ନିଆଳି ବ୍ଲକ ପୂର୍ବତନ ଅନୁନିରିକ୍ଷକ ତଥା ଶିକ୍ଷାବିତ୍ ଅଶୋକ ରାୟ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍, ସ୍ତମ୍ଭକାର ଓ ସମାଜସେବୀ ସଞ୍ଜୟ ପାତ୍ର ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଆମ ଅଧିକାରର ପ୍ରତିଷ୍ଠାତା ସଦସ୍ୟ ତଥା ରକ୍ତଦାତା ତଥା ରକ୍ତଦାତା ଅଜିତ୍ ବେହେରାଙ୍କ ବିୟୋଗ ଖବର କାର୍ଯ୍ୟକ୍ରମରେ ନିରସତା ସୃଷ୍ଟି କରିଥିଲା। ପରେ ଅଜିତ୍‌ଙ୍କ ଆତ୍ମାର ସଦ୍‌ଗତି ପାଇଁ ସମବେତ ଦର୍ଶକ ଓ ରକ୍ତଦାତାମାନେ ନିରବ ପ୍ରାର୍ଥନା ପରେ ଅଜିତଙ୍କ ଲାଗି ଶ୍ରଦ୍ଧାଞ୍ଜଳି ସ୍ୱରୂପ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇ କେବଳ ଭଜନ ମାଧ୍ୟମରେ କାର୍ଯ୍ୟକ୍ରମ ଜାରି ରହିଥିଲା। ସେବା ଓ ପ୍ରାଶାସନିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଧରପଡ଼ାର ସୁପରିଟେଣ୍ଡେଣ୍ଟ ଡାକ୍ତର ସୁବାସ ଚନ୍ଦ୍ର ଗୋଚ୍ଛାୟତ ସମ୍ବର୍ଦ୍ଧିତ ହେବା ସହିତ ବିଶିଷ୍ଟ ପାଲା ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା, ପୂଜ୍ୟ ପୂଜାର ନିଆରା କାର୍ଯ୍ୟକ୍ରମ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଯଲିଉଡର ମହାନ୍ ଗୁରୁ ମାନଙ୍କ ମଧ୍ୟରେ ନାଟ୍ୟକାର ଅଧ୍ୟାପକ ଚିନ୍ମୟ ଦାସ, ଗୀତିକାର ନିଗମ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା (ଏକନ), ନୃତ୍ୟଗୁରୁ କୁନା ସା, ଯାତ୍ରା ଜଗତର ଅନୁଭବି ତଥା ବରିଷ୍ଠ କଳାକାର ବାସୁମହାନ୍ତି, ସୁପର ଷ୍ଟାର୍ ବାପି ପଣ୍ଡା, କିଙ୍ଗ ଷ୍ଟାର୍ ସୁବାସ ବେହେରା, ଚରିତ୍ର ଅଭିନେତା ଅକ୍ଷୟ ପାତ୍ର, ଅଜୟ ଷଡ଼ଙ୍ଗୀ, ସିରିଏଲ୍ ଓ ଯାତ୍ରାର ନାୟକ ଅମରଜିତ୍ ମିଶ୍ର ଅପେରା ସୂର୍ଯ୍ୟ ମନ୍ଦିରର ନୂତନ ସୂର୍ଯ୍ୟ ଖଳନାୟକ କ୍ଷିତିସ, ହାସ୍ୟାଭିନେତା ଚଗନ, ନରିପଣ୍ଡା, ଧଡ଼ି, କଣ୍ଢେଇ ଉପସ୍ଥାପକ ତଥା ଅଭିନେତା ରଙ୍ଗ ମହଲର ଦେବ୍ ଓ ଜିନା କଣ୍ଠ ଶିଳ୍ପୀ ବିକାଶ ବେହେରା, ପ୍ରମିଳା ବାରିକ, କି ବୋର୍ଡରେ ସୁଚ, ଭଗବାନ, କୋଣାର୍କ ଗଣନାଟ୍ୟର ତବଲା ବାଦକ ମିହିର ରାଉତ, ପ୍ୟାଡ୍ ବାଦକ ଗଣେଶ ମହାନ୍ତିଯାତ୍ରା ସିଂହ ବାହିନୀର ନୂତନ ସମ୍ଭାବନା ଉପସ୍ଥାପିକା ସୁଚିତ୍ରା ସମେତ ପଚାଶରୁ ଉର୍ଦ୍ଧ୍ୱ କଳାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯିବା ସହିତ ଶହେରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସୁନାମଧନ୍ୟ କଣ୍ଠ ଶିଳ୍ପୀ ବରିଷ୍ଠ ଦୈତ କଣ୍ଠ ଶିଳ୍ପୀ ପ୍ରଦୀପ କୁମାର, ତପନ ଦାସ, ଡି କ୍ରିଷ୍ଣା, କୁମାର ଲିପୁ, ବଦ୍ରିନାରାୟଣ, ବିକାସ କୁନିଙ୍କ ଯାଦୁଗରି କଣ୍ଠରେ ଦର୍ଶକଙ୍କ ମାନମୋହିଲା ବେଳେ ୯୩ ୟୁନିଟ୍ ରକ୍ତ କଟକ ରେଡକ୍ରସ୍‌ର ଶୁଭ ଲକ୍ଷ୍ମୀ ମହାନ୍ତି, ପ୍ରସନ୍ନ ବାବୁ, ଉଦୟ ବାବୁ ଓ ସହଯୋଗୀ ବନ୍ଧୁମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା। ଯଲିଉଡର ବରିଷ୍ଠ କଳାକାର ବ୍ରଜବିହାରି ନାୟକ ସମସ୍ତ ଉପସ୍ଥିତ କଳାକାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅପରାହ୍ନରେ ଅଜିତ୍‌ଙ୍କ ପାର୍ଥିବ ଶରୀର ଆମ ଅଧିକାର ରକ୍ତଦାନ ଶିବିର ରବିନାରାୟଣ ନଗର ନିକଟରେ ପହଞ୍ଚି ସମସ୍ତ ସଦସ୍ୟ ତଥା ସମବେତ ଜନତାଙ୍କ ଠାରୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଅଶ୍ରୁଳ ବିଦାୟ ସ୍ୱର୍ଗ ଦ୍ୱାର ଅଭିମୁଖେ ଯାଇଥିଲା। ଶିବିର ପରିଚାଳନା ଡାକ୍ତର ନାଟ୍ୟକାର ରଞ୍ଜିତ, ଆରିଫ ଭାଇ,ଜମ୍ମୁ ଭାଇ, ବିଭୂତି ପଣ୍ଡା, କିଶୋର ରାଉତ, ଦେବ ବାବୁ, ସିଲୁ,ପ୍ରଭଞ୍ଜନ,ଦିପ୍ତି ରଞ୍ଜନ, ଲେଙ୍କା, ଭାଗ୍ୟ ଭାଇ, ବିଭୁଦତ୍ତ, ସ୍ୱାଧୀନ ଶିବିର ପରିଚାଳନା କରିଥଲେ ମଞ୍ଚସଂଚାଳନା ସମ୍ପାଦକ କରିଥିବା ବେଳେ କାର୍ଯ୍ୟକ୍ରମ କୁ ସଫଳ ରୂପ ଦେଇ ଥିବାରୁ ସଭାପତି ପ୍ରଦୀପ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥଲେ।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ବ୍ରଜରାନଜଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ମଣ୍ଡଳିଆସ୍ଥିତ କଳୀ ମନ୍ଦିର ପରିସରରେ ଆଜି ଦିନ ୯ଟା ସମୟରେ ନଅଟି ବିଦ୍ୟାଳୟକୁ ନେଇ ସାମୂହିକ ଆଚାର୍ଯ୍ୟ ବିକାଶ ଦିବସ ପାଳିତ ହୋଇଯାଇଛି। ବ୍ରଜରାନଜଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସାହେବ୍ ରାଓ ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ ସଙ୍କୁଳ ସଂଯୋଜକ ଅରୁଣ ସାହୁ ଜିଲ୍ଲା ପ୍ରମୁଖ ବିଜୟ ଦାସ ରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଗଣେଶ ରାମ ନାୟକ ପଞ୍ଚାଙ୍ଗୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଦସ୍ୟ ଝଶକେତନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବ୍ରଜରାନଜଗର ସଙ୍କୁଳ ୯ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ଦୁଇଟି କାଲାସଂ ବୈଦିକ ଗଣିତ ଓ ଇଂରେଜୀ ଉପରେ ଶିକ୍ଷାଦାନ ପ୍ରଦାନ କରାଯାଇଥଲା ଓ ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମାମାନେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟର ମୋଟ୍ ୨୦୦ରୁ ଉର୍ଦ୍ଧ୍ୱ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ବ୍ରଜରାନଜଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିଦ୍ୟାଳୟ ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ସହଯୋଗ କରିଥିଲେ।

## ସନ୍ତୋଷୀ ମା' ମନ୍ଦିରର ୩୩ତମ ଜନ୍ମ ବାର୍ଷିକୋତ୍ସବ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ବ୍ଲକର ମୁକ୍ତାପଶି ଗ୍ରାମରେ ଅବସ୍ଥିତ ସନ୍ତୋଷୀ ମା' ମନ୍ଦିରର ୩୩ତମ ଜନ୍ମ ବାର୍ଷିକୋତ୍ସବ ଶୁକ୍ରବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ପାଳନ ଲାଗି ଗୁରୁବାର ଅପରାହ୍ନ ସମୟେ ଗ୍ରାମର ଗୁଡି ପୋଖରୀରୁ ଶତାଧିକ ମହିଳା ଓ ପୁରୁଷ କଳସରେ ପାଣି ଧରି ଗାଁ ପରିକ୍ରମା କରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଦୁଇଦିନ ଧରି ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ନାମ ସଂକୀର୍ତ୍ତନରେ ମନ୍ଦିର ପରିସର ଉତ୍ସବମୁଖର ହୋଇଉଠିଥିଲା। ଘନଶ୍ୟାମ ଦେହୁରୀ, ରଞ୍ଜୁଲତା ଦେହୁରୀ, ସସ୍ମିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଗଗନ ବିହାରୀ ମିଶ୍ର ଓ ମନ୍ଦିରର ପୂଜକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରିଥିଲେ। ଶୁକ୍ରବାର ଅପରାହ୍ନ ସମୟରେ ପୂର୍ଣ୍ଣାହୁତି କରାଯାଇ ଗ୍ରାମବାସୀ ଓ ଅନ୍ୟ ନିମନ୍ତ୍ରିତ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା ପଞ୍ଚାୟତ ବେଳାଭୂମି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପାଲ ନିଜ ଚାକିରୀ କାଳରୁ ଅବସର ନେଇଛନ୍ତି। ଏ ନେଇ ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ମାନ୍ୟବର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନୀତ ଅତିଥି ପୁରୀ ଜିଲ୍ଲା ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ବେଳାଭୂମି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା କାହ୍ନୁଚରଣ ବିଶ୍ୱାଳ, କୋଷାଧ୍ୟକ୍ଷ ରାଜ୍ୟ ଓଷ୍ଟା ଅଶୋକ କୁମାର ମହାପାତ୍ର, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ ପରିଚାଳନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ନାୟକ, କମିଟି ସଭ୍ୟ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଶ୍ରୀ ପାଲଙ୍କ ବିଦ୍ୟାଳୟ ପ୍ରତି ଅବଦାନ, ଶିକ୍ଷାଦାନ ଶୈଳୀ ଏବଂ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ରହି ଲକ୍ଷ୍ୟଆଡକୁ ଅଗ୍ରସର ହେବାକୁ ମାର୍ଗଦର୍ଶନ ଦେଉଥିଲେ ବୋଲି ଗୁଣଗାନ କରିଥିଲେ। ଶ୍ରୀଯୁକ୍ତ ପାଲ ଏକାଧାରରେ ଥିଲେ ଛାତ୍ରବତ୍ସଳ, ସରଳ ନିଷ୍କପଟ ମଣିଷ ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଉପସ୍ଥିତ ଅତିଥି ଅଭିଭାଷଣରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଶ୍ରୀଯୁକ୍ତ ପାଲଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶୋଭକର ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ଗୁରୁଜୀ ବିଜୟ କୁମାର ଭଟ ।

## ରାମ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପଦ୍ମପୋଖରୀ ଗ୍ରାମ ରାମ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅପରାହ୍ନ ୨ଟାରେ ଗ୍ରାମବାସୀଙ୍କ ପକ୍ଷରୁ ସୂର୍ଯ୍ୟ ଦେବତାଙ୍କୁ ପୂଜାଅର୍ଚ୍ଚନା ସହ ଜଗତ କଲ୍ୟାଣ ନିମିତ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ସଭାପତି ଭରତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନରେ ମୁଖ୍ୟ ପଣ୍ଡିତ ଶ୍ରୀକାନ୍ତ କୁମାର ଶଡ଼ଙ୍ଗୀ, ସହଯୋଗୀ ପଣ୍ଡିତ ସତ୍ୟବ୍ରତ କରଙ୍କ ଦ୍ୱାରା ସୂର୍ଯ୍ୟପୂଜା, ନବଗ୍ରହ ପୂଜା, ଘଟ ଉତ୍ତୋଳନ, ରାମଙ୍କର ଷୋଡ଼ଶ ପୂଜା ଯଜ୍ଞ ପୂର୍ଣ୍ଣାହୁତି ଆଦି ନାମ ସଂକୀର୍ତ୍ତନ ସୁଚାରୁ ରୂପେ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତାକର୍ତ୍ତୀ ଭାବେ ଗ୍ରାମ୍ୟ ସଭାପତି ଭାରତ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସଞ୍ଜୁ ପ୍ରଧାନ ଯୋଗଦେଇଥିବା ବେଳେ ଗ୍ରାମବାସୀ ମହାଯଜ୍ଞରେ ସହଯୋଗ କରିଥିଲେ।

## ଜମିବାଡ଼ି ମାମଲାକୁ ନେଇ ଗଣ୍ଡଗୋଳ
## ଭାଉଜ ଆକ୍ରମଣରେ ଦିଅର ଗୁରୁତର

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକା ଗ୍ରାମରେ ଆଜି ସକାଳେ ଜମିବାଡ଼ି ମାମଲାକୁ ନେଇ ଭାଉଜଙ୍କ କଟୁରି ଚୋଟରେ ଦିଅର ଗୁରୁତର ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ଦୁମୁକା ଗ୍ରାମର ମହେନ୍ଦ୍ର କୁମାର ଦାସ ଡେରାବିଶ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ ସେ ଆଜି ସକାଳୁ ଗ୍ରାମଦେବତୀଙ୍କ ଦର୍ଶନ କରି ଫେରୁଥିବା ବେଳେ ତାଙ୍କ ବଡ଼ବାପା ପୁଅ ଅରବିନ୍ଦଙ୍କ ସ୍ତ୍ରୀ ରୁବି ଦାସ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏକ କଟୁରୀ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଚୋଟ ମାରିଥିଲେ। ହେଲେ ସେ ରକ୍ଷା ପାଇବା ପାଇଁ ତାଙ୍କ ବାମହାତ ଦେଖାଇ ଦେବାରୁ କଟୁରିର ଚୋଟ ତାଙ୍କ ହାତରେ ବାଜିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ ଓ ଭୟରେ ମନ୍ଦିର ଆଡ଼କୁ ଦୌଡ଼ିବାରେ ଲାଗିଥିଲେ। ହେଲେ ରୁବି ତାଙ୍କ ପଛରେ ଗୋଡ଼ାଇ ଆକ୍ରମଣ କରିବାକୁ ଲାଗିଥିଲେ ବୋଲି ମହେନ୍ଦ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଗ୍ରାମବାସୀ ପହଞ୍ଚି ରୁବିଙ୍କୁ ଅଟକାଇବାରୁ ସେ ଆକ୍ରମଣରୁ ନିବୃତ ରହି ନିଜ ଘରକୁ ଫେରି ପଳାଇ ଯାଇଥିଲେ। ତେବେ ପୋଲିସ ମହେନ୍ଦ୍ରଙ୍କ ଅଭିଯୋଗ ପାଇବା ପରେ ଘଟଣା ସମ୍ପର୍କରେ ତଦନ୍ତ କରିବା ସହିତ ଥାନାରେ ୧୪/୨୫ରେ ଏକ ମାମଲା ରୁଜ୍ଜୁ କରିବା ସହିତ ରୁବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ଗୋପାଳପୁର ତ୍ରିନାଥ ମନ୍ଦିରରେ ତ୍ରିବେଣୀ ଅମାବାସ୍ୟା

### ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ଓ ଅର୍ଥରାଶି ପ୍ରଦାନ




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ସ୍ଥାନୀୟ ଧରାଧରପୁର ପଞ୍ଚାୟତ ଗୋପାଳପୁ ବଜାରରେ ଥିବା ତ୍ରିନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ତ୍ରିବେଣୀ ଅମାବାସ୍ୟା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ପ୍ରଭୁଙ୍କ ନିତିକାନ୍ତି କରାଯାଇ ଚତୁର୍ଥପ୍ରହର ନାମଯଜ୍ଞ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୬ଗୋଟି କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରି ନାମସଂକୀର୍ତ୍ତନ କରିଥିଲେ। ଦୃଷ୍ଟିଶକ୍ତି ହରାଇଥିବା, ଦୁରାଗ୍ୟ ବ୍ୟାଧିରେ ପୀଡିତ ଥିବା ଓ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ସମାଜସେବୀ ରତନ ସିହ୍ନା ଶୀତବସ୍ତ୍ର ଓ କମିଟି ପକ୍ଷରୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ନଳିନୀ ପ୍ରଭା ମୁଦୁଲି, ପୂରଣଓଡପଡା ସରପଞ୍ଚ ଶିବରାମ ସାହୁ ଯୋଗ ଦେଇ ପ୍ରଭୁଙ୍କର ଆଶିଷ ଲାଭ କରିଥିଲେ। କମିଟିର ଭାସ୍କର ପଟ୍ଟନାୟକ, ଭାବଗ୍ରାହୀ ସାହୁ, ମୁନା ଦାସ, ବିଜୟ କୁମାର ସାହୁ, ପୁପି ଚକ୍ରବର୍ତ୍ତୀ, ସେବା ନନ୍ଦ ସାହୁ, ପଞ୍ଚୁ ଦାସ, ବିଦ୍ୟାଧର ମହାନ୍ତି, ମିଟୁ ସାହୁ, ନବିନା ଦାସ, ଗୋରେଖ ନାଥ ବେହେରା, ତପନ ସିହ୍ନା, ଜିତେନ ସାହୁ, ଫକିର ମହାରଣା, ବସୁଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ପ୍ରଭୁଙ୍କର ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମାପନ କରାଯାଇଥିବାରୁ କମିଟିର ସଭାପତି କେଦାର ନାଥ ସାହୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରାଶିଫଳ


ଶନିବାର, ୧ ଫେବୃଆରୀ ୨୦୨୫



**ମେଷ:** ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କ ଠାରୁ ସତର୍କତା ଆବଶ୍ୟକ।




**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବ୍ୟବସାୟ ଭଲ ହେବ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।




**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ। ବିନିଯୋଗ ଅନୁକୂଳ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ଶତ୍ରୁମାନେ ସକ୍ରିୟ ରହିବେ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ।




**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ସହର ଅନ୍ତର୍ଗତ ସାତକମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ କମିଟି ପକ୍ଷରୁ ଦୁଇ ଚରଣରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି । ସକାଳ ନଅଟା ସମୟରେ କମିଟିର ସଭାପତି ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ସମ୍ପାଦକ କୋଶଲେଶ୍ୱର ଖର୍ସେଲ, ପୂର୍ବ ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ସାଥୁଆ, ପ୍ରଧାନ ଶିକ୍ଷକ ସୁରଭି ନାଏକ,ବରିଷ୍ଠ ଶିକ୍ଷକ ଅନନ୍ତ ରାମ ପଟେଲ,ସି. ଆରସିସି ସଞ୍ଜୟ ନାଗ ଓ ପୁରାତନ ଛାତ୍ର,ଛାତ୍ରୀ ଉପସ୍ଥିତ ରହି କୁଚିଣ୍ଡା କଳାପରିଷଦ ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ପରେ ଅପରାହ୍ନ ଦୁଇଟା ସମୟରେ ସ୍କୁଲ ପରିସରରେ ସ୍କୁଲ ଚେୟାରମ୍ୟାନ ମନୋଜ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବରେ ଯୋଗ ଦେଇ ଗାନ୍ଧୀ ସମଗ୍ର ବିଶ୍ୱରେ ଆଜି ଅହିଂସାର ପ୍ରତୀକ ଭାବରେ ପୂଜିତ ବୋଲି କହିଥିଲେ । ଏଥିରେ ଚାଷୀ ନେତା ମନୋରଞ୍ଜନ ପଟେଲ ,ସରକାରୀ ଓକିଲ ତୁଳାରାମ ବାଘ , ସାମାଜିକ କର୍ମୀ ଲଲାଟେନ୍ଦୁ ପଟେଲ, ବିଜେପି କର୍ମୀ ଚତୃଭୂଜ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶ ଗ୍ରହଣ କରି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଆଡ୍‌ଭୋକେଟ ତରମ୍ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ନିୟମଗିରିକୁ ବିଜୁଳି ସାତ ସପନ



ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ପାର୍ସାଲି ପଞ୍ଚାୟତ ନିୟମଗିରି ପାହାଡିଆ ଡଙ୍ଗରିଆ ଅଞ୍ଚଳରେ ବସବାସ କରୁଥିବା ଲାଖପଦର ଗାଁର ବିଜୁଳି ଆଲୁଅ ସାତସପନ । ଆଜିର ଡିଜିଟାଲ ଯୁଗରେ ୭୭ ବର୍ଷ ହେଲା ୧୨ ଟି ଗାଁ କୁ ବିଜୁଳି ସଂଯୋଗ ହୋଇନଥିବାବେଳେ ସ୍ୱାସ୍ଥ୍ୟ, ଶିକ୍ଷା କଥା ନକହିବା ଭଲ । ଏଠାରେ ଲୋକଙ୍କ ଶୋଷ ମେଣ୍ଟାଉଛି ପାହାଡ ଝରଣା ପାଣି । ଏହି ପଂଚାୟତରେ ୩୨ ଖଣ୍ଡ ଗାଁ । ସେଥିମଧ୍ୟରୁ ୧୨ ଖଣ୍ଡ ଗାଁରେ ଏବେ ବି ବିଜୁଳି ଆଲୁଅ, ସ୍ୱାସ୍ଥ୍ୟ, ଶିକ୍ଷା, ଗାଁ କୁ ପହଞ୍ଚି ପାରିନାହିଁ । ଯୋଜନା କଣ ଏମାନେ ବୁଝନ୍ତି ନାହିଁ । ଗଣ୍ଡିଏ ଖାଇବା ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରା ବର୍ଷା ଶୀତ କାକରରେ ସଂଘର୍ଷ କରନ୍ତି । ଏଠାକାର ଲୋକେ କେତେବେଳେ ଜଙ୍ଗଲୀ ଖାଦ୍ୟ ଖାଇ ଭୋକ ମେଣ୍ଟାଉଛନ୍ତି ତ କେତେବେଳେ ବାଉଁଶ କରଡି,ଛତୁ, କନ୍ଦା, କସଲା ଖାଇ ଜୀବନ ବଞ୍ଚାନ୍ତି । ଏଭଳି ଲୋକଙ୍କ ଦୁଃଖ କଷ୍ଟ ବୁଝିବ କିଏ କାହାକୁ ଗୁହାରି କରିବେ । ସରକାର ଯୋଜନା ଉପରେ ଯୋଜନା କରି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ କୌଣସି ଯୋଜନା ପାଇ ପାରୁନାହାନ୍ତି ଏଠାକାର ଅଧିବାସୀ । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତ ସପନ । ସୋଲାର ଲାଇଟ ଗାଁରେ ଲାଗିଛି ସତ, ତାହା ମାତ୍ର ସନ୍ଧ୍ୟାରେ ୨ ଘଣ୍ଟା ପାଇଁ ଜଳୁଛି ତାହାପରେ ଠପ । ଏହାକୁ ନେଇ ନିୟମଗିରି ସଭାପତି ଲଦ ଶିକକା, ପ୍ରକାଶ କରିଛନ୍ତି । ଏବେ ବି ଗାଁ ଗୁଡିକରେ ବିଜୁଳି ଆଲୁଅ ପହଞ୍ଚି ପାରିନାହିଁ । ଏଣୁ ଏହି ଅଞ୍ଚଳରେ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ସରକାରଙ୍କୁ ଅନୁରୋଧ କି ତୁରନ୍ତ ଏହି ଗାଁ ଗୁଡିକରେ ବିଜୁଳି ପହଁଚାନ୍ତୁ । ଗ୍ରାମର ଲଦ ଶିକକା, ଡ୍ରିଞ୍ଜୁ କୁର୍ଷିକା, ମାନୁ ଶିକକା, କାଣ୍ଡୁ ଶିକକା, ବୁଦଗା ଶିକକା, ସମ୍ଭା ହୁଇକା, ପେଟା ଶିକକା ପ୍ରମୁଖ ଗ୍ରାମବାସୀମାନେ ଏହି ଦାବି କରିଛନ୍ତି ।

# ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ଅନ୍ତର୍ଗତ କୁଲିଗାଁ ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ତରଫରୁ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଓ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଆହ୍ଲାଦିନୀ ବେହେରା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଜୀବନରେ କ୍ରୀଡାର ମହତ୍ୱ ସହ ସର୍ବାଙ୍ଗୀନ ଶିକ୍ଷା ଉପରେ ଆଲୋକପାତ କରିଥିଲେ । ଲମ୍ଫଡିଆଁ, ରାମ ରାବଣ, ସର୍ଟ ଫୁଟ, ଲଙ୍ଗ ଫୁଟ, ଦୌଡ ପ୍ରତିଯୋଗୀତା ଆଦି ଅନୁଷ୍ଠିତ ହୋଇଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଧାନ ଶିକ୍ଷକ ବିଦ୍ୟାଧର ମାଝୀ ପୁରସ୍କାର ବିତରଣୀ ଉତ୍ସବରେ ସଭାପତିତ୍ୱ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ରଜନୀ କାନ୍ତ ଯୋଶୀ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଦିଲ୍ଲୀପ ତାଣ୍ଡି, ଶିକ୍ଷକ ପ୍ରଦ୍ୟୁମ୍ନ ପତି, ଚେରୁ ତାଣ୍ଡି, ଶିକ୍ଷୟିତ୍ରୀ ଲତିକା ମଞ୍ଜରୀ ରାଉତ ଲତିକା ରାଉତ, ପ୍ରମୁଖ ସହଯୋଗ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବିଷମ କଟକ ( ଭାସ୍କର ନ୍ୟୁଜ ) ରାୟଗଡ଼ ଜିଲ୍ଲାର ବିଷମ କଟକ ବ୍ଲକର କଲ୍ୟାଣୀ ମଣ୍ଡପ ଠାରେ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ' ଏକ ଉତ୍ସାହଭରା ପରିବେଶରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବମୟ ଅବସରରେ ଗୁଣୁପୁର୍ ସବକଲେକ୍ଟରଙ୍କ ଉପସ୍ଥିତିରେ ଏହି ଶିବିର ଉଦ୍ଘାଟନ କରାଯାଇଥିଲା । ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ବ୍ଲକର ଭିନ୍ନକ୍ଷମ ନାଗରିକମାନଙ୍କୁ ଅବଶ୍ୟକ ସହାୟତା ଏବଂ ସୁବିଧା ପ୍ରଦାନ କରିବା । ଉଦ୍ଘାଟନ ଅନୁଷ୍ଠାନରେ ବ୍ଲକ ଅଧିକାରୀମାନେ ତହସିଲ କର୍ମଚାରୀ ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହାସହ ଜିଲ୍ଲା ଭିନ୍ନକ୍ଷମ ସମିତିର ସଭାପତି ଜଳନ୍ଦ୍ର ବାଚେଲି ବ୍ଲକ ସଭାପତି ରାକେଶ ହିଭୀରିକା, ଉପସଭାପତି ରାମଚନ୍ଦ୍ର ପାତ୍ର ଏବଂ ଓଏଲଏମ୍ ମହିଳାମାନେ ଏହି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଏକଜୁଟ ହୋଇ କାମ କରିଥିଲେ । ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ଥାନୀୟ ପ୍ରତିନିଧିମାନେ ମଧ୍ୟ ଏହି ଶିବିରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଅଭିଯାନର ଏକ ଖାସ ବିଶେଷତ୍ୱ ହେଉଛି ବିଷମ କଟକ ବ୍ଲକର ୨୧ ଟି ପଞ୍ଚାୟତର ଭିନ୍ନକ୍ଷମ ବ୍ୟକ୍ତିମାନେ ଆବାଳ ବୃଦ୍ଧ ମହିଳା ଏବଂ ଶିଶୁମାନେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କୁ ବିଭିନ୍ନ ସାହାଯ୍ୟ ଏବଂ ସୁବିଧା ଯୋଗାଇଦିଆଯାଇଥିଲା । ଯେଉଁଥିରେକି ମୁଖ୍ୟତଃ ସ୍ୱାସ୍ଥ୍ୟ ସେବା ଶିକ୍ଷା ଏବଂ ସମାଜ ସୁରକ୍ଷା ଯୋଜନାର ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ଏହି ଅଭିଯାନ ମାଧ୍ୟମରେ ଏହି ବ୍ୟକ୍ତିମାନଙ୍କୁ ସାମାଜିକ ଏବଂ ଆର୍ଥିକ ଦିଗରୁ ମଜବୁତ କରିବା ଉଦ୍ଦେଶ୍ୟ ରଖାଯାଇଛି ।

# ବିଡିଓଙ୍କୁ ପଛଧାଡ଼ିରେ ବସାଇବା ଘଟଣା ।।।
# ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ




ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ସମିତି ବୈଠକରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଥିଲା । ଜଣେ ବିଡିଓ ହେଉଛନ୍ତି ବ୍ଲକର ସରକାରୀ ମୁଖ୍ୟ ଓ ନିର୍ବାହୀ ଅଧିକାରୀ, କିନ୍ତୁ ସେପରି ଜଣେ ସରକାରୀ ଅଧିକାରୀ ଙ୍କୁ ଷ୍ଟେଜର ପଛ ଧାଡ଼ିରେ ବସାଇବା ନେଇ ଆଜି ଉମରକୋଟ ସମିତି ବୈଠକରେ ସମିତି ସଭ୍ୟମାନେ ପ୍ରବଳ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ୩ ଦିନ ପାଇଁ ଉମରକୋଟ ବିଡିଓ ଭାବେ ଡାବୁଗାଁ ବିଡିଓ ଦାୟିତ୍ୱ ରେ ଅଛନ୍ତି ।ତେବେ ଷ୍ଟେଜରେ ଆବଶ୍ୟକ ସଂଖ୍ୟା ଠାରୁ ଅଧିକ ସଂଖ୍ୟାରେ ଲୋକ ପ୍ରତିନିଧିମାନଙ୍କ ପ୍ରତିନିଧି ମାନେ ବସିବାରୁ ବିଡିଓଙ୍କୁ ଶେଷ ଧାଡ଼ି ରେ ଯାଇ ବସିବାକୁ ପଡ଼ିଲା । ବିଡିଓ ପଛରେ ବସିବା ପରେ ନିଜେ ଅସହ୍ୟ ଅନୁଭବ କରିବାରୁ ଷ୍ଟେଜ ତଳେ ଆସି ବସିଥିଲେ । ଏହାକୁ ନେଇ ସମିତି ସଭ୍ୟମାନେ ଆପତ୍ତି ଉଠାଇବା ସହ ପ୍ରବଳ ଅସନ୍ତୋଷ ପ୍ରକାଶ କରିଥିଲେ । ଜଣେ ବିଡିଓ ବ୍ଲକର ମୁଖ୍ୟ ସରକାରୀ ଅଧିକାରୀ ଙ୍କୁ ତଳେ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଯୁକ୍ତି କରିଥିଲେ । ବୈଠକ ବର୍ଜନ ପାଇଁ ଧମକ ଦେବା ପରେ ବିଡିଓ ଙ୍କୁ ଷ୍ଟେଜ ରେ ବସାଯାଇଥିଲା । ଉଲ୍ଲେଖଯୋଗ୍ୟକି ଯେ ଉମରକୋଟ ବ୍ଲକ୍ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ବ୍ଲକ ଅଧକ୍ଷା ସୁଶୀଳା ମାଝି ସଭାପତିତ୍ୱ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ ସଭା ପରିଚାଳନା କରିଥିବା ବେଳେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ , ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ , ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝୀ, ଉପାଧକ୍ଷ ଶ୍ୟାମଳ ସରକାର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦନ ରାୟ, ଜିଲ୍ଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା , ଉମରକୋଟ ବିଡିଓ ଦାୟିତ୍ୱରେ ଥିବା ଡାବୁଗାଁ ବିଡିଓ ଶରତ ଚନ୍ଦ୍ର ମାଝୀ ଉପସ୍ଥିତି ଥିଲେ । ଆଜିର ବୈଠକ ପାଇଁ ୧୮ ଟି ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ସମିତି ସଭ୍ୟ ମାନେ ବିଜୁଳି ବିଭାଗର ମନ ଇଚ୍ଛା ବିଜୁଳି କାଟ ଓ ଜୋରଜବରଦସ୍ତ ବିଲ ଆଦାୟ ନଚେତ୍ ଜନତାଙ୍କୁ ଜୁଲମ କରାଯାଉଥିବା, ଶିକ୍ଷା ଓ ପାନୀୟ ଜଳ ଯୋଗାଣ ବିଭାଗରେ ଚାଲିଥିବା ଅବ୍ୟବସ୍ଥା କୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ । ଆଉ ମାସେ ପରେ ପରୀକ୍ଷା ଦେବେ ସ୍କୁଲ ପିଲା । ଆଜି ପର୍ଯ୍ୟନ୍ତ ସ୍କୁଲ ୟୁନିଫର୍ମ ନ ମିଳିବା, ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନ ପାଇଁ ଅର୍ଥରାଶି ବୃଦ୍ଧି କରିବା ସତ୍ତ୍ୱେ ମଧ୍ୟାହ୍ନ ଭୋଜନରେ ନିମ୍ନ ମାନର ଖାଇବା ତେଲ ଓ ପାଣିଆ ଡାଲି ଦିଆ ଯାଉଥିବା, ମନ ଇଚ୍ଛା ଡେପୁଟେଶନ କରାଯାଉଥିବା ନେଇ ସମିତି ସଭ୍ୟମାନେ ପ୍ରବଳ ଅସନ୍ତୋଷ ଜାହିର କରିଥିଲେ । ତେବେ ଉପସ୍ଥିତ ଥିବା ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୌଣସି ଉତ୍ତର ଦେଇ ପାରିନଥିଲେ । ଅପରପକ୍ଷେ ବ୍ଲକ୍‌ରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ ସମିତି ସଭ୍ୟ ମାନେ ରିଜୋଲ୍ୟୁସନ କରିବା ପରେ ହିଁ ହେବ ବୋଲି ମଧ୍ୟ ଦାବି କରିଥିଲେ ।

## ।।। କୋରାପୁଟ ଜିଲ୍ଲା ବିଦ୍ୟୁତ୍ ସମିତି ବୈଠକ ।।।
# ୩ଶହ ଗ୍ରାମ ବିଦ୍ୟୁତ୍ ସେବାରୁ ବଞ୍ଚିତ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ରରେ ୧୯ତମ ଜିଲ୍ଲା ବିଦ୍ୟୁତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ଓ ଜୟପୁର ଉପଖଣ୍ଡର ବିସ୍ତୃତ ତଥ୍ୟ ଉପସ୍ଥାପନ ହୋଇଥିଲା । ଜିଲ୍ଲାର ୧୮୯୯ ରାଜସ୍ୱ ଏବଂ ୨୬୨୧ ପଡାଗାଁରେ ବିଦ୍ୟୁତ ସେବା ଉପଲବ୍ଧ ହେଉଛି । ଏବେ ମଧ୍ୟ ୩୦୦ ପାଖାପାଖି ଗାଁ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ଥାପିତ ବିଦ୍ୟୁତ୍ ଫିଡର, ସବ୍‌ଷ୍ଟେସନ, ୨୫କେଭି, ୧୧କେଭି ଲାଇନ ଗୁଡିକର ସ୍ଥିତ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ୨୪୧ ପୋଲିଂ ବୁଥରେ ବିଦ୍ୟୁତ ସଂଯୋଗ ହୋଇଥିଲା ବେଳେ ବିଭିନ୍ନ ବ୍ଲକରେ ଓରିଡା ଦ୍ୱାରା ସୋଲାର ବିଦ୍ୟୁତ ସଂଯୋଗ ଦିଆଯାଇଛି । ତଥାପି କିଛି ଗାଁ ସହ ଘରୋଇ ବିଦ୍ୟୁତ ସଂଯୋଗ କାମ ବାକି ରହିଛି । ତୁରନ୍ତ ଚିହ୍ନଟ ଅଞ୍ଚଳରେ ବିଦ୍ୟୁତ ସଂଯୋଗ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ବଳକା ଥିବା ଆବାସିକା ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ବି ବିଦ୍ୟୁତ ପହଞ୍ଚାଇବା ପାଇଁ ଦାବି ହୋଇଥିଲା । ସୀମାବର୍ତ୍ତୀ ଗାଁରେ ସର୍ଭେ କରି ତୁରନ୍ତ ବିଦ୍ୟୁତ ଯୋଗାଇ ଦେବାକୁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଦାବି କରିଥିଲେ । ଉଠାଜଳସେଚନ, ସେବାଶ୍ରମ ଗୁଡିକୁ ବିଦ୍ୟୁତ ଯୋଗାଣ ସହ ବିନା ଅନୁମତିରେ ବିଦ୍ୟୁତ ନକାଟିବା ପାଇଁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ତାଗିଦ୍ କରିଥିଲେ । ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ ନିମନ୍ତେ ଚିହ୍ନଟ ଜମିରେ ରହିଥିବା ଖୁଣ୍ଟ ଉଠାଇବାକୁ ଜିଲ୍ଲାପାଳ ଭି କୀର୍ତି ଭାସନ ନିର୍ଦ୍ଦେଶ ଦେଇଥିଲେ । କୋଟପାଡ ବିଧାୟକ ରୁପୁ ଭତ୍ରା ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ଏବଂ ପଞ୍ଚାୟତରେ ତୁରନ୍ତ ସର୍ଭେ କରି ବିଦ୍ୟୁତ ଯୋଗାଣ କରାଯାଉ ବୋଲି ଦାବି କରିଥିଲେ । ସେହିପରି ବାଧ୍ୟ କରି ସ୍ମାର୍ଟ ମିଟର ଲଗାଇବା ସହ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଆଳରେ ମନଇଚ୍ଛା ଜରିମାନା ଆଦାୟ କରାଯାଉଛି ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଅଭିଯୋଗ କରିଥିଲେ । କଂପାନି ସେବା ଯୋଗାଇବାରେ ବିଳମ୍ବ କରୁଛି କିମ୍ବା ବିଫଳ ହେଉଛି ବୋଲି ଜୟପୁର ବିଧାୟକ ଅଭିଯୋଗ କରିଥିଲେ । ବୈଠକରେ କୋରାପୁଟ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଇଂ. ଭଗବାନ ପ୍ରଧାନ କୋରାପୁଟ ସହରରେ ଦୁଇଟି ଫିଡର ରହିଥିଲା ବେଳେ ନିରନ୍ତର ବିଦ୍ୟୁତ ଯୋଗାଣ ନିମନ୍ତେ ପ୍ରୟାସ ଜାରି ରହିଥିବା ସୂଚନା ଦେଇଥିଲେ। ଜୟପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ. ବରୁଣ ଚୌଧୁରୀ ମଧ୍ୟ ଜୟପୁର ଡିଭିଜନ ବିଷୟରେ ତଥ୍ୟ ରଖିଥିଲେ । କୋରାପୁଟ ବିଧାୟକଙ୍କ ପ୍ରତିନିଧି ସୁମନ୍ତ ପ୍ରଧାନ, ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପାଳ ଆକାବରମ ଶସ୍ୟା ରେଡି, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା କାର୍ଯ୍ୟାନ୍ୱୟନ ବିଭାଗ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବୁଢ଼ାମାଲ ସ୍କୁଲର ବାର୍ଷିକ ଉତ୍ସବ



ବରଗଡ(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ ବୁଢ଼ାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସୋହେଲା ଏବିଇଓ ମନୋହର ଉଟୀ , ମୁଖ୍ୟ ବକ୍ତା ଭାବେ ସି ଆର ସି ସି କେଦାରନାଥ ସାହୁ, ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ବିରଞ୍ଚି କଲାରୀ, ଉଜାରୁ ପଧାନ, ସଭାପତି ଶେଷଦେବ ବେହେରା, ମଞ୍ଚ କଳାକାର ପଞ୍ଚମ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ବାଲମୁକୁନ୍ଦ ବାରିକ ପରିଚାଳନା କରିଥିବା ବେଳେ, ଶିକ୍ଷକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ, ତୁଳସୀରାମ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରୁକ୍ମିଣୀ ପଧାନ ଓ ଡିଲେଶ୍ୱରୀ ଭୁଏ ସହଯୋଗ କରିଥିଲେ । ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ ।

# ନିଆଁ ନିବାରଣ ସଚେତନତା ରାଲି



ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ବନାଞ୍ଚଳ ତରଫରୁ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଉପଲକ୍ଷେ ତାଡମା ଆବାସିକ ଉଚ୍ଚ ବିଦ୍ୟାଳୟ ର ୧୨୦ ଜଣ ଛାତ୍ର ଛାତ୍ରୀ ଓ ୧୭ ଜଣ ସ୍କୁଲ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ରାଲିକୁ ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ ଓ ଆବାସିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲି ଗୋପାଳପୁର ଗ୍ରାମ ଠାରୁ ତାଡମା ଗ୍ରାମ ପର୍ଯ୍ୟନ୍ତ ହୋଇଥିଲା । ଏଥିରେ ଗୋପାଳପୁର ଗ୍ରାମ , ତାଡମା ଗ୍ରାମ ଓ ଚିନ୍ତାଲୀଗୁଡା ଗ୍ରାମ ଗୁଡିକରେ ବନକର୍ମଚାରୀ ଏବଂ ଛାତ୍ର ଛାତ୍ରୀ ମାନେ ସ୍ଲୋଗାନ ମାଧ୍ୟମରେ ଜଙ୍ଗଲ ନିଆଁ ନିବାରଣ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ବାର୍ତ୍ତା ଦ୍ୱାରା ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ କିପରି ନିୟନ୍ତ୍ରଣ ଓ ନିବାରଣ କରିବା ଓ ଜଙ୍ଗଲରେ କିପରି ନିଆଁ ନ ଲାଗିବ ସେ ଉପରେ ପ୍ରୟାସ ଓ ସେଥିରେ ବନ ବିଭାଗକୁ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା । ଏହି ରାଲିରେ ୫ ଜଣ ବନପାଳ, ୧୫ ଜଣ ବନରକ୍ଷୀ , ୩୦ ଜଣ ପାରା ବନ କର୍ମଚାରୀ , ୧୨୦ ଜଣ ଛାତ୍ର ଛାତ୍ରୀଙ୍କ ସହ ୧୭ ଜଣ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମଟି ରାୟଗଡା ବନପାଳ ଗୌରି ଶଙ୍କର ସାହୁ, ଗୁମ୍ମା ବନପାଳ ଉମ୍ବରୁଧର ନାୟକ, କୁମତାଲପେଟା ବନପାଳ ପ୍ରଦ୍ୟୁମ୍ନ କୁମାର ବେହେରା, ବନପାଳ ପଦ୍ମାବତୀ ପାଢ଼ି ଏବଂ ବନପାଳ ରବିଚନ୍ଦ୍ର ପାତ୍ର, ବନରକ୍ଷୀ ସନ୍ତୋଷ କୁମାର ପାଣିଗ୍ରାହୀ , ସମୀର କୁମାର ସାହୁ, ଶକୁନ୍ତଳା କୋଣ୍ଡାଗୋରୀ, ବି ଭାସ୍କର , ପ୍ରସାଦ ବେହେରା , ପ୍ରଦୀପ ସାହୁ,ଲାବଣ୍ୟ ମାଝିଙ୍କ ଦ୍ୱାରା ସୁପରିଚାଳନା କରାଯାଇଥିଲା ।

# ଧାନକିଣାରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ଚଳିତ ୨୦୨୪-୨୫ ଖରିଫ ଋତୁରେ ୩୯ ଗୋଟି ସୋସାଇଟୀ ମାଧ୍ୟମରେ ୪୬୩୪୬ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ୪୪୩୬୮ ଚାଷୀଙ୍କ ଠାରୁ ୨୨୮୯୪୦୧.୨୨କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ଏବଂ ୪୪୧୧୭ ଚାଷୀଙ୍କୁ ୭୦୪.୯୧ କୋଟି ଟଙ୍କା ପ୍ରଦାନ କରାଯାଇଅଛି । ଚଳିତ ବର୍ଷ ଧାନ କିଣା ପ୍ରକ୍ରିୟାରେ ଜିଲ୍ଲାର ୩୧ ଗୋଟି ମିଲର୍ ଅଂଶ ଗ୍ରହଣ କରିଥିଲେ ।ପ୍ରକାଶ ଥାଉ କି,ଗତ ୨୦୨୩ -୨୪ ଖରିଫ ଋତୁରେ ଧାନ ବିକ୍ରି ପାଇଁ ୪୪୩୩୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ ଏବଂ ୩୬୨୩୨ ଜଣ ଚାଷୀଙ୍କ ଠାରୁ ୧୭୮୭୬୮୯.୭୦ କୁଇଣ୍ଟାଲ ଧାନ ସଂଗ୍ରହ କରଯାଇଥିଲା । ବର୍ତ୍ତମାନ ସୁଦ୍ଧା ନିର୍ଦ୍ଧାରିତ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଲକ୍ଷ୍ୟ ସାଧନ ହାରରେ ନୂଆପଡ଼ା ଜିଲ୍ଲା, ଓଡ଼ିଶା ରେ ଏକ ନମ୍ବର ସ୍ଥାନ ଅଧିକାର କରିଛି । ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତଦାରଖ କରିଥିଲେ । ଯୋଗାଣ ଅଧିକାରୀ,ସମବାୟ ସମିତିର କର୍ମକର୍ତ୍ତା ଓ ଆର ଏମ ସି ଓ ମିଲର୍‌ମାନଙ୍କ ପକ୍ଷରୁ କୃଷକମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାର କୃଷକମାନେ ଧାନ ବିକ୍ରି ସମୟରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଜିଲ୍ଲାପାଳ ଘନ ଘନ ମଣ୍ଡି ଗସ୍ତ କରୁଥିଲେ । ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ଡି ଆର ସି ଏସ,ଏ ଆର ସି ଏସ, ଆର୍‌ଏମ୍‌ସି ସମ୍ପାଦକ ଓ ଅନ୍ୟ କର୍ମଚାରୀମାନଙ୍କ କାର୍ଯ୍ୟାବଳୀ ବାରମ୍ବାର ସମୀକ୍ଷା କରୁଥିଲେ । ସମସ୍ତ ମଣ୍ଡିରେ ବିଦ୍ୟୁତ୍ ସଂଯୋଗ ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତି ଶୃଙ୍ଖଳାରେ ଧାନକ୍ରୟ ପ୍ରାୟତଃ ସରି ଆସିଥିବାରୁ ଜିଲ୍ଲାପାଳ ସଂପୃକ୍ତ ସମସ୍ତ ଅଧିକାରୀ , କୃଷକ ଏବଂ ମିଲର୍ ମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ଆଇନ ସଚେତନତା ଶିବିର

ବଲାଙ୍ଗିର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରର ବିଷୟ ବସ୍ତୁ ଥିଲା "ଯୌନ ନିର୍ଯାତନା ଏବଂ ସୋସିଆଲ ମିଡିଆର ସୁରକ୍ଷା ଓ ବ୍ୟବହାର" । ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଫ୍ୟାମିଲି ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ସମ୍ମାନୀୟ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକାରୀ ହିମାଂଶୁ ବେହେରା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଜଜ୍ ପବିତ୍ରାନନ୍ଦ ପ୍ରଧାନ, ଆଇନ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜିବ କୁମାର ପ୍ରଧାନ ମଞ୍ଚାସୀନ ଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ସମସ୍ତ ଛାତ୍ର ଛାତ୍ରୀ ଏବଂ କୋର୍ଟର କର୍ମଚାରୀଗଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସହକାରୀ ପ୍ରଧାପକ ମନିନ୍ଦର ସିଂ ହଂସପାଲ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଧାପକ ଚଣ୍ଡୀ ପ୍ରସାଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟରେ ଅବହେଳାକୁ ନେଇ ଡାକ୍ତରଙ୍କୁ ତାଗିଦ୍ କଲେ ବିଧାୟକ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ବିପର୍ଯ୍ୟସ୍ତ ହେଉଥିବା ଦେଖିବାକୁ ମିଳିଛି ।କିଛି ଡାକ୍ତର ଠିକ୍ ସମୟରେ ନ ଆସିବା ଓ ରୋଗୀଙ୍କ ପ୍ରତି ଡାକ୍ତର ଏବଂ ନର୍ସଙ୍କ ବିତୃଷ୍ଣା ଭାବ, କେବେ ପିଲାଚୋରି ତ କେବେ ଗର୍ଭବତୀ ମା' ଚିକିତ୍ସାଳୟ ବେଡରୁ ପଡି ଛୁଆ ନଷ୍ଟ, ଡ଼ାଇଲୋସିସ୍ ଅସୁବିଧା, ଶୌଚାଳୟ ଅବ୍ୟବସ୍ଥା । ଏପରି ଜିଲ୍ଲା ଚିକିତ୍ସାଳୟ ଭିତରେ ବ୍ୟାପକ ଅବ୍ୟବସ୍ଥା କୁ ନେଇ ବିଭିନ୍ନ ଗଣ ମାଧ୍ୟମ ମାନଙ୍କରେ ଖବର ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି ।ହେଲେବି ଡାକ୍ତର ମାନେ କାହାକୁ ଡରୁନାହାନ୍ତି ।ତେଣୁ ଦିନକୁ ଦିନ ସେବା ମନବୃତ୍ତି କମିବାରେ ଲାଗିଛି । କନ୍ଧମାଳ ଜିଲ୍ଲା ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଡାକ୍ତରମାନଙ୍କ ସେବା, ଡିୟୁଟିରେ ଅବହେଳା, ଠିକ ସମୟରେ ଉପସ୍ଥିତ ନ ରହିବା, ଏହିପରି ଅବ୍ୟବସ୍ଥାକୁ ଆଖି ଆଗରେ ରଖି ଗୁରୁବାର ଦିନ ଫୁଲବାଣୀ ବିଜେପି ବିଧାୟକ ଉମାଚରଣ ମଲ୍ଲିକ, ମେଡିକାଲ ରିପ୍ରେଜେଣ୍ଟିଭ ରମେଶ ଚନ୍ଦ୍ର ମହାନ୍ତି, ବିଜେପିନଗର ସଭାପତି ଜଗନ୍ନାଥ ସାହୁ ଏବଂ ବିଜେପି କିଛି କର୍ମକର୍ତ୍ତା ଅଚାନକ ଫୁଲବାଣୀ ଚିକିତ୍ସାଳୟ ପରିଭ୍ରମଣ କରିଥିଲେ । ଆଶୁ ଚିକିତ୍ସା ବିଭାଗ, କର୍ମଚାରୀଙ୍କ କାର୍ଯ୍ୟ,ମାତୃ ଓ ଶିଶୁ ବିଭାଗ ଗସ୍ତ କରିବା ସହ ଅନ୍ୟ ସମସ୍ତ ବିଭାଗ ମାନ ମଧ୍ୟ ବୁଲି ଦେଖି ରୋଗୀମାନଙ୍କୁ ସେବା ଉପରେ ପଚାରି ବୁଝିଥିଲେ । ଯାହାଦ୍ୱାରା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ପାଇଥିଲେ । ବିଳମ୍ବରେ ଆସୁଥିବା କିଛି ଡାକ୍ତର, ନର୍ସ ମାନଙ୍କୁ ତାଗିଦ୍ କରିବା ସହ ମେଡିକାଲ ମ୍ୟାନେଜର ବିଭୁଦତ୍ତ ଶତପଥୀଙ୍କୁ ମଧ୍ୟ ତାଗିଦ୍ କରିଥିଲେ । ଆଗାମୀ ଦିନରେ ଏପରି କାର୍ଯ୍ୟ ଦେଖିବାକୁ କିମ୍ବା ଶୁଣିବାକୁ ପାଇଲେ ଦୃଢ଼ ଉଚିତ୍ ପଦକ୍ଷେପ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ । ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ । ଏଥିସହିତ କନ୍ଧମାଳ ଜିଲ୍ଲାରେ ନୂତନ ଭାବେ ନିର୍ମିତ ହେଉଥିବା ମେଡିକାଲ କଲେଜର ଡିନ୍ ଡକ୍ଟର ନରେନ୍ଦ୍ର ବେହେରା ମାତୃ ଓ ଶିଶୁ ବିଭାଗ ସହିତ ଅନେକ ବିଭାଗ ମଧ୍ୟ ପରିଦର୍ଶନ କରିଥିଲେ ।

# ଭିଜିଲାନ୍ସ ଜାଲରେ ବଣାଇ ପିଏଆଇଟିଡିଏ
## ସରକାରୀ ବାସଭବନ ସମେତ ୭ ଟି ସ୍ଥାନରେ ଚଢ଼ାଉ




ଲହୁଣୀପଡା (ଭାସ୍କର ନ୍ୟୁଜ୍): ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁଙ୍କ ବଣାଇଁ ସ୍ଥିତ ସରକାରୀ ବାସଭବନ ସମେତ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର, ଅଞ୍ଚଳର ସାତଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢାଉ କରାଯାଇଛି । ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ତଦନ୍ତ ଚାଲିଥିବା ପ୍ରାଥମିକ ସୂତ୍ରରୁ ଜଣାପଡିଛି । ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ, ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଜଣେ ଅତିରିକ୍ତ ଏସ୍.ପି, ୩ ଜଣ ଡିଏସ୍‌ଏସ୍ପିଙ୍କ ନେତୃତ୍ୱରେ ଏକକାଳୀନ (୧) ଭୁବନେଶ୍ୱରର ଶ୍ରୀରାମ ନଗରର, ପୁରୁଣା ସହର ପ୍ଲଟ ନମ୍ବର ୧୮୧୩/୩୯୪୧ ମୌଜା -ୟୁନିଟ ୨୭, (୨)ପ୍ଲଟ ନମ୍ବର ୩୦୪ ତୃତୀୟ ମହଲା ଭଗବାନ ଟାୱାର, ଲକ୍ଷ୍ମୀ ସାଗର, ଭୁବନେଶ୍ୱର, (୩)ପ୍ଲଟ ନମ୍ବର ୪୦୨, ଚତୁର୍ଥ ମହଲା (ଇଭିଓଏସ) ଗେଲାକ୍ସି ୟୁନିଟ୍ ୩ ଖାରବେଳ ନଗର ଭୁବନେଶ୍ୱର (୪) ସୁକୁମାର ନାଏକ ଆପାର୍ଟମେଣ୍ଟର ଫ୍ଲାଟ୍ ନମ୍ବର ୩୦୨ ଏସ୍ ଏନ୍ ଏସ ରୋଡ୍ ବାଲେଶ୍ୱର (୫) ଯାଜପୁର ଟାଉନ ସମ୍ପର୍କୀୟଙ୍କ ଘରେ,(୬) ସୁନ୍ଦରଗଡ଼ ଜିଲ୍ଲା ବଣାଇ ସରକାରୀ ବାସଭବନ (୭) ବଣାଇ ତାଙ୍କ କାର୍ଯ୍ୟାଳୟର ସମସ୍ତ ସ୍ଥାନରେ ଘର ତଲାସ କରାଯାଉଛି ।ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସୁନ୍ଦରଗଡ଼ଙ୍କ ଦ୍ୱାରା ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଏବଂ ବଣାଇଁ ସମେତ ୭ ଟି ସ୍ଥାନରେ ୧୦ ଜଣ ଇନ୍‌ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ଦ୍ୱାରା ଚଢାଉ ଜାରି ରହିଛି ।



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କର ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ନିମାପଡ଼ା ନାଳବନ୍ଧ ରାସ୍ତା ସୁଦୃଢ଼ୀକରଣ କରାଯିବା ପାଇଁ ଶ୍ରୀମତି ପରିଡ଼ାଙ୍କ ଦ୍ୱାରା ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ଼େଲଟା ଛକ ଠାରେ ନାଳବନ୍ଧ ରାସ୍ତାର ସୁଦୃଢ଼ୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଶ୍ରୀମତି ପରିଡ଼ାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ବଳଙ୍ଗା ଅଞ୍ଚଳରେ ମଧ ଅନେକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ପରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ବିଜେପି ଦଳର ସାଂଗଠନିକ ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବନରଂଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, ନଗର ସଭାପତି ନିରଞ୍ଜନ ନାୟକ, ଯୁବନେତା ମିଳନ ମୁଖୀ, ସାଂସଦ ପ୍ରତିନିଧି ମୀନଳତା ମହାନ୍ତି, ବିଜୟ ପଣ୍ଡା, ଯତୀନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଅନେକ ବ୍ୟକ୍ତି ଯୋଗ ଦେଇଥିଲେ । ବିଭିନ୍ନ ମଣ୍ଡଳର ନୂତନ ସଭାପତି ଚୟନ କରାଯାଇଥିବା ବେଳେ ଜିଲ୍ଲା ପ୍ରତିନିଧି ମଧ ଚୟନ କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନୂତନ ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧିଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଯେପରି ସଂଖ୍ୟା ଗରିଷ୍ଠତା ହାସଲ କରି ବ୍ଲକ୍ ଦଖଲ କରାଯିବ ସେ ସଂପର୍କରେ ଉପ-ମୁଖ୍ୟମନ୍ତ୍ରୀ ନିଜ ଦଳର କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିମାପଡ଼ାର ବିକାଶ ମୋର ପ୍ରଥମ ଲକ୍ଷ୍ୟ ।

## ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ନୂତନ ଯୋଜନା ଡିପିଆର ପ୍ରସ୍ତୁତ ନିର୍ଦ୍ଦେଶ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାରଲୋକସେବା ଭବନରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ରାଜ୍ୟ ସରକାରଙ୍କ ପକ୍ଷରୁ ପରିକଳ୍ପିତ ବିଭିନ୍ନ ନୂତନ ପ୍ରକଳ୍ପ ଗୁଡିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ବଜେଟ ପରିମାଣର ୭୨ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହିତ ଟ୍ରାଫିକ୍ ଭିଡ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନାରୁ ଜଣା ଯାଇଛି ଯେ, ଏଥିପାଇଁ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ, ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏ ଓଭର୍ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି । ସେହିପରି ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକସ୍‌ରୁ ପଥର ଗାଡିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲେଲ୍ ରୋଡ୍ କାମ ମଧ ଜାରି ରହିଛି । ଏହା ସହିତ ଡମଣାରୁ ପ୍ରେସ୍ ଛକ, କଳା ରାହାଙ୍ଗରୁ ବାରିମୁଣ୍ଡ ଓ କେଳୁଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍‌ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି । ଏହା ସହିତ ଏକ ଇନର୍ ରିଙ୍ଗ୍ ରୋଡ୍ ମଧ ନିର୍ମାଣ କରାଯିବ । ସମ୍ପୂର୍ଣ୍ଣ ଟ୍ରାଫିକ୍ ଭିଡ ହ୍ରାସ ପାଇଁ ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବ । ଏଥି ମଧ୍ୟରୁ ଡମଣା ଛକରୁ ପ୍ରେସ୍ ଛକ ରାସ୍ତା କାମ ସରିଥିବା ବେଳେ ସୁନ୍ଦରପଦା- ଜଟଣୀ ରୋଡ୍ ଓ ଲେଫ୍ଟ ପାରାଲେଲ୍ ରୋଡ୍ କାମ ଜାରି ରହିଛି । ବାକି ସବୁ କାମର ତୁରନ୍ତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରୁ ଜଣା ଯାଇଛି ଯେ, ଭୁବନେଶ୍ୱର ପାଇଁ ୬୪ କିଲୋମିଟର ବିଶିଷ୍ଟ ଏକ ଇନର୍ ରିଙ୍ଗ୍ ରୋଡ୍ କରାଯିବ । ଏଥିରେ ଟମାଣ୍ଡୋରୁ ପାଇକରାପୁର ଏବଂ ଧଉଳିରୁ ଟମାଣ୍ଡୋ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ । ଏହା ସହିତ ଭୁବନେଶ୍ୱରର ସଂପ୍ରସାରଣ ପାଇଁ ଏକ ଆଉଟର୍ ରିଙ୍ଗ୍ ରୋଡ୍ ର ଯୋଜନା ମଧ ପ୍ରସ୍ତୁତ କରାଯାଇଛି । ୧୪୮ କିଲୋମିଟର ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍, ୬ ଲେନ୍ ହେବା ସହିତ ୨ଟି ସର୍ଭିସ୍ ରୋଡ୍ ମଧ ରହିବ । ଏଥିପାଇଁ ସମୁଦାୟ ୬,୧୫୨ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ଦ୍ୱାରା ସହରର ସଂପ୍ରସାରଣ ହେବା ସହିତ ଯୋଗାଯୋଗର ସୁବିଧା ବଢିବ । ଅର୍ଥନୈତିକ ଅଭିବୃଦ୍ଧି ସହିତ ପର୍ଯ୍ୟଟନ ବୃଦ୍ଧି ହେବ ଓ ଉତ୍ତମ ପରିବେଶ ମଧ ସୃଷ୍ଟି ହେବ । ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ, ରାଜ୍ୟର ଚାରିପାର୍ଶ୍ୱକୁ ଏକ ଗ୍ରାଣ୍ଡ ରିଙ୍ଗ୍ ରୋଡ୍ ମାଧ୍ୟମରେ ଯୋଡିବା ପାଇଁ ଯେଉଁ ଲକ୍ଷ୍ୟ ରଖା ଯାଇଛି, ତାହାର ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିଲୋମିଟର ଏକ ସଡକ ନିର୍ମାଣ କରାଯିବ । ଏଥିରେ ୪ଟି ଟନେଲ୍ ରହିବ । କେନ୍ଦୁଝର ମା' ତାରିଣୀଙ୍କ ମନ୍ଦିରର ବିକାଶ ଓ ଚାରିପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୨୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକର ଆଲୋଚନାରୁ ଜଣା ଯାଇଛି । ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ କରି ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ବଡବିଲ୍ ରିଙ୍ଗ୍ ରୋଡ୍, ଭୁବନେଶ୍ୱର ୟୁନିଟ୍-୨ ଅଂଚଳର ବିକାଶ ଓ ଅନ୍ୟାନ୍ୟ ପ୍ରକଳ୍ପ ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

# ବାଣିଜ୍ୟ ବିଭାଗର ପାଠଚକ୍ର



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗରେ 'ଫ୍ରମ୍ ଚାଏସ ଟୁ କ୍ଲାରିଟି : ଦି ଆର୍ଥ ଅଫ୍ ରାଇଟିଙ୍ଗ୍ ରିସର୍ଚ ରିପୋର୍ଟ' ସଂପର୍କିତ ଏକ ବହୁ ବିଭାଗୀୟ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡ. ଚିତ୍ତରଂଜନ ସାହୁ ଅଧକ୍ଷତା କରି କାର୍ଯ୍ୟକ୍ରମର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଶକ୍ତି ରଂଜନ ଦାସ ଅନଲାଇନ ମାଧ୍ୟମରେ ଯୋଡିହୋଇ ରିସର୍ଚ ରିପୋର୍ଟ ଲିଖନର ଉପଯୁକ୍ତ ପ୍ରକ୍ରିୟା, ତଥ୍ୟ ସଂଗ୍ରହ ତଥା ତଥ୍ୟ ବିଶ୍ଳେଷଣର ବିଭିନ୍ନ ପଦ୍ଧତି ଉପରେ ପୁଂଖାନୁପୁଂଖ ଆଲୋଚନା କରିଥିଲେ । ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଂଟିଆ ଅତିଥି ପରିଚୟ ପ୍ରଦାନ ଓ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ବାଣିଜ୍ୟ ବିଭାଗର ଅଧାପିକା ଓ ଅଧାପକ ଡ. ସସ୍ମିତ କୁମାର ସାହୁ, ଶକ୍ତି ପ୍ରସାଦ କବିଶତପଥୀ, ମିସ୍ ସୁମିତ୍ରା ବେହେରା, ଆଦିତ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧାପିକା ଡ. ସୋମ୍ୟା ନନ୍ଦ କାର୍ଯ୍ୟକ୍ରମକୁ ସଂଯୋଜନା ଓ ମିମସ ରାଧା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

PARADIP PORT AUTHORITY
e-TENDER CALL NOTICE
No. EM/PED-03/2025
No. EM/PED/TECH-03/2025/118 Date:28/01/2025
Name of the work - Management of Power Distribution System of Paradip Port Authority. Estimated Cost: Rs.22,20,30,322/- only excluding GST. Last date & time of submission of bid: dt.19/02/2025 up to 18:00 Hrs.
Refer our Website for details https://eprocure.gov.in/eprocure/app
Sd/- Executive Engineer (E), PED-II
PPA/PR/60/2024-2025 dtd.31.01.2025

AFFIDAVIT
By virtue of an affidavit before Executive Magistrate, Kantabanji on dtd.31.01.2025 I Manjula Majhi W/o Radheshyam Chhatria of Village-Tikrapada P.O. Salemuduga ,P.S. Turekela Dist.Balangir, Odisha do hereby declare that in my Aadhar Card my name is recorded as Manjula Majhi and after marriage my name recorded in Voter Identity Card as Manjula Chhatria where as Manjula Majhi and Manjula Chhatria is same and one person and now I known as Manjula Chhatria w/o Radheshyam Chhatria.

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍
Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427
ଏତଦ୍ଵାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 31.03.2024 & MSGL, SPL-16, One plus, Guide Prepaid, Super value, ADGL and all other 6 months tenure Gold loans up to 30.06.2024 and MSGB, SME Suvarna & EMI due up to 31.12.2024 ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 20.02.2025 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ । **JAGATSINGHPUR:** 414401017, 414401019, 414401026, 414401027, 414401031, 414401034, 414401035, 414401036, 414401037, 414401038, 414401042, 414401043, 414401046, 414401048, 414401050, 414401054, 414401058, 414401065, 414401072, 414401075, 414401076, 414401077, 414401079, 414401082, 414401085, 414401086, 414401089, 414401100, 414401101, 414401105, 414401106, 414401107, 414401111, 414401122, 414401124, 414401125, 414401132, 414401133, 414401135, 414401141, 414401142, 414401146, 414401149, 414401151, 414401154, 414401157, 414401160, 414401162, 414401167, 414401171, 414401173, 414401183, 414401188, 414401195, 414401198, 414401200, 414401203, 414401208, 414401211, 414401218, 414401220, 414401225, 414401228, 414401229, 414401230, 414401232, 414401234, 414401239, 414401241, 414401262, 414401265, 414401266, 414401267, 414401268, 414401275, 414401276, 414401277, 414401279, 414401285, 414401288, 414401296, 414401298, 414401299, 414401302, 414401303, 414401307, 414401308, 414401315, 414401321, 414401325, 414401327, 414401330, 414401331, 414401332, 414401339, 414401340, 414401341, 414401344, 414401348, 414401358, 414401360, 414401364, 414401368, 414401370, 414401374, 414401375, 414401376, 414401378, 414401380, 414401387, 414401388, 414401391, 414401399, 414401400, 414401406, 414401407, 414401409, 414401411, 414401417, 414401419, 414401421, 414401422, 414401427, 414401428, 414401431, 414401434, 414401439, 414401440, 414401442, 414401443, 414401444, 414401446, 414401447, 414401448, 414401450, 414401452, 414401454, 414401455, 414401458, 414401459, 414401463, 414401464, 414401465, 414401466, 414401467, 414401468, 414401469, 414401475, 414401476, 414401480, 414401481, 414401482, 414401483, 414401486, 414401488, 414401491, 414401493, 414401497, 414401498, 414401501, 414401502, 414401504, 414401505, 414401506, 414401507, 414401511, 414401512, 414401521, 414401523, 414401525, 414401527, 414401528, 414401529, 414401530, 414401531, 414401532, 414401533, 414401534, 414401538, 414401539, 414401540, 414401541, 414401542, 414401549, 414401550, 414401551, 414401552, 414401553, 414401556, 414401557, 414401558, 414401559, 414401560, 414401567, 414401568, 414401569, 414401570, 414401572, 414401574, 414401575, 414401580, 414401582, 414401583, 414401585, 414401586, 414401588, 414401592, 414401593, 414401595, 414401596, 414401602, 414401605, 414401606, 414401608, 414401613, 414401616, 414401619, 414401620, 414401629, 414401631, 414401633, 414401634, 414401635, 414401636, 414401638, 414401639, 414401643, 414401649, 414401652, 414401653, 414401656, 414401659, 414401661, 414401662, 414401663, 414401667, 414401674, 414401676, 414401678, 414401684, 414401685, 414401689, 414401690, 414401691, 414401693, 414401695, 414401699, 414401703, 414401704, 414401705, 414401709, 414401710, 414401715, 414401718, 414401721, 414401728, 414401731, 414401734, 414401741, 414401742, 414401743, 414401744, 414401747, 414401756, 414401758, 414401761, 414401762, 414401772, 414401774, 414401775, 414401781, 414401783, 414401793, 414401797, 414401803, 414401807, 414401808, 414401809, 414401813, 414401816, 414401818, 414401822, 414401823, 414401825, 414401826, 414401827, 414401834, 414401835, 414401837, 414401841, 414401846, 414401847, 414401848, 414401852, 414401853, F6523. **PARADEEP:** 417200175, 417200181, 417200195, 417200199, 417200201, 417200202, 417200203, 417200210, 417200218, 417200226, 417200230, 417200231, 417200233, 417200236, 417200238, 417200242, 417200243, 417200244, 417200245, 417200246, 417200248, 417200249, 417200253, 417200262, 417200263, 417200264, 417200265, 417200267, 417200280, 417200283, 417200287, 417200299, 417200300, 417200304, 417200308, 417200309, 417200312, 417200316, 417200332, 417200340, 417200342, 417200345, 417200346. **KENDRAPARA DISTRICT - KENDRAPARA:** 406000597, 406000600, 406000606, 406000612, 406000615, 406000619, 406000632, 406000636, 406000642, 406000644, 406000658, 406000669, 406000672, 406000682, 406000686, 406000692, 406000698, 406000711, 406000721, 406000722, 406000731, 406000741, 406000749, 406000755, 406000759, 406000761, 406000766, 406000770, 406000781, 406000787, 406000794, 406000797, 406000799, 406000802, 406000806, 406000807, 406000808, 406000813, 406000815, 406000818, 406000819, 406000821, 406000822, 406000823, 406000824, 406000825, 406000828, 406000829, 406000839, 406000844, 406000847, 406000850, 406000863, 406000865, 406000866, 406000867, 406000870, 406000871, 406000872, 406000876, 406000877, 406000882, 406000886, 406000887, 406000888, 406000891, 406000892, 406000901, 406000902, 406000907, 406000908, 406000919, 406000921, 406000922, 406000923, 406000924, 406000926, 406000927, 406000928, 406000929, 406000935, 406000936, 406000937, 406000939, 406000942, 406000943, 406000951, 406000954, 406000956, 406000972, 406000973, 406000983, 406000986, 406000990, 406000995, 406001005, 406001009, 406001011, 406001012, 406001019, 406001020, 406001025, 406001029, 406001032, 406001033, 406001034, 406001048, 406001049, 406001054, 406001061, 406001063, 406001064, 406001069, 406001073, 406001083, 406001084, 406001091, 406001092, 406001094, 406001095, 406001104, 406001106, 406001110, 406001116. **NAYAGARH DISTRICT - NAYAGARH:** 399500625, 399500642, 399500650, 399500651, 399500679, 399500693, 399500699, 399500705, 399500737, 399500739, 399500742, 399500745, 399500746, 399500751, 399500752, 399500753, 399500757, 399500771, 399500779, 399500792, 399500796, 399500797, 399500798, 399500808, 399500814, 399500817, 399500818, 399500820, 399500827, 399500828, 399500829, 399500830, 399500833, 399500834, 399500839, 399500855, 399500873, 399500883, 399500887, 399500888, 399500890, 399500892, 399500897, 399500902, 399500919, 399500931, 399500933, 399500938, 399500940, 399500942, 399500944, 399500945, 399500952, 399500959, 399500965, 399500968, 399500974, 399500979, 399500986, 399500987, 399500989, 399500990. **ODAGAON:** 4428000008, 4428000011, 4428000012, 4428000021, 4428000028, 4428000031, 4428000032, 4428000033, 4428000034, 4428000040.
ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 04.03.2025 ସକାଳ ୧୦ **JAGATSINGHPUR:** Muthoot FinCorp Ltd., Plot No. 925, Ground Floor, Gandharb Market, Sano Bazaar Main Road, Opp. Bus Stand, Deuligrameswar, Jagatsinghpur, Orissa - 754103. **KENDRAPARA:** Muthoot FinCorp Ltd., First Floor, Baldevjew, Bajaj Show Room Building, Plot No-23/3, Mauja-Mahiapl, Po-Kendrapara, Town Road, Beside HDFC Bank, Kendrapara, Orissa - 754211. **NAYAGARH:** Muthoot FinCorp Ltd., Ground Floor, Nayak Complex, Plot No 1328/3051, Khandapada Road, Beside IDBI Bank, Nayagarh, Orissa - 752069. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।
ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

ଦ.ପୂ. ରେଳପଥ-ଟେଣ୍ଡର
ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଡିଆରଏମ୍-ଇଞ୍ଜିନିୟରିଂ-ଆଦ୍ରା-୦୭-୧୦-୨୫, ତାରିଖ: ୩୦.୦୧.୨୦୨୫
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ)/ଆଦ୍ରା ଦକ୍ଷିଣ ପୂର୍ବ ରେଳପଥ । କ୍ରମିକ ନଂ ଏବଂ ଟେଣ୍ଡର ନଂ, କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ (୧) ଇ-ଡିଆରଏମ୍-ଇଞ୍ଜିନିୟରିଂ-ଆଦ୍ରା-୦୭-୨୫, ତାରିଖ: ୩୦.୦୧.୨୦୨୫, ଆଦ୍ରା ଡିଭିଜନ: ଗରବେଟା ଏବଂ ବାଙ୍କୁରାରେ ଥିବା ପୁରୁଣା ତଥା ନଷ୍ଟ ହୋଇଯାଇଥିବା ଆରସିସି ଓଭରହେଡ ଟାଙ୍କି ସ୍ଥାନାନ୍ତରଣ, ଟ. ୫,୧୨,୪୯,୨୪୦.୩୩/- (୨) ଇ-ଡିଆରଏମ୍-ଇଞ୍ଜିନିୟରିଂ-ଆଦ୍ରା-୦୮-୨୫, ତାରିଖ: ୩୦.୦୧.୨୦୨୫, ସିନିୟର ସେକ୍ସନ ଇଞ୍ଜିନିୟର (ୱାର୍କ୍ସ)/ଠାରେ ୧୦୦୦୦୦ ଗ୍ୟାଲେନ ବିଶିଷ୍ଟ କଂକ୍ରିଟ ଓଭରହେଡ ଟାଙ୍କି ସ୍ଥାପନ/ ଜଳଯୋଗାଣ ସହ ଆଦ୍ରାରେ ଥିବା ପୁରୁଣା ଆରସିସି ଟାଙ୍କି ୧ ଓ ୨ର ସ୍ଥାନାନ୍ତରଣ, ଟ. ୪,୭୩,୬୦,୮୫୮.୨୧/- (୩) ଇ-ଡିଆରଏମ୍/ ଇଞ୍ଜିନିୟରିଂ/ଆଦ୍ରା/୦୯-୨୫, ତାରିଖ: ୩୦.୦୧.୨୦୨୫, ରେଲୱେ ୱାଗନରେ କ୍ୱାରୀ ଲୋଡିଂ ସହ ଝଣ୍ଟିପାହାଡ଼ି ଡିପୋରୁ ୫୦ ଏମଏମ୍ ଗଜ ବିଶିଷ୍ଟ କ୍ରସର ମେସିନ ସ୍ଥାପନ, ଟ. ୯୮,୧୩,୨୨୯.୪୪/- (୪) ଇ-ଡିଆରଏମ୍-ଇଞ୍ଜିନିୟରିଂ-ଆଦ୍ରା-୧୦-୨୫, ତାରିଖ: ୩୦.୦୧.୨୦୨୫, ୫୦ ଏମଏମ ଗଜ୍ ବିଶିଷ୍ଟ କ୍ରସର ମେସିନ ଯାହାକି ଆଦ୍ରା/ରାମକାନାଲି ଡିପୋରୁ କ୍ୱାରୀକୁ ରେଲୱେ ୱାଗନ ପାଇଁ ପରିବହନ, ଟ.୧,୩୫,୨୨,୭୪୮.୪୦/- । ଇ-ଟେଣ୍ଡରର ବନ୍ଦ ହେବା ତାରିଖ ଏବଂ ସମୟ: ୨୫.୦୨.୨୦୨୫ ଅପରାହ୍ନ ୩ଟା। ଏହିସବୁ ଇ-ଟେଣ୍ଡରର ବିବରଣୀ ପାଇଁ ୱେବସାଇଟ୍ www.ireps.gov.in ଦେଖନ୍ତୁ।
(PR-1088)

## ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ ବଡ଼ ଝଟ୍‌କା

# ଆପ୍‌ରୁ ଇସ୍ତଫା ଦେଲେ ୭ ବିଧାୟକ



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ବଡ଼ ଧରଣର ଝଟ୍‌କା ଲାଗିଛି। ଶୁକ୍ରବାର ଦଳର ୭ ବିଧାୟକ ଏକକାଳୀନ ଇସ୍ତଫା ଦେଇଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ଏହି ବିଧାୟକମାନେ ଇସ୍ତଫା ଦେବା ସହ ସେମାନଙ୍କ ଇସ୍ତଫାପତ୍ର କେଜ୍ରିୱାଲଙ୍କ ନିକଟକୁ ପଠାଇଛନ୍ତି। ଦିଲ୍ଲୀ ନିର୍ବାଚନରେ ଏହି ବିଧାୟକମାନଙ୍କୁ ଟିକେଟ ମିଳିନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରି ଇସ୍ତଫା ଦେଇଥିବା ସୂଚନା ମିଳିଛି। ତେବେ ଦଳ ଛାଡ଼ିଥିବା ବିଧାୟକମାନେ କହିଛନ୍ତି ଯେ ସେମାନେ ସଚ୍ଚୋଟତାର ସହ ରାଜନୀତି କରିବା ପାଇଁ ଆପ୍‌ରେ ଯୋଗ ଦେଇଥିଲେ। କିନ୍ତୁ ଦଳରେ ଆଉ ସଚ୍ଚୋଟତା ନାହିଁ। ଦଳ ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ଦୁର୍ନୀତିରେ ଲିପ୍ତ ହୋଇଛି। ଦଳ ଛାଡ଼ିଥିବା ବିଧାୟକମାନେ ହେଲେ ତ୍ରିଲୋକପୁରୀ ବିଧାୟକ ରୋହିତ ମହରୌଲିଆ, ଜନକପୁରୀ ବିଧାୟକ ରାଜେଶ ରୁଷି, କସ୍ତୁରବାନଗର ବିଧାୟକ ମଦନଲାଲ, ପାଲମ ବିଧାୟକ ଭାବନା ଗୌଡ଼, ମହରୌଲି ବିଧାୟକ ନରେଶ ଯାଦବ, ଆଦର୍ଶନଗର ବିଧାୟକ ପବନ ଶର୍ମା ଏବଂ ବିଜୱାସନ ବିଧାୟକ ବି.ଏସ.ଜୁନ୍। ତେବେ ଏ ନେଇ ଦଳମୁଖ୍ୟ କେଜ୍ରିୱାଲଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଶିକ୍ଷାବିତ୍ ସନ୍ତୋଷ କୁମାର ବିଶ୍ୱାଳଙ୍କ ବିୟୋଗରେ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶିକ୍ଷାବିତ୍ ସନ୍ତୋଷ କୁମାର ବିଶ୍ୱାଳଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ଶିକ୍ଷାବିତ୍ ସନ୍ତୋଷ କୁମାର ବିଶ୍ୱାଳଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସମ୍ବଲପୁର ସମେତ ଆଖପାଖ ଅଂଚଳରେ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ସ୍ୱର୍ଗତ ବିଶ୍ୱାଳ ଜଣେ କବି ଓ ସୁବକ୍ତା ସହ ଚଷା ସମାଜ ସଂଗଠନ ସହ ମଧ ଜଡ଼ିତ ଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ମହିଳାଙ୍କୁ ସଶକ୍ତ...

ସରକାର ପ୍ରାଥମିକତା ଦେଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଏବଂ ପିଏମ୍ ଜନମନ ଯୋଜନା ଏହାର ଉଦାହରଣ। ଜାତୀୟ ମିଶନ ଦ୍ୱାରା ଆଦିବାସୀ ସମୁଦାୟର ସିକଲ ସେଲ୍ ସହିତ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ଏହି ମିଶନରେ ପ୍ରାୟ ୫ କୋଟି ବ୍ୟକ୍ତିଙ୍କର ସ୍କ୍ରିନିଂ କରାଯାଇଛି। ସାରା ଦେଶ ଯେଭଳି ଉତ୍ତର-ପୂର୍ବାଞ୍ଚଳର ୮ଟି ରାଜ୍ୟର ସମ୍ଭାବନାକୁ ଅନୁଭବ କରିପାରିବ ଏ ଦିଗରେ ପ୍ରଥମ ଅଷ୍ଟଲକ୍ଷ୍ମୀ ମହୋତ୍ସବର ଆୟୋଜନ କରାଯାଇଛି। ପୂର୍ବୋତ୍ତରର ବିକାଶ ସହିତ ସରକାର ଦେଶର ପୂର୍ବୋଦୟ ରାଜ୍ୟଗୁଡ଼ିକର ସର୍ବାଙ୍ଗୀନ ବିକାଶ କାର୍ଯ୍ୟ କରାଯାଉଛି, ଯେଉଁଥିରେ ନୂତନ ରୋଜଗାରର ସୁଯୋଗ ମିଳିପାରିବ। ସମାଜର ପଛୁଆବର୍ଗ ଏବଂ ସଫେଇ କର୍ମଚାରୀଙ୍କୁ ସହଜରେ ଋଣ ପ୍ରଦାନ ପାଇଁ ପିଏମ୍ ସୁରଜ ଯୋଜନାର ବିସ୍ତାର କରାଯାଇଛି। ଦିବ୍ୟାଙ୍ଗ ଜନଙ୍କୁ ସରକାର ଯୋଜନାର ଲାଭ ପହଞ୍ଚାଇବା ପାଇଁ ୧ କୋଟିରୁ ଅଧିକ ଦିବ୍ୟାଙ୍ଗ ପରିଚୟପତ୍ର ଜାରି କରାଯାଇଛି। ଶ୍ରୀମତୀ ମୁର୍ମୁ କହିଥିଲେ, ଆମେ ଦୁଇମାସ ତଳେ ସମ୍ବିଧାନ ଗ୍ରହଣ କରିବାର ୭୫ତମ ବାର୍ଷିକୀ ପାଳନ କରିଥିଲୁ ଏବଂ କିଛିଦିନ ତଳେ ଏହାର ୭୫ବର୍ଷର ଯାତ୍ରାକୁ ପୂରଣ କରିଥିଲୁ। ଅନ୍ୟପକ୍ଷରେ ମହାକୁମ୍ଭ ଅଘଟଣକୁ ନେଇ ରାଷ୍ଟ୍ରପତି ଦୁଃଖ ପ୍ରକାଶ କରିବା ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ କହିଥିଲେ, ବନ୍ଦେ ଭାରତ ଓ ନମୋ ଭାରତ ଟ୍ରେନ୍ ଦୌଡୁଛି। ୨୫ କୋଟି ଲୋକଙ୍କୁ ଗରିବୀ ସୀମାରୁ ଉପରକୁ ଉଠାଯାଇଛି।

### ୬.୩ରୁ...

ବର୍ଷଗୁଡ଼ିକରେ କୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ପ୍ରତିକୂଳ ବୈଶ୍ୱିକ ପରିସ୍ଥିତି ସତ୍ତ୍ୱେ ଭାରତର ରପ୍ତାନୀ କ୍ଷେତ୍ରର ପ୍ରଦର୍ଶନ ସନ୍ତୋଷଜନକ ରହିଛି। ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୨୦୨୪ ଡିସେମ୍ବର ଶେଷସୁଦ୍ଧା ୬୪୦.୩ ବିଲିୟନ ଆମେରିକୀୟ ଡଲାର ରହିଥିଲା। ସେହିପରି ସେପ୍ଟେମ୍ବର ୨୦୨୪ ସୁଦ୍ଧା ଭାରତର ୭୧୧.୮ ବିଲିୟନ ଆମେରିକୀୟ ଡଲାରର ବୈଦେଶିକ ଋଣ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଲୋହିତସାଗର ଘଟଣା, ୟୁକ୍ରେନ ଯୁଦ୍ଧ ଏବଂ ପାନାମା କେନାଲରେ ସାମ୍ପ୍ରତିକ ମରୁଡ଼ି ଯୋଗୁ ବିଶ୍ୱ ବାଣିଜ୍ୟରେ ବାଧା ସୃଷ୍ଟି ହେବା ସହିତ ଅନେକ ଦେଶ ସଂରକ୍ଷଣବାଦୀ ମାନସିକତାକୁ ପ୍ରୋତ୍ସାହନ ଦେଉଥିବାରୁ ଅସ୍ଥିରତା ଜାରି ରହିଥିବା ଏହି ରିପୋର୍ଟରେ ସ୍ଥାନ ପାଇଛି।

### ମନ୍ତବ୍ୟ ଗ୍ରହଣୀୟ...

ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ସେମାନଙ୍କ ନିରାଶାକୁ ପ୍ରତିଫଳିତ କରୁଛି। କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସସି, ଏସ୍‌ଟି ଏବଂ ଓବିସି ବିରୋଧୀ ରହିଆସିଛି। ସୋନିଆ ରାଷ୍ଟ୍ରପତି ଓ ଓଡ଼ିଶାକୁ ଅପମାନିତ କରିଥିବାରୁ ତୁରନ୍ତ କ୍ଷମା ମାଗିବା ଜରୁରି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗଟଣାକୁ ଦୃଢ ନିନ୍ଦା କରିବା ସହ କହିଛନ୍ତି ଯେ ଏହା ସମ୍ଭ୍ରାନ୍ତବାଦୀ ଆଚରଣର ପ୍ରତିଫଳନ। ଓଡ଼ିଶାର ପୁରା ସାନ୍ତାଳୀ ଜନଜାତିଙ୍କୁ ଏହା ଚରମ ଅପମାନ। ତେଣୁ ସୋନିଆ ଗାନ୍ଧୀ କ୍ଷମା ମାଗିବାକୁ ସେ ଦାବି ଜଣାଇଛନ୍ତି।

### ରାଜ୍ୟ ନିର୍ବାଚନ...

ରଖିବାକୁ ପରାମର୍ଶ ଦେଇଥିଲେ । ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରି ରାଜ୍ୟବାସୀଙ୍କ ଅସ୍ଥାଭାଜନ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ଶ୍ରୀ ପାଢ଼ୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ ।

### ଆଜି ଆସିବ...

କେନ୍ଦ୍ର ସରକାରଙ୍କ ଏହି ବଜେଟ୍ ଉପରେ ରହିଛି। ଗୋଟିଏପଟେ ଦରଦାମ ବୃଦ୍ଧି ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଲୋକେ ଆୟକର ଓ ଜିଏସ୍‌ଟି ଭିତରେ ପେଷି ହୋଇଗଲେଣି। ବିଶେଷଭାବେ ମଧ୍ୟବିତ୍ତ ପରିବାର ଇନକମ୍ ଟ୍ୟାକ୍ସ ସ୍ଲାବ୍‌ରେ ପରିବର୍ତ୍ତନ ପାଇଁ ଆଶା ବାନ୍ଧିଛନ୍ତି। କେନ୍ଦ୍ର ସରକାର ପୁରୁଣା ଇନକମ୍ ଟ୍ୟାକ୍ସ ପଦ୍ଧତିକୁ ବନ୍ଦ କରି ନୂଆ ପଦ୍ଧତି ଲାଗୁ କରିବାକୁ ଯାଉଛନ୍ତି। ସେଥିପାଇଁ ନୂଆ ଇନକମ୍ ଟ୍ୟାକ୍ସ ପଦ୍ଧତିରେ ଟ୍ୟାକ୍ସ ସ୍ଲାବକୁ ୭ ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି କରିବାକୁ ଆଶା ରଖିଛନ୍ତି ମଧ୍ୟବିତ୍ତ ବର୍ଗ। ଏହାସହିତ ମଧ୍ୟବିତ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଯୋଜନା ଘୋଷଣା କରିପାରନ୍ତି କେନ୍ଦ୍ର ସରକାର। ଆୟୁଷ୍ମାନ ଯୋଜନାରେ ମଧ୍ୟ ସମସ୍ତଙ୍କୁ ସାମିଲ ନେଇ ଘୋଷଣାର ସମ୍ଭାବନା ରହିଛି। ଶିକ୍ଷାରଣ କ୍ଷେତ୍ରରେ ବଡ଼ ଘୋଷଣାର ସମ୍ଭାବନା ଥିବାବେଳେ ଷ୍ଟକ୍ ମାର୍କେଟ କ୍ଷେତ୍ରରେ ମଧ୍ୟ ଟ୍ୟାକ୍ସ ରିହାତି ଦେଇପାରନ୍ତି କେନ୍ଦ୍ର ସରକାର। ଏହାସହିତ ଯୁବକଙ୍କୁ ନିଯୁକ୍ତି ଦେବାପାଇଁ ଏମଏସଏମଇ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦିଆଯାଇପାରେ। ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକ କାମ ଯୋଗାଇ ଦେବାପାଇଁ ପଦକ୍ଷେପ ନେବାର ମଧ୍ୟ ସମ୍ଭାବନା ରହିଛି। ଏହାସହିତ କୃଷି ଉତ୍ପାଦ ଉପରୁ ଜିଏସ୍‌ଟି ଉଠାଯାଇପାରେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BARIPADA
e_mail = rw_mayurbhanj@yahoo.co.in
e_Procurement Tender Call Notice No. Online 14/RWD/BPD/2024-25
O-1365

1. Name of the work : Building works
2. Total No.of works : 1 Nos
3. Estimated Cost : Approx Estimated Cost Rs.51.66 lakhs
4. Class of Contractor : 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Baripada. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Baripada. | 14(Online)/RWD-BPD of 2023-24 | 01.02.25 at 11.00 A.M. | 10.02.25 up to 5.00 P.M. | 10.02.25 up to 3.00 P.M. | 10.02.25 at 5.30 A.M. | Intimate later. |

Further details can be seen from the website www.tendersorissa.gov.in
Sd/-SuperintendingEngineer
R.W. Division, Baripada
OIPR 25130/11/0016/2425

O-1383
By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Building Work
Identification No.- Online Tender- Building N.C.B. No. 365 for 2024-25.
Letter No. 316 / Date 29.01.2025

1. Name of the work :- Construction of Building Works year 2023-24 in the District of Mayurbhanj.
2. Total No. of work :- 01 No. (One )
3. Estimated Cost :- Rs.99.64 Lakh (approximately).
4. Eligible Class of Contractor :- As Per Annexure
5. Period of Completion :- As Per Annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building On-line N.C.B. No.365 | Dt.03.02.2025 at 11.00 A.M. | Dt.17.02.2025 up to 5.00 P.M. | Dt.15.02.2025 up to 5.00 P.M. | Dt.18.02.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only

Sd/- Chief Construction Engineer
R.W.Circle, Baripada
OIPR 25053/11/0015/2425

Directorate of Ports & Inland Water Transport,
Fortune Tower, Ground Floor, Zone – A,
Chandrasekharpur, Bhubaneswar-751023
Phone: 0674-2300885, Email: - portsniwt.od@nic.in
JJ-52
e-PROCUREMENT NOTICE
Bid Identification No. DPIWT – 11 /2024-25

01. Name of work :- Procurement of 01 (One) No. 40 Seater Twin Screw FRP Hull Catamaran Training Craft for Crew Training Institute, Chandbali, Bhadrak, Odisha.
02. No. of Covers :- Double cover
03. Value of works :- Rs.1.01 Crore
04. Bid Cost :- Rs. 10,000.00
05. Period of Completion :- 06 (Six) Calendar Months
06. Date & Time of availability of bid document in the portal :- 05.02.2025 to 20.02.2025 up to 05.00 P.M.
07. Date & Time of Bid Clarification :- 05.02.2025 to 11.02.2025 up to 03.00 P.M.
08. Last date & time for receipt of bids in the portal :- 20.02.2025 up to 05.00 P.M.
09. Date of opening of bid document (Cover-I) :- 21.02.2025 at 11.30 A.M.
10. Name and address of officer inviting Tender (OIT) :- Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax-2396885. e-Mail: - portsniwt.od@nic.in

Further details can be seen from the e-Procurement market place, https//tendersodisha.gov.in .
The Addendum / Corrigendum if any will be hosted in the website only.
Sd/- Director
Ports & IWT, Odisha
OIPR 38035/11/0016/2425

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
JAMBHIRA CANAL DIVISION,MORADA
AT/PO-MORADA, DIST-MAYURBHANJ.
Mail ID:-eejcdivisionmorada@gmail.com
A-1001
Tender Call Notice No- 08/2024-25 of SE, J.C. Division, Morada

| | | | |
|---|---|---|---|
| Name of Work | Repair & Renovation of Dharampura, Bhuskunda, & Bilas Sub-Minors of JLMC System off-taking from RD 16470m, RD 17387m & RD 18835m of Jambhira Left Main Canal for the year 2024-25. | Repair & Renovation of Sandhinkia Minor & Keutunimari Sub-Minor of JLMC system off-taking from RD 8711m & 24610m of Jambhira Left Main Canal for the year 2024-25. | Repair & Renovation of Bada Baincha Minor & KathSirsi Sub-Minor off-taking from RD 12520m of JLMC & RD 1765m of Kostha Minor of Jambhira Left Main Canal for the year 2024-25. |
| Estimated Cost for put to tender in Lakh | 499520/- | 495389/- | 494831/- |
| Bid Security/ E.M.D. | Rs. 5000/- (For all works) | | |
| Period of Completion | 02 (Two Calendar Month) , (For all works) | | |
| Class of Contractor | "D" Class and "C" Class | | |
| Date & Time of availability of bid document | 03.02.2025 at 10.00 A.M. | | |
| Last date/time for receipt of bid | 12.02.2025 up to 3.30 P.M. | | |
| Opening of Technical Bid | 13.02.2025 up to 11.00 A.M. | | |
| Name & Address of the O.I.T | Superintending Engineer, Jambhira Canal Division, Morada | | |

Sd/-Superintending Engineer
Jambhira Canal Division
Morada
OIPR 32440/11/0005/2425



ପ୍ରୟାଗରାଜ: ବଲିଉଡ୍ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ପଦବୀରୁ ହଟାଇ ଦିଆଯାଇଛି। କିନ୍ନର ଆଖଡ଼ାର ପ୍ରତିଷ୍ଠାତା ରିଷି ଅଜୟ ଦାସ ଏହି ପଦକ୍ଷେପ ନେଇଛନ୍ତି। ସୂଚନା ଅନୁଯାୟୀ, ଅଭିନେତ୍ରୀ ମମତା କୁଲକର୍ଣ୍ଣୀ ନିକଟରେ ସନ୍ନ୍ୟାସ ଦୀକ୍ଷା ନେଇଥିଲେ। ଯାହାପରେ ତାଙ୍କୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର କରାଯାଇଥିଲା। ତାଙ୍କୁ ହଠାତ୍ ଏଭଳି ପଦବୀ ମିଳିବାରୁ ଖୁବ୍ ବିରୋଧ କରାଯାଇଥିଲା। ଫଳରେ ମମତା କୁଲକର୍ଣ୍ଣୀଙ୍କୁ ମହାମଣ୍ଡଳେଶ୍ୱର ପଦବୀରୁ ଏବଂ ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ପଦବୀରୁ ହଟାଇ ଦିଆଯାଇଛି। ଏଥିସହିତ ଉଭୟଙ୍କୁ କିନ୍ନର ଆଖଡ଼ାରୁ ବହିଷ୍କାର ମଧ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଭିନେତ୍ରୀ ମମତା କୁଲକର୍ଣ୍ଣି ଦୀର୍ଘ ଦୀର୍ଘ ୨୫ବର୍ଷ ପରେ ଭାରତ ଫେରି ଆସିବା ଖବର ପାଇବା ପରେ ତାଙ୍କ ଫ୍ୟାନ୍ସମାନେ ଖୁବ ଖୁସି ହୋଇଯାଇଥିଲେ । ନିକଟରେ ଅଭିନେତ୍ରୀଙ୍କ ବଲିଉଡକୁ ଫେରିବା ଖବର ଆସିଥିଲା । ହେଲେ ଆଜି ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆରେ ନିଜର ସନ୍ୟାସୀ ଖବର ପ୍ରକାଶ କରି ଏହି ସମସ୍ତ ଗୁଜବର ଅନ୍ତ ଘଟାଇଛନ୍ତି ।



# ଜିବିଏସ୍ ଆତଙ୍କ : ମହାରାଷ୍ଟ୍ରରେ ଆଉ ଦୁଇ ମୃତ



ନୂଆଦିଲ୍ଲୀ: କରେନା ମହାମାରୀ ପରେ ଏବେ ଜିବିଏସ୍ ଅର୍ଥାତ ଗୁଇଲେନ ବାରେ ସିଣ୍ଡ୍ରୋମର ଆତଙ୍କ ଏବେ ବୃଦ୍ଧି ପାଇବାରେ ଲାଗିଛି। ଜିବିଏସ୍ ଭାଇରସ ଏବେ କରୋନା ପରି ଏକ ମହାମାରୀ ପାଲଟିଛି ବୋଲି କୁହାଯାଉଛି। ମହାରାଷ୍ଟ୍ରରେ କେବଳ ନୂଆ ସଂକ୍ରମିତ ମିଳୁନାହିଁ, ବରଂ ଏହା ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଶୁକ୍ରବାର ମହାରାଷ୍ଟ୍ରରେ ଜିବିଏସ୍ ଭାଇରସ ଯୋଗୁଁ ଆଉ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ମହାରାଷ୍ଟ୍ରର ପିମ୍ପରି ଚିଞ୍ଚୱାଡରେ ଗୁଇଲେନ ବାରେ ସିଣ୍ଡ୍ରୋମ ଜଣେ ରୋଗୀଙ୍କ ଜୀବନ ନେଇଛି। ସେହିପରି, ପୁଣେରେ ମଧ୍ୟ ଏହି ଭାଇରସ ଯୋଗୁଁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ପିମ୍ପରିର ମୃତକଙ୍କ ବୟସ ୩୬ ବର୍ଷ ଥିଲା। ଏହିପରି, ମହାରାଷ୍ଟ୍ରରେ ଏହି ଜିବିଏସ୍ ଭାଇରସ ଯୋଗୁଁ ଏପର୍ଯ୍ୟନ୍ତ ଚାରି ଜଣଙ୍କର ମୃତ୍ୟୁ ହୋଇସାରିଛି। ପୁଣେରେ ସର୍ବାଧିକ ସଂଖ୍ୟକ ଜିବିଏସ୍ ଭାଇରସ ମାମଲା ରହିଛି। ବର୍ତ୍ତମାନ ସୁଦ୍ଧା ପୁଣେରେ ୧୩୦ ଜଣ ଜିବିଏସ୍ ଭାଇରସ ରୋଗୀ ଅଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ, ଗୁରୁବାର ପୁଣେରେ ହିଁ ଜଣେ ମହିଳା ଏହି ଭାଇରସ ଦ୍ୱାରା ସଂକ୍ରମିତ ହୋଇଥିଲେ। ଗୁରୁବାର ଏହି ଭାଇରସ ଯୋଗୁଁ ଦ୍ୱିତୀୟ ମୃତ୍ୟୁ ଘଟିଥିଲା। ଭାଇରସ ଯୋଗୁଁ ପ୍ରଥମ ମୃତ୍ୟୁ ଜଣେ ପୁରୁଷଙ୍କର ହୋଇଥିଲା।

# ରାଷ୍ଟ୍ରପତିଙ୍କୁ ସୋନିଆଙ୍କ କଟୁ ମନ୍ତବ୍ୟ : ସପକ୍ଷରେ ପ୍ରିୟଙ୍କା




ନୂଆଦିଲ୍ଲୀ: କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଚ୍ଛଲ୍ୟ କରି କହିବା ପରେ ରାଷ୍ଟ୍ରପତି ଭବନରୁ ଉତ୍ତର ଆସିଛି। ସୋନିଆଙ୍କ ବୟାନକୁ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ମଧ୍ୟ କଡ଼ା ଜବାବ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋନିଆଙ୍କ ସପକ୍ଷରେ ବାହାରିଛନ୍ତି ଝିଅ ପ୍ରିୟଙ୍କା ଗାନ୍ଧୀ। ମୋ ମା' ଜଣେ ବୟସ୍କା ମହିଳା। ରାଷ୍ଟ୍ରପତି ଲମ୍ବା ଭାଷଣ ପଢ଼ିଲେ ବୋଲି ମୋ ମା' କହିଲେ। ତେଣୁ ରାଷ୍ଟ୍ରପତି ଥକି ଯାଇଥିବା ସେ କହିଥିବା ପ୍ରିୟଙ୍କା କହିଛନ୍ତି। ରାଷ୍ଟ୍ରପତିଙ୍କ ପ୍ରତି ତାଙ୍କର ସମ୍ମାନ ରହିଛି। କିନ୍ତୁ ମିଡିଆ ଏହାକୁ ଟୁଇଷ୍ଟ କରିବା ଦୁର୍ଭାଗ୍ୟଜନକ। ଉଭୟ ସମ୍ମାନିତ ମହିଳା ଓ ଆମମାନଙ୍କ ଠାରୁ ବଡ଼ ବୋଲି ପ୍ରିୟଙ୍କା ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଭବନରୁ ଆସିଥିବା ଉତ୍ତରରେ ସୋନିଆଙ୍କ ବୟାନ ଗ୍ରହଣୀୟ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ସର୍ବୋଚ୍ଚ ପଦବୀର ମର୍ଯ୍ୟାଦାକୁ ସୋନିଆଙ୍କ ବକ୍ତବ୍ୟ ଆଘାତ ଦେଇଛି। ରାଷ୍ଟ୍ରପତି କୌଣସି କ୍ଷେତ୍ରରେ ଥକ୍କିପଡ଼ି ନାହାନ୍ତି। ଅବହେଳିତ ବର୍ଗଙ୍କ ବାବଦରେ କହିବା କଦାପି କ୍ଳାନ୍ତ ଆଣେ ନି ବୋଲି ରାଷ୍ଟ୍ରପତି ଭବନରୁ ବୟାନ ଆସିଛି।

# ରାଷ୍ଟ୍ରପତି ଭବନରେ ବିବାହ କରିବେ ୨ ସିଆରପିଏଫ୍ କମାଣ୍ଡାଣ୍ଟ



ନୂଆଦିଲ୍ଲୀ: ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଭବନରେ ବିବାହର ଧ୍ୱନି ପ୍ରତିଧ୍ୱନିତ ହେବାକୁ ଯାଉଛି। ମଧ୍ୟପ୍ରଦେଶର ଶିବପୁରୀର ବାସିନ୍ଦା ପୁନମ ଗୁପ୍ତା ରାଷ୍ଟ୍ରପତି ଭବନରେ ବିବାହ କରିବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ, ପୁନମ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ)ର ଜଣେ ମହିଳା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏବଂ ରାଷ୍ଟ୍ରପତି ଭବନରେ ପିଏସଓ ଭାବରେ ବର୍ତ୍ତମାନ କାର୍ଯ୍ୟରତ। ସେ ଜମ୍ମୁ ଓ କାଶ୍ମୀରରେ ନିଯୁକ୍ତ ଥିବା ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅବନୀଶ କୁମାରଙ୍କୁ ବିବାହ କରିବେ। ତେବେ ବିବାହ ଫେବୃଆରୀ ୧୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବ। ପୁନମଙ୍କ ବାପାମାଆ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ଏହି ବିବାହରେ କେବଳ ପୁନମଙ୍କ ନିକଟସ୍ଥ ସମ୍ପର୍କୀୟ ମାନେ ହିଁ ଯୋଗ ଦେବେ ବୋଲି ଜଣାପଡିଛି। ଏହି ବିବାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ଅନେକ ବଡ଼ ରାଜନୈତିକ ବ୍ୟକ୍ତିବିଶେଷ ମାନେ ମଧ୍ୟ ପୁନମଙ୍କୁ ଆଶୀର୍ବାଦ ଦେବା ପାଇଁ ଆସିବେ। ପିଏସଓ ଭାବରେ ନିଯୁକ୍ତ ପୁନମଙ୍କ ଆଚରଣ ଏବଂ ବ୍ୟବହାରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖୁବ୍ ପ୍ରଭାବିତ। ପୁନମଙ୍କ ବିବାହ ସମ୍ପର୍କରେ ଜାଣିବା ପରେ ସେ ରାଷ୍ଟ୍ରପତି ଭବନର ମଦର ଟେରେସା କ୍ରାଉନ୍ କମ୍ପ୍ଲେକ୍ସରେ ତାଙ୍କ ବିବାହ ପାଇଁ ସମସ୍ତ ଆୟୋଜନ କରିଥିଲେ। ବିବାହରେ ଯେଉଁ ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ସାମିଲ କରାଯିବ ସେମାନଙ୍କ ପାଇଁ ପ୍ରାରମ୍ଭିକ ଔପଚାରିକତା କରାଯାଉଥିବା ଜଣାପଡିଛି। ତେବେ ପୁନମ ଟଚଝଉ ଉଇଚର ପରୀକ୍ଷା-୨୦୧୮ରେ ୮୧ତମ ରାଙ୍କ୍ ହାସଲ କରିଥିଲେ ଏବଂ ପରେ ସିଆରପିଏଫରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହୋଇଥିଲେ। ୨୦୨୪ ମସିହାରେ ଗଣତନ୍ତ୍ର ଦିବସରେ ହୋଇଥିବା ପରେଡରେ ପୁନମ ସିଆରପିଏଫର ମହିଳା ଦଳକୁ ନେତୃତ୍ୱ କରିଥିଲେ।

# ଫେବ୍ରୁଆରୀର ପାଣିପାଗ ନେଇ ଆଇଏମ୍‌ଡିର ପୂର୍ବାନୁମାନ



ନୂଆଦିଲ୍ଲୀ: ଫେବୃଆରୀ ମାସ ସ୍ୱାଭାବିକ ଅପେକ୍ଷା ଅଧିକ ଗରମ ଏବଂ ଶୁଷ୍କ ରହିବ। ଲୋକଙ୍କୁ ଥଣ୍ଡାରୁ ଆଶ୍ୱସ୍ତି ମିଳିବ, କିନ୍ତୁ ଏହି ମାସରେ ଦେଶର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ବହୁତ କମ୍। ଭାରତର ଅଧିକାଂଶ ଅଞ୍ଚଳରେ ଫେବୃଆରୀ ମାସରେ ସାଧାରଣ ତାପମାତ୍ରାଠାରୁ ଅଧିକ ହେବ। ଏହା କହିଛି ଭାରତୀୟ ପାଣିପାଗ ବିଭାଗ। ୧୯୭୧ ରୁ ୨୦୨୦ ମଧ୍ୟରେ, ଦେଶରେ ଫେବୃଆରୀ ମାସରେ ହାରାହାରି ୨୨.୭ ମିମି ବର୍ଷା ହୋଇଥିଲା। ତଥାପି, ଏଥର ବର୍ଷାରେ ୮୧ ପ୍ରତିଶତ ହ୍ରାସ ହୋଇପାରେ। ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ପଶ୍ଚିମ-କେନ୍ଦ୍ରୀୟ, ଉପଦ୍ୱୀପ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳକୁ ଛାଡ଼ି ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ଅଛି। ଉତ୍ତରପଶ୍ଚିମ ଏବଂ ଉପଦ୍ୱୀପ ଭାରତର କିଛି ଅଂଶ ବ୍ୟତୀତ ଅଧିକାଂଶ ସ୍ଥାନରେ ଫେବୃଆରୀରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ସେହିପରି, ପଶ୍ଚିମ-କେନ୍ଦ୍ର ଏବଂ ଉପଦ୍ୱୀପ ଭାରତର କିଛି ଅଂଶ ବ୍ୟତୀତ ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। ଏହା ତା'ଠାରୁ ଅଧିକ ହେବାର ସମ୍ଭାବନା ଅଛି। ସେ କହିଛନ୍ତି ଯେ ଜାନୁଆରୀରେ ଭାରତରେ ହାରାହାରି ୪.୫ ମିମି ବର୍ଷା ହୋଇଥିଲା, ଯାହା ୧୯୦୧ ପରେ ଚତୁର୍ଥ ସର୍ବନିମ୍ନ ଏବଂ ୨୦୦୧ ପରେ ତୃତୀୟ ସର୍ବନିମ୍ନ ବର୍ଷା। ଜାନୁଆରୀ ମାସରେ ଦେଶର ହାରାହାରି ତାପମାତ୍ରା ୧୮.୯୮ ଡିଗ୍ରୀ ସେଲସିୟସ୍ ଥିଲା, ଯାହା ୧୯୦୧ ପରେ ଏହି ମାସ ପାଇଁ ତୃତୀୟ ସର୍ବାଧିକ, ୧୯୫୮ ଏବଂ ୧୯୯୦ ପରେ ସର୍ବାଧିକ।

## ଆମର ନୀତି ସ୍ପଷ୍ଟ

# ଗୁଳିର ଜବାବ ଗୁଳିରେ ଦିଆଯିବ: ବିଷ୍ଣୁଦେବ



ରାୟପୁର: ଆମ ସରକାରର ନୀତି ସଂପୂର୍ଣ୍ଣ ଭାବେ ସ୍ପଷ୍ଟ। ଯେଉଁମାନେ ଜବାବ ଦେବେ କିମ୍ବା ଗୁଳି ମାରିବେ ସେମାନଙ୍କୁ ଗୁଳିରେ ଜବାବ ଦିଆଯିବ ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଛନ୍ତି ନକ୍ସଲମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ଧାରାରେ ଯଦି ସାମିଲ ହେବାକୁ ଚାହିଁବେ ତେବେ ଆମ ସରକାରଙ୍କ ଦ୍ୱାରା ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ପାଇଁ ଯୋଜାନ ପ୍ରଣୟନ ହୋଇଛି। ଏଥିରେ ପୁନର୍ବାସ ସହିତ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ଦିଆଯିବ। ଯେଉଁମାନେ ହିଂସା ରାସ୍ତା ଛାଡି ଗଣତନ୍ତ୍ର ମାର୍ଗକୁ ଆପଣାଇବେ ସେମାନଙ୍କୁ ସ୍ୱାଗତ କରାଯିବ। ଶ୍ରୀ ସାଏ କହିଥିଲେ ଛତିଶଗଡର ବସ୍ତର ସମ୍ଭାଗରେ ଥିବା ଜିଲ୍ଲାଗୁଡିକରେ ଲଗାତାର ଭାବେ ନକ୍ସଲମାନେ ଆତ୍ମସମର୍ପଣ କରୁଛନ୍ତି। ଏଥିପାଇଁ ଶ୍ରୀ ସାଏ ସୁରକ୍ଷା ଦାୟିତ୍ୱରେ ଥିବା ଯବାନମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ଅଦମ୍ୟ ସାହସକୁ ନମନ କରିବା ସହ ସେମାନଙ୍କ ସାହସିକତାକୁ ପ୍ରଶଂସା କରିଛନ୍ତି। ଇତି ମଧ୍ୟରେ କାଙ୍କେଡ ଜିଲ୍ଲାରେ ୩୨ଲକ୍ଷର ଇନାମ ଥିବା ୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହା ପୂର୍ବରୁ ନାରାୟଣପୁର ଜିଲ୍ଲାରେ ୨୭ ଓ ସୁକୁମା ଜିଲ୍ଲାରେ ୫୨ଲକ୍ଷ ଇନାମ ଥିବା ୯ନକ୍ସଲ ସୁରକ୍ଷାବଳଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଶ୍ରୀ ସାଏ ଆହୁରି କହିଥିଲେ ବର୍ତ୍ତମାନ ସୁଦ୍ଧା ୯୪୧ଜଣ ନକ୍ସଲ ଆତ୍ମସମର୍ପଣ କରିଥିବା ବେଳେ ୧୧୧୨ଜଣ ନକ୍ସଲ ଗିରଫ ହୋଇଛନ୍ତି। ସେହିଭଳି ୨୬୫ନକ୍ସଲଙ୍କୁ ହତ୍ୟା କରାଯାଇଛି।

## ସୋନିଆଙ୍କ ମନ୍ତବ୍ୟକୁ ନେଇ ମୁହଁ ଖୋଲିଲେ ଖଡ୍‌ଗେ

# ରାଷ୍ଟ୍ରପତିଙ୍କୁ ବହୁ ଆଗରୁ ଅପମାନ କରିଛି ବିଜେପି



ନୂଆଦିଲ୍ଲୀ: ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ କଂଗ୍ରେସ ନେତାଙ୍କ ମନ୍ତବ୍ୟ ପରେ ରାଜନୀତି ଜୋର ଧରିଛି । ବିଜେପି କଂଗ୍ରେସକୁ କଡା ଟାର୍ଗେଟ କରିଛି । ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ସମ୍ପର୍କରେ କହିଛନ୍ତି, 'ରାଜପରିବାର ରାଷ୍ଟ୍ରପତି ମୁର୍ମୁଙ୍କୁ ଅପମାନିତ କରିଛନ୍ତି।' ବିଜେପି ଦ୍ୱାରା କରାଯାଉଥିବା ଅଭିଯୋଗ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି, 'ମହାମହିମ ରାଷ୍ଟ୍ରପତିଙ୍କୁ ନୂତନ ସଂସଦର ଉଦଘାଟନ ସମାରୋହକୁ ନିମନ୍ତ୍ରଣ ନ କରାଯିବା ଦିନ ହିଁ ମୋଦୀ ସରକାର ଅପମାନିତ କରିଥିଲେ।' କଂଗ୍ରେସ କିମ୍ବା ଆମର ନେତାମାନେ କେବେବି ରାଷ୍ଟ୍ରପତି କିମ୍ବା କୌଣସି ନାଗରିକଙ୍କୁ ଅପମାନ କରିପାରିବେ ନାହିଁ। ଏହା ଆମର ସଂସ୍କୃତି ନୁହେଁ। ବିଜେପି ଜାଣିଶୁଣି ଆମର ବର୍ତ୍ତମାନ ଏବଂ ପୂର୍ବ ରାଷ୍ଟ୍ରପତିଙ୍କୁ ଗଣତନ୍ତ୍ରର ମନ୍ଦିର ଏବଂ ରାମ ମନ୍ଦିର ଉଭୟରୁ ଦୂରରେ ରଖିଥିଲା। କଂଗ୍ରେସ ଅଧ୍ୟକ୍ଷ ଆହୁରି ଲେଖିଛନ୍ତି, 'ଆଜି ଅର୍ଥନୈତିକ ସର୍ଭେ ମୋଦୀ ସରକାରଙ୍କୁ 'ସତ୍ୟର ଦର୍ପଣ' ଦେଖାଇଛି, ଅର୍ଥନୀତିର ଦୁର୍ଦ୍ଦଶାକୁ ଲୁଚାଇବା ପାଇଁ, ବିଜେପି ନେତା ଏବଂ ଗଣମାଧ୍ୟମର ଏକ ଅଂଶ ସୋନିଆ ଗାନ୍ଧୀ ଜୀଙ୍କ ବିବୃତ୍ତିକୁ ବିକୃତ କରୁଛନ୍ତି।' କଂଗ୍ରେସ ଦଳ ସର୍ବଦା ରାଷ୍ଟ୍ରପତିଙ୍କ ପଦବୀର ମର୍ଯ୍ୟାଦାକୁ ସମ୍ମାନ ଦେଇଆସିଛି।' ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ, ସୋନିଆ ଗାନ୍ଧୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜଣେ ଗରିବ ମହିଳା ବୋଲି କହିଥିଲେ ଏବଂ କହିଥିଲେ ଯେ ଭାଷଣ ପରେ ସେ କ୍ଳାନ୍ତ ହୋଇଯାଇଥିଲେ। ଏହି ସମୟରେ, ରାହୁଲ ଗାନ୍ଧୀ ରାଷ୍ଟ୍ରପତିଙ୍କ ଭାଷଣକୁ ବୋରିଂ ବୋଲି କହିଥିଲେ, ଯାହା ପରେ ରାଜନୀତି ଜୋର ଧରିଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶର ସବୁଠୁ ବଡ଼ ଦୁଇ ଚକିଆ କମ୍ପାନି ହିରୋ ମୋଟୋକର୍ପ ସିଇଓ ନିରଞ୍ଜନ ଗୁପ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି । କମ୍ପାନି ଶୁକ୍ରବାର ଇକ୍ୱିଟି ମାର୍କେଟ୍ କାରବାର ବନ୍ଦ ହେବା ପରେ ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନି ଏହି ସୂଚନା ଦେଇଛି । କମ୍ପାନି ସୂଚନା ଅନୁସାରେ ୨୦୨୫ ଏପ୍ରିଲ୍ ୩୦ ତାଙ୍କର ଶେଷ କାର୍ଯ୍ୟଦିବସ ହେବ। ୨୦୧୭ ମସିହାରୁ ନିରଞ୍ଜନ ଗୁପ୍ତା କମ୍ପାନି ସହ ରହିଆସିଥିଲେ । କମ୍ପାନିର ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର (ଅପରେସନ) ବିକ୍ରମ କାସବେକର କାର୍ଯ୍ୟକାରୀ ସିଇଓ ହେବେ । ହିରୋ ମୋଟୋକର୍ପ ସିଇଓ ନିରଞ୍ଜନ ଗୁପ୍ତା ୨୦୨୫ ଏପ୍ରିଲ୍ ୩୦ ଯାଏ ନିଜ ଦାୟିତ୍ୱ ତୁଲାଇବେ । ଏହାପରେ ମେ ୧ରୁ କମ୍ପାନିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ପରିଚାଳନା) ବିକ୍ରମ କାସବେକର କାର୍ଯ୍ୟକାରୀ ସିଇଓ ହେବେ । ସେହିପରି କମ୍ପାନିର ଚିଫ୍ ପ୍ରୋକ୍ୟୁରମେଣ୍ଟ ଅଫିସର୍ ରାମ କୁପ୍ପୁସ୍ୱାମୀ ଏପ୍ରିଲ୍ ୧ରୁ ମୁଖ୍ୟ ଅପରେସନ ଅଫିସର (ମେନ୍ୟୁଫ୍ୟାକ୍ଚରିଂ) ଦାୟିତ୍ୱ ତୁଲାଇବେ । ସେହିପରି ନ୍ୟାସନାଲ୍ ସେଲ୍ସ ହେଡ୍ (ଇଣ୍ଡିଆ ବିଜନେସ୍ ୟୁନିଟ) ଆଶୁତୋଷ ବର୍ମା ମେ ୧ରୁ ଚିଫ୍ ବିଜନେସ୍ ଅଫିସର ହେବେ ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର ସିଏସ୍‌ଆର୍ ଟିମ୍ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କମ୍ପାନିର ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ 'ରୋଶ୍‌ନି' ଅଧୀନରେ ଧନ୍ଦାମୂଳକ ତାଲିମ କେନ୍ଦ୍ର, ବାଲେଶ୍ୱରରେ ସଫଳତାର ସହ ତାଲିମ ଶେଷ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟିପିଏନ୍‌ଓଡିଏଲ୍ ପକ୍ଷରୁ ପାଂଚଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ପରିଚାଳନା କରାଯାଉଛି। ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ ମୟୂରଭଞ୍ଜରେ ଦୁଇଟି, ବାଲେଶ୍ୱର, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ ଲେଖାଏଁ ରହିଛି। ଏହି କେନ୍ଦ୍ରଗୁଡ଼ିକରେ ପ୍ରଶିକ୍ଷାର୍ଥୀମାନଙ୍କୁ କମ୍ପ୍ୟୁଟର ତାଲିମ, ସିଲାଇ ଓ ଏମ୍ବ୍ରୋଡୋରି, ଆସିଷ୍ଟାଂଟ୍ ବିଉଟି ଥେରାପି, ସ୍ପୋକନ୍ ଇଂଲିଶ, ବେସିକ୍ ଇଲେକ୍ଟ୍ରିକାଲ୍ ହୋମ୍ ଆପ୍ଲାଏନ୍‌ସେସ୍, ସିକ୍ୟୁରିଟି ଗାର୍ଡ ଓ ରିଟେଲ୍ ସର୍ଭିସ୍ ଉପରେ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ହେଉଛି ଯୁବବର୍ଗ ଓ ବେରୋଜଗାର ମହିଳାମାନଙ୍କୁ ଆବଶ୍ୟକ କୌଶଳ ପ୍ରଦାନ କରିବା ଯାହାଦ୍ୱାରା ସେମାନଙ୍କ ନିଯୁକ୍ତି ପାଇବା କ୍ଷମତାରେ ଉନ୍ନତି ଆସିପାରିବ। ଟିପିଏନ୍‌ଓଡିଏଲ୍ ଦ୍ୱାରା ପରିଚାଳିତ ଏହି ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ଶୁଭାରମ୍ଭ ହେବା ପରଠାରୁ ସଫଳତାର ସହ ୧୮୮୧ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରଯାଉଛି। ସେଥିରୁ ୭୯୫ ଜଣ ଛାତ୍ରଛାତ୍ରୀ ତାଲିମ ପାଇବା ପରେ ଟିସିଏସ୍, ଟେକ୍ ମହିନ୍ଦ୍ରା, ବଜାଜ ଫାଇନାନ୍ସ, ଡିଆଇସି ଓ ଶାହି ଏକ୍ସପୋର୍ଟ ଲିମିଟେଡ୍ ଭଳି କମ୍ପାନିରେ ନିଯୁକ୍ତି ପାଇଛନ୍ତି। ବର୍ତମାନ ଏହି କେନ୍ଦ୍ରଗୁଡ଼ିକରେ ୧୦୧୭ ଜଣ ଛାତ୍ରଛାତ୍ରୀ ତାଲିମ ନେଉଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିପିଏନ୍‌ଓଡିଏଲ୍‌ର ସିଇଓ ଶ୍ରୀ ଦ୍ୱିଜଦାସ ବସାକ ଓ କମ୍ପାନିର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ବସାକ ଦକ୍ଷତା ବିକାଶର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ସୁଯୋଗକୁ ଦକ୍ଷତାରେ ପରିଣତ କରି ଶିକ୍ଷା ଓ ରୋଜଗାର ମଧ୍ୟରେ ଥିବା ଅନ୍ତର ଦୂର କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କ କଠିନ ପରିଶ୍ରମ ଓ ସମର୍ପଣକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଦକ୍ଷତା ବିକାଶ ଓ ନିଯୁକ୍ତି ଅଭିଯାନ, ସମୁଦାୟକୁ ସଶକ୍ତ କରିବାରେ ଟିପିଏନ୍‌ଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ମହାକୁମ୍ଭ ପାଇଁ ଫ୍ଲାଇଟ ଏବଂ ସିଟ୍ ସଂଖ୍ୟାରେ ବୃଦ୍ଧି କଲା ଇଣ୍ଡିଗୋ


ନୂଆଦିଲ୍ଲୀ: ଭାରତର ଏକ ଅଗ୍ରଣୀ ଏୟାରଲାଇନ, ଇଣ୍ଡିଗୋ ପକ୍ଷରୁ ମହାକୁମ୍ଭ ମେଳା ୨୦୨୫ ସମୟରେ ପ୍ରୟାଗରାଜ ଏୟାରପୋର୍ଟକୁ ଓ ଏୟାରପୋର୍ଟରୁ ଏହାର ଫ୍ଲାଇଟ ଓ ବିମାନର ସିଟ କ୍ଷମତାକୁ ବହୁମାତ୍ରାରେ ବୃଦ୍ଧି କରାଯାଇଛି। ପ୍ରୟାଗରାଜ ରୁଟ୍‌ରେ ଆକାଶ ମାର୍ଗରେ ଯାତ୍ରା ପାଇଁ ଅପ୍ରତ୍ୟାଶିତ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ନିକଟରେ ଇଣ୍ଡିଗୋ ପକ୍ଷରୁ ଅଧିକ ଫ୍ଲାଇଟ୍‌କୁ ସାମିଲ କରାଯାଇଛି। ଏହି ସ୍ୱତନ୍ତ୍ର ଅବଧି ପାଇଁ ଏୟାରଲାଇନ ଏବେ ପ୍ରୟାଗରାଜଠାରୁ ଓ ପ୍ରୟାଗରାଜକୁ ୧୬୫,୦୦୦ରୁ ଅଧିକ ସିଟ୍ ସହ ପରିଚାଳନା କରିବ, ଯାହା ଏୟାରପୋର୍ଟର ସାଧାରଣ କ୍ଷମତାଠାରୁ ଦୁଇ ଗୁଣ ଅଧିକ ଅଟେ। ଏହି ଅବଧି ସମୟରେ ଇଣ୍ଡିଗୋ ଏୟାରଲାଇନ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଲକ୍ଷ୍ନୌ, ରାୟପୁର ଓ ଭୁବନେଶ୍ୱର ଭଳି ବର୍ତ୍ତମାନର କନେକ୍ଟିଭିଟି ସମେତ ଅହମ୍ମଦାବାଦ, କୋଲକାତା ଓ ଜୟପୁରରୁ କନେକ୍ଟିଭିଟିକୁ ସାମିଲ କରି ପ୍ରୟାଗରାଜକୁ ଭାରତର ୧୦ଟି ସ୍ଥାନ ସହ ସଂଯୋଗ କରିବ। ଏହାବ୍ୟତୀତ ଏୟାରଲାଇନ ନିଜର ସବୁଠାରୁ ବଡ ଏୟାରକ୍ରାଫ୍ଟ ଏ୩୨୧ର ଫ୍ରିକ୍ୱେନ୍ସି ଓ ପରିଚାଳନାକୁ ଅନ୍ତର୍ଭୁକ୍ତ କରି ପ୍ରୟାଗରାଜଠାରୁ ଓ ପ୍ରୟାଗରାଜକୁ ବିଦ୍ୟମାନ ରୁଟ୍‌ଗୁଡିକରେ ନିୟୋଜିତ କ୍ଷମତା ବୃଦ୍ଧି କରିଛି। ଏୟାରଲାଇନ ଏହାର ୪୯୦ଟି ନିୟମିତ ସେବାକୁ ବୃଦ୍ଧି କରି ଏହି ସହରକୁ ଓ ସହରରୁ ପ୍ରାୟ ୯୦୦ ଫ୍ଲାଇଟ୍‌ର ପରିଚାଳନା କରିବ। ଏୟାରଲାଇନ ଏୟାରଫେୟାର ବା ବିମାନ ଭଡା ସ୍ଥିର ରଖିବା ନିଶ୍ଚିତ କରିଛି ଏବଂ ସମସ୍ତ ଗ୍ରାହକଙ୍କୁ ସର୍ବୋତମ ସମ୍ଭବ ଯାତ୍ରା ଅନୁଭୂତି ଦେବା ପାଇଁ ପ୍ରତିବଦ୍ଧ ରହିଛି। ଇଣ୍ଡିଗୋ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସୁଲଭ ବିମାନ ଯାତ୍ରା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି ଏବଂ ପ୍ରୟାଗରାଜରୁ ଏହି କ୍ଷମତା ବୃଦ୍ଧି ବିଶେଷ କରି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ଲୋକମାନଙ୍କୁ ଓ ସ୍ଥାନଗୁଡିକୁ ସଂଯୋଗ କରିବା ପାଇଁ ଏୟାରଲାଇନର ପ୍ରତିବଦ୍ଧତାକୁ ସୂଚିତ କରୁଛି

# ଜିଓ ପକ୍ଷରୁ ଓଡ଼ିଶାରେ ସଚେତନତା ଅଭିଯାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରଭାବଶାଳୀ ସଚେତନତା ଅଭିଯାନ ସହିତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏହି ପଦକ୍ଷେପ ସଡ଼କରେ ନିଜର ତଥା ଅନ୍ୟମାନଙ୍କ ନିମନ୍ତେ ଯତ୍ନ ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛି। ଏକ ମାସ ବ୍ୟାପୀ ଏହି ସଚେତନତା ଅଭିଯାନକୁ ମାସର ପ୍ରାରମ୍ଭରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡର ଓଡିଶା ମୁଖ୍ୟ ଶ୍ରୀ ପ୍ରଦୀପ ରାଉତ ଶୁଭାରମ୍ଭ କରି ସଡକ ସୁରକ୍ଷା ଏବଂ ସୁରକ୍ଷିତ ଗାଡିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଓ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସଡ଼କ ସୁରକ୍ଷା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ମାସବ୍ୟାପୀ ସଡକ ସୁରକ୍ଷା ସଚେତନତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅଭିଯାନରେ ଆଇଏସଆଇ ୪୧୫୧ ପ୍ରମାଣିତ ପୂର୍ଣ୍ଣ-ମୁଖ ହେଲମେଟ୍ ବ୍ୟବହାରକୁ ଉତ୍ସାହିତ କରିବା, ସିଟ୍ ବେଲ୍ଟର ନିରନ୍ତର ବ୍ୟବହାର ପାଇଁ ପରାମର୍ଶ ଦେବା, ଟ୍ରାଫିକ୍ ନିୟମ ଏବଂ ନିୟମାବଳୀ ପାଳନକୁ ଦୃଢ଼ କରିବା, କୌଣସି ସମୟରେ ମଦ୍ୟପାନ କରି ଗାଡ଼ି ନଚଲାଇବା, ଗତି ସୀମା ପାଳନ କରିବା, ଅନ୍ୟମନସ୍କତାକୁ ଏଡାଇବା, ଖରାପ ପାଗରେ ସତର୍କ ରହିବା ଏବଂ ନିୟମିତ ଭାବରେ ନିଜର ଯାନବାହନ ଯାଞ୍ଚ କରିବା ଭଳି ସଡ଼କ ସୁରକ୍ଷା ପ୍ରମୁଖ ନିୟମଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। ଏହି ପଦକ୍ଷେପର ଏକ ଅଂଶ ଭାବରେ, ଜିଓ କର୍ମଚାରୀମାନଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟଗଡା, ଭବାନୀପାଟଣା, କେଉଁଝର, ଅନୁଗୁଳ / ନାଲକୋ, ସମ୍ବଲପୁର, ରାଉରକେଲା, ବାରିପଦା ଏବଂ ଭଦ୍ରକ ଆଦି ସହରରେ ସଚେତନତା ରୋଡ୍ ଶୋ ଆୟୋଜନ କରାଯିବା ସହ କୁଇଜ୍ ପ୍ରତିଯୋଗିତା, ସଡ଼କ ସୁରକ୍ଷା ପ୍ରତିଜ୍ଞା, ପୋଷ୍ଟର ଏବଂ ସ୍ଲୋଗାନ ପ୍ରତିଯୋଗିତା ଭଳି ବିବିଧ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି ସଡ଼କ ସୁରକ୍ଷା ମାସରେ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରିବାର ପ୍ରତିବଦ୍ଧତା ସହିତ, ଏହି କ୍ଷେତ୍ରର ବିଶେଷଜ୍ଞ, ଫୋରମ୍ ଫର୍ ପ୍ରିଭେନ୍ସନ୍ ଅଫ୍ ରୋଡ୍ ସେଫ୍ଟିର ଡକ୍ଟର ବିକାଶ ମହାପାତ୍ର ଏବଂ ଅବସରପ୍ରାପ୍ତ କଟକ ଟ୍ରାଫିକ୍ ଡିସିପି କୃଷ୍ଣ ଚନ୍ଦ୍ର ସାମଲଙ୍କ ସହିତ ଏକ ସଡ଼କ ସୁରକ୍ଷା ସ୍ୱତନ୍ତ୍ର ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା।

# ହେୟାର ଫଲ୍ କଣ୍ଟ୍ରୋଲ ଗିଜର୍ ବଜାରରେ ଉପଲବ୍ଧ




ଅହମଦାବାଦ: ସିମ୍ଫୋନି ଲିମିଟେଡ ଜଳ ଗରମ କରିବା ବ୍ୟବସ୍ଥାକୁ ପ୍ରବେଶ କରିଛି। କମ୍ପାନୀ ୯-ଲେୟର ବିଶିଷ୍ଟ ପ୍ୟୁରୋପଡ୍ ପ୍ରଯୁକ୍ତି ସହିତ ୱାଟର ହିଟର ବର୍ଗ ପ୍ରଚଳନ କରିଛି, ଯାହା କେଶ ଝଡିବାର ଅନ୍ୟତମ କାରଣ ହୋଇଥିବା କ୍ଷାରୀୟ ଜଳକୁ ମୃଦୁ ଜଳରେ ରୂପାନ୍ତରିତ କରୁଛି, କ୍ଷତିକାରକ ରସାୟନ ଓ ଅନ୍ୟାନ୍ୟ ଦ୍ରବ୍ୟକୁ ଛାଣିଦେଉଛି। କମ୍ପାନୀ ୱାଟର ହିଟର ବର୍ଗରେ ୩ଟି ମଡେଲ-୯ଏସ୍‌କେୟୁ ପ୍ରଚଳନ କରିଛି; ଯଥା- ସିମ୍ଫୋନି ସ୍ପା, ସିମ୍ଫୋନି ସଉନା ଏବଂ ସିମ୍ଫୋନି ସୋଲ୍ ଯାହା ଯଥାକ୍ରମେ ୧୦ ଲିଟର, ୧୫ ଲିଟର ଏବଂ ୨୫ ଲିଟର କ୍ଷମତାରେ ଆସୁଛି। ମନୋରମ ଦୃଶ୍ୟମାନ ହେଉଥିବା, ୫ ତାରକା ମାନ୍ୟତାପ୍ରାପ୍ତ ଏହି ୱାଟର ହିଟର ବର୍ଗ ହେଭି-ଡ୍ୟୁଟି ହିଟିଂ ଉପାଦାନ ସହିତ ଆସୁଛି, ଯେଉଁଥିରେ ପରିବର୍ଦ୍ଧିତ ଦୀର୍ଘସ୍ଥାୟିତ୍ୱ ନିମନ୍ତେ ଟାଇଟାନିୟମ ପ୍ରୋ କୋଟିଂ, ଦୀର୍ଘ କାର୍ଯ୍ୟକାଳ ନିମନ୍ତେ ଏକ ମ୍ୟାଗନେସିୟମ ରଡ ଏବଂ ପୂର୍ଣ୍ଣାଙ୍ଗ ନିରାପତ୍ତା ବୈଶିଷ୍ଟ୍ୟ ରହିଛି। ଏଥିସହିତ କମ୍ପାନୀ ଏହାର ସିନେନି ସ୍ପା ବର୍ଗରେ ସ୍ମାର୍ଟବାଥ୍ ପ୍ରଯୁକ୍ତି ପ୍ରଚଳନ କରିଛି- ଏହା କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ ଭାରତର ପ୍ରଥମ ୱାଟର ହିଟର ହୋଇଛି। ପ୍ରଯୁକ୍ତିକୁ ଏକ ସ୍ପ୍ଲାଶ୍ ପ୍ରୁଫ୍ କଂଟ୍ରୋଲର ମଧ୍ୟରେ ନିର୍ମାଣ କରାଯାଇଛି ଯାହା ଗ୍ରାହକଙ୍କୁ ସେମାନଙ୍କ ଗିଜର ଗାଧୋଇବା ଅଞ୍ଚଳ ମଧ୍ୟରୁ ଏବଂ ଦୂରରେ ରହି ସହଜରେ ନିୟନ୍ତ୍ରଣ କରିବାକୁ ସମର୍ଥ କରାଉଛି, ଏହାଦ୍ୱାରା ବ୍ୟବହାର ସହଜ ହେବା ସୁନିଶ୍ଚିତ କରିବା ସହିତ ପରିବର୍ଦ୍ଧିତ ସୁରକ୍ଷା ପ୍ରଦାନ କରୁଛି। କଂଟ୍ରୋଲରରେ ମଧ୍ୟ ସମୟ ଓ ତାପମାତ୍ରା ନିୟନ୍ତ୍ରଣ, ଜେଶ୍ଚର ନିୟନ୍ତ୍ରଣ, ପିଲାଙ୍କ ପାଇଁ ନିରାପତ୍ତା ପଦ୍ଧତି ଆଦି ରହିଛି। ଏ ସମ୍ପର୍କରେ ମତ ଦେଇ ଅଚଳ ବକେରି, ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର, ସିମ୍ଫୋନି ଲିମିଟେଡ କହିଥିଲେ, 'ସିମ୍ଫୋନିରେ ଆମେ ଆମର ଆସନ୍ତାକାଲି ସମ୍ପର୍କରେ ଚିନ୍ତନ କରିବା ଦର୍ଶନ ଦ୍ୱାରା ପରିଚାଳିତ ହୋଇ ଆସନ୍ତାକାଲି, ଆଜି ସମ୍ପର୍କରେ ବିଚାର କରିଥାଉ, ଏବଂ କେଶ ଓ ତ୍ୱଚା ଉପରେ କ୍ଷାରୀୟ ଜଳର ପ୍ରଭାବ ଓ ତାହାସହିତ ଉଚ୍ଚତାରେ ଖାଯାଇଥିବା ଗିଜର ପରିଚାଳନା କରିବାରେ ଅସୁବିଧା ସମ୍ପର୍କରେ ଗ୍ରାହକଙ୍କ ଅନ୍ତର୍ଦୃଷ୍ଟିକୁ ଏକତ୍ରିତ କରି ଏହି ଅନନ୍ୟ ଗିଜର ବିକଶିତ କରିଛୁ।

# ବସନ୍ତ ପଞ୍ଚମୀ ପାଇଁ ଫାବଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ



ମୁମ୍ବାଇ: ଫାବଇଣ୍ଡିଆର ସମସ୍ତ ଦିଗକୁ ଦୃଷ୍ଟିଦେଇ ଯତ୍ନର ସହିତ ଆକର୍ଷଣୀୟ ହାତତିଆରି ସାମଗ୍ରୀ ପ୍ରସ୍ତୁତ କରିଛି। ଗୋଲଡ ମେଟାଲ କଟ ୱର୍କ ଦିୟା ଉପହାର ସେଟର ମୂଲ୍ୟ ୧,୭୯୯ ଟଙ୍କା ରଖାଯାଇଛି ଯାହା ଆପଣଙ୍କର ପୂଜା ସାମଗ୍ରୀ ସହିତ ସଠିକ ଯୋଗ ହେଉଛି। ପିତଳରେ ପ୍ରସ୍ତୁତ ଏହି ଦିୟା ଭବ୍ୟତା ଏବଂ ଆଲୋକ ବିଚ୍ଛୁରଣ କରୁଛି, ଯାହା ଏକ ଭକ୍ତି ଜାଗ୍ରତକାରୀ ପରିବେଶ ସୃଷ୍ଟି କରୁଛି। ଏଥିସହିତ ଆପଣଙ୍କର ମନୋରମ ପରିବେଶକୁ ପରିବର୍ଦ୍ଧିତ କରୁଛି ବ୍ରାସ ଆଣ୍ଟିକଡ ମେହନୁର ଡିଫ୍ୟୁଜର, ଯାହା ୪,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏହା ପ୍ରଦାନ କରାଯାଉଥିବା କୋମଳ ଆଲୋକ ଶାନ୍ତିପୂର୍ଣ୍ଣ ଏବଂ ଆଧ୍ୟାତ୍ମିକ ଧ୍ୟାନକାରୀ ସମୟ ନିମନ୍ତେ ସମ୍ପୂର୍ଣ୍ଣ ଉପଯୋଗୀ ହୋଇଛି। ଅନ୍ୟ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହେଉଛି ୟେଲୋ ସୁଗନ୍ଧ ଡ୍ରାଏଡ ଫ୍ଲାୱରସ, ଯାହାର ମୂଲ୍ୟ ୧,୫୯୯ ଟଙ୍କା ରଖାଯାଇଛି। ଏହି ଆକର୍ଷଣୀୟ ବ୍ୟବସ୍ଥା ବସନ୍ତର ମହକକୁ ଧରିରଖୁଛି ଏବଂ ଆପଣଙ୍କର ପବିତ୍ର ସ୍ଥଳ ସହିତ ଅଧିକ ଶିହରଣ ଯୋଗ କରୁଛି। ନିଜର ଡାଇନିଂ ଟେବଲ ପାଇଁ ଏହି ୟେଲୋ କଟନ ପ୍ରିଣ୍ଟେଡ ଟେବଲ କଭର ସମ୍ପର୍କରେ ବିଚାର କରନ୍ତୁ, ଯାହାର ମୂଲ୍ୟ ୨,୨୯୯ ଟଙ୍କା ରଖାଯାଇଛି। ବସନ୍ତ ପଞ୍ଚମୀ ପୂଜା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରିବାକୁ ରହିଛି ଏହି ବ୍ରାସ ମେହନୁର କାଷ୍କେଡ ବାର୍ଡ ଅଏଲ ଲ୍ୟାମ୍ପ, ଯାହାର ମୂଲ୍ୟ ୧୫,୯୯୯ ଟଙ୍କା ରହିଛି। ଏହି ସମସ୍ତ ସୁନ୍ଦର ଭାବରେ ପ୍ରସ୍ତୁତ ସାମଗ୍ରୀଗୁଡିକ ସହିତ ଫାବଇଣ୍ଡିଆ ଏହା ସୁନିଶ୍ଚିତ କରୁଛି ଯେ ଆପଣଙ୍କର ବସନ୍ତ ପଞ୍ଚମୀ ପାଳନ ଦୟାଭାବ, ଉଷ୍ମତା ଏବଂ ଆଧ୍ୟାତ୍ମିକ ଶାନ୍ତିରେ ପରିପୂର୍ଣ୍ଣ ହେବ।

# ଖେଳ ଖବର



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ମଞ୍ଜୁରୀରୋଡ଼ ମେଡିକାଲ ପଡିଆ ଠାରେ ରାଜ୍ୟ ସ୍ତରୀୟ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ଯୋଗଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, କ୍ଲବ ସଭାପତି ଗୋପୀନାଥ ନାୟକ, ଉପସଭାପତି ଲକ୍ଷ୍ମଣ ସେନାପତି, ସମ୍ପାଦକ ଧନେଶ୍ୱର ସ୍ୱାଇଁ, ସହସମ୍ପାଦକ କରୁଣାକର ଖଣ୍ଡାଇ, କୋଚ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଜେସିଏ ଖୋର୍ଦ୍ଧା ସହିତ ଜେଏସି ଇଞ୍ଜନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେସିଏ ଖୋର୍ଦ୍ଧା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ବ୍ୟକ୍ତିଗତ ଦିପଞ୍ଜନ ଦେ ୫୬ ଓ ଚନ୍ଦନ କୁମାର ୩୫ରନ ସଂଗ୍ରହ କରିଥିଲେ। ଅପରପକ୍ଷର ବୋଲର ମାଧବ ଦୀକ୍ଷିତ ୩ ଉଇକେଟ ଓ ଅବଦୁଲ ଖାନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଯାଜପୁରର ଜେଏସି ଇଞ୍ଜନପୁର ୧୯. ୩ଓଭରରେ ୯ଉଇକେଟ ହରାଇ ୧୮୯ରନ କରି ବିଜୟୀ ବିଜୟୀ ହୋଇଥିଲା। ଦଳପକ୍ଷରୁ ଦିଲ୍ଲିପ ଧଳ ୬୩ ଓ ସତ୍ୟଜିତ ଗିରି ୪୩ରନ କରିଥିଲେ। ଅପରପକ୍ଷର ବୋଲର ଆଦିତ୍ୟ ମହାକୁଡ଼ ୪ଓଭର ବୋଲିଂ କରି ୩୩ରନ ଦେଇ ୩ଉଇକେଟ ଓ ଦିପଞ୍ଜନ ଦେ ୨ଗୋଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଦିଲ୍ଲିପ ଧଳଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟ ସେନାପତି ଓ କାଳନ୍ଦୀ ଚରଣ ପଣ୍ଡା ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସନ୍ତୋଷ ଖଣ୍ଡାଇ, ଅଜୟ କୁମାର ବାରିକ ଓ ଭାଷ୍ୟକାର ଭାବେ ଶ୍ରୀକାନ୍ତ ଖଣ୍ଡାଇ, ସଞ୍ଜୟ ଶତପଥି ଓ ଶରତ ଚନ୍ଦ୍ର ଜେନା ଦାୟିତ୍ୱ ତୁଲାଇଥିବା ବେଳେ ଶରତ ଚନ୍ଦ୍ର ବାରିକ ମ୍ୟାଚ ରେଫରୀ ରହିଥିଲେ।

## ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍: ଫାଇନାଲ୍‌ରେ ଭାରତ




ନୂଆଦିଲ୍ଲୀ: ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମି ଫାଇନାଲ୍‌ରେ ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ୯ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ଫାଇନାଲ୍‌ରେ ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା ଦଳ ସହ ହେବ। ପାରୁନିକା ସିସୋଦିଆ, ବୈଷ୍ଣବୀ ଶର୍ମାଙ୍କ ଘାତକ ବୋଲିଂ ଯୋଗୁଁ ଭାରତ ଇଂଲଣ୍ଡର ଇନିଂସକୁ ୮ ୱିକେଟ୍‌ରେ ୧୧୩ ରନରେ ସୀମିତ ରଖିଥିଲା। ଜବାବରେ ଭାରତ ଜି କମାଲିଆଙ୍କ ଅପରାଜିତ ୫୬ ରନ ଓ ଜି ତୃଷାଙ୍କ ୩୫ ରନର ଦମଦାର ଇନିଂସ ଦମରେ ୫ ଓଭର ବାକି ଥାଇ ୯ ୱିକେଟ୍‌ରେ ମ୍ୟାଚ୍ ଜିତି ନେଇଥିଲା। ୧୧୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତ ପକ୍ଷରୁ ଜି କମାଲିନି ଓ ଜି ତୃଷାଙ୍କ ଓପନିଂ ଯୋଡ଼ି ଦମଦାର ବ୍ୟାଟିଂ କରି ୬୦ ରନ ଯୋଡ଼ିଥିଲେ। ନବମ ଓଭରରେ ତୃଷାଙ୍କୁ ଆଉଟ୍ କରି ଇଂଲଣ୍ଡର କୋବେ ବ୍ରେଟ୍ ଏହି ଭାଗିଦାରୀ ଭାଙ୍ଗିଥିଲେ। ଜି ତୃଷା ୨୯ ବଲରେ ୫ ଚୌକା ଜରିଆରେ ୩୫ ରନ କରିଥିଲେ। ଏହା ପରେ ସନିକା ଚଲକେ ଜି କମାଲିନିଙ୍କ ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ବ୍ୟାଟରଙ୍କ ଦମଦାର ବ୍ୟାଟିଂ ବଳରେ ଭାରତ ୧୫ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୧୭ ରନ କରି ମ୍ୟାଚ୍‌କୁ ଜିତି ନେଇଛି। ଜି କମାଲିନି ୫୦ ବଲରୁ ୮ ଚୌକା ସହ ଅପରାଜିତ ୫୬ ରନ ଓ ସନିକା ଚଲକେ ୧୧ ରନ କରି ଅପରାଜିତ ଥିଲେ। ଟସ୍ ଜିତି ଇଂଲଣ୍ଡର ମହିଳା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜେମିମା ସ୍ପେନ୍ସ୍ ଓ ଡେଭିନା ପେରିନଙ୍କ ଓପନିଂ ଯୋଡ଼ି ସତର୍କତାର ସହ ବ୍ୟାଟିଂ କରି ୩୭ ରନ ଯୋଡ଼ିଥିଲେ। ପଞ୍ଚମ ଓଭରରେ ପାରୁନିକା ଜେମିମା ସ୍ପେନ୍ସ(୯ ରନ)କୁ ବୋଲ୍ଡ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ସିସୋଦିଆ ପରବର୍ତ୍ତୀ ବଲ୍‌ରେ ଟ୍ରୁଡି ଜନସନ(୦)ଙ୍କୁ ବୋଲ୍ଡ କରି ପାଭିଲିୟନର ରାସ୍ତା ଦେଖାଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ଅବି ନରଗ୍ରୋଭ ଡେଭିନା ପେରିନଙ୍କ ସହ ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ତୃତୀୟ ୱିକେଟ୍ ପାଇଁ ୪୪ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ। ୮୧ ରନରେ ତୃତୀୟ ୱିକେଟ୍ ହରାଇବା ପରେ ଇଂଲଣ୍ଡ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ଦଳ ନିୟମିତ ବ୍ୟବଧାନରେ ୮ ୱିକେଟ୍ ହରାଇ ୧୧୩ ରନ କରି ପାରିଥିଲା। ଶେଷ ୫ ୱିକେଟ୍ ଦଳ ମାତ୍ର ୧୨ ରନ ଭିତରେ ହରାଇଥିଲା।

## ସଚିନଙ୍କୁ ମିଳିବ ଲାଇଫ ଟାଇମ୍ ଆଚିଭମେଣ୍ଟ୍ ଆୱାର୍ଡ



ନୂଆଦିଲ୍ଲୀ: ଭାରତର ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯିବ। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଜର ବାର୍ଷିକ ସମାରୋହରେ ଏହି ଆୱାର୍ଡ ପ୍ରଦାନ କରିବ। ସଚିନ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ବନାଇଥିବା ଖେଳାଳି ଅଟନ୍ତି। ଟେଷ୍ଟ ଓ ଏକଦିବସୀୟ ଫର୍ମାଟରେ ନିଜ ନାମରେ ଅନେକ ରେକର୍ଡ ମଧ୍ୟ ହାସଲ କରିଛନ୍ତି। ସେ ଏକଦିବସୀୟ ମ୍ୟାଚ୍‌ରେ ୪୯ ଶତକ ଏବଂ ୯୬ ଅର୍ଦ୍ଧଶତକ ସହିତ ୧୮,୪୨୬ ରନ୍ ଏବଂ ଟେଷ୍ଟରେ ୫୧ ଶତକ ଏବଂ ୬୮ ଅର୍ଦ୍ଧଶତକ ସହିତ ୧୫,୯୨୧ ରନ୍ କରିଛନ୍ତି। ଅପରପକ୍ଷରେ ନିଜର ଏତେ ଲମ୍ବା କ୍ୟାରିୟର ମଧ୍ୟରେ ସେ କେବଳ ଗୋଟିଏ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୫୧ ବର୍ଷୀୟ ସଚିନ ଭାରତ ପାଇଁ ୬୬୪ଟି ମ୍ୟାଚ୍ ଖେଳି ୩୪,୩୫୭ ରନ କରିଥିଲେ। ଏଥିରେ ୧୦୦ଟି ଶତକ ଏବଂ ୧୬୪ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସଚିନଙ୍କୁ ୨୦୨୪ ପାଇଁ ସିକେ ନାଇଡୁ 'ଲାଇଫଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପ୍ରଦାନ କରାଯିବ। ତେବେ ଭାରତର ପୂର୍ବତନ କୋଚ ରବି ଶାସ୍ତ୍ରୀ ଏବଂ ପୂର୍ବତନ ୱିକେଟ କିପର ଫାରୁକ ଇଞ୍ଜିନିୟରଙ୍କୁ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯିବ।

## ଇଣ୍ଡିଆ-ଇଂଲଣ୍ଡ ଟି-୨୦ ସିରିଜ୍
# ଆଗୁଆ ସିରିଜ୍ ଜିତିଲା ଭାରତ




ପୁଣେ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟିକୁ ଜିତି ଟିମ୍ ଇଣ୍ଡିଆ ଆଗୁଆ ସିରିଜ୍ କବ୍‌ଜା କରି ନେଇଛି। ବ୍ୟାଟରଙ୍କ ପରେ ବୋଲରଙ୍କ ଦମଦାର ପ୍ରଦର୍ଶନ ବଳରେ ଭାରତ ପୁଣେରେ ଖେଳା ଯାଇଥିବା ଚତୁର୍ଥ ଟି-୨୦ରେ ଇଂଲଣ୍ଡକୁ ୧୫ ରନରେ ହରାଇଛି। ଏହି ବିଜୟ ସହ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୩-୧ରେ ଅଗ୍ରଣୀ ହାସଲ କରିବା ସହ ସିରିଜ୍ କବଜା କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୫୩ ରନ ଓ ଶିବମ ଦୁବେଙ୍କ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ବଳରେ ୯ ୱିକେଟ୍ ହରାଇ ୧୮୧ ରନ କରିଥିଲା। ଜବାବରେ ଭ୍ରମଣକାରୀ ଇଂଲଣ୍ଡ ୧୯.୪ ଓଭରରେ ୧୬୬ ରନ କରି ଅଲଆଉଟ୍ ହୋଇଛି। ହାରି ବ୍ରୁକଙ୍କ ୫୧ ରନର ଇନିଂସ ବୃଥା ହୋଇଥିବା ବେଳେ ବେନ ଡକେଟ୍ ୩୯ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ବୋଲିଂରେ ଭାରତ ପକ୍ଷରୁ ରବି ବିଷ୍ଣୋଇ ଓ ହର୍ଷିତ ରାଣା ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଏହିପରି ଡେବ୍ୟୁ ମ୍ୟାଚ୍‌ରେ ହର୍ଷିତ ୩ ୱିକେଟ୍ ନେଇ ଚମକିଛନ୍ତି।

**STATE HIGHWAYS AUTHORITY OF JHARKHAND**
**Government of Jharkhand**
**e-procurement Notice inviting RFP (4th Call)**
for
Engineering, Procurement & Construction (EPC)

**Ref No: SHAJ/Tech/CW/Angarha-Rahe Road/2024/78** **Date: 31.01.2025**

1. State Highways Authority of Jharkhand, Ranchi invites Request for Proposal for Engineering Procurement & Construction basis from eligible bidders for **Construction of H.L. bridge over Gunga nala in 5th km of Angarha-Hahe-Rahe road including ROB**. The approximate cost of the work is Rs. **82.73** Crore.
2. The interested bidders who have experience in execution of similar works and required technical & financial strength may obtain Request for Proposal (RFP) document for Engineering, Procurement & Construction document from e-tendering portal www.jharkhandtenders.gov.in from **05.02.2025 (03:30 P.M.) to 20.02.2025 (upto 12:30 P.M.).**
The complete RFP Application shall be submitted online by **20.02.2025 (upto 12:30 PM)** on e-tendering portal www.jharkhandtenders.gov.in All the details regarding this RFP will be available on the above mentioned website. It will opened on **21.02.2025 (at 03:00 PM).**
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 0.83 crore (Rs. Eighty Three Lakhs) only. Tender fees and Earnest money Deposit(EMD) shall be deposited online as per Information technology & E-Governance Department order no 120 dated 03.10.2023.

Sd/-
Member (Technical)
State Highways Authority of Jharkhand Deen Dayal Nagar
(Near Office of Executive Engineer, NH Division, Ranchi)
Booty Road, Ranchi-834008. Ph.: 0651-2361306,
E-mail: membertechnical.shaj3@gmail.com

PR 345581 State Highway Authority of Jharkhand(24-25)D

## ରଣଜୀରେ ବି ନିରାଶ କଲେ କୋହଲି

ନୂଆଦିଲ୍ଲୀ: ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ପାଇଁ ଅଫ ସାଇଡ ବଲ ଦୁଃସ୍ୱପ୍ନ ସାଜିବାରେ ଲାଗିଛି । କ୍ରମାଗତ ଖରାପ ପ୍ରଦର୍ଶନ ପରେ ସେ ରଣଜୀ ଟ୍ରଫି ଖେଳି ଫର୍ମରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିଥିଲେ । ତେବେ ଏଥିରେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଛି । ଦିଲ୍ଲୀ ପକ୍ଷରୁ ଖେଳୁଥିବା କୋହଲି ରେଲୱେ ବିପକ୍ଷରେ ମାତ୍ର ୬ ରନରେ ଆଉଟ ହୋଇ ଯାଇଛନ୍ତି । ରେଲୱେର ହିମାଂଶୁ ସାଙ୍ଗୱାନ ତାଙ୍କୁ ବୋଲ୍ଡ କରିଛନ୍ତି । ଅଫସାଇଡ ବାହାର ବଲକୁ ଖେଳି ନ ପାରି କୋହଲି ଆଉଟ ହୋଇ ଯାଇଥିଲେ । ସେ ୧୫ ବଲ ଖେଳି ଗୋଟିଏ ଚୌକା ସହାୟତାରେ ୬ରନ କରିବାକୁ ସକ୍ଷମ ହୋଇଥିଲେ । କୋହଲିଙ୍କୁ ଆଉଟ କରିବା ପରେ ହିମାଂଶୁ ଆକ୍ରମଣାତ୍ମକ ଶୈଳୀରେ ଖୁସି ମନେଇଥିଲେ । କୋହଲିଙ୍କ ବ୍ୟାଟିଂ ଦେଖିବା ପାଇଁ ଅରୁଣ ଜେଟଲୀ ଷ୍ଟାଡିୟମ ଦର୍ଶକ ପୂର୍ଣ୍ଣ ହୋଇ ଯାଇଥିଲା । ମାତ୍ର ପ୍ରଶଂସକଙ୍କୁ ମଧ୍ୟ କୋହଲି ନିରାଶ କରିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୮ ଥର ଅଫ ସାଇଡ ବାହାର ବଲକୁ ଖେଳି ଆଉଟ ହୋଇଥିଲେ । ଏବେ ରଣଜୀରେ ଫେଲ ମାରିବା ତାଙ୍କ ଭବିଷ୍ୟତ ନେଇ ପୂନର୍ବାର ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଓଡିଶା ମହିଳା ସନ୍ତରଣ ଟିମ୍‌ଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡାରେ ଓଡିଶା ସନ୍ତରଣ ଟିମ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ଗୁରୁବାର ମହିଳା ସନ୍ତରଣ ଟିମ ୪ ଗୁଣ ୧୦୦ ମିଟର ରିଲେରେ ଓଡିଶାକୁ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପ୍ରତ୍ୟଶା ରାୟ, ମନ୍ନତ ମିଶ୍ର, ଦିବ୍ୟାଙ୍କା ପ୍ରଧାନ ଓ ସୃଷ୍ଟି ଉପାଧ୍ୟାୟ ଆକର୍ଷଣୀୟ ପ୍ରଦର୍ଶନ କରି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି । ୨୦୦ ମିଟର ମହିଳା ବ୍ରେଷ୍ଟଷ୍ଟ୍ରୋକରେ ଦିବ୍ୟାଙ୍କା ବ୍ରୋଞ୍ଜ ପଦକ ଜିତିଛନ୍ତି । ପୂର୍ବରୁ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଂଟରେ ସୃଷ୍ଟି ବ୍ରୋଞ୍ଜ ପଦକ ଜିତିଥିଲେ । ଏହା ଓଡିଶାର ଚଳିତ ସଂସ୍କରଣର ପ୍ରଥମ ପଦକ ରହିଥିଲା । ଖୋ ଖୋରେ ମଧ୍ୟ ମହିଳା ଟିମ ପଦକ ଦୌଡରେ ସାମିଲ ହୋଇଛନ୍ତି । ଦିଲ୍ଲୀକୁ ୩୦-୨୧ରେ ହରାଇ ଓଡିଶା ସେମିଫାଇନାଲରେ ପ୍ରବେଶ କରିଛି । ସେହିପରି ମହିଳା ରଗବୀରେ ଓଡିଶା ୫୪-୦ରେ ତାମିଲନାଡୁ ପରାସ୍ତ କରି ସେମିକୁ ଉନ୍ନୀତ ହୋଇଛି । ଏହି ୨ଟି ବିଭାଗରେ ଓଡିଶା ପାଇଁ ପଦକ ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି । କର୍ଣ୍ଣାଟକ ୭ ସ୍ୱର୍ଣ୍ଣ ସହ ୧୨ ପଦକ ହାସଲ କରି ପଦକ ତାଲିକାରେ ଶୀର୍ଷରେ ରହିଛି।

# ବାରବାଟୀ ଷ୍ଟାଡିୟମ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ




କଟକ: ବାରବାଟୀ ଷ୍ଟାଡିୟମରେ ଫେବୃଆରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଦୁଇ ବର୍ଷ ପରେ ବାରବାଟୀ ଷ୍ଟାଡିୟମରେ ଏଭଳି ମର୍ଯ୍ୟଦା ଜନକ ମ୍ୟାଚ୍ ଅନୁଷ୍ଠିତ ହେଉଛି । ଏଥିପାଇଁ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଜୋରସୋର୍‌ରେ ଜାରିରହିଛି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ଏହି ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିବା ସହିତ ପ୍ରସ୍ତୁତି କାର୍ଯ୍ୟକୁ ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ମ୍ୟାଚର ଥିମ୍ ସଂଗ 'ସ୍ୱାଗତ.... ସୁସ୍ୱାଗତ'କୁ ଉନ୍ମୋଚନ କରିଥିଲେ। ସମୀକ୍ଷା ଏବଂ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତିରଖି କହିଥିଲେ ଯେ ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବା ଆମ ପାଇଁ ସୌଭାଗ୍ୟର ବିଷୟ । ଓ.ସି.ଏର ସମସ୍ତ କର୍ମକର୍ତ୍ତା ଏବଂ ଟିମ୍, ଜିଲ୍ଲା ପ୍ରଶାସନ, ରାଜ୍ୟ ପ୍ରଶାସନ ବିଶେଷ କରି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରସ୍ତୁତି କାର୍ଯ୍ୟ ଅନୁଷ୍ଠିତ ହେଉଛି । ଏହା ହେଉଛି ଆମ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ଏହା ହେଉଛି ଆମ ପାଇଁ ସମ୍ମାନର କଥା । ପୁରାଟିମ୍ ଏଥିପାଇଁ ପରିଶ୍ରମ କରୁଛନ୍ତି । ଦୁଇ ବର୍ଷ ପରେ ଆମ ପାଖକୁ ଏହି ସୁଯୋଗ ଆସିଛି । ଏହି ମ୍ୟାଚ୍ ସଫଳତାର ସହ ଆୟୋଜନ ହେବ । ଆମ ସଫଳତା କେବଳ ଭାରତ ବର୍ଷକୁ ନୁହେଁ ସମଗ୍ର ବିଶ୍ୱକୁ ଖୁସି ଦେବ । ମୁଖ୍ୟମନ୍ତ୍ରୀଙ୍କ ସହିତ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଶ୍ରୀ ପ୍ରକାଶ ମିଶ୍ର, ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ, ଅନୁଗୋଳ ବିଧାୟକ ତଥା ଓସିଏର ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏର ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, कोडरमा**

**अल्प कालीन ई-पुर्ननिविदा आमंत्रण सूचना**

ई–निविदा संख्या :- 09(RI)/2024-25/RWD/EE/KODERMA दिनांक :-30.01.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| 1. | RWD/KODERMA/ 28/2024-25 | प्रखण्ड सतगांवां अन्तर्गत पंचायत टेहरो में ग्राम नन्दुडीह से ग्राम भूताही स्कूल होते हुए आर0सी0डी0 रोड ग्राम खाब तक पथ निर्माण कार्य। (लं0–2.300 कि0मी0) | 2,24,26,700/- | दो करोड़ चौबीस लाख छब्बीस हजार सात सौ रू0 मात्र। | 09 (नौ) माह | द्वितीय |

1. वेबसाईट में निविदा प्रकाशन की तिथि:– 02.02.2025
2. ई–निविदा प्राप्ति की अंतिम तिथि एवं समय:– 17.02.2025 अपराह्न 5.00 बजे तक।
3. निविदा खोलने की तिथि एवं समय:– 19.02.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933 / 06534–297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/– कार्यपालक अभियन्ता,
ग्रामीण कार्य विभाग, कार्य प्रमण्डल, कोडरमा

PR 345535 Rural Work Department (24-25)_D

**Government of Jharkhand**
**Urban Development And Housing Department**
**Dhanbad Municipal Corporation, Dhanbad**

**e-Procurement Re-Tender Notice No. DMC/34/2024-25**
**Reference No. : DMC/34/2024-25** **Date : 30.01.2025**

| क्रम सं0 | Group No. | वार्ड सं0 | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|---|
| 1 | DMC/34/2024-25/01 | 7 | Construction of Drain from Haren Ghatwar house to exit drain via rita devi house, bablu house to exit drain, munna house to exit drain near ujala club (Footbal Ground) and Arbind house to nilima house (jogta) azad house pokhriya house, golden house to gupta house via taslim house, nimtalla (jogta 15 no.) ward no. 07 under DMC, Dhanbad. (3rd Call) | 3073176.00 | 2 % of BOQ | 10000.00 | 120 दिन |
| 2 | DMC/34/2024-25/02 | 13 | Construction of Drain at etwal 6 no.from mahesh gupta house to shankar sah house, prakash rajak house via sanjay shaw house via bhola singh to main drain in ward no. 13 Under DMC, Dhanbad. (2nd Call) | 2914400.00 | 2 % of BOQ | 10000.00 | 120 दिन |
| 3 | DMC/34/2024-25/03 | 16 | Construction of road in bhuli a block from rajesh rai house, arjun ravidas house usman house bhim singh house and in C Block rajesh singh house to das ji house and construction of drain in A Block from Prabhash house to arjun ravidas house manas bhattacharya srikant house to dharmendra vishwakarma house and construction of drain near c block dinesh singh house in ward no. 16 under DMC, Dhanbad. (3rd Call) | 5371500.00 | 2 % of BOQ | 10000.00 | 120 दिन |
| 4 | DMC/34/2024-25/04 | 17 | Construction of Drain in aman society gate no. 4 Dr. rustam house to mansur house to israil master to ikram khan house in ward no.17 Under DMC, Dhanbad. (2nd Call) | 4430500.00 | 2 % of BOQ | 10000.00 | 120 दिन |
| 5 | DMC/34/2024-25/05 | 23 | Renovation of Bituminous road in vanasthali colony main road to Hanumaan apartment via shree Shakti appartment and link road (2) Hirak road Mangalam Nagar main road to Nalanda city gate and link road Construction of RCC drain in Vansthali colony in ward no. 23 under DMC, Dhanbad. (3rd Call) | 14209000.00 | 2 % of BOQ | 10000.00 | 180 दिन |
| 6 | DMC/34/2024-25/06 | 27 | Construction of RCC drain in Bhistipada dalit basti from kumar dental clinic (opposite gupta lodge) to mahavir mandir main road nala via vinod paswan house and vinod paswan house to sheetla mandir road via ishwar paswan and dinanath jayswal to main road mahavir mandir in ward no.27 under DMC Dhanbad. (3rd Call) | 1806400.00 | 2 % of BOQ | 5000.00 | 90 दिन |
| 7 | DMC/34/2024-25/07 | 32 | Construction of Road and Drain from Matkuriya main road to towards ashok singh and others via hotel Veletino Green in ward no. 32 under DMC Dhanbad (3rd Call) | 907200.00 | 2 % of BOQ | 5000.00 | 90 दिन |
| 8 | DMC/34/2024-25/08 | 55 | Construction of PCC Road and Drain in Jamadoba Basti, Sindri from Dadan yadav house to Hanuman Mandir to Munna Yadav House via Vijay Saw House via Shiv Kumar Yadav houe and Vijay Saw house to Umashankar Yadav house and In Rangamati Bazzar Pani Tanki to Late Nakul Rajak house adn PCC Road in Im type 17, 18 Laxman Saw house to Arun Yadav house and Rajesh Choudhary House to Duldul Yadav house in ward no. 55 under DMC, Dhanbad (3rd Call) | 44,54,400.00 | 2 % of BOQ | 10000.00 | 150 दिन |
| 9 | DMC/34/2024-25/09 | 55 | Construction of Guard Wall and steps for Colony Road Protection work in Sindri in ward no. 55 under DMC, Dhanbad. (3rd Call) | 38,16,500.00 | 2 % of BOQ | 10000.00 | 120 दिन |

1. Date of Publication of Tender on website :- **03.02.2025 At 03.00 PM**
Online Last Date / Time for receiving of bids :- **17.02.2025 (Online) till 03:00 PM**
Date of Bid Opening :- From **18.02.2025 at 03:00 PM** (Online)

**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
**Executive Engineer,**
**Dhanbad Municipal Corporation, Dhanbad**

PR.NO.345546 Urban Development and Housing(24-25):D

**Office of the Executive Engineer**
**Drinking Water & Sanitation Division, Sahibganj**

**Very Short Term Tender e-Procurement Notice**
**(2nd Call)**
e-Tender Reference No. :- **DWSD/SAHIBGANJ- 11/2024-25 Date- 31.01.2025**

| Sl. | Name of Work | Name of Scheme | Group No. | Model No. | No. of Schemes | No. of FHTC | Estimated Cost (In Lac) | Earnest Money (In Lac) | Cost of BOQ (In Rs.) | Month |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | | 7 | 8 | 9 | 10 |
| 1 | 1. Construction of rural water supply Scheme with 1.0 HP DC Solar motor pump complete set & Construction of DT/GPT/HYDT/HYGPT (as applicable) Bore well for Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 2. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. **(Model-3)** **3.** Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ Areas which is not included in MVS and no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand. **(Model-4)** | Topara Group of SVS | SVS-03 | 1B | 21 | 616 | 193.38 | 3.90 | 10000.00 | 6 Months |
| 2 | Date & Time of Publication of Tender on website | | 03.02.2025/ 06:00 P.M | | | | | | | |
| 3 | Last Date & Time for receipt of Bid | | 10.02.2025/ 05:00 P.M | | | | | | | |
| 4 | **Last date/ time of Online submission of Earnest Money and Cost of BOQ** (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | | 10.02.2025/ 05:00 PM | | | | | | | |
| 5 | Date & Time of Opening of Tender | | 11.02.2025 / 05:00 PM | | | | | | | |
| 6 | Name & address of office inviting tender | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 7 | Name & address of Opening officer | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 8 | Contact No. of Procurement Office | | 9264195681 | | | | | | | |
| 9 | Helpline No. of e-procurement cell | | 9264195681 | | | | | | | |

Note:-
- No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated cost may be increase or decrease.

**Executive Engineer**
**Drinking Water and Sanitation,**
**Division Sahibganj.**

PR 345586 (Drinking Water and Sanitation) 24-25 (D)



ବୟସ ଅନୁସାରେ ଏହି ରୋଗ ୫୦ବର୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କଠାରେ ଅଧିକ ଦେଖାଦିଏ। କାରଣ ବୟସ ବୃଦ୍ଧି ହେବା ଦ୍ୱାରା ଶରୀରରେ ନାଡ଼ି ଓ ମାଂସପେଶୀ ଭିତରେ ଥିବା ବନ୍ଧନ ଶକ୍ତି କମିଯାଏ। ଆୟୁର୍ବେଦ ଦୃଷ୍ଟିରୁ ଏଥିପାଇଁ ବାତ ଦୋଷ ବୃଦ୍ଧି ହୋଇଥାଏ ଏବଂ ସନ୍ଧି ବା ଗଣ୍ଠି ପୀଡ଼ା, ଫୁଲିବା ସହ ଚାଲିବାରେ କଷ୍ଟ ଅନୁଭବ ହୋଇଥାଏ। ଏହା ମଧ୍ୟ ବେଳେ ବେଳେ ଅଧିକ ବଢ଼ି ସନ୍ଧିବାତ ବା ଆଥରରାଇଟିସ୍ ରୋଗର ଆଶଙ୍କା ବଢ଼ାଇଥାଏ। ମେଦଯୁକ୍ତ ବା ମୋଟା ମହିଳାଙ୍କ ଗଣ୍ଠି ସନ୍ଧିଗୁଡ଼ିକରେ ମେଦଧାତୁ ଭରି ରହିବା ହେତୁ ଗଣ୍ଠିର ଘୂର୍ଣ୍ଣନ ଶକ୍ତି କମିଯାଏ। ତା'ଛଡ଼ା ଦୈନନ୍ଦିନ ବ୍ୟାୟାମ, ଚାଲିବା ଆଦି ଅଭ୍ୟାସ ନ ରହିଲେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ସମସ୍ୟା ବେଶି ବଢ଼ିଥାଏ। ଶୀତଦିନେ ବ୍ୟାୟାମ କମିଗଲେ ଏବଂ ଖାଦ୍ୟରେ ଅଧିକ ବିରି, ଲୁଣ, ତେଲଘିଅ ଅଧିକ ଖାଇଲେ ଶରୀରରେ ଅଧିକ ମେଦ ସଞ୍ଚୟ ହୋଇ ନାଡ଼ିଗୁଡ଼ିକର କାର୍ଯ୍ୟକ୍ଷମତା ବ୍ୟାହତ ହୋଇଥାଏ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିଯାଏ।

ଏସବୁଠାରୁ ଦୂରେଇରହିବା ଲାଗି ପ୍ରତିଦିନ ଯୋଗ, ବ୍ୟାୟାମ କରିବା ସହ କିଛି ସମୟ ଚାଲିବା ଦରକାର ଏବଂ ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କରିବା ନିହାତି ଦରକାର। ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେବା ମାତ୍ରେ ତେଲ କିମ୍ବା ଜେଲ ମାଲିସ କରି ଉଷୁମ ସେକ ଦେଲେ କିଛି ମାତ୍ରାରେ ଉପଶମ ପାଇପାରିବେ। ଆୟୁର୍ବେଦ ବା ଦେଶୀ ଚିକିତ୍ସା ପଦ୍ଧତିରେ ଏହିସବୁ ଗଣ୍ଠି ଯନ୍ତ୍ରଣାର ଭଲ ଚିକିତ୍ସା ରହିଛି। ହେଲେ ସେଗୁଡ଼ିକୁ ଆପଣେଇବା ପୂର୍ବରୁ ବୈଦ୍ୟ ବା ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ।





# ଚା'ରେ ଅଦା ପକାଇ ପିଇଲେ ମିଳେ ଫାଇଦା

*ସାଧାରଣତଃ ଅନେକ ଲୋକ ଚା' ପିଇବାକୁ ପସନ୍ଦ କରନ୍ତି। ସେମାନଙ୍କ ଦିନ ଆରମ୍ଭ ଚା'ଠାରୁ ହୋଇଥାଏ। ଆଉ ସେ ଯଦି ଅଦା ଚା' ହୁଏ, ତେବେ ମଜା ଦୁଇ ଗୁଣା ହୋଇଯାଏ। କାରଣ ଅଦା ଚା'ରେ ଏମିତି କିଛି ଔଷଧୀୟ ଗୁଣ ଅଛି, ଯାହା ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ ହୋଇଥାଏ। ତେଣୁ ଲୋକେ ସକାଳେ ଅଦା ଚା' ପିଇବାକୁ ପସନ୍ଦ କରନ୍ତି।*

ଏହି ଚା' ସହିତ ଦିନ ଆରମ୍ଭ କରିବା ଦ୍ୱାରା ଆପଣଙ୍କର ହଜମ ପ୍ରକ୍ରିୟାରେ ସୁଧାର ଆସିବ। ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା କମିଯିବ। ସେହିପରି ଥଣ୍ଡା, କାଶ ସମୟରେ ଅଦା ଚା' ପିଇବାର ଲାଭ ବିଷୟରେ ତ ସମସ୍ତେ ଜାଣନ୍ତି।

## ଗଳା ସଂକ୍ରମଣ କମ୍ କରିବାରେ ସାହାଯ୍ୟ କରେ

ଅଦା ଚା' ପିଇବା ଦ୍ୱାରା ଗଳା ସଂକ୍ରମଣ କମିବା ସହ କଫ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଗଳା ଯନ୍ତ୍ରଣା ଦୂର କରିଥାଏ।

## ଓଜନ କମାଇଥାଏ

ଓଜନ କମାଇବା ପାଇଁ ମଧ୍ୟ ଅଦା ଚା' ସହାୟକ ହୋଇଥାଏ। ଏହାଦ୍ୱାରା କ୍ୟାଲୋରୀ ଶୀଘ୍ର ବର୍ନ ହୋଇଥାଏ। ଏହି ଚା' ଚିନ୍ତା ଓ ଚାପ ଆଦି ଦୂର କରିଥାଏ। ଥକ୍କାପଣ ମଧ୍ୟ ଦୂର କରେ ଅଦା ଚା'।



## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ

ଅଦା ଆପଣଙ୍କ ରୋଗ ପ୍ରତିରୋଧକ କ୍ଷମତାକୁ ମଧ୍ୟ ମଜବୁତ କରିଥାଏ। ଏଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏହି ଚା'କୁ ଦିନସାରା ଦୁଇରୁ ତିନି କପ୍ ଆକାରରେ ଗ୍ରହଣ କରାଯାଇପାରେ, କିନ୍ତୁ ଯଦି କାହାର ଗ୍ୟାସ୍, ଅଦୃଶ୍ୟତା କିମ୍ବା ପେଟ ସମ୍ବନ୍ଧୀୟ ଅନ୍ୟ କ ଷବସ୍ୱ ଣସି ସମସ୍ୟା ଥାଏ, ତେବେ ଏହାକୁ କେବଳ ସୀମିତ ପରିମାଣରେ ପିଅନ୍ତୁ।



## ଆଜି ଆସିଥିଲେ

# ଭଗବତୀ ଚରଣ ପାଣିଗ୍ରାହୀ

ମାଟିକୁ ମାକୁ ଫିରିଙ୍ଗି କବଳରୁ ମୁକ୍ତ କରିବାକୁ ଆନ୍ଦୋଳନରେ ଝାସ ଦେଇଥିବା ବୀରଙ୍କ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ଅନ୍ୟତମ। ସତ୍ୟବାଦୀ ବିଦ୍ୟାଳୟରେ ନାମ ଲେଖାଇବା ପରେ ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ଲିଙ୍ଗରାଜ ମିଶ୍ର, ଗୋଦାବରୀଶ ମିଶ୍ରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ସେ ଆସିଥିଲେ। ସେମାନଙ୍କଠୁ ଦେଶାତ୍ମଭାବ, ତ୍ୟାଗ, ଦେଶ ସେବା ଶିକ୍ଷା ପାଇଲେ। ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ ପାସ ପରେ କଟକରେ ଏଫ୍.ଏ. ଅଧ୍ୟୟନ କଲେ। ଏହି ସମୟରେ ଗାଁରେ ଜମିଦାର, ମହାଜନଙ୍କ ଶୋଷଣ ଓ ଅତ୍ୟାଚାର ବିଷୟରେ ସେ ଶୁଣୁଥିଲେ। ଜନସେବାରେ ସମୟ ବିତାଉଥିବାରୁ ତାଙ୍କ ପାରିବାରିକ ଜୀବନ ବହୁତ କଷ୍ଟରେ ବିତୁଥିଲା। ପାଟଣା ବିଶ୍ୱବିଦ୍ୟାଳୟରେ ଏମ୍.ଏ. ପଢ଼ିବା ସମୟରେ ଭଗବତୀ ସାମ୍ୟବାଦୀ ବିଚାରଧାରା ପ୍ରତି ଆକର୍ଷିତ ହୋଇଥିଲେ। ସେତେବେଳେ ଚାକିରି ସହଜରେ ମିଳୁଥିଲା, କିନ୍ତୁ ବ୍ରିଟିଶ ସରକାରଙ୍କ ଗୋଲାମ ହେବାକୁ ଚାହିଁନଥିଲେ। ଅହିଂସା ମାର୍ଗରେ ସ୍ୱାଧୀନତା ସମ୍ଭବ ନୁହେଁ ବୋଲି ଭଗବତୀ ମନେ କରୁଥିଲେ। ସମାଜବାଦ ବିଚାରକୁ ପ୍ରସାର କରିବା ଲାଗି ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସମ୍ପାଦକ ଭାବେ ଭଗବତୀ ନିର୍ବାଚିତ ହୋଇଥିଲେ। କୃଷକ ଆନ୍ଦୋଳନ, ଢେଙ୍କାନାଳ ଆନ୍ଦୋଳନ, ଶ୍ରମିକ ସଂଗଠନ, ଛାତ୍ର ସଂଗଠନ ପ୍ରଭୃତିରେ ଭଗବତୀଙ୍କ ଅବଦାନ ସ୍ମରଣୀୟ। ସେ କୁସଂସ୍କାର ଓ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ। ନବଯୁଗ ସାହିତ୍ୟ ସଂସଦର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା। ଜଙ୍ଗଲି, ହାତୁଡ଼ି ଓ ଦା, ଜୀବନର ସମାଧି, ମୃତ୍ୟୁର ବିବେଚନା, ଝଡ଼, ଆରମ୍ଭ ଓ ଶେଷ, ଶିକାରୀ ଆଦି ତାଙ୍କର କାଳଜୟୀ ସୃଷ୍ଟି। ୧୯୦୮ ଫେବୃଆରୀ ଆଜିର ଦିନ ପୁରୀ ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁରରେ ଜନ୍ମଗ୍ରହଣ କରିଥିଲେ ଭଗବତୀ ଚରଣ।



# ଶରୀର ପାଇଁ ସଞ୍ଜୀବନୀ କଦଳୀ ଭଣ୍ଡା

- ଶରୀର ପାଇଁ ହିତକର କଦଳୀ ଭଣ୍ଡା। କଦଳୀ ଭଣ୍ଡାରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ୍ୟ କମ୍ ହୋଇଥାଏ ।
- ଏହାଦ୍ୱାରା ବ୍ଲଡସୁଗାର୍ ମଧ୍ୟ କଣ୍ଟ୍ରୋଲକୁ ଆସିଥାଏ। କଦଳୀଭଣ୍ଡାର କାଢ଼ା ମଧ୍ୟ ସେବନ କରାଯାଏ ।
- କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ୍ୟ ଦୂର ହୁଏ ।
- ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଭଣ୍ଡା ସାମିଲ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ୍ୟ ସହାୟକ ହେବ ।
- କଦଳୀଭଣ୍ଡା ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ ।
- ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।
- ମାସିକ ଋତୁଚକ୍ରରେ ମହିଳାଙ୍କୁ ହେଉଥିବା ଯନ୍ତ୍ରଣାରୁ ଉପଶମ ଦେଇଥାଏ କଦଳୀଫୁଲର ସେବନ । ଏହା ପ୍ରୋଜେଷ୍ଟେରୋନ୍ ହର୍ମୋନକୁ ରେଗୁଲେଟ୍ କରି ବ୍ଲିଡିଂଗ୍ ସମୟରେ ମହିଳାଙ୍କୁ ହେଉଥିବା ଅସହ୍ୟ ପେଟ ଯନ୍ତ୍ରଣାକୁ କମ୍ କରିଥାଏ ।
- ହୃଦୟକୁ ସୁସ୍ଥ ରଖେ କଦଳୀଫୁଲ । ଏଥିରେ ଥିବା କାର୍ଡିୟୋ ପ୍ରୋଟେକ୍ଟିଭ୍ ଇଫେକ୍ଟ ନା କେବଳ ହୃଦୟକୁ ସୁସ୍ଥ ରଖେ ,ବିପିକୁ ମଧ୍ୟ କଣ୍ଟ୍ରୋଲରେ ଆଣିଥାଏ ।





# ମାହିରାଙ୍କ ପ୍ରେମରେ ସିରାଜ୍!

ଅଭିନେତ୍ରୀଙ୍କ ପ୍ରେମରେ ପଡିଛନ୍ତି କ୍ରିକେଟର। ଟେଲି ପରଦାର ଲୋକପ୍ରିୟ ଅଭିନେତ୍ରୀ ମାହିରା ଶର୍ମାଙ୍କ ସହ ମହମ୍ମଦ ସିରାଜ୍ ନାମକୁ ଯୋଡ଼ା ଯାଉଛି। ଉଭୟ ପରସ୍ପରକୁ ଡେଟ୍ କରୁଥିବା ନେଇ ଜାତୀୟ ଗଣମାଧ୍ୟମର ରିପୋର୍ଟ ପ୍ରକାଶ ପାଇଛି। କଥାଟି କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବେ। ମାହିରା ଅନେକ ଟେଲିଭିଜନ ଶୋ'ରେ କାମ କରିଛନ୍ତି। ହେଲେ 'ବିଗ୍ ବସ୍ ୧୩' ତାଙ୍କୁ ଲୋକପ୍ରିୟତା ଦେଇଥିଲା। ଏହା ପରଠାରୁ ସେ ଅନେକ ମ୍ୟୁଜିକ୍ ଭିଡିଓରେ ନଜର ଆସୁଛନ୍ତି।

କିଛିଦିନ ପୂର୍ବେ ମାହିରାଙ୍କ ଗୋଟିଏ ଫଟୋକୁ ସିରାଜ ଲାଇକ୍ କରିଥିଲେ। ଏହାପରଠାରୁ ଉଭୟ ଡେଟ୍ କରୁଥିବା ଖବର ସାମ୍ନାକୁ ଆସିଥିଲା। ଏବେ ପୁଣି ଥରେ ମାହିରା-ସିରାଜଙ୍କ ସମ୍ପର୍କ ଥିବା ଖବର ଖବର ଶିରୋନାମା ପାଲଟିଛି। ସିରାଜଙ୍କ କଥା କହିଲେ ନିକଟରେ ତାଙ୍କ ନାମକୁ ଗାୟିକା ଆଶା ଭୋସଁଲେଙ୍କ ନାତୁଣୀଙ୍କ ସହ ଯୋଡ଼ା ଯାଇଥିଲା। ହେଲେ ଦୁହେଁ ପରସ୍ପରକୁ ଭାଇଭଉଣୀ ବୋଲି କହି ଏହାକୁ ଏଡାଇ ଯାଇଥିଲେ।



# ସ୍ୱରାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସସ୍ପେଣ୍ଡ

ସବୁଦିନ ଲାଗି ସସ୍ପେଣ୍ଡ ହୋଇଯାଇଛି ଅଭିନେତ୍ରୀ ସ୍ୱରା ଭାସ୍କରଙ୍କ ଟୁଇଟର ଆକାଉଣ୍ଟ। ସେ ନିଜେ ଏନେଇ ଇନ୍ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇବା ଯୋଗୁ ଏଭଳି ହୋଇଥିବା ସେ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି। ଟୁଇଟର ତରଫରୁ ଆସିଥିବା ମେଲ୍‌ର ସ୍କ୍ରିନସଟ୍ ସେୟାର କରିଛନ୍ତି ସ୍ୱରା। ଯେଉଁଥିରେ ତାଙ୍କ ଦୁଇଟି ପୋଷ୍ଟ କପିରାଇଟ୍ ନିୟମର ଉଲ୍ଲଂଘନ କରୁଛି। ଏଥିଲାଗି ଉକ୍ତ ଦୁଇଟି ପୋଷ୍ଟକୁ ହଟାଇବା ପରେ ମଧ୍ୟ ଆକାଉଣ୍ଟ ସସ୍ପେଣ୍ଡ ରହିବ ବୋଲି କୁହାଯାଇଛି। ତେବେ ସ୍ୱରା ଉକ୍ତ ଦୁଇଟି ପୋଷ୍ଟ ମଧ୍ୟ ସେୟାର କରିଛନ୍ତି। ଯେଉଁଥିରୁ ଗୋଟିଏ ପୋଷ୍ଟରେ ଲେଖାଯାଇଛି 'ଗାନ୍ଧୀ ହମ୍ ଶର୍ମିନ୍ଦା ହେ ତେରେ କାତିଲ ଜିନ୍ଦା ହେଁ'। ଏହା ଏକ ଲୋକପ୍ରିୟ ସ୍ଲୋଗାନ ବୋଲି ସେ କହିଛନ୍ତି। ସେହିଭଳି ଅନ୍ୟ ଏକ ଫଟୋରେ ତାଙ୍କ ଝିଅ ରହିଛନ୍ତି। ତାଙ୍କ ମୁହଁରେ ହୃଦୟ ଇମୋଜି ସହ ହାତରେ ପତାକା ରହିଛି। ପୋଷ୍ଟରେ ହାପି ରିପବ୍ଲିକ ଡେ ଇଣ୍ଡିଆ ଲେଖାଯାଇଛି। ଏହି ଦୁଇ ପୋଷ୍ଟ କିଭଳି ଭାବେ କପିରାଇଟ୍ ଉଲ୍ଲଙ୍ଘନ କରୁଛି ବୋଲି ସ୍ୱରା ଟୁଇଟରକୁ



# ବଲିଉଡ଼୍‌ରେ ଡେବ୍ୟୁ କରିବେ ଇବ୍ରାହିମ

ଅଭିନେତା ସୈଫ୍ ଅଲୀ ଖାନ୍ ଓ ତାଙ୍କ ପ୍ରଥମ ସ୍ତ୍ରୀ ଅମୃତା ସିଂଙ୍କ ପୁଅ ଇବ୍ରାହିମ ଅଲୀ ଖାନ୍ ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏନେଇ ଫିଲ୍ମ ନିର୍ମାତା କରନ ଜୋହର ସୋସିଆଲ ମିଡିଆରେ ଏକ ଭାବନାତ୍ମକ ପୋଷ୍ଟ କରି ସୂଚନା ଦେଇଛନ୍ତି। କରନଙ୍କ ପ୍ରଡକ୍ସନ ହାଉସ ଧର୍ମା ପ୍ରଡକ୍ସନର ଏକ ଫିଲ୍ମରେ ଇବ୍ରାହିମ ଡେବ୍ୟୁ କରିବେ। ଇବ୍ରାହିମଙ୍କ ଡେବ୍ୟୁ ନେଇ କରନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଲେଖିଛନ୍ତି, ପଟୌଦି ଅଲୀ ଖାନ୍ ପରିବାର ସହ ତାଙ୍କର ୪୦ ବର୍ଷର ପୁରୁଣା ସମ୍ପର୍କ ରହିଛି। ଉକ୍ତ ପରିବାରକୁ ସେ ବହୁ ସମ୍ମାନ କରନ୍ତି। ସେ ମାତ୍ର ୧୨ ବର୍ଷ ବୟସର ହୋଇଥିବାବେଳେ ଇବ୍ରାହିମଙ୍କ ମା' ଅମୃତାଙ୍କୁ ପ୍ରଥମଥର ପାଇଁ ଭେଟିଥିଲେ। ସେ ଧର୍ମା ପ୍ରଡକ୍ସନର ବ୍ୟାନରରେ ତାଙ୍କ ବାପାଙ୍କ ସହ ଅନେକ ଫିଲ୍ମରେ କାମ କରିଛନ୍ତି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, କ୍ୟାମେରା ସାମ୍ନାରେ ଅମୃତାଙ୍କର ସାମର୍ଥ୍ୟ ଅତ୍ୟନ୍ତ ଚମତ୍କାର ଥିଲା। ସେହିପରି ହିନ୍ଦୀ ଭାଷାରେ ପ୍ରଗାଢ଼ ଜ୍ଞାନ ଥିବାରୁ ଅମୃତା ଅତି ସହଜରେ ଏବଂ ଉଚ୍ଚକୋଟିର ଭାବେ ଡାଏଲଗଗୁଡ଼ିକୁ ସମ୍ପାଦନ କରିପାରୁଥିଲେ। ଚଳଚ୍ଚିତ୍ର ପ୍ରତି ଆଗ୍ରହ ପଟୌଦି ଅଲୀ ଖାନ୍ ପରିବାରର ରକ୍ତ ଏବଂ ଡିଏନ୍ଏରେ ରହିଛି। ଏହି ପରିବାରର ଆଗାମୀ ପିଢ଼ି ଇବ୍ରାହିମ ଅଲୀ ଖାନ୍ ପଟୌଦୀ ଖୁବ୍‌ଶୀଘ୍ର ଧର୍ମା ପ୍ରଡକ୍ସନର ବ୍ୟାନରରେ ବଡ଼ ପରଦାରେ ନଜରକୁ ଆସିବା ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବେ। କରନଙ୍କ ଏହି ପୋଷ୍ଟରେ ବଲିଉଡ୍‌ର ଅନେକ ତାରକା କମେଣ୍ଟ କରି ଇବ୍ରାହିମଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik




କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସହରସ୍ଥ ରୋଟାରୀ କ୍ଲବ ପରିସରରେ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଦାନୀ ଟ୍ରଷ୍ଟ ଆନୁକୂଲ୍ୟରେ 'ଦାନୀ ଆଡଭାନ୍ସ ଫିଜିଓ କେୟାର' ଉଦଘାଟିତ ହୋଇଯାଇଛି । ରୋଟାରୀ କ୍ଲବର ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିଜିଓଥେରାପି ସେଣ୍ଟରକୁ ଉଦ୍ଘାଟନ କରିଥିଲେ । ଏହି ଫିଜିଓଥେରାପି ସେଣ୍ଟର ଦ୍ୱାରା ଲୋକମାନେ କମ ମୂଲ୍ୟରେ ଉନ୍ନତମାନର ସେବା ପାଇପାରିବେ ବୋଲି ସେ କହିଥିଲେ । ପ୍ରଥମ ୩ ଦିନ ସଂପୂର୍ଣ୍ଣ ବେୟମୁକ୍ତ ରଖାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀୟାନ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଅମିୟ ବେହେରା, ବିଜୟନାଥ କାପୁର, ହରିହର ସାହୁ, ମହେଶ ଚାଓ୍ୱା, ସଞ୍ଜୟ କୁମାର ମହାପାତ୍ର, ନିରୁପମା ସ୍ୱାଇଁ, ବିଭୂତି ଭୂଷଣ ସାହୁ, ଜେନାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଫିଜିଓଥେରାପି ସେଣ୍ଟର ପ୍ରତ୍ୟେକ ଦିନ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ ।

# ଫେବୃଆରୀ ୧୫ ସୁଦ୍ଧା ବକେୟା ଅର୍ଥ ନମିଳିଲେ ଧାରଣା ଚେତାବନୀ

## ଦାବି ଜଣାଇଲେ ଶ୍ରମିକ



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ପଳାଶପଙ୍ଗାରେ ଥିବା ଓଡ଼ିଶା ସ୍ପଞ୍ଜ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡରେ ଦୀର୍ଘଦିନ ଧରି ଶ୍ରମିକ ମାନଙ୍କ ଭବିଷ୍ୟନିଧି ଜମାର ପରିଶୋଧ ନ କରିବା ଏବଂ ଏକ ବର୍ଷରୁ ଅଧିକ ସମୟ ବିତିବା ପରେ ମଧ୍ୟ କେସ୍ ନମ୍ବର ୪୭/୨୩ ଏବଂ ଜିଆର୍ ନମ୍ବର ୧୨୭୨/୨୦୨୩ରେ ଏସଡିଜେଏମ୍, କେନ୍ଦୁଝରଙ୍କ ସମ୍ମୁଖରେ ସଦର ପୁଲିସ ତଦନ୍ତ ରିପୋର୍ଟ ଦାଖଲ ନ କରି ଅବହେଳା କରାଯାଉଥିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି କର୍ମଚାରୀ । ଅଭିଯୋଗ ଅନୁଯାୟୀ, ମେସର୍ସ ଓଡ଼ିଶା ସ୍ପଞ୍ଜ ଆଇରନ ଆଣ୍ଡ ଷ୍ଟିଲ୍ ଲିମିଟେଡର ପୂର୍ବତନ ଶ୍ରମିକଙ୍କ ସଦୟ ବିଚାର ଏବଂ ସହାନୁଭୂତିପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ପାଇଁ ଗୁରୁବାର ଶ୍ରମିକମାନେ କେନ୍ଦୁଝର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । କର୍ମଚାରୀ ଶ୍ରମିକଙ୍କ ପିଏଫ୍ ଅବଦାନକୁ ପ୍ରତି ମାସର କଠିନ ପରିଶ୍ରମର ମଜୁରୀରୁ କାଟି ଓ୍ୱେସ୍.ଆଇ.ଏଲ୍ ପିଏଫର ଏକ ଟ୍ରଷ୍ଟରେ ଜମା କରାଯାଏ। ଯିଏ ପାଣ୍ଠି ପରିଚାଳନା କରୁଥିଲେ ନିୟମ ଅନୁଯାୟୀ ଟ୍ରଷ୍ଟ ପ୍ରତିବର୍ଷ ପ୍ରତ୍ୟେକ ହିତାଧିକାରୀଙ୍କୁ ଏକ ପିଏଫ ଷ୍ଟେଟମେଣ୍ଟ ପ୍ରଦାନ କରୁଥିଲା । ମାତ୍ର ୨୦୧୭ ମସିହା ମାର୍ଚ୍ଚ ମାସ ୩୧ତାରିଖ ପର୍ଯ୍ୟନ୍ତ ହିତାଧିକାରୀ ଶ୍ରମିକଙ୍କୁ ସମାନ ପିଏଫ୍ ଷ୍ଟେଟମେଣ୍ଟ ପ୍ରଦାନ କରାଯାଇଥିଲା। ତେବେ ସଂଘ ପକ୍ଷରୁ ପ୍ରତିଷ୍ଠାନର ପାଞ୍ଚ ଜଣ କଥିତ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଏକ ବିବାଦୀୟ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ସମସ୍ତ ବିବାଦ ଉପୁଜିଛି ବୋଲି ଅଭିଯୋଗ ହୋଇଛି । ହିତାଧିକାରୀଙ୍କ ପିଏଫ୍ ଅବଦାନ ହଡପ କରିବାର ମନ୍ଦ ଉଦ୍ଦେଶ୍ୟ ରଖି ପ୍ରତିଷ୍ଠାନ ୨୦୧୭-୧୮ ଆର୍ଥିକ ବର୍ଷରୁ ଏପରି ବିବରଣୀ ପ୍ରଦାନ କରିବା ବନ୍ଦ କରିଦେଇଛି। ଏହାଛଡା ୨୦୨୦ ଅଗଷ୍ଟ ମାସ ୧୨ ତାରିଖରେ ଏକମାତ୍ର ପଞ୍ଜିକୃତ ୟୁନିଅନର ନାମ ଏବଂ ମୋହର ଅଧୀନରେ ପାଞ୍ଚ ଜଣ ଅବସରପ୍ରାପ୍ତ ଶ୍ରମିକଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାରେ ସଫଳ ହୋଇଛି। ଏହା ବ୍ୟତୀତ ଜିଲା ଶ୍ରମ ପ୍ରାଧିକରଣ ଏପର୍ଯ୍ୟନ୍ତ ଚୁକ୍ତିନାମାର ବୈଧତା ପ୍ରତି ସମ୍ମତି ଦେଇନାହିଁ। ଯାହା ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଉପସ୍ଥାପିତ ଏକ ଶପଥପତ୍ରରୁ ପ୍ରକାଶିତ ହୋଇଛି। କିଛି ହିତାଧିକାରୀ ମାନ୍ୟବର ଏସଡିଜେଏମ, କୋର୍ଟ, କେନ୍ଦୁଝରଙ୍କ ସମ୍ମୁଖରେ ମାମଲା ନମ୍ବର ୧ ସିସି ୪୭/୨୦୨୩ ମାଧ୍ୟମରେ ସେହି ପାଞ୍ଚ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ଦକ୍ଷତାକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ ଆଇଆଇସି ସଦରଙ୍କୁ କୋର୍ଟରେ ପୋଲିସ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ ପ୍ରଶାସନ ଏକ ବର୍ଷରୁ ଅଧିକ ସମୟ ବିତିବା ପରେ ମଧ୍ୟ କୋର୍ଟରେ ପିଆଇଆର ଦାଖଲ ନକରି କେବଳ ଜିଆର ନମ୍ବର ୧୨୭୨/୨୦୨୩ ଅନୁଯାୟୀ ଏକ ଏଫଆଇଆର କରି ନିରବ ବସିଥିଲା। ହିତାଧିକାରୀମାନେ ୨୮.୦୧.୨୦୨୫ରେ ଉପରୋକ୍ତ ଦାବି ଅନୁଯାୟୀ ନିଯୁକ୍ତିଦାତାଙ୍କ ନିକଟକୁ ଯାଇଥିଲେ। କିନ୍ତୁ ପ୍ରତିଷ୍ଠାନ ପକ୍ଷରୁ କର୍ତ୍ତୃପକ୍ଷ ଶ୍ରମିକଙ୍କ ଅଭିଯୋଗକୁ ଶୁଣିନଥିଲେ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଭେଟି ପୋଲିସ ବିଭାଗ ଦ୍ୱାରା ପୋଲିସ ତଦନ୍ତ ରିପୋର୍ଟ ଶୀଘ୍ର କୋର୍ଟରେ ଦାଖଲ କରିବା ପାଇଁ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ବିଷୟରେ ଅବଗତ କରାଇବା ପାଇଁ କୃତଜ୍ଞତା ଜଣାଇଥିଲେ। ଅନ୍ୟ କୌଣସି ସମାଧାନ ନପାଇ, ଶ୍ରମିକମାନେ ପନ୍ଦର ଦିନ ମଧ୍ୟରେ ୩୧.୦୩.୨୦୧୭ ତାରିଖର ବାକି ଅନୁସାରେ ପିଏଫ୍ ପ୍ରଦାନ ପାଇଁ ପ୍ରତିଷ୍ଠାନର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଦାବିପତ୍ର ମାଧ୍ୟମରେ ଉପରୋକ୍ତ କ୍ଷତିଗ୍ରସ୍ତ ହିତାଧିକାରୀ, ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରାଯାଇଛି । ଶ୍ରମିକ ନେତା ଲାଲମୋହନ ମହାନ୍ତ, ବନମାଳି ମହାନ୍ତ, ହିରଣ୍ୟ ମହାନ୍ତ, ଗୁରୁଚରଣ ମହାନ୍ତଙ୍କ ନେତୃତ୍ୱରେ ଶ୍ରମିକ ମାନେ ଏହି ଦାବିପତ୍ର ଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଆବାସ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଲିଚତୁରି ଗ୍ରାମର ଦିବ୍ୟାଙ୍ଗ ପ୍ରଫୁଲ୍ଲ ମଲିକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ମିଳୁନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସେ ବିଭିନ୍ନ ସମୟରେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଦିବ୍ୟାଙ୍ଗ ପ୍ରଫୁଲ୍ଲ ୮୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଭାବେ ପ୍ରମାଣପତ୍ର ପାଇଛନ୍ତି। ସରକାରୀ ନିୟମ ଅନୁସାରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିବା କଥା। ପ୍ରଶାସନ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦେବାରେ ଅବହେଳା ପ୍ରଦର୍ଶନ କରିଛନ୍ତି। ଦିବ୍ୟାଙ୍ଗ ପ୍ରଫୁଲ୍ଲ ଚାଳଛପର ଘରେ ରହି ଆସୁଛନ୍ତି। ପତ୍ନୀଙ୍କ ସମେତ ତାଙ୍କର ୨ଟି ପିଲା ଅଛନ୍ତି। ଚାଳ ଛପର ଘରେ ରହିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ତୁରନ୍ତ ତଦନ୍ତ କରାଯାଇ ତାଙ୍କୁ ପ୍ରଧାନମନ୍ତ୍ରୀ ଆବସ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏଥି ସହିତ ସରକାରଙ୍କ ନିୟମ ଅନୁସାରେ ୮୦ପ୍ରତିଶତ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ମିଳୁଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ସେହି ବର୍ଦ୍ଧିତ ଭତ୍ତା ମଳି ପାରୁନାହିଁ। ବର୍ଦ୍ଧିତ ଭତ୍ତା ତୁରନ୍ତ ଯୋଗାଇ ଦେବାକୁ ସେ ମଧ୍ୟ ଦାବି କରିଛନ୍ତି।

# ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖଇରପୁଟ (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଯୋଗଦେଇ ଶିକ୍ଷା ଏବଂ ନୂତନ ମାନସିକତାର ଉନ୍ନୟନ ବିଷୟରେ ଚାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସେଓ୍ୱା ସେଲ୍ଫ ହେଲ୍ପ ଅର୍ଗାନାଇଜେସନର ସଭାପତି ସୁଧାକର ପଟ୍ଟନାୟକ ଯୋଗଦେଇ ନୈତିକତା ଏବଂ ସମାଜସେବା ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଖଇରପୁଟ ବ୍ଲକ ଅଧକ୍ଷ୍ୟ ବିଘ୍ନ କିର୍ଷାନୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚରି, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶଶିକାନ୍ତ ସମନ୍ତରାୟ, ଖଇରପୁଟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ କୁମାର ପଣ୍ଡା, ଗୋବିନ୍ଦପାଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ମୁଖ୍ୟ ଶିକ୍ଷକ ଅଜୟ କୁମାର ମିଶ୍ର, ଗୋବିନ୍ଦପାଲ୍ଲୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରାଧାପକ ଅଶୋକ କୁମାର ସ୍ୱର୍ଣ୍ଣକାର ଉପସ୍ଥିତ ଥିଲେ। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନାଟକ, ସଂଗୀତ, ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

# ମଦ ଜବତ ଜଣେ ଗିରଫ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ୧୬ ନଂ ଜାତୀୟ ରାଜପଥ ବାରିକପୁର ବଜାରରୁ ଶୁକ୍ରବାର ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ଜବତ ହୋଇଛି। ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ପୋଲିସ ଓ କେନ୍ଦୁଆପଦା ଫାଣ୍ଡି ପୋଲିସ ମିଳିତ ଭାବେ ଚଢାଉ କରି ୯୬ଲିଟର ୭୮୦ ମିଲିଲିଟର ବିଦେଶୀ ମଦ ଜବତ କରିଛନ୍ତି। ଜବତ ମଦର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଆକଳନ କରାଯାଇଛି। ଏନେଇ ଥାନାରେ ୪୬/୨୫ନଂ ମାମଲା ରୁଜୁ କରାଯିବା ସହ ବିକ୍ରେତା ସତ୍ୟରଞ୍ଜନ ଦାସ ଓରଫ ବୁଲକୁ ଗିରଫ କରାଯାଇଥିବା ଜଣାଯାଇଛି।

# ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ



କୋଣାର୍କ (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧାପକ ସୁକାନ୍ତ କୁମାର ମହାନ୍ତି, ପୁରୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂ, ଅତିରିକ୍ତ ମଙ୍ଗଳ ଅଧିକାରୀ ଅମ୍ରିତା ମିଶ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଶିକ୍ଷକ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ହେଉଛି ସଂସ୍କାର ଧର୍ମୀ ଓ ଶୃଙ୍ଖଳିତ ଛାତ୍ର ଛାତ୍ରୀ ଗଠନ କରିବାର ପ୍ରମୁଖ ମନ୍ଦିର ଭାବେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ତଥା ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଚିନ୍ମୟୀ ପାଢ଼ୀ ସଂଯୋଜନା କରିଥିଲାବେଳେ ଶିକ୍ଷକ ଦୀପକ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ପ୍ରୀତିସ୍ମିତା ରାଉତ, ଗୀତାଞ୍ଜଳି ସ୍ୱାଇଁ ଓ ସରଳା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧର୍ଷଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ନିଆଳି (ଭାସ୍କର ନ୍ୟୁଜ): ଧର୍ଷଣ ମାମଲାରେ ଫେରାର ଥିବା ଅଭିଯୁକ୍ତ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ନିଆଳି ଥାନା ଅଧୀନସ୍ଥ ଅଡଙ୍ଗ ଗ୍ରାମର ରାଜା ଓରଫ ହମିଦ ସାହ (୨୭)। ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ସେ ଜଣେ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଶହ ବିନା ସହମତିରେ ଜୋର୍ ଜବରଦସ୍ତ ସମ୍ପର୍କ ରଖିଥିଲା। ଯେତେବେଳେ ନ ବାଳିକା ଝିଅ ଟି ଅନ୍ତଃସତ୍ତ୍ୱା ହେଲା ଗର୍ଭ ନିରୋଧକ ବଟିକା ଦେଇ ନଷ୍ଟ କରାଇଲା। ପୁଣି ବିବାହର ପ୍ରତିଶ୍ରୁତି ଦେଇ ୨୦୨୦ ମସିହାରେ ତାକୁ ଗର୍ଭବତୀ କରିଥିଲା। ଗର୍ଭବତୀ ଜାଣି ମଧ୍ୟ ତାକୁ ବିବାହ କରିବାକୁ ମନା କରିଦେଲା। ଗାଁ ଭଦ୍ର ଲୋକଙ୍କ ମାଧ୍ୟମରେ ଘଟଣାର ସମାଧାନ କରିବାକୁ କୁହାଯାଇଥିଲେ ବି ତାହା ସଫଳ ହୋଇନଥିଲା।ପୀଡ଼ିତା ବାଧ ହୋଇ ନିଆଳି ଥାନାର ଦ୍ୱାରସ୍ଥ ହୋଇଥିଲା। ପୋଲିସ ୨୮/୨୦୨୩ ରେ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ଆଇଆଇସି ପୋକସୋ ଆକ୍ଟରେ ମାମଲା ରୁଜୁ କରିଥିଲେ। ୨ ବର୍ଷ ହେବ ହମିଦ ପୋଲିସ କୁ ଚକ୍କା ଦେଇ ବୁଲୁଥିବା ବେଳେ ବର୍ତ୍ତମାନର ଆଇଆଇସି ବିଜୟ କୁମାର ମଲ୍ଲିକ ଓ ସଦର ଏସଡିପିଓ କିରଣ ହେମ୍ରମ ଏକ ଟିମ୍ କରି ଆସାମୀ ହମିଦ ସାହ୍ ଓରଫ ରାଜାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ନାବାଳିକା ବଳାତ୍କାର ମାମଲା

# ଆସାମୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡ, ୫୦ ହଜାର ଜରିମାନା

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଜଣେ ୧୫ ବର୍ଷର ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ ପୋକସୋ କୋର୍ଟ ବିଚାରପତି ଆସାମୀ ପ୍ରଦୀପ କିସାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀଙ୍କୁ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆସାମୀ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଅଭିଯୁକ୍ତ ପ୍ରଦୀପ କିସାନର ଘର ସମ୍ବଲପୁର ଜିଲ୍ଲାର କେସିଙ୍ଗା ଥାନା ଅନ୍ତର୍ଗତ କାଞ୍ଚନପୁର ଗ୍ରାମରେ ହୋଇଥିବା ବେଳେ ସେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅଧିନରେ ଥିବା ଏକ ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆସାମୀ ପ୍ରଦୀପ ଟିଭି ଦେଖିବା ବାହାନାରେ ନିକଟରେ ଥିବା ଜଣେ ମହିଳାଙ୍କ ଘରକୁ ଯାଉଥିଲେ। ମହିଳାଙ୍କ ଅନୁପସ୍ଥିତିରେ ତାଙ୍କ ନାବାଳିକା ଝିଅ ସହ ପ୍ରେମ ସମ୍ପର୍କ ରଖିଥିଲେ। ଏହା କ୍ରମେ ଶାରୀରିକ ସମ୍ପର୍କରେ ପରିଣତ ହୋଇଥିଲା ଓ ନାବାଳିକା ଗର୍ଭବତୀ ହୋଇଥିଲେ। ଏ ନେଇ ନାବାଳିକାଙ୍କ ମାଆ ୨୦୨୩ ମସିହା ଅଗଷ୍ଟମାସ ୧୨ ତାରିଖରେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଅଭିଯୋଗ ହେବାପରେ ପୋଲିସ ଆସାମୀ ପ୍ରଦୀପକୁ ଗିରଫ କରିଥିଲା। ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ ପ୍ରମାଣକୁ ଭିତ୍ତିକରି କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନାରା ଆସାମୀ ପ୍ରଦୀପ କିସାନଙ୍କୁ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜରିଆରେ ପୀଡ଼ିତା ଓ ଶିଶୁପୁତ୍ରର ଥଇଥାନ ପାଇଁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋରେଖନାଥଙ୍କ ଅଗ୍ନି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ବିଭୁତି କ୍ଷେତ୍ର ରଘୁନାଥପୁର ବ୍ଲକ ଅନ୍ତର୍ଗତ ଛପଡ଼ା ପଞ୍ଚାୟତ କେରେକେରା ଗ୍ରାମରେ ଅବସ୍ଥିତ ପ୍ରଭୁ ଗୋରେଖନାଥଙ୍କ ଜନ୍ମ ଉତ୍ସବ ପ୍ରତି ବର୍ଷଭଳି ଚଳିତ ବର୍ଷ ପବିତ୍ର ମାଘପୂର୍ଣ୍ଣିମା ଅଗ୍ନି ଉତ୍ସବରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷ ଶୁକ୍ରବାର ପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟି ତଥା ଜଗତସିଂହପୁର ସବକଲେକ୍ଟର ପ୍ରଶାନ୍ତ କୁମାର ତରେଇ, ରଘୁନାଥପୁର ବିଡିଓ ବିରେଞ୍ଚି ନାରାୟଣ ବେହେରା, ରଘୁନାଥପୁର ତହସିଲଦାର ଅଭିପ୍ସା ପଟ୍ଟନାୟକ, ପୀଠର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, କିରାଣି ସରୋଜ ସାହାଣୀ, ବରିଷ୍ଠ ଚିକିତ୍ସକ, ଥାନା କର୍ମଚାରୀ, ଗ୍ରାମ୍ୟ ପାନୀୟଜଳ କନିଷ୍ଠଯନ୍ତ୍ରୀ ମନୋରଂଜନ ଦେଉରୀ, ବିଜୟ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ଯୋଗଦେଇ ଯାତ୍ରୀମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅୟୋଜିତ



ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ): ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦ ର ମୌଳିକସ୍ତରକୁ ମଜବୁତ୍ କରିବା ଲକ୍ଷରେ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଏକ୍ସ ବୋର୍ଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ହେମନ୍ତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ବିଆରସିସି କିଶୋର ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ନରସିଂହ ଦାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ପୂର୍ଣ୍ଣିମା ସର୍ଦ୍ଦାର ,କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହରପ୍ରସାଦ ଦାସ,କାଉନସିଲର ସୁଦେଷ୍ଣଓ ବେହେରା, ସୁଜାତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ଭଗବାନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ମତାମତ ପ୍ରଦାନ କରିଥିଲେ।

# ରାସ୍ତା ସଂପ୍ରସାରଣ ପାଇଁ ମାପଚୁପ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ସହର ସର୍କିଟ ହାଉସକୁ ସଂଯୋଗ କରୁଥିବା ରାସ୍ତାର ସହିଦ ମାର୍ଗର ପ୍ରଶସ୍ତିକରଣ ପାଇଁ ମାପଚୁପ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ ଶୁକ୍ରବାର ଦିନ କରାଯାଇଛି । ସର୍କିଟ ହାଉସଠାରୁ ହସପିଟାଲକୁ ସଂଯୋଗ କରୁଥିବା ୨୨୦ ମିଟର ଦୀର୍ଘ ଏହି ରାସ୍ତାର ସଂପ୍ରସାରଣ କରାଯିବ । ପୌରପାଳିକା ପକ୍ଷରୁ ଏହାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ କରାଯିବ । ଏଥିପାଇଁ ରାସ୍ତାକୁ ମାଡି ନିର୍ମାଣ ହୋଇଥିବା ଘର ଏବଂ ସେଡ ଚିହ୍ନଟ କରାଯାଇଛି । ଆସନ୍ତାକାଲି ୬ ଜଣଙ୍କୁ ଏ ନେଇ ନୋଟିସ କରାଯାଇ ୭ ଦିନ ସମୟ ଦିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି । ସେମାନେ ଜବରଦଖଲ ନ ଉଠାଇଲେ ପୌରପାଳିକା ପକ୍ଷରୁ ଭଙ୍ଗା ଯାଇ ରାସ୍ତା ସଂପ୍ରସାରଣ ଖୁବଶୀଘ୍ର ଆରମ୍ଭ କରାଯିବ। ସର୍କିଟ ହାଉସକୁ ଆସୁଥିବା ଭିଆଇପିମାନଙ୍କର ଯାତାୟତକୁ ଦୃଷ୍ଟିରେ ରଖି ରାସ୍ତା ସଂପ୍ରସାରଣ କରାଯିବ । ଏବେ ଏହି ରାସ୍ତା ୨୦ ଫୁଟ ଥିବାବେଳେ ଏହା ସଂପ୍ରସାରଣ କରାଯାଇ ୩୬ ଫୁଟର ରାସ୍ତା ଏବଂ ଡ୍ରେନ ନିର୍ମାଣ କରାଯିବ । ସେହିପରି ଟାଟା ପାୱାର ଅଫିସ ସମ୍ମୁଖ ସର୍କିଟ ହାଉସକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ମୋଟ ୩୬ଟି ଭେଣ୍ଡିଂ ଜୋନରେ ଥିବା ଦୋକାନକୁ ଉଚ୍ଛେଦ କରି ଗୋଟିଏ ପାର୍ଶ୍ୱର୍ରେ ଦୁଇ ମହଲା ମାର୍କେଟ କଂପ୍ଲେକ୍ସ କରାଯିବ । ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ସଂକୀର୍ଣ୍ଣ ହୋଇ ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିବାରୁ ଏହି ଭଳି ପଦକ୍ଷେପ ନିଆଯାଇଛି ।

# ଟ୍ରାନ୍ସଜେଣ୍ଡରଙ୍କ ସ୍ୱୀକୃତି ପରିକଳ୍ପନା ବୈଠକ ଅନୁଷ୍ଠିତ

ଆସିକା (ଭାସ୍କର ନ୍ୟୁଜ): ଟ୍ରାନ୍ସ ଜେଣ୍ଡର ମାନେ କିଭଳି ସାମାଜିକ ସୁରକ୍ଷା ପାଇ ପାରିବେ ଓ ସେମାନଙ୍କ ଅଧିକାର ସାବ୍ୟସ୍ତ କରି ପାରିବେ ସେଥିପାଇଁ ଆସିକା ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି ବିଭାଗ ପକ୍ଷରୁ ଏକ ସ୍ୱୀକୃତି ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ଟ୍ରାନ୍ସଜେଣ୍ଡର ଉପସ୍ଥିତ ରହି ସରକାରଙ୍କ ସାମାଜିକ ସୁରକ୍ଷା ଓ ଟ୍ରାନ୍ସ ଜେଣ୍ଡର ମାନଙ୍କ ଅଧିକାର ସମ୍ପର୍କରେ ଜ୍ଞାନ ଆରୋହଣ କରିଥିଲେ। ଟ୍ରାନ୍ସ ଜେଣ୍ଡର ପିଲା ମାନଙ୍କ ପିତାମାତାଙ୍କୁ ଅଠର ବର୍ଷ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ମାସିକ ୧୮୦୦ଟଙ୍କା ଦିଆଯାଉଥିବା ସୂଚନା ଦେଇଥିଲେ ଉପସ୍ଥିତ ଅଧିକାରୀ ଓ ଅତିଥି। ୫ରୁ ଉର୍ଦ୍ଧ୍ୱ ଟ୍ରାନ୍ସ ଜେଣ୍ଡର ମାନେ ମିଳିତ ହୋଇ ଏସଏଚଜି ଗ୍ରୁପ ଗଠନ କରି ସରକାରଙ୍କ ଠାରୁ ଋଣ ଟଙ୍କା ସହିତ ଅନ୍ୟାନ୍ୟ ସୁବିଧା ଗ୍ରହଣ କରିପାରିବେ ବୋଲି ସଚେତନ କରାଯାଇଥିଲା। ସେହିଭଳି ପ୍ରି ମ୍ୟାଟ୍ରିକ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟୟନରତ ଟ୍ରାନ୍ସ ଜେଣ୍ଡର ମାନଙ୍କୁ ଛାତ୍ରବୃତ୍ତି ମଧ୍ୟ ପ୍ରଦାନ କରାଯାଉଥିବା ଜଣାପଡିଛି। ସଖୀ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ତରାଇ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ////////////////////////// ତିହିଡ଼ି ମହୋତ୍ସବର ତୃତୀୟ ସନ୍ଧ୍ୟା //////////////////////////

# ତିହିଡ଼ି ଓଡ଼ିଶାର ସାଂସ୍କୃତିକ ମାନଚିତ୍ର: ମନ୍ତ୍ରୀ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ମହୋତ୍ସବର ତୃତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ତିହିଡ଼ି, ଓଡ଼ିଶାର ସାଂସ୍କୃତିକ ମାନଚିତ୍ର ବୋଲି କହିଥିବା ବେଳେ ତିହିଡ଼ି ବିକଶିତ ହେଲେ ଭଦ୍ରକ ବିକଶିତ ହେବ, ଭଦ୍ରକ ବିକଶିତ ହେଲେ ଓଡ଼ିଶା ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା ଅଧିକାରୀ, କୃଷକ, ଶବବାହକମାନଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ସମ୍ବର୍ଦ୍ଧିତ କରିଥିଲେ। ଯୁବ ଗାଳ୍ପିକ ମନୋଜ ପାଣିଗ୍ରହୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଯଯାତିକେଶରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମାଜସେବୀ ଧୀରେନ୍ଦ୍ର ସାହୁ, ଗିରିଜାରମଣ ଜେନା, ଅମର ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ଡ. ଅମୂଲ୍ୟ ସେନାପତି, ସଂଜୟ କୁମାର ଦାସ, ଦୟାନିଧି ସାହୁ, ବିସ୍ମୟ ବିହାରୀ ସାହୁ, ଜୟକୃଷ୍ଣ ସେଠୀ, ପ୍ରଶାନ୍ତ ବଳ ପ୍ରମୁଖଙ୍କ ସମେତ ମହୋତ୍ସବ କମିଟି, ଶ୍ୟାମାକ୍ଲବ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସଦସ୍ୟମାନେ ଉଦ୍‌ଘାଟନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ କଳାଶ୍ରୀ ଗୋପାଳପୁର ନୋଡ଼ାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାମଲ ଓ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅଜୟ କୁମାର ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ଼ଃ.ଭାଗ୍ୟଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଡ଼ଚଣା ଶିକ୍ଷାମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ରତିକାନ୍ତ ମଣ୍ଡଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଭୟ ଶିକ୍ଷକଙ୍କର ଗୁଣାବଳି ଉପରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ଚଣା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ପ୍ରାକ୍ତନ ସିଆରସିସି ଗିରିଜା ପ୍ରସନ୍ନ ଦାଶ, ଗୋପାଳପୁର ସାଧନକେନ୍ଦ୍ର ସିଆରସିସି କୈଳାଶ ଚନ୍ଦ୍ର ଖଣ୍ଡାଇ, ଶିକ୍ଷାବିତ୍ ଶରତ କୁମାର ଶତପଥି, କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଦ୍ୱୟଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ବିଦାୟୀ ଶିକ୍ଷକ ଦ୍ୱୟଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ବସନ୍ତରାଜ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ସ୍ୱାଗତ ଓ ବିଦାୟି ସଂଗୀତ ପରିବେଶଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁଚିତ୍ରା ସାହୁ, ଦୀଲ୍ଲିପ କୁମାର ଦାସ, ପ୍ରସନ୍ନ କୁମାର ପରିଡ଼ା, କୁମୁଦୁନି ପଣ୍ଡା, ହେମନ୍ତ କୁମାର ନାୟକ, ଅଶୋକ କୁମାର ଭଞ୍ଜ ପ୍ରମୁଖ ଉଭୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋକରୀ ସ୍ଥିତ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପହିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ କଳ୍ପନା ଧଳ, ଭଣ୍ଡାରିପୋଖରୀ କଲେଜ ଅଧକ୍ଷ ଭରତ ଚନ୍ଦ୍ର କରଣ, ଶିକ୍ଷୟତ୍ରୀ ସୌଦାମିନୀ ପଣ୍ଡା ଓ ଶିକ୍ଷକ ଗଗନ ବିହାରୀ ସିଂ, ମୋ' ସ୍କୁଲ ସଭାପତି ଶୁଭଶ୍ରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବାଳିକାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଦିଗରେ ବିଦ୍ୟାଳୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟତ୍ରୀ ଦେବସ୍ମୀତା ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମରେନ୍ଦ୍ର ଉଦଗାତା ଅତିଥି ପରିଚୟ ଓ ଶିକ୍ଷୟତ୍ରୀ କଳ୍ପନା ଦାସ ଧନ୍ୟବାଦ ଦେଇଥିଲେ।

### ଆଦର୍ଶ ବିଦ୍ୟାଳୟରେ ପହଞ୍ଚିଲେ ଉପ-ମୁଖ୍ୟମନ୍ତ୍ରୀ

## ଶୁଣିଲେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅଭିଯୋଗ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଆଦର୍ଶ ବିଦ୍ୟାଳୟରେ ଦୁର୍ନୀତିକୁ ନେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିବା ବେଳେ ଅଭିଭାବକମାନେ ଏହାର ପ୍ରତିବାଦ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଉପ-ମୁଖ୍ୟମନ୍ତ୍ରୀ ଓ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟ ୩ ଜଣିଆ ଟିମ୍ ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ଛାତ୍ରଛାତ୍ରୀମାନେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମଧ୍ୟ ସେମାନଙ୍କର ସମସ୍ୟା କହିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ହଂସପଡ଼ା ଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ସମୟରେ ଡ୍ରେସ୍ ପ୍ରଦାନ କରାଯାଉ ନଥିବା ବେଳେ ମଧ୍ୟାହ୍ନ ଭୋଜନ ନିମ୍ନମାନର ଦିଆଯାଉଥିବା ଅଭିଯୋଗ ହେଉଥିଲା। ଶିକ୍ଷକ ସ୍କୁଲରେ ପାଠ ନ ପଢ଼ାଇ ଦବଙ୍ଗଗିରି ଦେଖାଇବା, ସ୍କୁଲ ଅଧ୍ୟକ୍ଷଙ୍କୁ ଅଭିଯୋଗ କଲେ ମଧ ଅଧ୍ୟକ୍ଷ ଛାତ୍ରଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓ ରାଜ୍ୟର ଆଦର୍ଶ ପରିଚାଳନାର ୩ ଜଣିଆ ଟିମ୍, ପୁରୀ ଜିଲ୍ଲା ଶିକ୍ଷାଧିକାରୀ, ନିମାପଡ଼ା ବ୍ଲକ୍ ଶିକ୍ଷାଧିକାରୀ, ନିମାପଡ଼ା ଥାନାଧିକାରୀ, ତହସିଲଦାର ଆଦର୍ଶ ବିଦ୍ୟାଳୟରେ ପହଂଚି ରୁଦ୍ଧ କୋଠରୀ ମଧ୍ୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଡ଼କାଇ ସେମାନଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ। ଅଭିଭାବକ ମାନଙ୍କର ଅଭିଯୋଗ ମଧ ଉପ-ମୁଖ୍ୟମନ୍ତ୍ରୀ ଶୁଣିଥିଲେ। ଶୁକ୍ରବାର ଅପରାହ୍ନ ସମୟରେ ଏହି ରୁଦ୍ଧଦ୍ୱାର ବୈଠକ ସୂଚାଇ ଦେଉଛି ଯେ, ଆଦର୍ଶ ବିଦ୍ୟାଳୟର ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଉପ-ମୁଖ୍ୟମନ୍ତ୍ରୀ ମଧ କହିଛନ୍ତି ଛାତ୍ରଛାତ୍ରୀମାନେ ଯେପରି ସଠିକ୍ ଶିକ୍ଷାଦାନ ପାଇ ପାରିବେ, ଯାହାବି ଆବଶ୍ୟକ ପଡ଼ିବ ସେଥିପାଇଁ ଆମ ସରକାର ବୁଝିବ।

## ବହୁ ପୁରାତନ ପ୍ରାକ୍ଟିସିଂ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପୌର ପରିଷଦର ସର୍ବପୁରାତନ ଶିକ୍ଷାନୁଷ୍ଠାନ ପ୍ରାକ୍ଟିସିଂ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବ୍ଲକ୍ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ପ୍ରତିଭା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାମୋହନ ଦାଶ, ବିଦ୍ୟାଳୟ ଆଲୁମିନି କମିଟିର ଅଧ୍ୟକ୍ଷ ଶିକ୍ଷାବିତ୍ ନାରାୟଣ ମିଶ୍ର, ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ କଲ୍ୟାଣ କୁମାର ସ୍ୱାଇଁ, ଗୋପିନାଥପାଟଣା କ୍ଲଷ୍ଟର ସିଆରସିସି ଲକ୍ଷ୍ମୀଧର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭଶ୍ରୀ ବରାଳ, ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ର ଉପସ୍ଥିତ ରହି ସ୍ୱସ୍ୱ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ଚରିତ୍ର ଗଠନ ଓ ମୂଲ୍ୟବୋଧଭିତିକ ଶିକ୍ଷା ତଥା ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବା ନିମନ୍ତେ ଅଭିଭାବକମାନଙ୍କୁ ଉପଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ଆମ ଭାଷା-ଆମ ସଂସ୍କୃତି ଶୀର୍ଷକ ଏକ କର୍ମଶାଳା ଉଦ୍‌ଘାଟନ କରି ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ଖେଳନା ଓ ଚିତ୍ରକଳା ସଂପର୍କିତ କୃତି ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ଶୈକ୍ଷିକ ଓ ସହଶୈକ୍ଷିକ ବିଭାଗରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ସଫଳତାର ସହିତ ସମାପନ କରାଇବାରେ ବିଦ୍ୟାଳୟର ସରକାରୀ ଶିକ୍ଷୟିତ୍ରୀଗଣ ଯଥା କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ, ସ୍ନେହଲତା ସ୍ୱାଇଁ, ତ୍ରୈଲିପ୍ତା ଦାଶଙ୍କର ଅଶେଷ ଯୋଗଦାନ ରହିଥିଲା।

## ଏଲ୍‌ଆଇସି ଅଫିସରୁ ଟଙ୍କା ଲୁଟ କାନ୍ଦୁଛନ୍ତି ପରିବାର

କଣ୍ଟାପଡ଼ା (ଭାସ୍କର ନ୍ୟୁଜ): ଓଲଟପୁର ଥାନା ଅଧୀନସ୍ଥ ଅଡସ ପୁର ପଞ୍ଚାୟତ ଅନ୍ତର୍ଗତ ଜେନା ସାହିର ଅଶୋକ କୁମାର ଜେନା( ୫୦ ) ନିଜ ଝିଅ ବାହାଘର କରିବା ନିମନ୍ତେ କଷ୍ଟ ଅର୍ଜିତ ଧନ ଏଲଆଇସିରେ ସଞ୍ଚୟ କରିଥିବା ବେଳେ ମ୍ୟାଚୁରିଟି ପୂରିବା ପୂର୍ବରୁ ଠକ୍ ହାତ୍ୱରେ ପଡ଼ି ସବୁକିଛି ହରାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ସ୍ମୃତି ରଞ୍ଜନ ସାହୁ ( ରାଣ୍ଡ) ସ୍ଥାନୀୟ ଲୋକଙ୍କୁ ଚୂନ ମାରିବା ସହ ଅଶୋକ କୁମାର ଜେନାର ଫେକ୍ ଆକାଉଣ୍ଟ ଖୋଲି ୫୦ ହଜାରରୁ ଊର୍ଦ୍ଧ୍ବ ଟଙ୍କା ଆକାଉଣ୍ଟରୁ ଲୁଟ କରିନେଇଛନ୍ତି। ଅଶୋକ ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଟଙ୍କା ଦବା ତ ଦୂରର କଥା ମାରିବା ପାଇଁ ଧମକ ଦେଉଛି। ଏ ନେଇ ଓଲଟପୁର ଥାନାରେ ଅଶୋକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ଙ୍କୁ ଗିରଫ କରିବା ତ ଦୂରର କଥା ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହିଁ। ଟଙ୍କା ନେଇ ଚମ୍ପଟ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହେଉଛି।

## କ୍ରୀଡା ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ (ଭାସ୍କର ନ୍ୟୁଜ): କଳଙ୍ଗା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରମେଶ କୁମାର ଖଟୋଇଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଳଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଖଟୋଇଙ୍କ କାର୍ଯ୍ୟକାଳର ଭୂରିପ୍ରଶଂସା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନ ଗୋବିନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନାରେ ପ୍ରଧାନ ଶିକ୍ଷକ ନନ୍ଦିତା ସାହୁ, କାମଦେବ ପ୍ରଧାନ, ନିରଞ୍ଜନ ମହାରଣା, ଗଙ୍ଗାଧର ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ହୋତା, ବିକ୍ରମ ଜଗଦେବ, ନୃସିଂହ ଚରଣ ବେହେରା, ଶାନ୍ତିଲତା ଜେନା, କୃଷ୍ଣଚନ୍ଦ୍ର ହୋତା,ସୁବାଷ ଚନ୍ଦ୍ର ଶତପଥୀ,ଦିବାକର ମୁଦୁଲି, ଶିକ୍ଷକ ବିପିନ ସାହୁ , ନେତ୍ରାନନ୍ଦ ବାରିକ, ପ୍ରଣତି ଛୋଟରାୟ, ମିନା କୁମାରୀ ରଥ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ଶ୍ରୀ ଖଟୋଇଙ୍କ କାର୍ଯ୍ୟ ଦକ୍ଷତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ତମ ବ୍ୟବହାର ସମ୍ପର୍କରେ ଆଲୋଚନା ଓ ସମ୍ବର୍ଦ୍ଧନା ଜ୍ଞାପନ କରି ମହାପ୍ରଭୁଙ୍କ ଆଶୀର୍ବାଦ ରୁ ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ।

## ଜିରାଳ କଲେଜର ବାର୍ଷିକ ଉତ୍ସବ, ବାଲୁକାଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଜିରାଳ ମହାବିଦ୍ୟାଳୟ ପରିସରରେ ୪୪ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ୍ ଶତ୍ରୁଘ୍ନ ଜେନା ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଥିଲେ। ଅଭାବ ଥିବା ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ। ଉପଦେଷ୍ଟା ସୁବ୍ରତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମଂଚ ପରିଚାଳନା କରିଥିଲେ ଦୁର୍ଗାପ୍ରସାଦ ମୁଦୁଲି। ବନ୍ଦନା ମିଶ୍ର ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ପରିଷଦ ସଭ୍ୟା ଶିଳାରାଣୀ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ, ଦେଶ ସଭାପତି ଅର୍ଜୁନ ଚରଣ ପଣ୍ଡା, ପୂର୍ବତନ ସଭାପତି ଶ୍ୟାମସୁନ୍ଦର ପଣ୍ଡା,ପ୍ରସନ୍ନ ନାୟକ, ରବି ନାରାୟଣ ନାୟକ ଅତିଥି ଭାବରେ ଯୋଗଦେଇଥିଲେ। ବିଷ୍ଣୁପ୍ରିୟା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀ ପ୍ରତିନିଧି ସାଶ୍ୱତ ରଞ୍ଜନ ବେହେରା (ରକି ) ନେତୃତ୍ୱରେ ମେଲୋଡି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିରାଳର ବରପୁତ୍ର ବାଲୁକାଶିଳ୍ପୀ ସରୋଜ କୁମାର ପ୍ରଧାନଙ୍କୁ ମାନପାତ୍ର ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ଏରସମା (ଭାସ୍କର ନ୍ୟୁଜ): ଏରସମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ନୂତନ ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ କୁମାର ପାଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଏମପି ଡ ବିଭୁ ପ୍ରସାଦ ତରାଇ ଯୋଗଦେଇ ସରସ୍ୱତୀ ଶିଶୁ ମନ୍ଦିର ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଆଗ୍ରଗାମୀ ଭୂମିକା ଗ୍ରହଣ କରିଛି କହିବା ସହିତ ଛାତ୍ର ଛାତ୍ରୀଙ୍କୁ ଦିଆଯାଉଥିବା ନୈତିକ ଶିକ୍ଷା ସମାଜ ବଦଳାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିକୁଦା ଏରସମା



ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟ ବକ୍ତା ଭାବରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି ଡ କିଶୋର ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଉମେଶ ଚନ୍ଦ୍ର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ନିରୁପମା ଗଛାୟତ ବାର୍ଷିକ ବିବରଣୀ ପାଠ କରିଥିଲେ। ସହଆଚାର୍ଯ୍ୟା ପୂଜାରିଣୀ ସ୍ୱାଇଁ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୩୦ଜଣ କୃତି ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଇନ୍ ସଚେତନତା ଶିବିର

ନବରଙ୍ଗପୁର (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ଭାଟିଶାଳଗୁଡା ଶକ୍ତିସଦନଠାରେ କିନ୍ନର ମାନଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଥିବା ବିଭିନ୍ନ ଜନହିତକାରୀ ସରକାରୀ ଯୋଜନା ଓ ସେମାନଙ୍କର ଅଧିକାର ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ମା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ମନୋରମା ମାଝୀ, କିଶୋରୀ ପଟ୍ଟନାୟକ, ରାଖୀ ଜୈନ, ସ୍ୱର୍ଣ୍ଣଲତା ପଟ୍ଟନାୟକ ଯୋଗ ଦେଇଥିଲେ।

## ଶନି ମନ୍ଦିରର ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା

ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ଦେଉଳ ବେଡା କୋଲିୟାରୀ ଶନି ମନ୍ଦିରର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭିକ ଦିନରେ ତାଳଚେର ଜଗନ୍ନାଥ ମନ୍ଦିର ସାମ୍ନାରେ ଥିବା ବ୍ରାହ୍ମଣୀ ନଦୀ ଜଗନ୍ନାଥ ତୁଠରୁ ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ଯୋଗ ଦେଇଥିଲେ। ଏହି କଳସ ଯାତ୍ରା ଘୋଡା ଶାଳ ଛକ, ବଡ଼ ବଜାର, ବାଇ ପାସ ଛକ, ହାଟ ତୋଟା, ଶର୍ମା ଛକ ଦେଇ ମନ୍ଦିର ପ୍ରାଙ୍ଗଣରେ ବିରାଟ ପଟୁଆରରେ ଶ୍ରଦ୍ଧାଳୁ ମାନେ ପହଞ୍ଚିଥିଲେ। କର୍ତ୍ତା ଭାବେ ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି ଓ ତାଙ୍କ ଧର୍ମ ପତ୍ନୀ ଓ ଅନ୍ୟତମ କର୍ତ୍ତା ବରିଷ୍ଠ ସଦସ୍ୟ ଚିତ୍ତ ରଞ୍ଜନ ପାଣି କଳସ



ଯାତ୍ରାରେ ପ୍ରଭୁ ଶନିଦେବଙ୍କ ଫୋଟ ଧରି ଶ୍ରଦ୍ଧାଳୁଙ୍କ ସହିତ ରାସ୍ତାରେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳି ଥିଲା। ସେହିପରି ସମାଜସେବୀ ଖିରୋଦ ସାହୁ ମଧ ଏହି କଳସ ଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ପ୍ରକାଶ ସାହୁ, ପ୍ରମୋଦ ସାହୁ, ନିରଂଜନ ପ୍ରଧାନ, କ୍ରିଷ୍ଣା ପ୍ରସାଦ, ଗୌର ଦାସ, ଗୌରାଙ୍ଗ ପ୍ରଧାନ, ଅଶୋକ ସାହୁ, ରଞ୍ଜନ ସାହୁ, ପ୍ରକାଶ ମୁଦୁଲି, ବିଜୟ ସାହୁ, ସୁଶାନ୍ତ ବିଶି, ଭୁବନ ସାହୁ, ପ୍ରଦୀପ ମହାରଣା ପ୍ରମୁଖ ସାମିଲ ହୋଇ କଳସ ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସମସ୍ତ ପ୍ରକାର ଅର୍ଣ୍ଣ ପ୍ରସାଦ ସେବନ ବ୍ୟବସ୍ଥା କରିବାରେ ସାହାଯ୍ୟ ସୋହଯୋଗ କରିଥିଲେ।

## ନୂତନ ସବ୍‌ଜଜ୍‌ଙ୍କୁ ସ୍ୱାଗତ

ଚମ୍ପୁଆ (ଭାସ୍କର ନ୍ୟୁଜ): ଚମ୍ପୁଆ କୋର୍ଟରେ ନୂତନ ସବ୍‌ଜଜ୍ ଭାବରେ ଯୋଗ ଦେଇଥିବା ଜିତେନ୍ଦ୍ର ଦାସଙ୍କୁ ଚମ୍ପୁଆ ଓକିଲ ସଂଘ ତରଫରୁ ସ୍ୱାଗତ କରାଯାଇଛି। ଚମ୍ପୁଆ ଓକିଲ ସଂଘ ତରଫରୁ ଚମ୍ପୁଆ ବାର ହଲ ଠାରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ନୂତନ ସବ୍‌ଜଜଙ୍କୁ ଚମ୍ପୁଆ ଓକିଲ ସଂଘ ତରଫରୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏଥିରେ ଚମ୍ପୁଆ ଓକିଲ ସଂଘ ସଭାପତି ହରେ କୃଷ୍ଣ ମିଶ୍ର, ସମ୍ପାଦକ ରଘୁନାଥ ମହାକୁଡଙ୍କ ସମେତ ଚମ୍ପୁଆ ଓକିଲ ସଂଘର ସମସ୍ତ ଓକିଲ ଅଂଶ ଗ୍ରହଣ କରିଥିଲେ।

## ଦକ୍ଷିଣବାଡ କଂଗ୍ରେସର ବନ୍ଧୁମିଳନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ):ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ କଂଗ୍ରେସ ସଙ୍ଗଠନ ପକ୍ଷରୁ ବନ୍ଧୁମିଳନ ପର୍ବ ଆଦମପୁର ଗ୍ରାମଜଙ୍ଗଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁଧାଂଶୁ ଫ୍ୟାନକ୍ଲବ ନାମରେ ଅନୁଷ୍ଠିତ ଏହି ବନ୍ଧୁମିଳନ ପର୍ବରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ସାଙ୍ଗଠନିକ ଶକ୍ତିକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ମହାପାତ୍ର, ନିଗମାନନ୍ଦ ଜେନା, ସୁଧାଂଶୁ ପଲାଇ, ଗଗନ ନାୟକ, ଭାଗବତ ସେନାପତି ଏହି ପର୍ବରେ ଯୋଗଦେଇ ଦଳର ଏକତାକୁ ଅକ୍ଷୁର୍ଣ୍ଣ ରଖି ପୁନଃ ସଙ୍ଗଠିତ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ।

## ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକର ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୩୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଶୋଭାକର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଭାରତୀୟ ଜନତା ପାର୍ଟି ର ପୂର୍ବତନ ଜିଲ୍ଲା ସଭାପତି କାନ୍ହା ସୋରେନ୍, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ ସମ୍ମାନିତ ଅତିଥି ଭାବେ ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ, ପ୍ରତିଷ୍ଠାତା ପରିଚାଳନା ସମିତି ସଦସ୍ୟ ଗୌରମୋହନ ସି, ଜିଲ୍ଲା ବିଜେପି ଉପ ସଭାପତି ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ଅଧକ୍ଷ କାଳିଚରଣ ଲେଙ୍କା ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ଉଚ୍ଚ ଶିକ୍ଷାର ଆବଶ୍ୟକତା ବାବଦରେ ଆର୍ଶିର୍ବାଦ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ନଗେନ୍ଦ୍ର ନାଥ ମହାପାତ୍ର, ଅଜିତ କୁମାର କର, ପୂର୍ବତନ ବ୍ଲକ୍ ଅଧକ୍ଷ ଭାଗବତ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଋଣ ଲଗାଣ ସଂସ୍ଥା କର୍ମଚାରୀଙ୍କ ମଧ୍ୟରେ ମାରପିଟ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଲତାବିଲିଠାରେ ଥିବା ସ୍ପନ୍ଦନା ରୁଣ ଲଗାଣକାରି ସଂସ୍ଥା ପରିସରରେ କାର୍ଯ୍ୟରତ କର୍ମଚାରୀ ଓ ପୂର୍ବତନ କର୍ମଚାରୀଙ୍କ ମଧ୍ୟରେ ମାରପିଟ ହୋଇଥିବାକୁ ନେଇ ଥାନାରେ ଏତଲା ଦାଏର ହୋଇଛି। ଶାଖା ପରିଚାଳକ ରାଧାକୃଷ୍ଣ ଦାସଙ୍କ ଏତଲା କ୍ରମେ କେଶ୍ ରୁଜୁ ହୋଇଛି। ପୂର୍ବତନ ପରିଚାଳକ ନିର୍ମଳ ପଟ୍ଟନାୟକ ୨ ଟି କାରରେ ୧୦ ଜଣ ଯୁବକଙ୍କୁ ଧରି ଗୁରୁବାର ଦିନ କାର୍ଯ୍ୟାଳୟରେ ପହଂଚି ଅଡିଟ୍ ବିଷୟକୁ ନେଇ କଥା ହେବା ସହ ମାରପିଟ କରିଥିଲେ। ଅଡିଟର ଆନନ୍ଦ ରଣା, ସୌଭାଗ୍ୟ ସାମନ୍ତରାୟଙ୍କୁ ମଧ ମାଡ ମାରିଥିଲେ। ଶାଖା ପରିଚାଳକଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣକୁ ଅଟକ ରଖି ଘଟଣାର ତଦନ୍ତ ଚାଲୁ ରଖିଛି।

## ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ବାରିପଦା (ଭାସ୍କର ନ୍ୟୁଜ): ରାଷ୍ଟ୍ରପତ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅପମାନଜନକ ଶବ୍ଦ ବ୍ୟବହାର କରିଥିବାର ପ୍ରତିବାଦରେ ବିଜେପି ବାରିପଦା ସହର ଶାଖା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ଅବସରରେ ଦଳର କର୍ମୀମାନେ କଂଗ୍ରେସ ଓ ସୋନିଆଙ୍କ ବିରୋଧରେ ବିଭିନ୍ନ ନାରା ଦେବା ସହ ସୋନିଆଙ୍କ କୁଶ ପୁତ୍ତଳିକା ଦାହ ମଧ କରିଛନ୍ତି। ବିଜେପି ବାରିପଦା ମଣ୍ଡଳ ସଭାପତି ସୁବ୍ରତ ମୁଖୀଙ୍କ ନେତୃତ୍ୱରେ ଆୟୋଜିତ ଏଇ କାର୍ଯ୍ୟକ୍ରମରେ ରାଜ୍ୟ ମିଡ଼ିଆ ସେଲ ପେନାଲିଷ୍ଟ କବିବିଷ୍ଣୁ ସତପଥୀ,ଜିଲ୍ଲା ଉପ ସଭାପତି ଶୋଭାବତୀ ହୋତା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, କୁମାର ମଲଙ୍ଗଲମ୍, ପାୟଲ ରାୟ, ରସିକାନନ୍ଦ ମିଶ୍ର, ଗଣେଶ ନାୟକ, ଦେବବ୍ରତ ସାମଲ, ପୁରୁଷୋତ୍ତମ ସେଠି, ସରସ୍ୱତୀ ବେହେରା, ନିରଞ୍ଜନ ଦାସ, ମାନସୀ ତ୍ରିପାଠୀ, ସୁଶ୍ମିତା ଚାନ୍ଦ, ଦିପାଲୀ ନାୟକ, ସେକ ନାଶିର, ସୁମିତ୍ରା କୁଆଁର ଓ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ

ବୋଲଗଡ଼ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ପିଚୁକୁଳି ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ତାପସ ଦୀବେଦିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଇଓ ନାରାୟଣ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବୋଲଗଡ ବିଡିଓ ଶରତ କୁମାର ମଲ୍ଲିକ, ତହସିଲଦାର ବିଜୟ କୁମାର ସେଠୀ, ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ , ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଅଭିଭାବକ ସଭାପତି ପ୍ରଦୀପ କୁମାର ବାରିକଙ୍କ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ରହି ୧୦୨ ଜଣ କତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀ ଅଭିଶା ଦାସ, ସୁଲଗ୍ନା ମହାପାତ୍ର ଅତିଥି ପରିଚୟ କରିଥିବା ବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଶିକ୍ଷୟତ୍ରୀ ରଶ୍ମିତା ବେହେରା।

## ସପ୍ତମ ଦିନରେ ଓଲାଶୁଣୀ ଗୁମ୍ଫାଯାତ୍ରା, ବିପୁଳ ଜନସମାଗମ



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବ୍ରହ୍ମଲିନ ଅବଧୁତ ପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠରେ ଚାଲିଆସୁଥିବା ଓଲାଶୁଣୀ ଗୁମ୍ଫାଯାତ୍ରାର ସପ୍ତମ ଦିନରେ ପ୍ରବଳ ଜନସମାଗମ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସହପରିବାର ବହୁ ଦୁର ଦୁରାନ୍ତରୁ ଶ୍ରଦ୍ଧାଳୁ ମାନେ ଆସି ମହାପୁରୁଷପୀଠ ଦର୍ଶନ ସହିତ ମେଳା ପଡ଼ିଆରେ ଭିଡ଼ ଜମାଇଛନ୍ତି। ଗୁମ୍ଫାଯାତ୍ରାର ପ୍ରବେଶ ପଥରୁ ମହାପୁରୁଷଙ୍କ ପୀଠ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତା ଲୋକାରଣ୍ୟ ପାଇଁ ଏକ ପ୍ରକାର ଟ୍ରାଫିକ୍ ଜାମ କହିଲେ ଚଳେ। ପୋଲିସ ପ୍ରଶାସନ ପକ୍ଷରୁ କିପରି ଶ୍ରଦ୍ଧାଳୁ ମାନେ ସୁବିଧାରେ ସମାଧି ଦର୍ଶନ କରିପାରିବେ ସେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

**କାଞ୍ଜିପାଣିର ଆଦର:** ଗୁମ୍ଫାଯାତ୍ରା ସମୟରେ ପାହାଡ଼ ଉପରେ ଥିବା ଅରକ୍ଷିତ ଦାସଙ୍କ ପୀଠରେ ଦୁର ଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ମାନେ ମଠପକ୍ଷରୁ ପ୍ରସ୍ତୁତ କାଞ୍ଜିପାଣି ସେବନ କରିବାର ଦେଖିବାକୁ ମିଳିଥାଏ। ଲୋକମାନଙ୍କ ବିଶ୍ୱସ ଯେ ଏହି କାଞ୍ଜିପାଣି ସେବନ ଦ୍ୱାରା ବହୁ ପୁରାତନ ଦୁରାରୋଗ୍ୟ ଭଲ ହୋଇଥାଏ। ଏହି ବିଶ୍ୱାସ ନେଇ ଶ୍ରଦ୍ଧାଳୁ ମାନେ ଗୁମ୍ଫାଯାତ୍ରାକୁ ଆସିଲେ କାଞ୍ଜିପାଣି ପିଇବା ପାଇଁ ଭିଡ଼ ଜମାଇଥାନ୍ତି। ଏ ନେଇ ଶ୍ରଦ୍ଧାଳୁ ମାନଙ୍କୁ କୌଣସି ଦେୟ ଦବାକୁ ପଡ଼ିନଥାଏ।

**ଘରୋଇ ଉପକରଣର ଚାହିଦା:** ଏହି ଗୁମ୍ଫାଯାତ୍ରାରେ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ପଥର ଘରୋଇ ଉପକରଣର ବ୍ୟବସାୟୀ ତାଙ୍କର ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥାନ୍ତି। ସ୍ଥାନୀୟ ଶୁଖୁଆପଡ଼ା, ଲଳିତଗିରି ଓ ବନ୍ଦରେଶ୍ୱରର କୁଶଳି ପ୍ରସ୍ତରମିସ୍ତ୍ରୀଙ୍କ ଦ୍ୱାରା ତିଆରି ଏହି ଉପକରଣ ଗୁଡ଼ିକ ଦୁର ଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ମାନଙ୍କର ବେଶ ଆଦୃତ ହୋଇଥାଏ। ବିଶେଷ କରି ଚକି, ସିଳ, ପଥରପୁଆ, ଚଉଁରା, ଜଳଯନ୍ତ, ଫୁଲକୁଣ୍ଡ, ହେମଦସ୍ତା, ପଥରଖଲି ଇତ୍ୟାଦିର ବ୍ୟବସାୟ ଅଧିକା ହେଉଥିବାର ଦେଖିବାକୁ ମିଳିଛି। ଏହା ଛଡ଼ା ପଥର ନିର୍ମିତ ଗଣେଶ, ସରସ୍ୱତୀ, ଶିବ, ବୃନ୍ଦାବତୀ, ବୁଦ୍ଧ, ବାସୁଆବଳଦ ଆଦି ବିଭିନ୍ନ ଦେବା ଦେବୀଙ୍କର ମୂର୍ତ୍ତି ମଧ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ କୁଶଳୀ କାରିଗରିଙ୍କ ଦ୍ୱାରା ଏହି ମୂ[illegible]ତ୍ତ ଗୁଡ଼ିକ ଦୁର ଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ମାନେ କିଣି ଗାଡ଼ି ଲଗାଇ ନେଉଥିବାର ଦେଖିବାକୁ ମିଳିଛି।

**ବିଭିନ୍ନ ଦୋଳିର ମଜା:** ଓଲାଶୁଣୀ ପଡ଼ିଆରେ ବିଭିନ୍ନ ସ୍ଥାନରୁ ଆସି ଦୋଳି ବ୍ୟବସାୟୀ ମାନେ ଦୋଳି ପକାଇଛନ୍ତି। ବିଶେଷ କରି ରାମଦୋଳି, ଚକ୍ରିଦୋଳି, ବେଲୁନଦୋଳି ନିକଟରେ ଛୋଟ ଛୋଟ ପିଲା ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ଭିଡ଼ ଜମାଇଥିବାର ଦେଖିବାକୁ ମିଳିଛି। ପିଲାମାନେ ଦୋଳିମାଲିକଙ୍କ ଠାରୁ ଗୋଟିଏ ଗୋଟିଏ ଟିକେଟ କାଟି ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଦୋଳି ଖେଳିଥାନ୍ତି। ଦୋଳି ଗୁଡ଼ିକର ମାଲିକ ଓ କର୍ମଚାରୀ ମାନେ ପିଲାମାନେ ଦୋଳି ଖେଳିବା ସମୟରେ କିପରି କୌଣସି ଦୁର୍ଘଟଣା ନଘଟିବ ସେ ପାଇଁ ତତ୍ପର ଥିବା ଦେଖିବାକୁ ମିଳିଛି।

## ଡିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ୧୧ ନଂ ୱାର୍ଡସ୍ଥିତ ଡିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଉତ୍ସବରେ ନହରପଦା କ୍ଲଷ୍ଟରର ସି.ଆର.ସି.ସି. କନକଲତା ମାଝୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରାଥମିକ ଶିକ୍ଷାର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମର ଉପଯୋଗିତା ଅଛି ବୋଲି ବର୍ଣ୍ଣନା କରିଥିଲେ। ରାଜ୍ୟ ତଥା ଜାତୀୟ ପୁରସ୍କାର ଲାଭ କରିଥିବା ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରାଥମିକ ଶିକ୍ଷା ହିଁ ଜୀବନର ମୂଳଦୁଆ। ଏହା ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଖୋରାକ ଯୋଗାଇଥାଏ ବୋଲି କହିବା ସହିତ ନିଜର ପିତା, ମାତା ଓ ଗୁରୁଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କଲେ ପିଲାମାନେ ନିଜ ଜୀବନକୁ ସାର୍ଥକ କରିପାରିବେ ବୋଲି ଉଲ୍ଲେଖ କରି କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିରୁପମା ବେହେରା, ଶାନ୍ତିଲତା ମହାପାତ୍ର ଓ ପୂର୍ବତନ ପ୍ରଧାନଶିକ୍ଷକ ସରୋଜ ବାସିନୀ ପଟ୍ଟନାୟକ ପ୍ରମୁଖ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପ-ସଭପତି ସେକ୍ ରାଜୁଦ୍ଦିନ, ସଦସ୍ୟ ସୁବ୍ରତ ଦାସ, ପାୟଲ ଦେ, ଲକ୍ଷ୍ମୀ ରାମ, ମନୋଜ କୁମାର ବେହେରା ପ୍ରମୁଖଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।



ଜଟଣୀ (ଭାସ୍କର ନ୍ୟୁଜ୍) : ଟ୍ରେନ୍ ଲୋକୋ ପାଇଲଟ୍‌ଙ୍କ ପାଇଁ ୩ ଦିନ ଧରି ଖୋର୍ଦ୍ଧାରୋଡ଼ ଡିଭିଜନ ପକ୍ଷରୁ ଚାଲିଥିବା ଚାପମୁକ୍ତ ତାଲିମ ଆଜି ସମାପ୍ତ ହୋଇଛି । ଏହି ସମାପ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ପିକେ ବେହେରା, ଆର୍ଟଅଫ୍ ଲିଭିଙ୍ଗ ଆସୋସିଏସନ୍ ରାଜ୍ୟ ସଂଯୋଜକ ଏଚ୍.କେ.ଦତ ଉପସ୍ଥିତ ରହିଥିଲେ । ଆର୍ଟ ଅଫ୍ ଲିଭିଙ୍ଗ ଦ୍ୱାରା ଏହାର ଫାକ୍‌ଲଟି ପ୍ରଦୀପ୍ତ କୁମାର ପଟ୍ଟନାୟକ ଓ ଲଳିତ କୁମାର ମହାନ୍ତି ପ୍ରଶିକ୍ଷଣ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ଟ୍ରାଫିକ୍ କଲୋନୀସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ତାଲିମରେ ଡିଭିଜନର ପାରାଦ୍ୱୀପ, ଜଖପୁରା, ଖୋର୍ଦ୍ଧାରୋଡ଼, ଭଦ୍ରକ, କଟକ, ଛତ୍ରପୁର, ପଲାସା ଓ କେନ୍ଦୁଝରଗଡ଼ ଷ୍ଟେସନରେ କାର୍ଯ୍ୟ କରୁଥିବା ୩୪ ଲୋକୋ ପାଇଲଟ୍ ଓ ସହକାରୀ ଲୋକପାଇଲଟ୍ ଏଥିରେ ଭାଗ ନେଇ ତାଲିମ ନେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ବ୍ୟବହାରିକ, ସରଳ କିମ୍ବା ଅତ୍ୟଧିକ ପ୍ରଭାବଶାଳୀ ପଦ୍ଧତି ଅନ୍ତର୍ଭୁକ୍ତ ଯେପରିକି ଯୋଗାସନ, ପ୍ରଣାୟାମ, ଧ୍ୟାନ, ସୁଦର୍ଶନ କ୍ରିୟା ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ମଣ୍ଡଳ ପ୍ରବନ୍ଧକ ଶ୍ରୀ ବାଜୱା କହିଥିଲେ ଏହା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଲୋକୋପାଇଲଟ୍‌ଙ୍କ ଚାକିରି କି ନେଇକି ବଡ଼ ଦାୟିତ୍ୱ ରହିଛି । ସେମାନଙ୍କ ବ୍ୟକ୍ତିଗତ, କର୍ମମୟ ଓ ସାମାଜିକ ଜୀବନକୁ ସନ୍ତୁଳନ ରଖିବାକୁ ପଡ଼ିବ । ଏହା କେବଳ ଚାପମୁକ୍ତ ମନ ଦ୍ୱାରା ସମ୍ଭବ ହୋଇପାରିବ ବୋଲି କହିଥିଲେ । ସେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେଏବଂ ତାଲିମ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କ ଠାରୁ ମତାମତ ନେଇଥିଲେ ।ଏଥିରେ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ ସୁଭଜିତ୍ ଦାସ, ଯନ୍ତ୍ରୀ ଏସ୍‌ଟି ରହମନ, ସହକାରୀ ଯନ୍ତ୍ରୀ ସୁମନ୍ତ ବେଉରା, ମୁଖ୍ୟ ଲୋକୋ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ର ତାଲିମ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଆଇନ ସଚେତନତା ଶିବିର



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଆଇନ ସେବା ପ୍ରାଧିକରଣର ସମ୍ମିଳନି କକ୍ଷରେ 'କିନ୍ନରଙ୍କ ଅଧିକାର'ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଏହି କାର୍ଯକ୍ରମରେ ପ୍ରାଧିକରଣର ସଚିବ ଅମିତ କୁମାର ବାରିକ ଉଦଘଓଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବା ପାଇ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯକ୍ରମରେ ଫାଷ୍ଟ ଟ୍ରାକଙ୍କ ପୋକଷ ଯୁଦଜେ ରମାନାଥ ପଣ୍ଡା ଉପରୋକ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରିବା ସହ କିନ୍ନର ମାନଙ୍କୁ ସମାଜରେ ମର୍ଜଦା ର ସହ ବଞ୍ଚିବାର ଅଧିକାର ରହିଛି ବୋଲି ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । କିନ୍ନର ମାନଙ୍କ ମଧ୍ୟରେ ଉପସ୍ଥିତ ମା ଦେବକୀ କିନ୍ନର ଏବଂ ପାରା ଲିଗାଲ ଭଲାନ୍ଟିୟର ରାଜବୀର ଦାସ କିନ୍ନର ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଜଣାଇଥିଲେ ଓ ସେମାନେ କିପରି ସମାଜରେ ନିଜକୁ ସ୍ୱବଲମ୍ବୀ କରିପାରିବେ ଓ ସେମାନଙ୍କ ପ୍ରତି ସମାଜରେ ରହିଥିବା ମାନସିକତା ପରିବର୍ତ୍ତନ ପାଇ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯକ୍ରମରେ ଯୋଗଦେଇଥିବା ସମସ୍ତ କିନ୍ନର, ବିଚାରପତି ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗୀତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହେଇପାରିବ ଏଥିପାଇଁ ଆହ୍ୱାନ କରିଥିଲେ । ଏହି କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

# ଦୁର୍ଘଟଣାରେ ଜଣେ ମୃତ

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଶ୍ୱଶୁର ଘରକୁ ଶାଳୀର ନିର୍ବନ୍ଧ ପାଇଁ ଯାଉଥିଲେ ୨ ଭିଣୋଇ। ସଡ଼କ ଦୁର୍ଘଟଣାରେ ଜଣେ ଭିଣୋଇର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଭିଣୋଇ ଗୁରୁତର ଆହତ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ – କାଲୁପଡାଘାଟ ରାସ୍ତାରେ ଥିବା ବଡ଼ଶଙ୍ଖ ନଈ ନିକଟରେ ଘଟିଛି ଦୁର୍ଘଟଣା । ଏକ ବାଇକ ଯୋଗେ ଟାଙ୍ଗୀ ନିକଟସ୍ଥ ତାରିମୀ ଗାଁରେ ଥିବା ଶ୍ୱଶୁର ଘରକୁ ଯାଉଥିଲେ ୨ ଜ୍ୱାଇଁ। ମାନସ ଜେନା (ଜଟଣୀ ଅଞ୍ଚଳର) ଏବଂ ଦୀପକ ପ୍ରଧାନ (ଲକ୍ଷ୍ମୀ ସାଗର, ଭୁବନେଶ୍ୱର ) ଦୁହେଁ ଯାଉଥିବା ବେଳେ ଶଙ୍ଖ ଦିବାଲରେ ଧକ୍କା ହୋଇଥିଲେ । ଘଟଣା ସ୍ଥଳରେ ମାନସ ଜେନା (ଜଟଣୀ ଅଞ୍ଚଳର ) ଙ୍କର ମୃତ୍ୟୁ ହୋଇଥିବା ବେଳେ ଦୀପକ ପ୍ରଧାନ (ଲକ୍ଷ୍ମୀ ସାଗର, ଭୁବନେଶ୍ୱର) ଗୁରୁତର ଆହତ ହୋଇ ଟାଙ୍ଗୀ ମେଡିକାଲରେ ଚିକିତ୍ସା ହେଉଛନ୍ତି ।

# କୁଳିପୋଷି କ୍ରୀଡା ସଂସଦର ବାର୍ଷିକ କ୍ରୀଡା ଉଦ୍‌ଯାପିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବ୍ଲକ କୁଳିପୋଷି ପଞ୍ଚାୟତର କୁଳିପୋଷି କ୍ରୀଡା ସଂସଦ ପକ୍ଷରୁ ଗୁରୁବାର ଦିନ ୬୯ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ମା କିଚକେଶ୍ୱରୀ ଷ୍ଟାଡିୟମରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ଅନ୍ତିମ ଦିନରେ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦିବାସୀ ଡାଣ୍ଡା ଓ ବୁଢ଼ିଗାଳି ନୃତ୍ୟରେ ପ୍ରକମ୍ପିତ ହୋଇଥିଲା । ସଂସଦର ସଭାପତି ତଥା ସରପଞ୍ଚ ସୁକୁମତି ସର୍ଦ୍ଦାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ ନାଏକ, ବ୍ଲକ ଅଧକ୍ଷା ସୁଭଦ୍ରା ମାର୍ଣ୍ଡି, ପୂର୍ବତନ ଜିଲ୍ଲା ଅଧକ୍ଷ କୃପାସିନ୍ଧୁ ମହାନ୍ତ,ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ,ସମିତିସଭ୍ୟା ପୁନଗୀ ସୋରେନ,ଯୁବନେତା ସାମାୟ ପୂର୍ତ୍ତିଙ୍କ ସହିତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଂସଦର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗମ୍ହା ସିଂ, ତୁକାରାମ ମହାନ୍ତ, ଭବାନୀ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମା'ରାମଚଣ୍ଡି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଫାଇନାଲରେ ମଞ୍ଚେଶ୍ୱର କ୍ଲବ୍




ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଅଧିନସ୍ଥ କୋଦୁଅବେରେଣି ଖେଳ ପଡିଆରେ ଚାଲିଥିବା ତ୍ରୟୋଦଶ ରାଜ୍ୟ ସ୍ତରୀୟ ମା ରାମଚଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭାଲିଆବାଡି କ୍ରିକେଟ କ୍ଲବକୁ ୨୩ ରନରେ ପରାସ୍ତ କରି ଭୁବନେଶ୍ୱରର ମଞ୍ଚେଶ୍ୱର କ୍ରିକେଟ କ୍ଲବ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି ।ମଞ୍ଚେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୨୦ ତମ ଓଭରରେ ୨୦୭ ରନ କରି ସମସ୍ତ ଉଇକେଟ ହରାଇଥିଲା ।ଦଳ ପକ୍ଷରୁ ରାକେଶ ସାହୁ ୩୬ବଲ ରେ ୯୦ ରନ ଓ ଉପେନ୍ଦ୍ର ଲେଙ୍କା ୧୯ବଲରେ ୩୦ରନ କରିଥିଲେ ।ଏହାର ଜବାବରେ ଭାଲିଆବାଡି ଦଳ ୧୯.୫ ଓଭର ରେ ସୁନିଲ ସାହୁ ଙ୍କ ୩୩ ବଲରେ ୬୯ ରନ ଓ ଦୁଷ୍ମନ୍ତ ସୁନ୍ଦରାୟ ଙ୍କ ୨୭ ବଲରେ ୩୭ ରନ ବଳ ରେ ୧୮୪ ରନ ହାସଲ କରି ସମସ୍ତ ଉଇକେଟ ହରାଇ ପରଜୟ ବରଣ କରିଥିଲା ।ଏହି ମ୍ୟାଚ୍ ଟିକୁ ଆମ୍ପେୟର ଭାବେ ବିନୟ ପାଇକରାୟ ଓ ମନୋଜ ମହାପାତ୍ର ପରିଚାଳନା କରିଥିଲେ ।ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ରାକେଶ ସାହୁ ଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।ଆୟୋଜକ କ୍ଲବର୍ ସମସ୍ତ ସଦସ୍ୟ ମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

# ରଣଜୀ ଟ୍ରଫି: ଭଲ ସ୍ଥିତିରେ ଓଡ଼ିଶା




କଟକ (ଭାସ୍କର ନ୍ୟୁଜ୍): ଚଳିତ ରଣଜୀ ଟ୍ରଫି କ୍ରିକେଟରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଆଶୀର୍ବାଦ ସ୍ୱାଇଁଙ୍କ ଅର୍ଦ୍ଧଶତକ ବଳରେ ଓଡିଶା ୧୪୭ ରନର ଅଗ୍ରଣୀ ସର୍ଭିସେସ ବିପକ୍ଷରେ ହାସଲ କରିନେଇଛି । ପ୍ରଥମ ଇନିଂସରେ ଓଡିଶା ୧୮୦ ରନରେ ଅଲଆଉଟ ହେବା ପରେ ସର୍ଭିସେସ ୧୯୯ ରନ କରି ୧୯ ରନର ଅଗ୍ରଣୀ ହାସଲ କରିଥିଲା । ଓଡିଶା ବୋଲର ଭଲ ପ୍ରଦର୍ଶନ କରିଥିଲେ ମଧ ରବି ଚୌହ୍ୱାନ ୧୨୦ ରନର ଆକର୍ଷଣୀୟ ଇନିଂସ ଖେଳିଥିଲେ । ରାଜେଶ ମହାନ୍ତି ଓଡିଶା ପକ୍ଷରୁ ସର୍ବାଧିକ ୫ଟି ଓ୍ୱିକେଟ ଅକ୍ତିଆର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାପସ ଦାସ ୩ଟି ଓ ସୁନୀଲ ରାଉଳ ୨ଟି ଓ୍ୱିକେଟ ନେଇଥିଲେ । ଓଡିଶା ଦ୍ୱିତୀୟ ଇନିଂସରେ ଅପେକ୍ଷାକୃତ ଭଲ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ହାତରେ ଆଉ ୨ ଦିନ ଖେଳ ବାକିଥିବାରୁ ଓଡିଶା ମ୍ୟାଚରେ ବିଜୟ ହାସଲ କରି ପଂଏଟ ଟେବୁଲରେ ସ୍ଥିତି ସୁଧାରିବା ପାଇଁ ଚାହିଁବ । ଦ୍ୱିତୀୟ ଦିବସ ଷ୍ଟମ୍ପସ ଅପସାରଣ ବେଳକୁ ଓଡିଶା ୩ ଓ୍ୱିକେଟ ବିନିମୟରେ ୧୬୬ ରନ କରିଛି । ଆଶୀର୍ବାଦ ୬୩ ଓ ରାଜେଶ ଧୂପର ୧୦ ରନ କରି ଅପରାଜିତ ରହିଛନ୍ତି । ସ୍ୱସ୍ତିକ ସାମଲ ୩୭, ସନ୍ଦୀପ ପଟ୍ଟନାୟକ ୨୦ ଓ ଗୋବିନ୍ଦ ପୋଦ୍ଦାର ୨୯ ରନ କରି ଆଉଟ ହୋଇଥିଲେ । ସର୍ଭିସେସ ପକ୍ଷରୁ ବରୁଣ ଚୌଧୁରୀ, ପୁଲକିଟ ନାରଙ୍ଗ ଓ ଅମିତ ଶୁକ୍ଳା ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିଲେ ।

## ଜାତୀୟସ୍ତରୀୟ ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ମା' ମଙ୍ଗଳା କ୍ଲବ୍



କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍) : ଜାତୀୟ ସ୍ତରୀୟ ପଞ୍ଚମ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଗ୍ରୁପ- ବି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ପୌର ପରିଷଦର ପୌରାଧକ୍ଷା ଗୁଲମଖି ହବିବ୍ ମୁଖ୍ୟଅତିଥି, ସମାଜସେବୀ ରଞ୍ଜିତ କୁମାର ସାହୁ, କାଉନସିଲର ପ୍ରଦୀପ୍ତ କୁମାର ଜେନା, ସେକ ଅସଲମ୍, ଉମେଶ ଚନ୍ଦ୍ର ନାୟକ, କେନ୍ଦ୍ରାପଡା ସାଂସଦଙ୍କ ରାଜନୈତିକ ସଂଯୋଜକ ମହିମାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଗ୍ରୁପ – ବି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଏଥିସହିତ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ଶୁଭେଚ୍ଛା ଜଣାଇଥିଲେ । ଆଜିର ସେମିଫାଇନାଲ ମ୍ୟାଚରେ କଟକର ମା'ମଙ୍ଗଳା କ୍ଲବ କେନ୍ଦ୍ରାପଡାର ସୁରଜ ସ୍ପୋର୍ଟିଂ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌କୁ ରେଫରୀ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ, ସୁକାନ୍ତ ସିଂ ଓ ମହମ୍ମଦ ମୋକିମ ପ୍ରମୁଖ ପରିଚାଳନା କରିଥିଲେ । ଶନିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ ମ୍ୟାଚରେ କଟକର ମା'ମଙ୍ଗଳା କ୍ଲବ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ଭେଟିବ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ୍, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ୍, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର୍, କଲିମ ଖାନ୍, ମୀର ଅବୁସମା, ଆୟାଜ ମହମ୍ମଦ୍, କୋଷାଧକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ ପ୍ରମୁଖ ମ□ାସୀନ ଥିଲେ । କ୍ଲବର ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ମାସୁମ ଖାନ୍, ମୀର ସଲାମତ୍, ସଲିମ ଖାନ୍, ଜାହିଦ ଖାନ୍, ମୀର ମହମ୍ମଦ ଅମୀରଙ୍କ ସମେତ ସେକ ଆଦିକ ଇକବାଲ୍, ସମସେର ଅଲ୍ଲୀ ଖାନ୍, ମହମ୍ମଦ ଇମ୍ରାନ୍, ଓ୍ୱାସିମ, ଦିଲୁ ପଣ୍ଡା, ଆଜମଲ ଖାନ୍, ମହମ୍ମଦ ଅଜିଜ୍, ମିରାଜନ୍, ମୋତି ଖାନ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ସ୍ଥିତ ବଳଦେବଜୀଉ ସଂସ୍କୃତ ମହାବିଦ୍ୟାଳୟ ଖେଳପଡ଼ିଆରେ ଆନ୍ତଃ ଜିଲ୍ଲା ସଂସ୍କୃତ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଭାଷାଜ୍ଞାନ ସମ୍ପର୍କୀତ ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି । ଅଲ ଓଡ଼ିଶା ସାଂସ୍କ୍ରିଟ କଲେଜ ଏମ୍ପ୍ଲଇଜ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନ ସଭାରେ ଶ୍ରୀକାନ୍ତ କୁମାର ଦାସ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ପଣ୍ଡିତ କରୁଣାକର ମିଶ୍ର ଓ ସମ୍ମାନିତ ଅତିଥିଭାବରେ ରାଜ୍ୟ ସଂସ୍କୃତ ସଂଘର ପୂର୍ବତନ ସଭାପତି ସୁକାନ୍ତ କୁମାର ଜେନା, ପଲେଇ ପଂଚାୟତର ପୂର୍ବତନ ସରପଂଚ ନରୋତନ ପ୍ରସାଦ ପରିଡ଼ା ଓ ବଳଦେବଜୀଉ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ । ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ୨୩ ଗୋଟି ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଦୌଡ଼, କୁଦ,




ଫୋପଡ଼ା, କ୍ୟାରମ, ଚେସ୍ ଇତ୍ୟାଦି ଖେଳ ସହିତ ଭାଷାଜ୍ଞାନରେ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ, ଶ୍ଳୋକ ଆବୃତି, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଆସନ୍ତା କାଲି ଏହି ପ୍ରତିଯୋଗୀତାର ଉଦ୍‌ଯାପନୀ ହେବ । ସଭା ଶେଷରେ ପ୍ରଦୀପ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନୀ ସଭା ପରିଚାଳନାରେ ଜିଲ୍ଲା ସଂଘର ସମ୍ପାଦକ ଅକ୍ଷୟ କୁମାର ବେହେରା ଓ ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ସହଯୋଗ କରିଥିଲେ ।

# ଯଶୋଟିକିରି ମହାବୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଫାଇନାଲରେ ଆଦର୍ଶ ଏକାଦଶ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡିଆରେ ଅନୁଷ୍ଠିତ ୨୮ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଗଜପତି ଆଜାଦ ଏକାଦଶ ସହ ବାଲେଶ୍ୱର ଆଦର୍ଶ କ୍ଲବ ସହ ଅନୁଷ୍ଠିତ ହୋଇଥିଲା । ଆଦର୍ଶ କ୍ଲବ ଦଳ ଅଧିନାସାର୍ଥକ ଚୌଧୁରୀ ୪୦ ରନ ସ୍କୋର କରିଥିଲେ । ବିପକ୍ଷ ବୋଲର ରଶ୍ମିରଞ୍ଜନ ରାଉତ ୫ ଓଭର ବୋଲିଂ କରି ୩୭ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ । ଜବାବରେ ଆଜାଦ ଏକାଦଶ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ ହାସଲ କରି ପରାଜିତ ହୋଇଥିଲା । ବ୍ୟାଟ୍ସମ୍ୟାନ ଆଜାଦ ରେଡ୍ଡି ୨୯ ଓ ସତ୍ୟଜିତ ସିଂ ୨୪ ରନ ସ୍କୋର କରିଥିଲେ । ବିପକ୍ଷ ବୋଲର ନଜରୁଲ ଖାଁ ୨.୨ ଓଭର ବୋଲିଂ କରି ୧୧ ରନ ଦେଇ ୫ ଉଇକେଟ ହାସଲ କରିଥିଲେ । ବିଜୟୀ ଦଳର ଖେଳାଳୀ ନଜରୁଲ ଖାଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦୁର୍ଗା ପଟ୍ଟନାୟକ ଓ ମନୋଜ କୁମାର ଅମ୍ପାୟାର ଓ ସାଗର ରଥ ମ୍ୟାଚ ରେଫରୀ ଭାବେ ପରିଚାଳନା କରିଥିଲେ । କରନ ଖାଁ, ମାନସ ନନ୍ଦ ଓ ସଚିନ ରଥ ସ୍କୋରର ଏବଂ ପ୍ରତ୍ୟୂଷ ସାହୁ ଓ ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ କ୍ଲବ ଓ କଟକ ନିମପୁର ମଧ୍ୟରେ ଅନୁଷ୍ଠିତ ହେବ ।

# ଜେନାମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ଶିକ୍ଷା ସର୍କଲ ଅଧୀନ ମୁକୁନ୍ଦପୁର ସାଧନକେନ୍ଦ୍ର ପଅନ୍ତର୍ଗତ ଜେନାମଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୌଡ଼, ଗଣିତ ଦୌଡ଼, ମ୍ୟୁଜିକ୍ ଚେୟାର, ଆଳୁ ଚାମଚ, ବେଙ୍ଗଡିଆଁ ଓ ନୃତ୍ୟ ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା । ଅପରାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ମୋ ସ୍କୁଲ କମିଟି ସଭାପତି ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ବିଜୟଲ୍ମୀ ଦେବୀ ଓ ମନୋରଞ୍ଜନ ଦାସ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବଜାନୀ ମଳିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍‌ଏସ୍‌ପିର ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ରାଧେଶ୍ୟାମ କ୍ଲବ୍ ବିଜୟୀ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଜାନୁୟାରୀ ୩୧ ତାରିଖ ଦିନ ଇସ୍ପାତ ଷ୍ଟାଡିୟମ ଠାରେ ଆୟୋଜିତ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଲାଠିକଟା ବ୍ଲକ୍‌ର ଟିମଯୋର ଗ୍ରାମର ରାଧେଶ୍ୟାମ କ୍ଲବ ଦଳ ନୂଆଗାଁ ବ୍ଲକର ରେଳାପୋଶ ଗ୍ରାମର ନେହେରୁ ଯୁବ ସଂଘ ଦଳକୁ ୩-୦ ରେ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ହାସଲ କରିଛି । ଉଲ୍ଲେଖଯୋଗ୍ୟ ଯେ ନୂଆଗାଁ, ବିସ୍ରା, କୁଆଁରମୁଣ୍ଡା ଏବଂ ଲାଠିକଟା ଚାରୋଟି ରାଜସ୍ୱ ବ୍ଲକରେ ପୂର୍ବରୁ ଆୟୋଜିତ ହୋଇଥିବା ବ୍ଲକ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ୧୨୮ ଟି ଦଳ ଅଂଶଗ୍ରହଣ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ୨ ଟି ଦଳ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ । ଏହାର ଉଦଯାପନୀ ଉତ୍ସବ ରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ ଓ ଇନଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ସହର ପ୍ରଶାସନ ଓ କୋର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ ଇନ ଚାର୍ଜ ପିକେ ସ୍ୱାଇଁ, ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିମ ବି କେ ଜୋଜୋଙ୍କ ସମେତ କାରଖାନା ତଥା ସିଏସ୍ଆର୍ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀ ଟିମଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ବର୍ମା କହିଥିଲେ ଯେ, ଏହି ଟୁର୍ଣ୍ଣାମେଣ୍ଟ କେବଳ ଏକ ପ୍ରତିଯୋଗିତା ନୁହେଁ; ଏହା ଏକ ପ୍ଲାଟଫର୍ମ ଯାହାର ଉଦ୍ଦେଶ୍ୟ ହେଉଛି ଆମର ପାରିପାର୍ଶ୍ୱିକ ଗ୍ରାମର ଯୁବ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଉତ୍ସାହିତ କରିବା ।ଭାରପ୍ରାପ୍ତ ନିର୍ଦ୍ଦେଶକ ଓ ଅନ୍ୟ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳକୁ ଏକ ଟ୍ରଫି, ସାର୍ଟିଫିକେଟ୍, ଏବଂ ୨୦, ୦୦୦ ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରା ଯାଇଥିବା ବେଳେ ରନର୍ସ ଅପ୍ ଦଳକୁ ଏକ ଟ୍ରଫି, ସାର୍ଟିଫିକେଟ୍, ଏବଂ ୧୫୦୦୦ ଟଙ୍କା ର ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ରେଳାପୋଶ ଗ୍ରାମର ସାଗର ଓରାମଙ୍କୁ ଶ୍ରେଷ୍ଠ ଗୋଲକିପର, ଟିମଯୋର ଗ୍ରାମର କାର୍ତ୍ତିକ ଏକ୍କାଙ୍କୁ ଶ୍ରେଷ୍ଠ ମିଡ ଫିଲ୍ଡର, ରେଳାପୋଷର ବିରାଜ ଓରାମଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଓ ଟିମଯୋରର ବିଶାଲ ଏକ୍କାଙ୍କୁ ଶ୍ରେଷ୍ଠ ଏଟାକର ଭାବେ ଘୋଷିତ କରାଯାଇଥିଲା । ଏବଂ ପ୍ରତ୍ୟେକଙ୍କୁ ଏକ ଟ୍ରଫି ସହ ୭୫୦ ଟଙ୍କା ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମ୍ୟାଚ୍ ପରିଚାଳନା କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ତଥା ମ୍ୟାଚ୍ ଅଧିକାରୀମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । ପୂର୍ବାହ୍ନରେ ତରୁଣ ମିଶ୍ର, ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ । ପି କେ ସ୍ୱାଇଁ ଏହି ସମାବେଶକୁ ସ୍ୱାଗତ କରିଥିବାବେଳେ ସୁଶ୍ରୀ ମୁନମୁନ୍ ମିତ୍ର, ଜିଏମ୍ (ସିଏସ୍ଆର୍) ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ସିଏସ୍ଆର୍ ବିଭାଗର ଟି ବି ଟପ୍ପୋ, ଏଜିଏମ୍ ଏବଂ ବି. ଏକ୍କା, ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଏହି ସମାରୋହର ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୧୨- ୧୩ ମସିହାରୁ ପାରିପାର୍ଶ୍ୱିକ ଗ୍ରାମର ଯୁବକମାନଙ୍କ ପାଇଁ ଆରଏସପି ଦ୍ୱାରା ଆୟୋଜିତ ହୋଇ ଆସୁଛି ।

# ଆୟୁଷ୍ମାନ୍ ଆରୋଗ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଅଞ୍ଚଳଗୁମା ଚାମ୍ପିଅନ୍



ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରହିଥିବା ଚାରଟି ଆୟୁଷ୍ମାନ ଅରୋଗ୍ୟ ମନ୍ଦିର ତରଫରୁ ତମ୍ବାଖୁ ମୁକ୍ତ ଅଭିଯାନ ଅବସରରେ ଏକ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ସମଲେଇ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏଥିରେ ଅଞ୍ଚଳଗୁମା, ପାତ୍ରପୁଟ, ପଣସପଦର, ମଙ୍ଗର ଦୋରା, ଆୟୁଷ୍ମାନ ଆରଗ୍ୟ ମନ୍ଦିର ଦଳ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଦଳ ଓ ଗଣମାଧ୍ୟମ ଦଳ ସମୁଦାୟ ୬ଟି ଦଳ ଭାଗ ନେଇଥିଲେ । ଶେଷରେ ପାତ୍ରପୁଟ ଓ ଅଞ୍ଚଳଗୁମା ଦଳ ମଧ୍ୟରେ ରୋମାଞ୍ଚକର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଅଞ୍ଚଳଗୁମା ଓ ପାତ୍ରପୁଟ ଫାଇନାଲରେ ପ୍ରବେଶ କରିଥିବାବେଳେ ପତ୍ରପୁଟ ପ୍ରଥମ ବ୍ୟାଟିଂ କରି ଦଶ ଓଭରରେ ୭୩ ରନ ସଂଗ୍ରହ କରିଥିବାବେଳେ ଅଞ୍ଚଳ ଗୁମା ୭୪ ରନ କରି ବିଜୟୀ ହୋଇଛି । ଏହି ମ୍ୟାଚରେ ରିଙ୍କୁ ଗଣ୍ଡା ୫୨ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ବୋଲର ନିରଜ କୁମାର କନ୍ଦ ଉତ୍ତମ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ସିରିଜ ହୋଇଥିଲେ । ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଓ ଅଧକ୍ଷ ସମଲେଇ ପ୍ରସାଦ ପଣ୍ଡା, ବିଜେପି ମଣ୍ଡଳ ସଭାପତି ମାନଙ୍କ ଦ୍ୱାରା ଖେଳାଳି ମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ତେନ୍ତୁଳୀଖୁଣ୍ଟି ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ତେନ୍ତୁଳୀଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଦଳରେ ଖେଳି ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ । ଏହି ଟୁର୍ନାମେଣ୍ଟରେ ଡାକ୍ତର ଏମ ଡ଼ି ହୁସେନ, ଡାକ୍ତର ବିଶ୍ୱ ପ୍ରକାଶ,ଡାକ୍ତର ଦେବାଶିଷ ରାଉତ, ଡାକ୍ତର ପ୍ରଶନ୍ନଜିତ ମହାନ୍ତି, ଡାକ୍ତର ଅର୍ଚ୍ଚନା, ଡାକ୍ତର ଏସ ବାଗଙ୍କ ସମେତ ପଣସ ପଦର ଫାର୍ମାସିଷ୍ଟ ମହମ୍ମଦ ରଉସ ଖାଁ, ପାତ୍ର ପୁଟ ଫାର୍ମାସିଷ୍ଟ ସିମାଞ୍ଚଳ ପାତ୍ର, ମଙ୍ଗର ଦୋରା ଫାର୍ମାସିଷ୍ଟ ସନ୍ତୋଷ ପାଣି, ତେନ୍ତୁଳୀଖୁଣ୍ଟି ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଞ୍ଚଳଗୁମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ରଞ୍ଜୀତ ମାହାଙ୍କୁଡ, ଧବୁଲୁ ମାଝୀ, ପଞ୍ଚାନନ ମାଝୀ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ନାମେଣ୍ଟକୁ ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ନାୟକ, ଡାକ୍ତର ସମ୍ୟରଞ୍ଜନ ଦାସ ଓ ଏନ. ଅଭିନାଶ ଖେଳ ପରିଚାଳନା କରିଥିବାବେଳେ ଫାର୍ମାସିଷ୍ଟ ସନ୍ତୋଷ କୁମାର ବରାଡ଼, ପ୍ରଦୀପ କୁମାର ଦାସ, ରଞ୍ଜନ ମିଶ୍ର, ସମ୍ପୂର୍ଣ୍ଣ କାର୍ଯକ୍ରମକୁ ଆୟୋଜନ କରିଥିଲେ ।



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପଦ୍ମ ଚରଣ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଝୁନୁ ଲତା ତରାଇଙ୍କ ସଭାପତିତ୍ୱ ରେ ସଭା ଅନୁଷ୍ଠିତ ହୋଇଛି । ଏଥିରେ ମାଲୁଦ ଶିକ୍ଷା ସର୍କଲ ର ସଭାପତି ସାମନ୍ତ ବିମଳ ରାଣସିଂହ ସମ୍ପାଦକ ଦାସରଥୀ ପଢ଼ିଆରୀ ଶିକ୍ଷାବିତ ବିଦ୍ୟାଧର ପ୍ରଧାନ ସୁକାନ୍ତ ଜେନା ମୁଖ୍ୟ ଅତିଥିଭାବେ ସହ ମଣ୍ଡଳ ଶିକ୍ଷାଧିକାରୀ ଶୀଧେଶ୍ୱର କରଣ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଆଦିତ୍ୟ ପଲେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲା ନାୟକ ଦିଲ୍ଲୀପ କୁମାର ବିଶ୍ୱାଳ ସାନଶୀମା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗ୍ରାମ୍ୟ ପରିଚାଳନା କମିଟ ସଭାପତି ରବୀନ୍ଦ୍ର ନାଥ ବିଶ୍ୱାଳ ସମେତ ଅଞ୍ଚଳର ବହୁ ଶିକ୍ଷାବିତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅବସର ନେଉଥିବା ଶିକ୍ଷକଙ୍କ ଚରିତ୍ର ଶିକ୍ଷା ଦେବାର ଶୈଳୀ ସମୟାନୁବର୍ତ୍ତିତା କର୍ତ୍ତବ୍ୟ ନିଷ୍ଠ ଛାତ୍ର ବତ୍ସଳ ବ୍ୟକ୍ତି ସାଙ୍ଗକୁ ବିଶିଷ୍ଟ ପରିବେଶବିତ୍‌ଥିଲେ ବୋଲି ଅତିଥି ମାନେ ବକ୍ତବ୍ୟ ରେ କହିଥିଲେ । ବିଦାୟୀ ଶିକ୍ଷକଙ୍କୁ ଶିକ୍ଷାସର୍କଲ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ପରିଚାଳନା କମିଟି ଗୋପାଳପୁର ଓ ରାତାମାଟି ଗ୍ରାମବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ଦାସଙ୍କୁ ପୁଷ୍ପ ଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ତାଙ୍କର ଅଭିଭାଷଣ କୋହଭରା କଣ୍ଠରେ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ଠାରୁ ଅବସର ଦୀର୍ଘ ସତର ବର୍ଷର କଥା କୁ ସଭାରେ ଉପସ୍ଥାପନ କରିଥିଲେ ।ଏହି ସମ୍ବର୍ଦ୍ଧନା ସଭାକୁ ସିଆରସିସି ସତ୍ୟବାଦୀ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ସି ଆର ସିସି ରମାକାନ୍ତ ଜେନା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ ।



# ଆରଡ଼ି ରାସ୍ତା ନିମ୍ନମାନର

## ଗାଡି ବ୍ରେକ୍ ମାରିଲେ ଖସୁଛି ପିଚୁ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅଧିନସ୍ଥ ସାନପଦର ପଞ୍ଚାୟତର ସାନପଦର ଠାରୁ ରାସୋଳ ଗାଁ କୁ ସଂଯୋଗ କରୁଥିବା ଆରଡ଼ି ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହୋଇଛି । ଫଳରେ ଯାତାୟତ କରୁଥିବା ଯାତ୍ରୀ ମାନେ ବାଇକ ନେଇ ଗଲାବେଳେ ବ୍ରେକ ମାରିଲେ ପୁଳା ପୁଳା ଖସୁଛି ପିଚୁ । ପିଚୁ ଖସିବା ନେଇ ସନ୍ଦେହରେ ରାସୋଳ ଗ୍ରାମର କିଛି ଲୋକ ଏବଂ ସାନପଦର ଗ୍ରାମର କିଛି ଲୋକ ଏହାକୁ ଦୃଷ୍ଟି ଗୋଚର କରି ଲୋକମାନେ ହାତରେ ପିଚୁ କୁ ଉଠାଇଲେ ପିଚୁ ପୁଳା ପୁଳା ହୋଇ ଉଠୁଛି । ଯାହାକି ନିମ୍ନ ମାନର କାମ ହୋଇଛି ବୋଲି ଜଣାପଡୁଛି । ସରକାର ଜନ ସାଧାରଣଙ୍କ ପାଇଁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏଠାରେ ସରକାରଙ୍କ ପଇସା ସଠିକ କାମ ବାଟରେ ଖର୍ଚ୍ଚ ନହୋଇ ଅଯଥାରେ ଖର୍ଚ୍ଚ କରିଛନ୍ତି ଠିକାଦାର ମାନେ । ଏହି ରାସ୍ତା ଟି ସାନପଦର ଠାରୁ ରାସୋଳ ଗାଁ କୁ ୨ କିଲୋମିଟର ପର୍ଯ୍ୟନ୍ତ ରହିଛି । ଏହି ରାସ୍ତାଦେଇ ଆଖ ପାଖ ପ୍ରାୟ ୪ ଟି ପଞ୍ଚାୟତର ଲୋକମାନେ ଯିବା ଆସିବା କରନ୍ତି । ଏହି ରାସ୍ତାର ମରାମତି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ବିଭିନ୍ନ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ଏହି ରାସ୍ତାର ମରାମତି କାର୍ଯ୍ୟ ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ହିଁ ଏହାର ମରାମତି ସଠିକ ଭାବରେ ହେଉନାହିଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି । ଉକ୍ତ ରାସ୍ତାକୁ ମରାମତି କାର୍ଯ୍ୟ ଆଳରେ ତାଳିପକା କାମ କରି ଠିକାଦାରମାନେ ମାଲ ମାଲ ହେଉଛନ୍ତି । ରାସୋଳ ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ କୁମାର ପାଲଟାସିଂହ ଠିକାଦାରଙ୍କୁ ଭଲ କାର୍ଯ୍ୟ କରିବା ପାଇଁ କହିବା ସହିତ ରାସୋଳ ଓ ସାନପଦର ଗ୍ରାମରେ କିଛି ଯୁବକ ମଧ ଭଲ କାର୍ଯ୍ୟ କରିବା ପାଇଁ ଠିକାଦାରଙ୍କୁ କହିଥିଲେ । କିନ୍ତୁ ଠିକାଦାର ଏହାକୁ ଭୃକ୍ଷେପ ନକରି ତାଳିପକା କାମ କରୁଛନ୍ତି । ଏହିରାସ୍ତା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଲୋକମାନେ କହୁଛନ୍ତି ଯେ ରାସ୍ତା କାମ ନିମ୍ନ ମାନର ହୋଇଛି ତାହା ବି ବାସ୍ତବରେ ଜଣାପଡୁଛି ଯେ ନିମ୍ନ ମାନର କାମ ହୋଇଛି ବୋଲି । ଏହି ରାସ୍ତାକୁ ଭିଜିଲାନ୍ସ ତଦନ୍ତ କରି ଉନ୍ନତମାନର ନିର୍ମାଣ କରାଯାଉ ବୋଲି ସରପଞ୍ଚ ଶ୍ରୀ ସ୍ୱାଇଁ କହିଛନ୍ତି । ଠିକାଦାରଙ୍କୁ କିଛି ଲୋକ କହିଲା ବେଳେ ସେ ଲୋକମାନଙ୍କୁ ଧମକ ଦେବା ସହିତ ସାମ୍ବାଦିକମାନଙ୍କୁ ମଧ ନାଲି ଆଖି ଦେଖାଇଛନ୍ତି । ଉକ୍ତ ରାସ୍ତା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ଖୋର୍ଦ୍ଧା ଜିଲ୍ଲାପାଳ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଆସିକାରିଣୀ, ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଭିଜିଲାନ୍ସ ତଦନ୍ତ କରିବା ପାଇଁ ପଞ୍ଚାୟତ ଏବଂ ରାସୋଳ ଗ୍ରାମବାସୀ ବୃନ୍ଦ ଅନୁରୋଧ କରିଛନ୍ତି ।

# ମଶାଣି ରକ୍ଷଣାବେକ୍ଷଣରେ କୋଟି କୋଟି ଟଙ୍କା ଖର୍ଚ୍ଚ

## ତଥାପି ଅଧାପନ୍ତରିଆ ଶବଦାହ ଗୃହ, ଭିଜିଲାନ୍ସ ତଦନ୍ତ ଦାବି

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାରେ ନିର୍ବାହୀ ଅଧିକାରୀଙ୍କ ଲାଭଖୋର ଫଳରେ ଦୁର୍ନୀତି ବୃଦ୍ଧି ପାଉଛି । ଏହାକୁ ଦେଖି ଦିନକୁ ଦିନ ପୌରପରିଷଦରେ ବିଭିନ୍ନ ନୂତନ କାମ, ପୁରାତନ କାମରେ ବଡ ଦୁର୍ନୀତି ଖୁଲମ୍ ଖୁଲା ହେଉଛି । କିନ୍ତୁ କୌଣସି ଜିଲ୍ଲା ପ୍ରଶାସନ ବିଜେପି ରାଜନେତାମାନେ ସବୁ ଦେଖି ଚୁପ ବସି ପଡିଛନ୍ତି । ଭିଜିଲାନ୍ସ ତଦନ୍ତ ହେଉନାହିଁ ତେଣୁ କାମ ନାମରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି । ଯାହାଫଳରେ ଫୁଲବାଣୀ ପୌରପରିଷଦ ଉନ୍ନତି କାର୍ଯ୍ୟ ମନଇଚ୍ଛା କରି ସରକାରୀ ଟଙ୍କାକୁ ଆତ୍ମସାତ କରିବାର ଲାଗିଛନ୍ତି । ଏହାର ଏକ ଉଦାହରଣ ହିନ୍ଦୁମାନଙ୍କ ମରଣ ପରେ ଶବ ଦାହ କରିଥାନ୍ତି ।ଏହି ଶବ ଦାହ ଓ ମଶାଣିରେ ଶବ ଦାହର ଶେଷ ପର୍ଯ୍ୟନ୍ତ ଜଗି ରହିବା ଓ ବର୍ଷା ଖରା ଦାଉରୁ ରକ୍ଷା ପାଇବା ପାଇଁ ମଶାଣି ଜମିର ରକ୍ଷଣାବେକ୍ଷଣ ଓ ନୂତନ କାର୍ଯ୍ୟପାଇଁ ରାଜନୀତି ହୋଇଛି । ଦୁଇ ଦୁଇଟି ମଶାଣି ର ରକ୍ଷଣାବେକ୍ଷଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲାଣି କିନ୍ତୁ କାର୍ଯ୍ୟ ଶେଷ ବର୍ତ୍ତମାନ ସୁଦ୍ଧା ହୋଇପାରିଲା ନାହିଁ କି ବିଦ୍ୟୁତ ଶବଦାହ ଗୃହର କାମ ମଧ ଶେଷ ହୋଇପାରିନାହିଁ । ଏହାରି ଉପରେ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳ କିଛି ଦୃଢ଼ ପଦକ୍ଷେପ ନେଉ ନଥିବା ଜଣାପଡ଼ିଛି । ମଶାଣି ହେଉଛି ଶବଦାହ ଗୃହ ଓ ଶବଦାହ କରି ଯାଉଥିବା ଲୋକଙ୍କ ଆଶ୍ରୟସ୍ଥଳୀ । ମୃତ ବ୍ୟକ୍ତି ମଶାଣିରେ ଦାହ ହେବେ ଓ ଜୀବିତ ବ୍ୟକ୍ତି ଦାହର ଶେଷ ସମୟ ସୀମାକୁ ଜଗି ରହିବେ ଏଥି ନିମନ୍ତେ ଓଡିଶା ସରକାର କୋଟି କୋଟି ଟଙ୍କା ବିନିମୟରେ ଶବଦାହ ଗୃହ ନିର୍ମାଣ,ସଫାସୁତରା,ପାଣିର ବ୍ୟବସ୍ଥା, ଆଲୋକର ବ୍ୟବସ୍ଥା କରନ୍ତି । ଏହି ମଶାଣି ପଦା,ଶବ ଦାହ ଗୃହ ଓ ବିଶ୍ରାମ ଗୃହ ନିର୍ମାଣରେ ବାଟମାରଣା ହୋଇଛି ଲକ୍ଷାଧିକ ଟଙ୍କା । ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦରେ । ସୂଚନା ଅନୁସାରେ ଫୁଲବାଣୀ ପୌରପରିଷଦ ରେ ରହିଛି ହିନ୍ଦୁ ସମାଜର ଅନେକ ମଶାଣି । ଯାହାକି ଫୁଲବାଣୀ ପଟାବାଲି ସାହି ସ୍ଥିତ ବିଦ୍ୟୁତ ଶବଦାହ ଗୃହ, ପିଅନ ପଡ଼ା ସ୍ଥିତ ମଶାଣି, ନାରାୟଣୀ ମନ୍ଦିର ନିକଟରେ ଥିବା ଉପର ମଶାଣି । ଏହି ମଶାଣିରେ ଥିବା ବିଶ୍ରାମ ଗୃହ,ଶବଦାହ ଗୃହ,ବିଦ୍ୟୁତ କରଣ, ଫ୍ଲୋର କାମ,ରିପାରିଙ୍ଗ କାମ , ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି । ତଳ ମଶାଣି ପଦାର କିଛି ଉନ୍ନତି କରାଯାଉନାହିଁ କାହିଁକି ନା ଏହାହେଉଛି ଅନ୍ୟ ହିନ୍ଦୁମାନଙ୍କର ମଶାଣି ।ତେଣୁ ଉପର ମଶାଣିର ଉନ୍ନତି କରାଯାଉଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରିଲା ନାହିଁ ଆଜକୁ ତିନିବର୍ଷ ହେଲାଣି । ସେହିପରି କରୋନା କାଳରେ, ମୃତ ବ୍ୟକ୍ତିଙ୍କ ନିମନ୍ତେ ବିଦ୍ୟୁତ୍ ଜନିତ ଶବ ଦାହ ମେସିନ ଆର୍ଥିକ ବର୍ଷ ୨୦୨୧ ଓ ୨୦୨୨ ରେ ଫୁଲବାଣୀ ପୌର ପରିଷଦ ଦ୍ୱାରା କୋଟିଏ ଟଙ୍କା ବିନିମୟରେ କ୍ରୟ କରାଯାଇଥିଲା ବିଦ୍ୟୁତ ଚୁଲା, ନିର୍ମାଣ ହୋଇଥିଲା ଗୃହ । ଏହି କାର୍ଯ୍ୟ ଓ ଗୃହ କାହାକୁ ମଧ ହସ୍ତାନ୍ତର କରାଯାଇନାହିଁ । ଏହାରି ଭିତରେ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ପଡିଛି ଲକ୍ଷାଧିକ ଟଙ୍କାର ଶବ ଦାହ ମେସିନ । ଲକ୍ଷାଧିକ ଟଙ୍କାର ଶବଦାହ ମେସିନ ର ମୂଲ୍ୟ କେବେ କ୍ରୟ କରାଯାଇଥିଲା, କାର୍ଯ୍ୟର ସୂଚନା ର କୌଣସି ସୂଚନା ନ ଥିବା ଜଣାପଡ଼ିଛି । ସେହିପରି ନାରାୟଣୀ ସାହିରେ ଥିବା ଗୋଟିଏ ମଶାଣି ପଦାକୁ ଦୁଇଟି ମଶାଣିରେ ପରିଣତ କରାଯାଇ ଲକ୍ଷାଧିକ ଟଙ୍କା ବିନିମୟରେ ତାହାକୁ ସମ୍ପ୍ରସାରଣ କରିବା କୁ ନେଇ ଲକ୍ଷାଧିକ ଟଙ୍କାର ବାଟମାରଣା ହୋଇଥିବାର ବାସ୍ନା ବାରି ହେଉଥିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ତେବେ ଜିଲ୍ଲା ପ୍ରଶାସନ ଏବଂ ଫୁଲବାଣୀ ବିଧାୟକ, ଭିଜିଲାନ୍ସ ହୋଇଥିବା ଘୋଟାଲା ଉପରେ କେବେ ଦୃଷ୍ଟି ଦେବେ ଫୁଲବାଣୀବାସୀ ସମେତ କନ୍ଧମାଳବାସୀ ଅପେକ୍ଷାରତ ରହିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଜବାହର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଗୁରୁବାର ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଡକୋଦଣ୍ଡା କ୍ଲଷ୍ଟର ଅନ୍ତର୍ଗତ ବଡକୋଦଣ୍ଡା ଜବାହର ଉଚ୍ଚ ବିଦ୍ୟାଳୟରେ ୨୦୨୪-୨୫ ମସିହା ପାଇଁ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡକୋଦଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ରେଶମା କୁମାରୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ମୋହନ ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅନ୍ୟାନ୍ୟ ମାନ୍ୟଗଣ୍ୟ, ବରେଣ୍ୟ ଓ ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା, ଶିକ୍ଷକ ନେତା ଜଗବନ୍ଧୁ ଯେନା, ପଢାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ, ବଡକୋଦଣ୍ଡା ଗ୍ରାମପଞ୍ଚାୟତର ସମିତିସଭ୍ୟ ମନୋଜ କୁମାର ପୃଷ୍ଟି, ସରପଞ୍ଚ ପ୍ରତିନିଧି ତଥା ପୂରାତନ ଛାତ୍ର ହୃଷିକେଶ ପ୍ରଧାନ, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ପଣ୍ଡିତ ବିପ୍ରଚରଣ ସାହୁ, ଜିଲ୍ଲା ସଂସ୍କୃତ ଟୋଲ ର ଉପାଧକ୍ଷ ସୁବାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲାପ ପାତ୍ର, ଯୁବି ହାଇସ୍କୁଲର ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ଓଡ଼ିଆ ଅଧାପକ ତ୍ରିନାଥ ବେହେରା, କ୍ଲଷ୍ଟର ସିଆରସିସି ଦ୍ୱିତୀକୃଷ୍ଣ ଲେଙ୍କା, ପୂର୍ବତନ ସିଆରସିସି ମୋହନ ସାହୁ ମଞ୍ଚାସୀନ ରହିଥିଲେ । ସମସ୍ତ ଅତିଥିଙ୍କୁ ଉପଢୌକନ, ବେଜଜ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର, ସିଲ୍ ଓ କପ୍ ଦେଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଜେଆରସି ଏବଂ ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଗ୍ରାମବାସୀ, ପୁରାତନ ଛାତ୍ର ସଂସଦର ସଦସ୍ୟ ସହାୟତା କରିଥିଲେ । ନିକଟସ୍ଥ ସାନପଥରା ପ୍ରାଥମିକ ବିଦ୍ୟାଳୟ, ବଡକୋଦଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ଟୋକାଗଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ମଧ ଉପସ୍ଥିତ ରହି ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସୁସଂଗଠକ ସନ୍ତୋଷ କୁମାର ଜେନା ଏବଂ ପ୍ରାକ୍ତନ ସିଆରସିସି ମୋହନ ସାହୁ ଉପସ୍ଥାପନା, ସଂଯୋଜନା ଓ ପରିଚାଳନା କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ବିଚାରପତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା




ବଡ଼ଚଣା(ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ବିଚାରପତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୂଚନା ଥାଉକି ଚଣ୍ଡିଖୋଲ କୋର୍ଟର ଦୀର୍ଘ ଦୁଇବର୍ଷ ଛ ମାସ ଦଶଦିନ କାର୍ଯ୍ୟ ଭାର ଚଳାଇ ଆସୁଥିବା, ଏଫ୍ ସି ସୁଶ୍ରୀ ପରବିନ ମଣ୍ଡଳଙ୍କ ରାଉରକେଲା ଏସ୍ ଡିଜିଏମ୍ ଭାବେ ଅନ୍ୟତ୍ର ବଦଳି ହେବା ପରେ ବାର ଆସୋସିଏସନ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ଏକ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବାର ଗୃହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ, ସମ୍ମାନୀୟ ଅତିଥି ଭାବେ ସବ୍ ଜଜ ଶ୍ରୀ ବିଶ୍ୱ ଦୀପକ ସାହୁ ଓ ଜେ, ଏମ୍ ଏଫ୍ ସି ସୁଶ୍ରୀ ଶ୍ରୁତି ଅଭିଲାଷା ଓ ପ୍ରାରମ୍ଭିକ ସୂଚନା ବାର ସମ୍ପାଦକ ପ୍ରକାଶ କୁମାର ଦାଶ ଯୋଗଦେବା ପରେ ସଭାରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ବାର ଆସୋସିଏସନ ପୂର୍ବତନ ସଭାପତି ଶ୍ରୀ ଶରତ କୁମାର ଷଡଙ୍ଗୀ, ପ୍ରତାପ ଦାସ, ଜନ ବେହେରା, ଶରତ ବଳ, ପ୍ରେମାନନ୍ଦ ବେହେରା, ସୁରେଶ ସାହାଣୀ, ବୀରେନ୍ ବିଶ୍ୱାଳ, ସମେତ ବହୁ ଆଇନଜୀବୀ ବିଦାୟୀ ବିଚାରପତିଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରଯାଇଛି ।

# ସଡ଼କ ସୁରକ୍ଷା ମାସ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ମାସ ବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନ ଆଜି ଉଦ୍‌ଯାପିତ ହୋଇଛି । ଏହି ଅବସରରେ କେନ୍ଦୁଝରସ୍ଥିତ ଅଡିଟୋରିୟମଠାରେ ଜିଲ୍ଲାସ୍ତରୀୟ ସମାପନ ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଓ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଗୋପାଳକୃଷ୍ଣ ଦାସ ଉପସ୍ଥିତ ରହି ସଡ଼କ ସୁରକ୍ଷା ନିୟମାବଳୀର ଆବଶ୍ୟକତା ବାବଦରେ ଆଲୋକପାତ କରିଥିଲେ । ସଚେତନତା ମାଧମରେ ଟ୍ରାଫିକ ନିୟମର ଉପଯୁକ୍ତ ଅନୁପାଳନ ଦ୍ୱାରା ହିଁ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯାଇ ଧନଜୀବନର ସୁରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଟ୍ରାଫିକ ପୋଲିସ କର୍ମଚାରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ଦୀର୍ଘ ଏକ ମାସ ଧରି ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାକୁ ବ୍ୟାପକ କରି ଟ୍ରାଫିକ ନିୟମର ଅନୁପାଳନକୁ ଲୋକଙ୍କ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଜିଲ୍ଲାବ୍ୟାପୀ ପୋଷ୍ଟର, ଦୃଶ୍ୟଶ୍ରାବ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ, ରକ୍ତଦାନ ଶିବିର, ପଦଯାତ୍ରା, ସାଇକେଲ ଯାତ୍ରା, ଗାଡିଚାଳକଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳିତ




ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ବିଶ୍ୱ କୁଷ୍ଠ ନିରାକରଣ ଦିବସ ୨୦୨୫ ପାଳିତ ହୋଇ ଯାଇଛି । ଏହି ଅବସରରେ ଗୋଟିଏ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା । ସର୍ବପ୍ରଥମେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନା ବିଭିନ୍ନ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କୁ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ଏକତା ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ଜିଲ୍ଲା ଚିକିତ୍ସାଳୟଠାରେ ପହଞ୍ଚିଥିଲା । ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ସଭାକାର୍ଯ୍ୟ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ, ପରିସଂଖ୍ୟାନ ନିରୀକ୍ଷକ ମୀନକେତନ ମାଝୀ ଏବଂ ସୁଶିଳା ଦେବୀ ନର୍ସିଂ କଲେଜ ଓ ଜଗନ୍ନାଥ ନର୍ସିଂ କଲେଜର ଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏଥିରେ କୁଷ୍ଠ ରୋଗୀ ଚିହ୍ନଟକରଣ କରିବା, କୁଷ୍ଠର ସମ୍ପୂର୍ଣ୍ଣ ଚିକିତ୍ସା, ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିବା ଆଦି ବିଷୟ ଉପରେ ଆଲୋକପାତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ଓ ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ଼ାକ୍ତର ଅନିତା ସାହୁ ପରିଚାଳନା କରିଥିଲେ ।

# ସହିଦ ଦିବସ ପାଳିତ




କୋରାପୁଟ(ଭାସ୍କର ନ୍ୟୁଜ୍): ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ କୋରାପୁଟରେ ସହିଦ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଗାନ୍ଧୀ ପାର୍କରେ ସ୍ଥାପିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୌର ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କଂଗ୍ରେସ ନେତା ରୂପକ ତୁରୁକ, ବିଜେପି ନେତା ତ୍ରିନାଥ ପଣ୍ଡା, ୱାଇ ସତ୍ୟନାରାୟଣ, ସବିତା ପଟ୍ଟନାୟକ, ରାଜେନ୍ଦ୍ର ସାହୁଙ୍କ ସହ କାଉନସିଲର, ସହିଦ ସ୍ମୃତି କମିଟି ସଦସ୍ୟ ମଧ୍ୟ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଓ କାର୍ଯ୍ୟାଳୟର ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ି, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

# ଯକ୍ଷ୍ମା ନିରାକରଣ ସଚେତନତା ଅଭିଯାନ ଶୋଭାଯାତ୍ରା



ତାଳଚେର( ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଉପଲକ୍ଷେ ଏମସିଏଲ୍ ଜଗନ୍ନାଥ ଏରିଆ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏରିଆ ମେଡିକାଲ୍ ଅଫିସର ଡକ୍ଟର ଶଶିଧର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅବୈତନିକ ଜିଲ୍ଲା ଯୁଗ୍ମ ସଂପାଦକ ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଅନନ୍ତ ବିହାର କଲୋନୀ ସ୍ଥିତ ଡିସପେନସାରୀ ଠାରୁ ଏକ ସଚେତନତା ଶୋଭାଯାତ୍ରା ଡକ୍ଟର ଟି. କ୍ରିଷ୍ଣାକୁମାରୀ ଏବଂ ଡକ୍ଟର ଶୁଭ୍ରାଲିନ୍ ସାହୁ ଅତିଥି ଭାବେ ଯୋଗଦେଇ ସବୁଜ ସଂକେତ ସହିତ ଆରମ୍ଭ କରିଥିଲେ । ଏହାପରେ କଲୋନୀ ଅଞ୍ଚଳ ପଦଯାତ୍ରାରେ ଯାଇ କଲୋନୀବାସୀଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ପରେ ପରେ ଏକ ବାଇକ୍ ଶୋଭାଯାତ୍ରାରେ ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ୍ ହସ୍ପିଟାଲ୍ ପର୍ଯ୍ୟନ୍ତ ଯାଇଥିଲା ଏବଂ ସେଠାରେ ସି.ଏମ୍.ଏସ୍. ଡକ୍ଟର ଅଶୋକ କୁମାର ଜେନା ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ । ଏହି ଶୋଭାଯାତ୍ରା ଜଗନ୍ନାଥ ଏରିଆ, ଡେରା, ଲିଙ୍ଗରାଜ, ହାଣ୍ଡିଧୂଆ, ଘଂଟପଡା, ବାଘମରା ଗ୍ରାମ ଦେଇ ବଳଣ୍ଡା ପର୍ଯ୍ୟନ୍ତ ଯାଇଥିଲା ଏବଂ ବଳଣ୍ଡା ମାର୍କେଟ୍ ଠାରେ ସଚେତନ କରାଯାଇ ୨୦ ଜଣ ଲୋକଙ୍କ ଠାରୁ କଫ ନମୁନା ସଂଗ୍ରହ କରାଯାଇଥିଲା । ଶେଷରେ ସାମୂହିକ ବୃତିଗତ ପ୍ରଶିକ୍ଷଣ କେନ୍ଦ୍ର ଠାରେ ପହଞ୍ଚି ଜିଭିଟିଓ ବସନ୍ତ କୁମାର ବରାଳ, ଅନାଦି ମହାନ୍ତି ଏବଂ ନବୀନ କୁମାର ସାହୁ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମକୁ ଶେଷ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ରିଗେଡ୍ ମେମ୍ବର ସହଯୋଗ କରିଥିଲେ ।

# ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ଅଟୋନମସ୍ କଲେଜ ମାନ୍ୟତା ଦାବିପତ୍ର



ଚମ୍ପୁଆ (ଭାସ୍କର ନ୍ୟୁଜ୍): ଚମ୍ପୁଆ ଚନ୍ଦ୍ର ଶେଖର ମହାବିଦ୍ୟାଳୟକୁ ଅଟୋନମସ କଲେଜ ମାନ୍ୟତା ଦେବାକୁ ଦାବି କରି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଉଚ୍ଚ ଶିକ୍ଷା ବିଭାଗକୁ ଲେଖିଥିବା ପତ୍ର ବିଭାଗ ଦ୍ୱାରା ଗ୍ରହଣ କରାଯାଇଛି । ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗଙ୍କ ପତ୍ର ସଂଖ୍ୟା ୫୧୯୨, ତା ୩୦.୦୧.୨୫ ରିଖ ଦ୍ୱାରା ସନାତନ ମହାକୁଡଙ୍କୁ ଅବଗତ କରାଯାଇଛି । ସୂଚନା ଯୋଗ୍ୟ କି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ଅଟୋନମସ କଲେଜ ମାନ୍ୟତା ଦାବିରେ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗକୁ ତା ୧୩.୦୯.୨୦୨୪ ରିଖ ରେ ଏକ ପତ୍ର ଲେଖିଥିଲେ । ଏହାକୁ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଗ୍ରହଣ କରାଯିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗ ତରଫରୁ ପତ୍ର ମାଧ୍ୟମରେ ବିଧାୟକଙ୍କୁ ସୂଚନା ପ୍ରଦାନ କରାଯାଇଛି । ଏହି ଖବର ଶୁଣି ଚମ୍ପୁଆ ବାସୀ ତଥା ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧରେ ଆନନ୍ଦ ର ଲହରୀ ଖେଳିଯାଇଛି ।

# ବୈଦ୍ୟୁତିକ ଗଣମାଧ୍ୟମରେ ମିଥ୍ୟା ବିବୃତ୍ତି ଦେଇ ଅଡୁଆରେ ଯୁବକ

**ମାମଲା ରୁଜୁ**

ତିହିଡ(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ପୀରହାଟ ଥାନା ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଗ୍ରାମର ସୁବାସ ଦାସ ନାମକ ଜଣେ ଯୁବକ ବୈଦ୍ୟୁତିକ ଗଣମାଧମରେ ସେହି ଗ୍ରାମର ଆଇନଜୀବୀ ତଥା ସମିତିସଭ୍ୟାଙ୍କ ପ୍ରତିନିଧି ଗୋପବନ୍ଧୁ ସେନାପତିଙ୍କ ନାମରେ ମିଥ୍ୟା ବିବୃତ୍ତି ଦେଇ ଅଡୁଆରେ ପଡ଼ିଥିବା ଜଣାପଡ଼ିଛି । ଏ ନେଇ ଗୋପବନ୍ଧୁ ସେନାପତି ଭଦ୍ରକ ଏସଡିଜେଏମଙ୍କ କୋର୍ଟରେ ଏକ ମାନହାନୀ ମାମଲା ଆଇସିସି ୨୮/୨୪ ରୁଜୁ କରିଛନ୍ତି । ମାନ୍ୟବର କୋର୍ଟ ଆବେଦନକୁ ଗ୍ରହଣ କରି ଅପରପକ୍ଷ ସୁବାସ ଦାସଙ୍କୁ ୨୬.୦୩.୨୫ରେ ହାଜର ହେବା ପାଇଁ ସମନ ଜାରି କରିଛନ୍ତି । ଆବେଦନରୁ ଜଣାପଡ଼ିଛି ଯେ, ସୁବାସ କିଛିଦିନ ତଳେ ହଠାତ୍ ଗୋପବନ୍ଧୁ ସେନାପତିଙ୍କ ନାମରେ ଏକ ବୈଦ୍ୟୁତିକ ଗଣମାଧମରେ ମିଥ୍ୟା ବିବୃତ୍ତି ଦେଇ ତାଙ୍କୁ ବଦନାମ କରିବା ସହିତ ସମ୍ମାନହାନୀ କରାଇଥିଲେ । ଯେଉଁଥିପାଇଁ ଆବେଦନକାରୀ ଗୋପବନ୍ଧୁ ସେନାପତି ୧୦ଲକ୍ଷ ଟଙ୍କାର ମାନହାନୀ ମକଦ୍ଦମା କରିଥିବା ଜଣାପଡ଼ିଛି ।

# ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର

ଜଗତସିଂହପୁର( ଭାସ୍କର ନ୍ୟୁଜ୍): ଜଗତସିଂହପୁରର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ,ଚଳଚ୍ଚିତ୍ର ଅଭିନେତା ଓ ଗୀତିକାର ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳ ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଡିଙ୍ଗେଶ୍ୱର ମଠ ଦାଣ୍ଡ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଜୟ କୁମାର ବିଶ୍ୱାଳ । ସ୍ୱର୍ଗତ ବିଶ୍ୱାଳ ଜିଲ୍ଲା ତଥା ଜିଲ୍ଲା ବାହାରେ ବହୁ ନାଟକର ନିର୍ଦ୍ଦେଶନା ଦେବା ସହିତ ବହୁ ନାଟକରେ ଅଭିନୟ କରି ସମ୍ବର୍ଦ୍ଧିତ ହୋଇଛନ୍ତି । କଳାକାରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ରକ୍ତ ଅଭାବକୁ ପୂରଣ କରିବା ପାଇଁ ଏକ ରକ୍ତଦାନ ଶିବିର ଆୟୋଜନ କରିଛନ୍ତି । ଏହି ଶିବିରକୁ ଜଗତସିଂହପୁର ର ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ ଓ ପ୍ରଶାନ୍ତ କୁମାର ମୁଦୁଲି ରିବନ୍ କାଟି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସଭାପତି ବିଜୟ କୁମାର ବିଶ୍ୱାଳ, ସମ୍ପାଦକ ସଂଗ୍ରାମ କେଶରୀ ବିଶ୍ୱାଳ, କୋଷାଧକ୍ଷ ସୁଧୀର ମହାନ୍ତି,ଅନଙ୍ଗ ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ସତ୍ୟବ୍ରତ ବିଶ୍ୱାଳ,କମଳା କାନ୍ତ ମହାନ୍ତି, ସଂଗ୍ରାମ ମହାନ୍ତି,ସୁବ୍ରତ ଲେଙ୍କା, କଲ୍ୟାଣ ପଟ୍ଟନାୟକ,ଅଙ୍କିତା ଅନ୍ମୋଲ ଖଟୁଆ,ଅଜୟ କୁମାର ମହାନ୍ତି, ସମାଜସେବୀ ଆଲୋକ କୁମାର ଦାସ, ସରପଞ୍ଚ ମେନକା ଦାସ ଯୋଗ ଦେଇଥିଲେ ।

# ଚାଷୀମାନଙ୍କ ଟୋକନ୍ ଅବଧି ବୃଦ୍ଧି

ଛତ୍ରପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ସମସ୍ତ କୃଷକ ମାନଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଉ ଅଛିକି କୌଣସି ଚାଷୀଙ୍କର ଟୋକେନ୍ କ୍ଷତି ହେବାକୁ ଦିଆଯିବ ନାହିଁ । ଚାଷୀ ମାନଙ୍କ ଟୋକେନ୍ ଅବଧି ବୃଦ୍ଧି କରିବା ନେଇ ରଜ୍ୟ ସରକାର ଜିଲ୍ଲାପାଳ ମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାର ୧୦୮୦ ଚାଷୀଙ୍କ ଟୋକେନ୍ ଅବଦ୍ଧି ୧୫ ଦିନ ସକାଶେ ବୃଦ୍ଧି କରଯାଇଛି । ସେହିଭଳି ଆଗାମୀ ଦିନରେ ମଧ ଟୋକେନ୍ ସମୟର ବୃଦ୍ଧି କରାଯିବ । କୌଣସି ଚାଷୀଙ୍କ ଟୋକେନ୍ କ୍ଷତି ହେବାକୁ ଦିଆଯିବ ନାହିଁ । ଆବଶ୍ୟକ ସ୍ଥଳେ ସେମାନଙ୍କ ଟୋକେନ୍ ସମୟସୀମା ବୃଦ୍ଧି କରାଯିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମତ ଦେଇଛନ୍ତି । ତେଣୁ ଟୋକେନ୍ କ୍ଷତି ହେବା ଗୁଜବକୁ ଚାଷୀଗଣ ବିଶ୍ୱାସ କରନ୍ତୁ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଟୋକେନ୍ ବୃଦ୍ଧି କରିବା ନେଇ ଚାଷୀଗଣ ସେମାନଙ୍କ ଅଞ୍ଚଳର ସୋସାଇଟିକୁ ସମ୍ପାଦକ କିମ୍ବା ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପାଣି ପଞ୍ଚାୟତ କୁ ଲିଖିତ ଅବଗତ କରାଇ ନିଅନ୍ତୁ । କିମ୍ବା ଅନଲାଇନ୍ ଜରିଆରେ ସୋସାଇଟି ସେକ୍ରେଟାରୀ (ସମ୍ପାଦକ) ମାଧମରେ ଡି.ଆର.ସି.ଏସଙ୍କ ଠାରେ ଦାଖଲ କରିପାରିବେ । ଏଣୁ ଚାଷୀମାନଙ୍କୁ ଅନୁରୋଧ ସେମାନେ ନିଜ ଟୋକେନ୍ ନେଇ ଭୟଭୀତ ହୁଅନ୍ତୁ ନାହିଁ ।

## ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟରେ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ମହାବିଦ୍ୟାଳୟ ପରିସରରେ ଏକ ମହିଳା, ଶିଶୁ ସୁରକ୍ଷା ଓ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିବା ସହିତ ଛାତ୍ରୀମାନଙ୍କ ପାଇଁ ଜରୁରୀକାଳୀନ ସହଯୋଗ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ କହିଥିଲେ ଯେ ଅନେକ ସମୟରେ ମହିଳାମାନେ ବିଶେଷକରି ଛାତ୍ରୀମାନେ ବାହାରକୁ ଗଲାବେଳେ ରାସ୍ତାଘାଟରେ, ବଜାରରେ ଅଥବା ନିଛାଟିଆ ସ୍ଥାନମାନଙ୍କରେ ଅସାମାଜିକ ବ୍ୟକ୍ତିମାନଙ୍କ ଶରବ୍ୟ ହୋଇଥାଆନ୍ତି କିମ୍ବା କୌଣସି ଦୁର୍ଘଟଣାରେ ପଡିପାରନ୍ତି । ତେଣୁ ଏକ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରକୁ କଲ୍ କଲେ ତୁରନ୍ତ ମିଳିପାରିବ ସେବା । ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ଏହାର ଆବଶ୍ୟକତା ଓ ପ୍ରଚାର ପ୍ରସାର ଉପରେ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରୁ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସବ୍ ଲେଫ୍ଟନେଣ୍ଟ ସୁଶାନ୍ତ କୁମାର ଦାସ ଓ ନାଜନିନ୍ ସୁଲତାନା ନିଜ ଅଭିଭାଷଣରେ ଏହି ସଚେତନତା କାର୍ଯ୍ୟକ୍ରମ ଉପରେ ନିଜ ନିଜର ବାର୍ତ୍ତା ରଖିଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହିଦ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ପାଳିତ ହେଉଥିବା ସହିଦ ଦିବସ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି । ଏହି ଅବସରରେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୂଜ୍ୟପୂଜା ପୂର୍ବକ ମାଲ୍ୟାର୍ପଣ କରାଯାଇ ଦୁଇ ମିନିଟ୍ ପାଇଁ ନୀରବ ପାର୍ଥନା କରାଯାଇଥିଲା । ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ, ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ ବଇତୁର, ଉପ ଜିଲ୍ଲାପାଳ, ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିଆର୍ସିଏସ୍, ପ୍ରମୋଦ କୁମାର ସାହୁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପୁଟି ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଶ୍ରୀ ଦରୱାନ ପରିଚାଳନା କରିଥିଲେ ।

## ନୂତନ ବ୍ଲକ୍ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂତନ ବ୍ଲକ ଗଠନ ନେଇ ଦାବି ଜୋର ଧରିଥିବା ବେଳେ ଧର୍ମଗଡ ବ୍ଲକ ଅନ୍ତର୍ଗତ ବଡ ପହିଲପାର ଅଞ୍ଚଳର କେନ୍ଦ୍ର ବିନ୍ଦୁ କାଙ୍କେରୀ ଠାରେ ନୂତନ ବ୍ଲକ ସ୍ଥାପନ ନେଇ ଦାବି ଉଠିଛି । କ୍ରିୟାନୁଷ୍ଠାନ କମିଟିର ଆହ୍ୱାନରେ ୭ଟି ପଞ୍ଚାୟତ ବାସୀ ଧର୍ମଗଡ଼ ଉପଜିଲ୍ଲାପାଳ ମାଧ୍ୟମରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି । ବିରାଟ ପଟୁଆଲରେ ଏକ ରାଲି ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । କ୍ରିୟାନୁଷ୍ଠାନ କମିଟି ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ କାଙ୍କେରୀ ସରପଞ୍ଚ ମମତା କେତକୀ, ସମିତି ସଭ୍ୟା ଜ୍ୟୋସ୍ନାମୟୀ ଛତ୍ରିଆ, କ୍ରିୟାନୁଷ୍ଠାନ କମିଟିର ଅସ୍ଥାୟୀ ସଭାପତି ବିଶ୍ୱନାଥ ଛତ୍ରିଆ, ସମ୍ପାଦକ ଶ୍ୟାମଘନ କେତକୀ, ମହେଶ୍ୱର ସୁନାନୀ, ଭାବେନ୍ଦ୍ର ଘି, ଲଳିତ ବାଗ, କୁମୁଦ ମେହେର ସମେତ କାଙ୍କେରୀ, କନାଗାଁ, ଡୁମେରଗୁଡା, ଟିପିଗୁଡା, ସନ୍ଧିକୁଳିହାରୀ, ଖମାର ହଳଦୀ, ଛାଲିପା ପଞ୍ଚାୟତର ଲୋକେ ଉପସ୍ଥିତ ରହିଥିଲେ । ଅନ୍ୟପଟେ କିଛିଦିନ ତଳେ ଦଣ୍ଡପାଟ ଅଞ୍ଚଳ ବେହେରା, ଟିପିଗୁଡା ଠାରେ ନୂତନ ବ୍ଲକ ସ୍ଥାପନ ନେଇ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ନୂତନ ବ୍ଲକ ସ୍ଥାପନ ପାଇଁ ଗାଁ ଗାଁରେ ସଭା ସମିତି ଜୋର ସୋର ଲାଗି ରହିଥିବା ଚର୍ଚ୍ଚାର ପରିସର ଭିତରେ ଧର୍ମଗଡ଼ ବ୍ଲକ ପର୍ଲା, କୋକସରା ବ୍ଲକ ଆମ୍ବପାଣି, ମୋଟେର, ଲଡୁଗାଁ, ଗୋଲାମୁଣ୍ଡା ବ୍ଲକ କେଗାଁ, ଜୁନାଗଡ଼ ବ୍ଲକ ଚାହାରବାହାଲ ଆଦି ରହିଥିବା ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦେବାକୁ ସଜବାଜ ହେଉଥିବା ଆଲୋଚନା ହେଉଛି । ବର୍ତ୍ତମାନ ଯାଏ ସରକାରୀ ସ୍ତରରେ ନୂତନ ବ୍ଲକ ଗଠନ ବାବଦରେ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିଲେ ବି ଏବେ ଠାରୁ କସରତ ଦେଖାଦେଲାଣି ।

## ପଞ୍ଚାୟତ ସମିତି ବୈଠକରେ ଭତ୍ତା ବଣ୍ଟାକୁ ନେଇ ଅଭିଯୋଗ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଭାଗୃହଠାରେ ଦ୍ୱିମାସିକ ପଞ୍ଚାୟତ ସମିତି ବୈଠକ ଅଧକ୍ଷ ଦୟାନିଧି ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ଏମ୍ପି ବ୍ଲକ ପ୍ରତିନିଧି ପବିତ୍ର ନାଏକ, ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏଇଇ ସାଲକୋ ହେମ୍ରମଙ୍କ ସମେତ ଗ୍ରାମ ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହିଥିଲେ । ବିଭିନ୍ନ ବିଭାଗର କର୍ମଚାରୀ ଉନ୍ନୟନ କାର୍ଯ୍ୟର ବିବରଣୀ ଉପସ୍ଥାପନା କରିଥିଲେ । ଏହି ପରିପ୍ରେକ୍ଷୀରେ ସାଂସଦ ବ୍ଲକ ପ୍ରତିନିଧି ନାଏକ ବିଭିନ୍ନ ବିଭାଗରେ ଖାଲି ପଡିଥିବା କର୍ମଚାରୀ ପଦବୀ ଯଥାଶୀଘ୍ର ପୂରଣ କରାଯାଉ ବୋଲି ଦାବି କରିଥିଲେ । ଡୁମେରପଦର ପଞ୍ଚାୟତ ସମିତି ସଭ୍ୟ ରାଏଦାସ ନାଏକ, ମାଳିଗାଁ ପଞ୍ଚାୟତ ସମିତି ସଭ୍ୟ ବଳଦେବ ଗୌଡ, ସିଲେଟ ପଞ୍ଚାୟତ ସମିତି ସଭ୍ୟ ବିପିନ ନାଏକ ଶିକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରି ଠିକ୍ ଭାବେ ସୁପରିଚାଳନା କରାଯିବାକୁ ଅବଗତ କରାଇଥିଲେ । ସ୍ଥାନୀୟ ସମିତି ସଭ୍ୟ ମୋହନ ସାଗର କିଛିମାସ ହେବ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା କାହିଁକି ବଣ୍ଟାଯାଉ ନାହିଁ ବୋଲି କହି ସଭାରେ ଅଭିଯୋଗ କରିଥିଲେ । ସେହିପରି ସମିତି ସଭ୍ୟସଭ୍ୟା ନିଜ ପଞ୍ଚାୟତରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି ଲାଇନ ବିଭାଗ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ କରିବାକୁ ଦାବି କରିଥିଲେ ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ହେଲେ ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବ, 'ସମୃଦ୍ଧି ୨୦୨୫' ଆୟୋଜିତ ହୋଇଯାଇଛି । ଏଥିରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କଳାହାଣ୍ଡି ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରଜ୍ଞା ପ୍ରିୟଦର୍ଶନୀ ଶତପଥୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । କଳାହାଣ୍ଡି ଜିଲ୍ଲା ଭଟାଙ୍ଗପଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଗଣିତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ପ୍ରଜ୍ଞା ପ୍ରିୟଦର୍ଶନୀ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଜିଲ୍ଲାସ୍ତରରୁ ମନୋନୀତ ହୋଇ ଏହି ରାଜ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପ୍ରଭାବଶାଳୀ ଶିକ୍ଷାଦାନ ପଦ୍ଧତି ସହ ପ୍ରଦର୍ଶନ କଳା, ସଙ୍ଗୀତ, ନୃତ୍ୟ ଓ ନାଟକକୁ ବ୍ୟବହାର କରି ଶିକ୍ଷାଦାନ ପ୍ରଣାଳୀ ସମ୍ବନ୍ଧରେ ପରୀକ୍ଷଣ କରାଯାଇଥିଲା । ରାଜ୍ୟର ସମସ୍ତ ଜିଲ୍ଲାର ୩୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ଓ ଧୀଶକ୍ତି ସମ୍ପନ୍ନ ଶିକ୍ଷାବିତ୍ ଗଣ ବିଚାରକଭାବେ ଏ ସବୁର ମୂଲ୍ୟାଙ୍କନ କରିଥିଲେ । ଶିକ୍ଷାଦାନ ପଦ୍ଧତି ସହିତ ଜଡିତ ସମସ୍ତ ଆଦର୍ଶ ଶିକ୍ଷାବିତ୍ ମାନେ ସୁଶ୍ରୀ ଶତପଥୀ ଗଣିତ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ପଦ୍ଧତିର ଉଚ୍ଚ ପ୍ରଶଂସା କରିଛନ୍ତି । ଏହା ପୂର୍ବରୁ ଶିକ୍ଷୟିତ୍ରୀ ଶତପଥୀ ମଧ୍ୟ ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିସାରିଛନ୍ତି ।

## ମଦ ଭାଟିରେ ସଶସ୍ତ୍ର ଡକାୟତି

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ସ୍ଥିତ ଦେଶୀ ମଦ ଭାଟିରେ ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତ ହୋଇଥିବା ସାମ୍ନାକୁ ଆସିଛି । ସୂଚନା ମତେ ରାତି ପ୍ରାୟ ୧୧-୧୨ଘଣ୍ଟା ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଡକାୟତ ଦେଶୀ ମଦ ଭାଟିକୁ ପ୍ରବେଶ କରିଥିଲେ । ପ୍ରଥମେ ବେଶୀ ବନ୍ଧୁକ ଓ ମାରଣାସ୍ତ୍ର କର୍ମଚାରୀଙ୍କୁ ଦେଖାଇ ମୋବାଇଲ ଛଡେଇ ନେବା ସହ ଜଣେ କର୍ମଚାରୀଙ୍କୁ ମାଡ଼ ମାରିଥିଲେ । ଏହାପରେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହେବାରେ ସକ୍ଷମ ହୋଇଥିଲେ । ରାତିରେ ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଆସି ଛାନଭିନ ଆରମ୍ଭ କରିଥିଲା । ସକାଳରେ କଳାହାଣ୍ଡି ଆରକ୍ଷୀ ଅଧିକାରୀ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତକୁ ଜୋରଦାର କରିଛି । ସନ୍ଧାନ ବେଳେ ଡାକାୟତିରେ ବ୍ୟବହାର ହୋଇଥିବା ଏକ ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ ମାରଣାସ୍ତ୍ର ପୋଲିସ ଜବତ କରିଛି । ଏପରିକି ଏହି ଡକାୟତ ଘଟଣାରେ ସମ୍ପୃକ୍ତି ଥିବା ୨ଜଣଙ୍କୁ ପୋଲିସ ଅଟକ ରହି ଥିବା ସୂଚନା ମିଳିଛି । ଘଟଣା ପରେ ଅଞ୍ଚଳରେ ଏକ ପ୍ରକାର ଭୟଭୀତ ଉପୁଜିଛି । ଧର୍ମଗଡ଼ ସହର ରେ ଚୋରି, ଡକାୟତି ଭଳି ଘଟଣା ବଢ଼ିବାରେ ଲାଗିଛି । ପୋଲିସ ତତ୍ପରତା ସହ ଠୋସ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



## ଗ୍ରାମ ଉନ୍ନୟନ ଯୋଜନାକୁ ନେଇ ପ୍ରଶିକ୍ଷଣ ଶିବିର



ନର୍ଲା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ୧୧ ଟା ସମୟରେ ଗ୍ରାମ ଉନ୍ନୟନ ଯୋଜନାକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ କଳାହାଣ୍ଡି ତରଫରୁ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ନର୍ଲା ବ୍ଲକ୍ର ୨୬ ଟି ପଞ୍ଚାୟତର ସରପଞ୍ଚ, ପିଇଓ, ଏଡିଓ, ଜିଆର୍ଏସ୍, ଏମ୍ବିକେ, ସିଆର୍ପି, ୱାର୍ଡ ମେମ୍ବର, ଅଙ୍ଗନୱାଡ଼ି କର୍ମୀ ଓ ଏସ୍ଏସ୍ଜି ଗ୍ରୁପର ମହିଳା ମାନଙ୍କୁ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ଦିଆ ଯାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାକୁ ସାଧାରଣ ଲୋକଙ୍କ ପାଖକୁ କେମିତି ସହଜ ରେ ପହଞ୍ଚା ଯାଇ ପାରିବ ତାକୁ ନେଇ ପ୍ରଶିକ୍ଷଣ ଦିଆ ଯାଇଥିଲା । ଉକ୍ତ ଶିବିରରେ ଜିପିଡିଓ ରିବା ନାଏକ, ଡିଆର୍ପି ବିମଲ୍ କୁମାର୍ ବାଗ୍, ସୁଦକ୍ଷ ପାଣଗ୍ରାହୀ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିବା ବେଳେ ରୁଦ୍ରାକ୍ଷ ସ୍ୱାଇଁ ସହଯୋଗ କରିଥିଲେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ





କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରର ୫୦ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ମୁଖ୍ୟବକ୍ତା ଭାବେ କେସିଙ୍ଗା ମହାବିଦ୍ୟାଳୟର ଇକୋନୋମିକ ଅଧ୍ୟାପକ ରାଜେଶ କୁମାର ଅଗ୍ରୱାଲ, ବିଶିଷ୍ଟ ଅତିଥି ଅବସର ସହ ଶିକ୍ଷୟିତ୍ରୀ ଜାଜ୍ଞସେନି ଦଳପତି, ଓଷ୍ଟା କଳାହାଣ୍ଡିର ସଭାପତି ସନ୍ତୋଷ କୁମାର ରଥ, ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ଅଧକ୍ଷ ରାମ କୁମାର ଜୈନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷା କମିଟିର ସଭାପତି ଶିବ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ନିଜସ୍ୱ ମତ ପ୍ରକାଶ କରିଥିଲେ । ଆଜିକାର ସଭାରେ ଉଡାଣ ବିଷୟରେ ଅତିଥିମାନେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## ବୀଣାପାଣି ଇଂଲିଶ ମିଡିୟମ ସ୍କୁଲରେ ବାର୍ଷିକ ଉତ୍ସବ





ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ବୀଣାପାଣି ଇଂଲିଶ ମିଡିୟମ ସ୍କୁଲରେ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚୂଡ଼ାମଣି କେତକୀ ଏହି ଉତ୍ସବରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମଣିଷ ହେବା ପାଇଁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଉନ୍ନତି ଦିଗରେ ଅଭିଭାବକମାନଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ମହାଲିଙ୍ଗ ସରପଞ୍ଚ ଗୌରୀ ଚନ୍ଦନ, ସମ୍ମାନୀତ ଅତିଥି ଭାବେ ମହାଲିଙ୍ଗ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେଶ ନାୟକ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ରଂଜିତ ସାହୁ, ସୁଦାମ ଚରଣ ଦାସ, ବିଜୟ ସାହୁ, ସୁଭାଷିନୀ ତାଣ୍ଡି ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷକ ସାରଙ୍ଗ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଶକ୍ତିର ସାମଗ୍ରିକ ବିକାଶ ଦିଗରେ ଉଭୟ ପିତା-ମାତା ଓ ବିଦ୍ୟାଳୟର ସକ୍ରିୟ ଭୂମିକା ରହିଛି ବୋଲି ମତ ଦେଇଥିଲେ । ଶିକ୍ଷକ ସଂଜୀବ ତାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଧାନ ଶିକ୍ଷକ ଆନନ୍ଦ ଯାଦବ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ଉତ୍କର୍ଷ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା ।

## ରାଶିଫଳ

**ଶନିବାର, ୧ ଫେବୃଆରୀ ୨୦୨୫**



**ମେଷ:** ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଆଜିର ଦିନଟି ଭଲ ଆକାରରେ କଟିବ । କାରବାରକୁ ଶୀଘ୍ର କର ନାହିଁ । ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ମିଥୁନ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ । ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ । ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ । ବ୍ୟବସାୟ ଭଲ ହେବ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ । ସୁଖ ମିଳିବ ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ । ଅଧିକ ତ୍ୱରାନ୍ୱିତ ହେବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ । ତୁମେ ସମ୍ମାନ ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ । ବିନିଯୋଗ ଅନୁକୂଳ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ଶତ୍ରୁମାନେ ସକ୍ରିୟ ରହିବେ ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ । ଜୀବନ ପରିବାର ସହିତ ଖୁସିରେ ବିତାଇବ । ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ । ବ୍ୟବସାୟ ଭଲ ହେବ ।



**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ସେଠାରେ ଭୟ ଏବଂ ସନ୍ଦେହ ରହିବ । ପରିବାର ସହାୟତା ଉପଲବ୍ଧ ହେବ ।



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ତତ୍ପରତା ନାହିଁ ।



**କୁମ୍ଭ:** ଏକ ବିଶେଷ ପୂଜା ଦିବସ ହେବ । ଚାକିରିରେ କାମ କରିବାକୁ ଭଲ ପାଆନ୍ତି । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କ ସହଯୋଗ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ । ଅଳସୁଆତା ଜିତିବ । ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଥାଇପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯